

ଗମ୍ଭୀରଙ୍କୁ ସମାଲୋଚନା

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-202 ♦BHUBANESWAR ♦FRIDAY ♦17 JANUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୦୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୭ ଜାନୁଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦



DADLS-88









ଦକ୍ଷତା ଓ ଶିଳ୍ପର ତ୍ୱରିତ ବିକାଶ ପାଇଁ
ଓଡ଼ିଶାରେ ନୂଆ ଅଧ୍ୟାୟର ଶୁଭାରମ୍ଭ

ମହାମହିମ ରାଷ୍ଟ୍ରପତି, ସିଙ୍ଗାପୁର ଜନରାଜ୍ୟ
ଶ୍ରୀ ଥର୍ମନ୍ ଶନ୍ମୁଗରନ୍ମ୍‌ଙ୍କୁ
ଓଡ଼ିଶା ବାସୀଙ୍କ
ଭବ୍ୟ ସ୍ୱାଗତ

ବିକଶିତ ଭାରତ@2047 ପାଇଁ ସମୃଦ୍ଧ ଓଡ଼ିଶା@2036 ଲକ୍ଷ୍ୟରେ
ଏକାଧିକ ମହତ୍ତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର

ଭବିଷ୍ୟତ ପାଇଁ ଦକ୍ଷତା ବିକାଶ : ଓଡ଼ିଶାରେ ଏହି କ୍ଷେତ୍ରର ବ୍ୟାପକତା
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

ଅକ୍ଷୟ ଶକ୍ତି ଜ୍ଞାନ କୌଶଳ ସମ୍ପର୍କରେ ଗବେଷଣା
ଶକ୍ତି ବିଭାଗ, ଓଡ଼ିଶା ସରକାର ଓ ଆଇଆଇଟି ଭୁବନେଶ୍ୱର ଏବଂ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭରସିଟି, ସିଙ୍ଗାପୁର

ଗ୍ରୀନ ହାଇଡ୍ରୋଜେନ୍ କରିଡର୍
ଇପିକଲ ଏବଂ ସେମ୍ବକର୍ପ , ସିଙ୍ଗାପୁର

ଇଣ୍ଡଷ୍ଟ୍ରିଆଲ୍ ପାର୍କ
(ଇଡକୋ ଏବଂ ସେମ୍ବକର୍ପ, ସିଙ୍ଗାପୁର )

ପେଟ୍ରୋଲିୟମ୍ , କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ ନିବେଶ କ୍ଷେତ୍ର (ପିସିପିଆଇଆର)
ଇଡକୋ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର

ନୂତନ ସହରର ବିକାଶ
ବିଡିଏ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର)

ଓଡ଼ିଶାର ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନର ସୁଦୃଢ଼ୀକରଣ
ବୈଦ୍ୟୁତିକ ଅଣୁବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସରକାର ଏବଂ ଜିଏଫ୍ ଟିଏନ୍, ସିଙ୍ଗାପୁର)





OIPR-15001/13/0371/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

ସକାଳ
THE SAKALA



# ଅଭୟ ଦେଇପାରୁନି ଅଭୟାରଣ୍ୟ

**ଭୁବନେଶ୍ୱର,୧୬।୧(ସମିସ):** ରାଜ୍ୟର ଏକମାତ୍ର ବ୍ୟାଘ୍ର ପ୍ରକଳ୍ପ ଶିମିଳିପାଳ, ଯେଉଁଠାରେ ଏକାଧିକ ମହାବଳ ବାଘ ରହୁଛନ୍ତି। ଏହାସହିତ ଦେଶର ଏକମାତ୍ର ବ୍ୟାଘ୍ର ପ୍ରକଳ୍ପ ଭାବେ ଏଠାରେ ୧୦ରୁ ଊର୍ଦ୍ଧ୍ୱ କଳାବାଘ ଦେଖାଯାଆନ୍ତି। ମାତ୍ର ରାଜ୍ୟର ଏହି ବ୍ୟାଘ୍ର ପ୍ରକଳ୍ପରେ ରହୁଥିବା ମହାବଳଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦେଖାଯାଉଛି। ଶିମିଳିପାଳ କର୍ତ୍ତୃପକ୍ଷ ବାଘ ସୁରକ୍ଷା ପାଇଁ ଡାଳେ ଡାଳେ ଗଲେ ଶିକାରି ମାନେ ପତ୍ରେ ପତ୍ରେ ଯାଉଛନ୍ତି ଓ ବାଘ ଶିକାର କରି ବନ ବିଭାଗଠାରୁ ସେମାନେ ଆଗରେ ଥିବା ନେଇ ପ୍ରମାଣିତ କରୁଛନ୍ତି। ଯାହାର ପରିଣାମ ସ୍ୱରୂପ ମାସକ ମଧ୍ୟରେ ଏହି ବ୍ୟାଘ୍ର ପ୍ରକଳ୍ପରୁ ଗୋଟିଏ ରୟାଲ ବେଙ୍ଗଲ ଟାଇଗର ଓ ଗୋଟିଏ ବିରଳ କଳା ବାଘକୁ ଶିକାର କରାଯାଇଛି। କଳାବାଘ ପାଇଁ ଓଡ଼ିଶାର ଶିମିଳିପାଳ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପାଇଛି। ଏହାକୁ ଆଧାର କରି ଦେଶର ପ୍ରଥମ କଳା ବାଘ ସଫାରୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ହେଲେ ବୁଧବାର ପ୍ରଥମ ଥର ପାଇଁ କଳାବାଘଙ୍କ ଶିକାର ଘଟଣା ସାମନାକୁ ପରେ ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦିଓ ଏହି ଘଟଣାରେ ବନ ବିଭାଗ ଅଭିଯୁକ୍ତଙ୍କ ଗିରଫ କରିଛି ଓ କଳାବାଘ ଛାଲ ଜବତ କରିବାରେ ସଫଳ ହୋଇଛି, ହେଲେ ବାରମ୍ବାର କୋର୍ ଏରିଆ ଭିତରେ ପଶି ଶିକାରିମାନେ କିପରି ବାଘ କରିବାରେ ସଫଳ ହେଉଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି।

ଶିମିଳିପାଳରେ ବାଘ ବଂଶ ବୃଦ୍ଧି ପାଇଁ କିଛି ଦିନ ତଳେ ମହାରାଷ୍ଟ୍ରରୁ ଦୁଇଟି ବାଘୁଣୀ ଅଣାଯାଇଛି। ସେଥିପାଇଁ ବନ ବିଭାଗ ଏହି ଅଭୟାରଣ୍ୟ ଉପରେ କଡ଼ା ନଜର ରଖିଛି। ତା ସାଙ୍ଗକୁ ଏଆଇ କ୍ୟାମେରା, ବାରମ୍ବାର ରେଡ୍ ସହ ବାଘଙ୍କ ଗତି ବିଧି ଉପରେ ନଜର ରଖିବାକୁ ଟ୍ରାପ୍ କ୍ୟାମେରା ମଧ୍ୟ ଲଗାଯାଇଛି। ବନ କର୍ମଚାରୀଙ୍କ ପାଟ୍ରୋଲିଂ ପାଇଁ ସ୍ୱତନ୍ତ୍ର



- ବ୍ୟାଘ୍ର ପ୍ରକଳ୍ପରେ ଅସୁରକ୍ଷିତ ମହାବଳ
- କଳାବାଘକୁ ବି ସୁରକ୍ଷା ଦେଇପାରିଲେନି
- ଅତ୍ୟାଧୁନିକ କ୍ୟାମେରା, ଯାନ; ଫଳ ଶୂନ୍
- କାଳ ସାଜୁଛି ସୋସିଆଲ ମିଡିଆ ପୋଷ୍ଟ

ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ କାହିଁକି ଏଠାରେ ଶିକାରକୁ ରୋକାଯାଇ ପାରୁନାହିଁ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଡିସେମ୍ବର ୨୩ରେ ଶିମିଳିପାଳ ଅଭୟାରଣ୍ୟରୁ ଏକ ପ୍ରାପ୍ତବୟସ୍କ ବାଘକୁ ଶିକାର କରି ଏହାର ଛାଲ ବିକ୍ରି ପାଇଁ ଡିଲ୍ ବେଳେ ବାଲେଶ୍ୱର ବନ ବିଭାଗ ୧୧ ଜଣଙ୍କୁ ମାଡ଼ି ବସିଥିଲା। ହେଲେ ଏହି ଘଟଣାକୁ ମାସଟିଏ ବିତି ନ ଥିବା ବେଳେ ପୁଣି ଗୋଟିଏ କଳାବାଘ ଶିକାର ଘଟଣା ଏବେ ସାମ୍ନାକୁ ଆସିଛି। ତେବେ ଏଭଳି ଘଟଣା ପରେ ବନ ବିଭାଗର କିଛି ଖାମଖିଆଲି ନୀତି ପ୍ରତି ମଧ୍ୟ ଅଙ୍ଗୁଳି ଉଠିଛି। କାରଣ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ ହେଉ ଅବା ନିଜର ବାହାଦୁରି ପାଇଁ ହେଉ ବାଘମାନଙ୍କ ବିଚରଣ ଭିଡିଓ ଫଟୋକୁ ବାରମ୍ବାର ସୋସିଆଲ ମିଡିଆରେ ପୋଷ୍ଟ କରାଯାଉଛି। ଏହାଧିକ ପ୍ରଚାରପ୍ରସାର ହିଁ ଶିକାରିଙ୍କୁ ବାଘ ପାଖରେ ପହଞ୍ଚାଇବାରେ ସହାୟକ ହେଉଥିବା ବିଶେଷଜ୍ଞମାନେ ଦାବି କରିଛନ୍ତି।

ଏନେଇ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଯେତେବେଳେ ଯେଉଁଠି ବି ଯେଉଁ ବାଘ ଦେଖାଗଲା ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଏ ସମ୍ପର୍କରେ ଟୁଇଟ କରି ବାହାଦୁରି ଦେଖାଇଲେ। ମୁଖ୍ୟତଃ ପର୍ଯ୍ୟଟନ ଆଗକୁ ନେଇ ସଂରକ୍ଷଣକୁ ଏହାଦ୍ୱାରା ପଛ କରିଦିଆଗଲା। ସୋସିଆଲ ମିଡିଆରେ ପ୍ରସାରିତ ଖବର କେବଳ ପର୍ଯ୍ୟଟକ ପାଖକୁ ନ ଯାଇ ଶିକାରୀଙ୍କ ପାଖକୁ ମଧ୍ୟ ପହଞ୍ଚିଲା। କେବଳ ଶିମିଳିପାଳ ନୁହେଁ; ଏହା ପୂର୍ବରୁ ଡେବ୍ରିଗଡ଼କୁ ମଧ୍ୟ ଗୋଟିଏ ମହାବଳ ଆସିଥିଲା ଓ ଏହି ବାଘ ସମ୍ପର୍କରେ ଅତ୍ୟଧିକ ସାମାଜିକ ଗଣାଧ୍ୟମ ପୋଷ୍ଟ ଯୋଗୁଁ ପରୋକ୍ଷରେ ବାଘ ମୃତ୍ୟୁର କାରଣ ସାଜିଥିଲା। ତେଣୁ ବନ୍ୟପ୍ରାଣୀଙ୍କୁ ନେଇ ସୋସିଆଲ୍ ମିଡିଆରେ ହେଉଥିବା ପୋଷ୍ଟକୁ ବନ୍ଦ କରାନ ଗଲେ ଆଗାମୀ ଦିନରେ ଶିକାର ରୋକିବା କଷ୍ଟକର ହୋଇପଡ଼ିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

ଅନ୍ୟପଟେ ବନ ବିଭାଗ ପକ୍ଷରୁ ଏହି ଘଟଣାରୁ ନିଜର ଅପାରଗତା ଲୁଚାଇବା ପାଇଁ ଭରପୂର୍ ଉଦ୍ୟମ କରାଯାଇଛି ବିଭାଗ ପକ୍ଷରୁ କୁହାଯାଇଛି ଯେ ଶିମିଳିପାଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିଛି। ଗତ କିଛି ମାସ ମଧ୍ୟରେ ଏଠାରେ ନିୟମିତ ପାଟ୍ରୋଲିଂ ଯୋଗୁଁ ୯୬ଜଣ ହୋଡର୍‌କୋର୍ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ୮୬ରୁ ଊର୍ଦ୍ଧ୍ୱ ଦେଶୀ ବନ୍ଧୁକ ଜବତ କରାଯାଇଛି। ଏହାସହିତ ୪୫ଟି ବନ୍ଧୁକ ଆତ୍ମସମର୍ପଣ ମଧ୍ୟ ହୋଇଛି। ଏହାବ୍ୟତୀତ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ୧୦୦ ଟି ଏଆଇ କ୍ୟାମେରା ସାଙ୍ଗକୁ ୧୦୦ ଆଇଆର୍ କ୍ୟାମେରା ଓ ୮୫୦ଟି ଟ୍ରାପ୍ କ୍ୟାମେରା ମଧ୍ୟ ଏଠାରେ ରହିଛି। ଆଗକୁ ଆଉ ୧୫୦ ଲାଇଭ୍ ସିସିଟିଭି କ୍ୟାମେରା ଲଗାଯିବ ବୋଲି ବନ ବିଭାଗ ଯୋଜନା ରଖିଥିବା କୁହାଯାଇଛି। ସୂଚନା ଥାଉ କି ୨୦୨୪ ବାଘ ଗଣନା ତଥ୍ୟ ଅନୁଯାୟୀ ଶିମିଳିପାଳରେ ୧୩ଟି ବିରଳ କଳାବାଘ ସହ ୨୭ଟି ମହାବଳ ବାଘ ଅଛନ୍ତି।

■ ଶିକାର ପରେ ଚେତିଲେ...

# ବାଘ ସୁରକ୍ଷା ପାଇଁ ସଶସ୍ତ୍ର ପୁଲିସ ବାହିନୀ

**ବାରିପଦା/ବାଲେଶ୍ୱର,୧୬।୧(ସମିସ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ କଳାବାଘ ଶିକାର ଘଟଣା ଜଣାପଡ଼ିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶୁକ୍ରବାରଠାରୁ ୨ପ୍ଲାଟୁନ୍ ସଶସ୍ତ୍ର ପୁଲିସ୍ ଫୋର୍ସ ମୁତୟନ ହେବେ ବୋଲି ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ସୂଚନା ଦେଇଛନ୍ତି। ସେମାନେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସ୍‌ଟିଆର) କର୍ମଚାରୀ ଓ ଯୁଗ୍ମ ଟାସ୍କଫୋର୍ସ (ଜେଟିଏଫ୍) କର୍ମଚାରୀଙ୍କ ସହ ମିଶି ପୂର୍ବଭଳି ସଚେତନତା ଓ ପାଟ୍ରୋଲିଂ କରିବେ। ଏହାସହ ଶିକାର ରୋକିବା ପାଇଁ ସମ୍ବେଦନଶୀଳ ଗ୍ରାମଗୁଡ଼ିକରେ ଫ୍ଲାଗମାର୍ଚ୍ଚ କରିବେ ବୋଲି ଏସ୍‌ପି କହିଛନ୍ତି।

## ଶିମିଳିପାଳରେ ମୁତୟନ ହେବେ ୨ ପ୍ଲାଟୁନ୍ ଫୋର୍ସ: ଏସ୍‌ପି

ସୂଚନାଯୋଗ୍ୟ, ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀଙ୍କ ମୃତ୍ୟୁ ପରେ ତତ୍କାଳୀନ ନବୀନ ସରକାର ପୁଲିସ୍ ଓ ବନ କର୍ମଚାରୀଙ୍କୁ ନେଇ ଯୁଗ୍ମ ଟାସ୍କଫୋର୍ସ (ଜେଟିଏଫ୍) ଗଠନ କରି ୧୦୦ ଜଣିଆ ସଶସ୍ତ୍ର ପୁଲିସ ବାହିନୀ ମୁତୟନ କରିଥିଲେ। ଏହାପରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇ ଶିମିଳିପାଳ ଓ ସଂଲଗ୍ନ ଗ୍ରାମରୁ ୬୩ଜଣ ଶିକାରୀଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣର ବନ୍ଧୁକ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ତେବେ ବାଲେଶ୍ୱରରେ କର୍ଫ୍ୟୁ ସମୟରେ ନୂଆ ସରକାର ୧୦୦ ଜଣିଆ ଉକ୍ତ ସଶସ୍ତ୍ର ପୁଲିସ୍ ବଳକୁ ଏଠାରୁ ପ୍ରତ୍ୟାହାର କରିନେଇଥିଲେ। ଫଳରେ ଯଥାପୂର୍ବ ତଥା ପଙ୍ଗ ଭଳି ଶିକାର, ଶିକାରୀଙ୍କ ପ୍ରବେଶ ବଢ଼ି ଚାଲିଛି।

ଅପରପକ୍ଷେ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ମଧ୍ୟ ପୁନର୍ବାର ପୁଲିସ୍ ବଳ ମୁତୟନ ପାଇଁ ପତ୍ର ଲେଖିବା ପରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଶିମିଳିପାଳ ପାଇଁ ୧୩୧ ଜଣିଆ ଏକ ସମର୍ପିତ ସଶସ୍ତ୍ର ବା ଡେଡିକେଟେଡ୍ ଆର୍ମଡ ପୁଲିସ୍ ରିଜର୍ଭ କମ୍ପାନୀ ଗଠନ ଘୋଷଣା କରାଯାଇଛି। ଗତ ଡିସେମ୍ବର ୧୮ ତାରିଖରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଗୃହ ସଚିବ ସତ୍ୟବ୍ରତ ସାହୁ ଚିଠି ଲେଖି ଏ ସଂପର୍କରେ ଜଣାଇଛନ୍ତି। ଗଠନ ହେବାକୁ ଥିବା ଏହି କମ୍ପାନୀରେ ଜଣେ କମାଣ୍ଡାଣ୍ଟ, ଜଣେ ଇନ୍ସପେକ୍ଟର, ୩ଜଣ ସବ୍-ଇନସପେକ୍ଟର, ୩ଜଣ ଆସିଷ୍ଟାଣ୍ଟ ସବ୍-ଇନସପେକ୍ଟର, ୩୦ଜଣ ହାବିଲଦାର, ୩ ଜଣ ଡ୍ରାଇଭର୍ ହାବିଲଦାର, ୮୭ ସିପାହୀ ଓ ୩ ଜଣ ଡ୍ରାଇଭର ରହିବେ। ମୟୂରଭଞ୍ଜ ଏସ୍‌ପି ଏହାର ପ୍ରଶାସନିକ ଦାୟିତ୍ୱରେ ରହିବ। ଏହି କମ୍ପାନୀର ସମସ୍ତ ଖର୍ଚ୍ଚ ଜଙ୍ଗଲ ଓ ପରିବେଶ ବିଭାଗ ବହନ କରିବେ। କୌଣସି ଅଭୟାରଣ୍ୟ ସୁରକ୍ଷା ପାଇଁ ଗୋଟିଏ କମ୍ପାନୀ ଆର୍ମଡ୍ ପୁଲିସ୍ ନିୟୋଜିତ ହେବା ଦେଶରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ତେବେ ଏହାର ପ୍ରକ୍ରିୟା ବିଳମ୍ବ ହେବାକୁ ଥିବାରୁ ଏବେ ୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷେ, ବାଲେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଏ ସଂପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି। ଶିମିଳିପାଳର ସୁରକ୍ଷାରେ ଜଙ୍ଗଲ ବିଭାଗକୁ ପୁଲିସ୍ ସହାୟତା କରିବ ବୋଲି ସେ କହିଛନ୍ତି।

■ ପ୍ରଶାସନିକ ଅବହେଳାରୁ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ହିତାଧିକାରୀ ବଞ୍ଚିତ

# କେହି ନେଲେନି ଭତ୍ତା ଟଙ୍କା

**ବାଲେଶ୍ୱର(ଉତ୍ତର)/ ଭୋଗରାଇ, ୧୬।୧ (ସମିସ):** ରାଜ୍ୟ ସରକାରଙ୍କ ୮୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧା ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଯୋଜନା ପ୍ରହସନରେ ପରିଣତ ହୋଇଛି। ପ୍ରଶାସନର ଅବହେଳା ପାଇଁ ଏହି ବହୁ ଯୋଗ୍ୟ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ୩୫୦୦ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ବିଜେପି କ୍ଷମତାକୁ ଆସିବା ପୂର୍ବରୁ ସମସ୍ତ ହିତାଧିକାରୀ ମାନଙ୍କୁ ମାସିକ ୩ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ କ୍ଷମତା ହାସଲ କରିବା ପରେ ପ୍ରତିଶ୍ରୁତି ଭୁଲି ସମସ୍ତ ଭତ୍ତା ପାଉଥିବା



ହିତାଧିକାରୀଙ୍କୁ ପ୍ରତାରଣା କରିଥିବାରୁ ଆଜି ହିତାଧିକାରୀମାନେ ସମୂହ ଭାବେ ଏହାର ପ୍ରତିବାଦରେ ଭତ୍ତା ଟଙ୍କା ବର୍ଜନ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଖରିଦପିପଳ ପଞ୍ଚାୟତରେ।

ସୂଚନାଯୋଗ୍ୟ, ରାଜ୍ୟ ବିଜେପି ସରକାରଙ୍କ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ, ୬୦ ବର୍ଷରୁ ସମସ୍ତ ବୃଦ୍ଧ, ବୃଦ୍ଧା, ବିଧବା ମହିଳା ମାନଙ୍କୁ ମାସିକ ୩୦୦୦ ଟଙ୍କା ଏବଂ ୮୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧା ଏବଂ ୮୦ ପ୍ରତିଶତ ଭିନ୍ନକ୍ଷମମାନଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ଦେବେ ଘୋଷଣା କରିଥିଲେ। ମାତ୍ର କ୍ଷମତା ହାସଲ କରି ସରକାର ଗଠନ କରିବାର ୬ମାସ ବିତିବା ପରେ କେବଳ ୮୦ବର୍ଷ ଏବଂ ୮୦ ପ୍ରତିଶତଙ୍କୁ ୩୫୦୦ ଟଙ୍କା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି ଏବଂ ଏହି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି।

ଏହି ପରିପ୍ରେକ୍ଷୀରେ ଭୋଗରାଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବଶ୍ୟକ କାଗଜପତ୍ର ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ ହୋଇଥିଲା। ଗତ ବୁଧବାର ବ୍ଲକସ୍ତରରେ ଏହି ଯୋଜନାର ଶୁଭାରମ୍ଭ ହେଲା ପରେ ଆଜି ଉକ୍ତ ପଞ୍ଚାୟତକୁ ପ୍ରଶାସନିକ ଅଧିକାରୀମାନେ ଆସି ଅନ୍ୟମାନଙ୍କୁ ଭତ୍ତା ଟଙ୍କା ଦେବାକୁ ଆସିଥିଲେ। ମାତ୍ର ଏହି ପଞ୍ଚାୟତରେ ମୋଟ ୪୫ଜଣ ହିତାଧିକାରୀ ୮୦ ପ୍ରତିଶତ ଭିନ୍ନକ୍ଷମ ହେଇଥିବା ସେମାନଙ୍କ ମଧ୍ୟରୁ କେବଳ ଦୁଇଜଣ ହିତାଧିକାରୀ ଏବଂ ୪୩ ଜଣ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧ ବୃଦ୍ଧା ହିତାଧିକାରୀଙ୍କ ମଧ୍ୟରୁ ତିନି ଜଣଙ୍କୁ ୩୫୦୦ଟଙ୍କା ଲେଖାଏଁ ଭତ୍ତା ଟଙ୍କା ମିଳିଥିଲା। ତେବେ ଏଭଳି ବ୍ୟତିକ୍ରମକୁ ନେଇ ଭତ୍ତା ନେବାକୁ ଆସିଥିବା ଅନ୍ୟ ସମସ୍ତ ହିତାଧିକାରୀ ମାନେ ଏହାର ପ୍ରତିବାଦ କରିଥିଲେ। ଫଳରେ ସ୍ଥାନୀୟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ହିତାଧିକାରୀମାନେ ସମୂହ ଦାବି କରିଥିଲେ ଯେ ଏବେ ସରକାର ନିଷ୍ପତ୍ତି ହୋଇଥିବା ଏହି ପଞ୍ଚାୟତର ବାକି ରହିଯାଇଥିବା ସମସ୍ତ ବର୍ଦ୍ଧିତ ଭତ୍ତା ହିତାଧିକାରୀଙ୍କ ସମେତ ନିର୍ବାଚନ ପୂର୍ବରୁ ଘୋଷଣା ହୋଇଥିବା ସମସ୍ତ ହିତାଧିକାରୀଙ୍କୁ ୩୦୦୦ ହଜାର ଟଙ୍କା ନ ମିଳିବା ଯାଏ କୌଣସି ହିତାଧିକାରୀ ଭତ୍ତା ଟଙ୍କା ଗ୍ରହଣ କରିବେ ନାହିଁ। ଅନ୍ୟପକ୍ଷରେ ଗତ ସେପ୍ଟେମ୍ବର ୨୦୨୪ ମସିହାରୁ ବର୍ଦ୍ଧିତ ଭତ୍ତା ଟଙ୍କା ପାଇଁ ଯୋଗ୍ୟ ହିତାଧିକାରୀମାନେ ସମସ୍ତ କାଗଜପତ୍ର ଦାଖଲ କରିବା ପରେ ମଧ୍ୟ କାହିଁକି ସେମାନେ ଆଜି ବର୍ଦ୍ଧିତ ଟଙ୍କା ପାଇବାରୁ ବାଦ ପଡ଼ିଲେ ସେନେଇ ଲୋକେ ପଞ୍ଚାୟତ ପ୍ରତିନିଧି ଏବଂ ସେଠାକୁ ଯାଇଥିବା ପ୍ରଶାସନ ଅଧିକାରୀଙ୍କୁ ଘେରିଯାଇ ପ୍ରଶ୍ନ ପଚାରିଥିଲେ। ଏ ବାବଦରେ ସେଠାକୁ ଯାଇଥିବା ପ୍ରଶାସନିକ ଅଧିକାରୀ କହିଛନ୍ତି ଯେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ କାଗଜପତ୍ର ଦୁଇ ମାସ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ରେ ଦାଖଲ ହୋଇଥିଲେ ମଧ୍ୟ ସମୟ ଅଭାବରୁ ସଠିକ୍ ଭାବରେ ତଦାରଖ ହୋଇପାରିନଥିଲା। ସେଥିପାଇଁ ଏହି ପଞ୍ଚାୟତର ସମୁଦାୟ(୮୮) ଜଣ ହିତାଧିକାରୀ ଙ୍କ ମଧ୍ୟରୁ (୫) ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ବାଦ ପଡ଼ିଥିବା ଅନ୍ୟ ହିତାଧିକାରୀମାନଙ୍କ କାଗଜପତ୍ର ଯାଞ୍ଚ ପରେ ପୁଣି ସେମାନଙ୍କୁ ଦିଆଯିବ।

ଚିକିତ୍ସାଧୀନ ପୀଡ଼ିତାଙ୍କୁ ଭେଟିଲେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

# ଲୁଚିଲେ ସମ୍ବଲପୁର ଆଇଜି

**ସମ୍ବଲପୁର/ବୁର୍ଲା,୧୬।୧(ସମିସ):** ରାଜ୍ୟରେ ସରକାର ବଦଳିବା ପରେ ଖାକି ପିନ୍ଧା ପୁଲିସର ଆତ୍ମା ସତେ ଯେପରି ଗୈରୀକରଣ ହୋଇ ଯାଇଛି। ଶାସକ ଦଳର ନେତାଙ୍କ ଇଙ୍ଗିତରେ ପୁଲିସ ନିଜେ ଉଠବସ୍ ହେଉଛି, ସାଧାରଣ ଲୋକଙ୍କୁ ବି ଉଠ୍‌ବସ୍ କରୁଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ପୁଲିସର ଭୂମିକା ଓ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ସମ୍ବଲପୁର ଆଇଜିଙ୍କ ଭୂମିକା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ କିର୍ମିରା ବ୍ଲକ୍ ଅନାସ୍ଥା ଭୋଟରୁ ବଞ୍ଚିତ କରିବା ଓ ବିଶାଳ ଦାସଙ୍କୁ ଛତିଶଗଡ଼

- ପୁଲିସ ଲୋକଙ୍କର ନୁହେଁ; ବିଜେପିର: ବିଜେଡି
- ଦୀର୍ଘ ସମୟ ଅପେକ୍ଷା ପରେ ଆଇଜି ଦପ୍ତର ସାମ୍ନାରେ ଧାରଣା
- ପାଞ୍ଚ ଥର ଫୋନ୍ କଲେ ବି ଧରିଲେ ନାହିଁ ଆଇଜି: ସ୍ନେହାଙ୍ଗିନୀ

ପୁଲିସ ଦ୍ୱାରା ଅଟକ ଘଟଣାରେ ସମ୍ବଲପୁର ଆଇଜି ହିମାଂଶୁ ଲାଲଙ୍କ ବିବାଦୀୟ ଭୂମିକା ରାଜ୍ୟରେ ଚର୍ଚ୍ଚିତ ହୋଇଥିଲା। ମାତ୍ର ଦିନ କେଇଟା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଧନୁଯାତ୍ରା ପରିଦର୍ଶନ ଦିନ ମେଳାରୁ ଜଣେ ଯୁବତୀ ନିଖୋଜ ହେବା ଓ ପରବର୍ତ୍ତୀ ସମୟରେ କ୍ଷତବିକ୍ଷତ ଅବସ୍ଥାରେ ତାଙ୍କୁ ଜଙ୍ଗଲରୁ ଉଦ୍ଧାର ଘଟଣାରେ ପୁଲିସ ରହସ୍ୟମୟ ନିରବତା ଅବଲମ୍ବନ କରୁଛି। ବିଡ଼ମ୍ବନା ହେଉଛି ଏହି ପ୍ରସଙ୍ଗରେ ତଦନ୍ତ ତ୍ୱରାନ୍ୱିତ କରିବା ନିମନ୍ତେ ବିଜେଡିର ଏକ ଫାକ୍ଟ ଫାଇଣ୍ଡିଂ ଟିମ୍ ଏକ ଦାବିପତ୍ର ପ୍ରଦାନ କରିବାକୁ ଯିବା ବେଳେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ସେମାନଙ୍କୁ ଦେଖା ନ ଦେବା ଘଟଣା ପଛରେ ଅନେକ ରହସ୍ୟଥିବା ସନ୍ଦେହକୁ ଦୃଢ଼ୀଭୂତ କରିଛି।

ଅଭିଯୋଗ ଅନୁସାରେ ଧନୁଯାତ୍ରା ଦେଖିବାକୁ ଆସି ଜଣେ ଯୁବତୀ ନିଖୋଜ ଘଟଣାର ଅନୁଧ୍ୟାନ ପାଇଁ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବୁର୍ଲାସ୍ଥିତ ଭିମସାର୍‌ରେ ଚିକିତ୍ସାଧୀନ ପୀଡ଼ିତାଙ୍କୁ ଭେଟିଥିଲା। ଏହାପରେ ସେମାନେ ଉତ୍ତରାଞ୍ଚଳ ଆଇଜିଙ୍କୁ ଭେଟିବା ପାଇଁ ସମ୍ବଲପୁରରେ ପହଞ୍ଚିଥିଲେ। ଘଟଣାକୁ ପୁଲିସ ଗୁରୁତର ସହ ନେଇ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଟିମ୍ ଏକ ଦାବିପତ୍ର ଆଇଜିଙ୍କୁ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଥିଲା। ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନି ଛୁରିଆଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି



ବନ୍ଦିତା ମିଶ୍ର ଓ ଜୋନାଲ ସଭାପତି ସିପ୍ରା ମହାନ୍ତିଙ୍କ ସହ ବହୁ ମହିଳା ଆଇଜି ଅଫିସରେ ପହଞ୍ଚିଥିଲେ; ମାତ୍ର ଦୀର୍ଘ ସମୟ ଅପେକ୍ଷା କରିବା ସତ୍ତ୍ୱେ ଆଇଜି ମହିଳା ନେତ୍ରୀମାନଙ୍କୁ ସାକ୍ଷାତ ଦେଲେ ନାହିଁ। ସେମାନେ ଆଇଜିଙ୍କୁ ଭେଟିବେ ବୋଲି ସକାଳୁ ତାଙ୍କୁ ସୂଚନା ଦିଆଯାଇଥିଲା। ନିଜେ ସ୍ନେହାଙ୍ଗିନୀ ଆଇଜିଙ୍କୁ ପାଞ୍ଚ ଥର ଫୋନ କରିଥିଲେ ମଧ୍ୟ ସେ ଉତ୍ତର ଦେବା ତ ଦୂରର କଥା, ଫୋନ ବି ଉଠାଇଲେ ନାହିଁ କିମ୍ବା କଲ୍ ଦେଖି ଉତ୍ତର ଦେଲେ ନାହିଁ। ମହିଳା ନେତ୍ରୀମାନେ ଆଇଜିଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ପ୍ରାୟ ୨ ଘଣ୍ଟା ଅପେକ୍ଷା କରିବା ସତ୍ତ୍ୱେ ଆଇଜି ନିଜ ଅଫିସରେ ପହଞ୍ଚି ନ ଥିଲେ। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବିଜେଡି।

ପୁଲିସ ଲୋକଙ୍କ ସୁରକ୍ଷା ପରିବର୍ତ୍ତେ ଶାସକ ଦଳର ନେତାଙ୍କ ସୁରକ୍ଷା ପାଇଁ ଠିକା ନେଇଛି ବୋଲି ବିଜେଡି ଅଭିଯୋଗ କରିବା ସହ ଆଇଜିଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛି। ସ୍ନେହାଙ୍ଗିନୀ କହିଛନ୍ତି ଯେ ଧନୁଯାତ୍ରା ଦେଖିବା ପାଇଁ ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ଯାଇଥିଲେ, ତାଙ୍କ ପାଇଁ ପୁଲିସ ଛାଉଣି ହୋଇଥିଲା। ଯୁବତୀଙ୍କ ପରିବାର ଅପହରଣ ଅଭିଯୋଗ କରିବାକୁ ଯାଇଥିଲେ ହେଁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟରେ ବ୍ୟସ୍ତ ଥିବା ଦର୍ଶାଇ ଅପହରଣ ଘଟଣାକୁ ପୁଲିସ ଗୁରୁତ୍ୱ ଦେଲା ନାହିଁ। ସମ୍ପୃକ୍ତା ଯୁବତୀ ଅନେକ ଲୋକଙ୍କ ଦ୍ୱାରା ଅତ୍ୟାଚାରିତ ହୋଇଥିବା ଫାକ୍ଟ ଫାଇଣ୍ଡିଂ ଟିମ୍ ଉପଲବ୍ଧି କରୁଛି। ଏପରିକି ତାଙ୍କୁ ଗଣ ଦୁଷ୍କର୍ମ କରାଯାଇଥିବା ତାଙ୍କ ପରିବାର ଲୋକମାନେ ଅଭିଯୋଗ କରିଛନ୍ତି। ଏତେ ବଡ଼ ଘଟଣାକୁ ପୁଲିସ ଗୁରୁତର ସହ ନ ନେବା ଅତ୍ୟନ୍ତ କ୍ଷୋଭର ବିଷୟ। ତେଣୁ ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ କରିବାକୁ କରିବାକୁ ବିଜେଡି ଫାକ୍ଟ ଫାଇଣ୍ଡିଂ ଟିମ୍ ଦାବି କରିଛି। ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛି ବିଜେଡି। ସ୍ନେହାଙ୍ଗିନୀ ଓ ଅନ୍ୟ ଦଳୀୟ ନେତ୍ରୀଙ୍କ ସମେତ ଉଷା ପ୍ରଧାନ, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଏନ୍‌ଏସି ଅଧ୍ୟକ୍ଷା ବରଗଡ଼ କଳ୍ପନା ମାଝୀ, ପୁଷ୍ପା ଭୋଇ, କଳ୍ପନା ବେହେରା, ଶାନ୍ତିଲତା କର, ବୈଜନ୍ତୀ ପାଢ଼ୀ ପ୍ରମୁଖ ଏହି ଟିମ୍ ସହ ଉପସ୍ଥିତ ଥିଲେ।

■ ଓବିସି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ

# ଜାତିଭିତ୍ତିକ ଜନଗଣନା ଦାବି

**ଭୁବନେଶ୍ୱର,୧୬ ।୧(ସମିସ):** ସମାଜରେ ଅବହେଳିତବର୍ଗଙ୍କ ଉନ୍ନତି ନିମନ୍ତେ ସେମାନଙ୍କୁ ଜାତି ଭିତ୍ତିରେ ଚିହ୍ନଟ କରାଯିବା ଏକାନ୍ତ ଆବଶ୍ୟକ। ଏହାଦ୍ୱାରା ବଞ୍ଚିତ ବର୍ଗମାନଙ୍କ ପାଇଁ ନୀତି ନିର୍ଦ୍ଧାରଣ ଓ ଯୋଜନା ପ୍ରଣୟନ ହୋଇପାରିବ। ଏପରି ହେଲେ ବହୁ ସଂଖ୍ୟକ ପଛୁଆ ଲୋକଙ୍କ ସାମାଜିକ ଓ ଆର୍ଥିକ ବିକାଶ




ପାଇଁ ବାଟ ଫିଟିବ ବୋଲି ବିଜେଡି କହିଛି। ଏଥିସହ ଏସ୍‌ଇବିସି ତାଲିକାକୁ ଦେଶର ଓବିସି ତାଲିକାରେ ସାମିଲ କରିବାକୁ ଦଳ ଦାବି କରିଛି। ଗୁରୁବାର ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ଓବିସି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଗଣେଶ ସିଂଙ୍କୁ ଭେଟି ଜାତିଭିତ୍ତିକ ଜନଗଣନା ଓ ଓଡ଼ିଶାର ଏସ୍‌ଇବିସିଙ୍କୁ ଜାତୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ଦୃଢ଼ ଦାବି କରିଛନ୍ତି।

ଦଳ ପକ୍ଷରୁ କୁହାଯାଇଛି ଯେ ଜାତିଭିତ୍ତିକ ଜନଗଣନା ମାଧ୍ୟମରେ ପଛୁଆ ବର୍ଗର ଲୋକ ମାନଙ୍କ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ, ଯଥା ସେମାନଙ୍କ ସାମାଜିକ ସ୍ଥିତି, ରୋଜଗାରର ମାଧ୍ୟମ, ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ଉପଲବ୍ଧ ହୋଇ ପାରିବ। ଏହି ତଥ୍ୟ ଗୁଡିକ ଉପଲବ୍ଧ ହେଲେ, ଅବହେଳିତ ବର୍ଗର ଉତ୍‌ଥାନ ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସହାୟକ ହେବ। ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା, ସେମାନଙ୍କ ଉନ୍ନତି ପାଇଁ ଆବଶ୍ୟକୀୟ ଅର୍ଥର ବ୍ୟବସ୍ଥା, ସେମାନଙ୍କ ବିକାଶ ପାଇଁ ନୂତନ ନୀତି ନିର୍ଦ୍ଧାରଣ ଇତ୍ୟାଦି କରାଯାଇପାରିବ ବୋଲି ବିଜୁ ଜନତା ଦଳ ତରଫରୁ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇ ଥିବା ସ୍ମାରକପତ୍ରରେ କୁହାଯାଇଛି। ଏହା ଛଡା ଓଡ଼ିଶାର ଏସ୍‌ଇବିସି ତାଲିକାକୁ ଦେଶର ଓବିସି ତାଲିକାରେ ସାମିଲ କରିବାକୁ

## ଦେଶର ଓବିସି ତାଲିକାରେ ଏସ୍‌ଇବିସିଙ୍କୁ ସାମିଲ କରାଯାଉ

ସ୍ମାରକ ପତ୍ରରେ ଦାବି କରାଯାଇଛି। ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ ଏସ୍‌ଇସିସି (ସାମାଜିକ ଅର୍ଥନୈତିକ ଜାତି ଜନଗଣନା) ୨୦୧୧ରେ ଜାତି ସମ୍ବନ୍ଧରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ ହୋଇ ପାରି ନଥିଲା। ଜାତି ସମ୍ବନ୍ଧରେ ସବିଶେଷ ତଥ୍ୟର ଉପଲବ୍ଧ ନ ଥିବା ଯୋଗୁଁ, ଅବହେଳିତ ବର୍ଗର ଉତ୍‌ଥାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ସମ୍ଭବ ହୋଇ ପାରୁ ନାହିଁ। ତେଣୁ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ବିଜେଡି ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ଼ଃ ଅରୁଣ କୁମାର ସାହୁ, ରାଜ୍ୟସଭା ସଂସଦ ସୁଭାଶିଷ ଖୁଣ୍ଟିଆ, ବିଧାୟକ ପ୍ରଶାନ୍ତ ବେହେରା, ସୁଶାନ୍ତ ରାଉତ, ସୌଭିକ ବିଶ୍ୱାଳ, ଧ୍ରୁବ ସାହୁ, ଅନନ୍ତ ନାରାୟଣ ଜେନା, ସାରଦା ପ୍ରସାଦ ଜେନା, ପ୍ରଦୀପ ସାହୁ, ଡ଼ଃ ପ୍ରିୟବ୍ରତ ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

ପ୍ରଥମ ଗୁରୁ ପଦ୍ମସମ୍ଭବ ସମାରୋହ ଉଦ୍‌ଯାପିତ

# ବୌଦ୍ଧ ବିହାର ପାଇଁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଯାଜପୁର ସ୍ଥାନ ପାଇବ

**ବାଲିଚନ୍ଦ୍ରପୁର/ଭୁବନେଶ୍ୱର,୧୬।୧(ସମିସ):** ବିଶ୍ୱରେ ଶାନ୍ତି, ସଂହତି ଓ ଅହିଂସାର ମନ୍ତ୍ର ବାଣ୍ଟିବା ପାଇଁ ଉଦୟଗିରିରେ ଚାଲିଥିବା ପାଞ୍ଚଦିନିଆ ପ୍ରଥମ ଗୁରୁ ପଦ୍ମସମ୍ଭବ ବୌଦ୍ଧ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଛି। ୧୭ଟି ଦେଶରୁ ୧୨ଶହରୁ ଊର୍ଦ୍ଧ୍ୱ ବୌଦ୍ଧସନ୍ନ୍ୟାସୀ ଯୋଗ ଦେଇଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଉଦୟଗିରିରେ ଥିବା ମାଧବପୁର ମହାବିହାର ନିକଟରେ ବିଶ୍ୱଶାନ୍ତି ପାଇଁ ସମ୍ମିଳିତ ପ୍ରାର୍ଥନା କରାଯାଇଥିଲା। ଶେଷ ପ୍ରାର୍ଥନା ସଭାରେ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ୍‌ର ଆନ୍ତର୍ଜାତିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ୱାଙ୍ଗ ମୋ ଡିକ୍ସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଏଠାରେ ଆସନ୍ତାବର୍ଷ ମଧ୍ୟ ଗୁରୁ ପଦ୍ମସମ୍ଭବଙ୍କ ସମାବେଶ କରାଯିବ ବୋଲି କହିଥିଲେ। ଏହା ହୋଇପାରିଲେ, ଯାଜପୁରର ଏହି ବୌଦ୍ଧ ପର୍ଯ୍ୟଟନସ୍ଥଳ ସମଗ୍ର ବିଶ୍ୱରେ ପରିଚିତ ହେବା ସହ ଯାଜପୁର ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ବୋଲି ଦୃଢ଼ୋକ୍ତି ବାଢ଼ିଥିଲେ।



ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥି ଭାବେ ଯୋଗଦେଇ କହିଲେ, ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଓଡ଼ିଶାର ଇତିହାସ, ବୌଦ୍ଧ ଧର୍ମର ସଂସ୍କୃତି ଏବଂ ଐତିହ୍ୟ ସମ୍ବନ୍ଧରେ ଆଲୋଚନା କରାଯିବା ସହ ଶାନ୍ତି ଓ ସୌହାର୍ଦ୍ଦର ବାର୍ତ୍ତା ପ୍ରଦାନ କରାଯିବା ଖୁବ୍ ପ୍ରଶଂସନୀୟ। ରତ୍ନଗିରି, ଉଦୟଗିରି, ଲଳିତଗିରି ବୌଦ୍ଧ ଧର୍ମର ପ୍ରମୁଖ କୀର୍ତ୍ତିରାଜି ଏବଂ ହୀରକ ତ୍ରିଭୁଜ ଭାବେ ବିଶ୍ୱପ୍ରସିଦ୍ଧ। ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଓଡ଼ିଶାରେ ରହିଥିବା ବିଭିନ୍ନ ବୌଦ୍ଧଧର୍ମ କୀର୍ତ୍ତିରାଜି ଏବଂ ପର୍ଯ୍ୟଟନସ୍ଥଳୀଗୁଡ଼ିକର ପ୍ରଚାରପ୍ରସାର କରିବା ଦିଗରେ ସହାୟକ ହେବ ବୋଲି ସେ କହିଥିଲେ।

ତିବତ ଧର୍ମଗୁରୁ ରଞ୍ଜନ ରୀନପୋକେ କହିଥିଲେ, ଗୁରୁ ପଦ୍ମସମ୍ଭବ ଓଡ଼ିଶାରେ ଜନ୍ମଗ୍ରହଣ କରିବା ସହ ଦୀର୍ଘଦିନ ଧରି ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଚାରପ୍ରସାର କରିଥିଲେ। କିନ୍ତୁ ଓଡ଼ିଶା ଲୋକେ ତାଙ୍କୁ ନ ଜାଣିପାରିବା ଦୁଃଖର କଥା। ସେହିପରି ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଧ୍ୟାନ ଦେବାକୁ ଯୋଗ ଦେଇଥିବା ବୌଦ୍ଧ ଗବେଷକ ମତ ପ୍ରକାଶ କରିଥିଲେ।

ଚଳିତବର୍ଷ ପ୍ରଥମଥର ପାଇଁ ଆୟୋଜନ କରାଯାଇଥିବା ସମ୍ମିଳନୀର ସଫଳତା ପରେ ପ୍ରତ୍ୟେକ ବର୍ଷ ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ଗୁରୁ ପଦ୍ମସମ୍ଭବ ସମାରୋହ ଆୟୋଜନ କରାଯିବ ବୋଲି ଆୟୋଜକ ସଂସ୍ଥା ଲାଇଟ ବୁଦ୍ଧ ଧର୍ମ ଫାଉଣ୍ଡେସନ ଇଣ୍ଡିଆର ଅଧ୍ୟକ୍ଷ ୟଙ୍ଗ ମୋ ଡିକ୍ସ ଘୋଷଣା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଜାତୀୟ ସଂଯୋଜକ ରଞ୍ଜନ କୁମାର ଲାଡୁ, ଉଦୟଗିରି ବୌଦ୍ଧ ମହୋତ୍ସବ ସମିତିର ଆବାହକ ମହେଶ୍ୱର ବଳ, ପ୍ରକାଶ ନାୟକ, ଅନୀତା ସାବତ ପ୍ରମୁଖଙ୍କୁ ଆନ୍ତର୍ଜାତିକ ଅଧ୍ୟକ୍ଷା ୟଙ୍ଗ ମୋ ଡିକ୍ସ ସମ୍ବର୍ଦ୍ଧିତ କରିଥିଲେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-202 ◆BHUBANESWAR ◆FRIDAY ◆17 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୦୨ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୭ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ୮ମ ବେତନ ଆୟୋଗ ଗଠନକୁ ମଞ୍ଜୁରୀ

■ **ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଅଷ୍ଟମ ବେତନ ଆୟୋଗ ଗଠନକୁ ମଞ୍ଜୁରୀ ଦେଇଛନ୍ତି। ଆୟୋଗଙ୍କ ସୁପାରିସକୁ ୨୦୨୬ ଜାନୁଆରୀ ପହିଲାରୁ ଲାଗୁ କରାଯିବ। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ତେବେ ଆୟୋଗ ପାଇଁ ଜଣେ ଅଧ୍ୟକ୍ଷ ଏବଂ ଦୁଇ ଜଣ ସଦସ୍ୟଙ୍କ ନିଯୁକ୍ତି ଖୁବ୍ ଶୀଘ୍ର ଦିଆଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ସପ୍ତମ ବେତନ ଆୟୋଗ ସୁପାରିସ ୨୦୧୬ରେ ଲାଗୁ କରାଯାଇଥିଲା। କ୍ୟାବିନେଟ୍ ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ କେନ୍ଦ୍ରୀୟ କର୍ମଚାରୀଙ୍କ ବେତନରେ ସଂଶୋଧନ ପାଇଁ ସରକାର ୮ମ ବେତନ ଆୟୋଗକୁ ମଞ୍ଜୁରୀ ଦେଇଛନ୍ତି। ୧୯୪୭ରୁ ବର୍ତ୍ତମାନ ସୁଦ୍ଧା ୭ଟି ବେତନ ଆୟୋଗ ସୁପାରିସ ଲାଗୁ ହୋଇସାରିଛି। ୨୦୧୬ରେ ଆରମ୍ଭ ହୋଇଥିବା ସପ୍ତମ ବେତନ ଆୟୋଗ ୨୦୨୬ ଯାଏଁ ଚାଲିବାର ▶ପୃଷ୍ଠା-୭

## ନବୀକରଣ ହେବ ଓଡ଼ିଶାର ଦକ୍ଷତା ବିକାଶ ଅଭିଯାନ

# ତ୍ୱରାନ୍ୱିତ ହେବ ସେମିକଣ୍ଡକ୍ଟର, ଏଆଇ, ଶିଳ୍ପ ପାର୍କ

### ୨୦୨୧ରୁ ଓଡ଼ିଶାର ପ୍ରତିଭା ବିକାଶ କରୁଛି ବିଶ୍ୱ ଦକ୍ଷତା କେନ୍ଦ୍ର

### ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ସ୍ୱାକ୍ଷର ହେବ ଏମ୍ଓୟୁ

■ **ଭୁବନେଶ୍ୱର, ୧୬।୧ (ସମିସ):** ବିଗତ ଦିନରେ ଓଡିଶାରେ ଆରମ୍ଭ ହୋଇଥିବା ଦକ୍ଷତା ବିକାଶର ଧାରା ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି। ସିଙ୍ଗାପୁର ସହ ଓଡ଼ିଶାର ସହଭାଗିତା ଏହି କ୍ଷେତ୍ରରେ ନୂଆ ସୁଯୋଗ ଆଣିବା ସହ ରାଜ୍ୟ ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଅତୀତର ପୃଷ୍ଠଭୂମିରେ ୪ ବର୍ଷ ପୂର୍ବେ ସିଙ୍ଗାପୁର ସହିତ ଆରମ୍ଭ ହୋଇଥିବା ସମ୍ପର୍କ ଏବେ ଏଆଇ ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରଣୀ ରାଜ୍ୟର ମାନ୍ୟତା ଦେବାପାଇଁ ପଥ ପ୍ରସ୍ତୁତ କରୁଛି।

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ୍ ଶନ୍ମୁଗରତ୍ନମ୍ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଆସନ୍ତାକାଲି ରାଜ୍ୟ ସରକାରଙ୍କ ସହ ୮ଟି ବୁଝାମଣାପତ୍ରରେ ସ୍ୱାକ୍ଷର କରିବେ। ତାଙ୍କର ଏହି ଗସ୍ତ ଓଡିଶାରେ ଦକ୍ଷତା ବିକାଶ, ଗବେଷଣା, ଷ୍ଟାର୍ଟଅପ୍, ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ଚାଲିଥିବା ପ୍ରକ୍ରିୟାର ନବୀକରଣ ପାଇଁ ପଥ ଉନ୍ମୁକ୍ତ କରିଛି। ୨୦୨୧ ମାର୍ଚ୍ଚ ମାସରେ ଲୋକାର୍ପିତ ହୋଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ରର ସଫଳତାର ଯାତ୍ରାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ପ୍ରଶଂସା କରିଛନ୍ତି।

ସିଙ୍ଗାପୁର ସରକାରଙ୍କ ସହଯୋଗରେ ଓଡ଼ିଶାର ଛାତ୍ରଛାତ୍ରୀ ଏଣିକି ସେମିକଣ୍ଡକ୍ଟର, ଚିପ୍ ଉତ୍ପାଦନ ତଥା କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ରେ ପ୍ରବୀଣ ହେବେ। ତେବେ ସେମିକଣ୍ଡକ୍ଟର ଓ ଚିପ୍ କ୍ଷେତ୍ରରେ ଓଡିଶାର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆସନ୍ତା ୨୮ରେ ଭୁବନେଶ୍ୱରରେ ହେବାକୁଥିବା 'ଉତ୍କର୍ଷ ଓଡିଶା'ର ସଫଳତା ଦିଗରେ ମଧ୍ୟ ପ୍ରଭାବୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ୨୦୧୮ 'ମେକ୍ ଇନ୍ ଓଡିଶା' କାର୍ଯ୍ୟକ୍ରମରେ ସିଙ୍ଗାପୁର ସହିତ ଓଡିଶା ସରକାରଙ୍କ ଗଠବନ୍ଧନର ମୂଳଦୁଆ ପଡିଥିଲା। ଭୁବନେଶ୍ୱରରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରିବା ସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ଆଇଟିଇଏସ୍ ସହିତ ରାଜ୍ୟ ସରକାର ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ୨୦୨୧ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ପୁଣି ଥରେ ଇତିହାସ ଦୋହରାଇବାକୁ ଯାଉଛି। ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେଉଥିବା ▶ପୃଷ୍ଠା-୭

## ସୈଫ ଅଲ୍ଲୀଙ୍କ ଘରେ ରାତି ଅଧରେ ଆତଙ୍କ





# ଛୁରାମାଡ଼ରେ ଅଭିନେତା ଆହତ

### ଅସ୍ତ୍ରୋପଚାର ପରେ ବିପଦମୁକ୍ତ

### ଆକ୍ରମଣକୁ ନେଇ ବଢୁଛି ରହସ୍ୟ

■ **ମୁମ୍ବାଇ, ୧୬।୧ (ଏଜେନ୍ସି):** ବଲିଉଡ୍ ଅଭିନେତା ସୈଫ ଅଲ୍ଲୀ ଖାନଙ୍କ ବାନ୍ଦ୍ରା ସ୍ଥିତ ଘରେ ରାତି ଅଧରେ ଆତଙ୍କ। ଗତ ରାତି ପ୍ରାୟ ୨ଟା୩୦ରେ ଜଣେ ଦୁର୍ବୃତ୍ତ ସମସ୍ତ ସୁରକ୍ଷା ବଳୟକୁ ଭାଙ୍ଗି ଅଭିନେତାଙ୍କ ଘରେ ପଶି ତାଙ୍କୁ ଆକ୍ରମଣ କରିଛି। ତାର ଛୁରାମାଡ଼ରେ ଅଭିନେତା ଗୁରୁତର ଆହତ ହୋଇଛନ୍ତି। ଅସ୍ତ୍ରୋପଚାର ପରେ ସେ ବିପଦ ମୁକ୍ତ ଅଛନ୍ତି।

ଆକ୍ରମଣରେ ଅଭିନେତାଙ୍କ ମେରୁଦଣ୍ଡରେ ଛୁରି ଭାଙ୍ଗି ରହିଯାଇଛି। ଗାଡ଼ି ପ୍ରସ୍ତୁତ ନ ଥିବାରୁ ପୁଅ ଇବ୍ରାହିମ ଅଲ୍ଲି ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପାଙ୍କୁ ଅଟୋରେ ନେଇ ଲୀଳାବତି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏଠାରେ ଅସ୍ତ୍ରୋପଚାର କରି ଅଭିନେତାଙ୍କ ମେରୁଦଣ୍ଡରୁ ୨.୫ ଇଞ୍ଚର ଛୁରିକୁ ଡାକ୍ତର ବାହାର କରିଛନ୍ତି। ସୈଫଙ୍କ ବାମ ହାତ, ପେଟ,ମୁଣ୍ଡ ଏବଂ ବେକରେ ମଧ୍ୟ ୬ଟି ଆଘାତ ଲାଗିଛି। ତାଙ୍କର ନ୍ୟୁରୋ ଓ ପ୍ଲାଷ୍ଟିକ ସର୍ଜରୀ କରାଯାଇଛି। ଦୁଇ ଦିନ ପାଇଁ ତାଙ୍କୁ ଆଇସିୟୁରେ ରଖାଯାଇଛି।

ତେବେ ତାଙ୍କୁ ଯେଉଁ ପରିସ୍ଥିତିରେ ତାଙ୍କ ଘର ଭିତରେ ଆକ୍ରମଣ ହୋଇଛି, ତାହାକୁ ନେଇ ସସପେନ୍ସ ବଢ଼ିବାରେ ଲାଗିଛି। କଡ଼ା ସୁରକ୍ଷା ସତ୍ତ୍ୱେ ଦୁର୍ବୃତ୍ତ ତାଙ୍କ ଘରେ କିପରି ପଶିଲା ଏବଂ ଆକ୍ରମଣ କରିବା ପରେ ସେ କେମିତି ଫେରାର ହୋଇଗଲା, ତାହା ବଡ଼ ଧରଣର ପ୍ରଶ୍ନ ସୃଷ୍ଟି କରିଛି। ରାତି ୨ଟାରେ ଆକ୍ରମଣ ଘଟଣା ପରେ ଗତ ୨୦ ଘଣ୍ଟା ମଧ୍ୟରେ ବିଭିନ୍ନ ପ୍ରକାର କଥା ଶୁଣାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ଚିତ୍ର ମିଳିପାରି ନାହିଁ। ଗଣମାଧ୍ୟମରେ ଏସଂପର୍କରେ ▶ପୃଷ୍ଠା-୭

## ଛତିଶଗଡ଼ରେ ବଡ଼ଧରଣର ଏନ୍କାଉଣ୍ଟର

# ୧୨ ମାଓବାଦୀ ନିପାତ

■ **ରାୟପୁର, ୧୬।୧ (ଏଜେନ୍ସି):** ଛତିଶଗଡ଼େରେ ପୁଣି ଏନ୍କାଉଣ୍ଟର। ବିଜାପୁର ଜିଲ୍ଲାରେ ଆଜି ଦୀର୍ଘ ସମୟ ଧରି ଚାଲିଥିବା ନିରାପତ୍ତା ବାହିନୀ ସହ ଗୁଳି ବିନିମୟରେ ୧୨ ଜଣ ନକ୍ସଲ ପ୍ରାଣ ହରାଇଛନ୍ତି। ଏହାସହିତ ନୂଆ ବର୍ଷରେ ବର୍ତ୍ତମାନ ସୁଦ୍ଧା ଅର୍ଥାତ ଗତ ୧୬ ଦିନ ଭିତରେ ୨୬ ଜଣ ନକ୍ସଲ ନିହତ ହେଲେଣି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଗଲାଣି।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ପୁଲିସ ଏବଂ ସିଆରପିଏଫ୍ର ମିଳିତ କମ୍ବିଂ ଅପରେସନ ବେଳେ ଗୁଳିବିନିମୟ ହୋଇଛି। ଆଜି ସକାଳ ୯ଟାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟାନୁଷ୍ଠାନ ସନ୍ଧ୍ୟା ଯାଏଁ ଚାଲିଥିଲା। ସରକାରୀ ଭାବେ ଏହାର ପୂର୍ଣ୍ଣାଙ୍ଗ ବିବରଣୀ ଦିଆଯାଇନଥିଲେ ମଧ୍ୟ ନିରାପତ୍ତା ବାହିନୀ ଯବାନଙ୍କର କୌଣସି କ୍ଷତି ହୋଇନଥିବା କୁହାଯାଉଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନ୍କାଉଣ୍ଟର ଜାରି ରହିଛି ଏବଂ ଏଥିରେ ୩ ହଜାର ନିରପତ୍ତା ଯବାନ ସାମିଲ ଅଛନ୍ତି।

ଗତ ୬ ତାରିଖରେ ଏହି ଜିଲ୍ଲାରେ ମାଓବାଦୀଙ୍କ ଶକ୍ତିଶାଳୀ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୯ ଜଣ ନିରାପତ୍ତା ଯବାନ ସହିଦ ହୋଇଥିଲେ। ଏହାପରେ ବିଜାପୁର ସମେତ ସୁକମା ଏବଂ ଦାନ୍ତେୱାଡ଼ା ଜିଲ୍ଲାରେ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନକୁ ତୀବ୍ର କରାଯାଇଛି।

ଚଳିତ ଜାନୁଆରୀ ମାସରେ ବର୍ତ୍ତମାନ ସୁଦ୍ଧା ୨୬ ଜଣ ନକ୍ସଲ ପ୍ରାଣ ହରାଇଥିବା ବେଳେ ଗତ ବର୍ଷ (୨୦୨୪)ରେ ୨୧୪ ନକ୍ସଲ ନିହତ ହୋଇଥିଲେ।

## ମକର ମେଳା ଦେଖି ଫେରୁଥିବା ବେଳେ ଚଢ଼ିଗଲା ଟ୍ରେଲର୍



# ଭାଇ-ଭଉଣୀ ମୃତ

■ **ବାଲିବନ୍ଧ, ୧୬।୧(ସମିସ):** ମକର ମେଳା ଦେଖି ସମ୍ପର୍କୀୟଙ୍କ ଘରୁ ଫେରୁଥିବା ବେଳେ ଚାପିଦେଲା ଟ୍ରେଲର୍। କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ରଜାବସା ନିକଟରେ ଆଜି ଏପରି ଏକ ଛାତିଥରା ଦୁର୍ଘଟଣା ଭାଇ-ଭଉଣୀଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ବାଲିବନ୍ଧ ପଞ୍ଚାୟତ ଶିରିଆବାହାଳ ଗ୍ରାମର ସ୍ୱର୍ଗତ ରଇଦାସ ମାଝୀଙ୍କ ପୁଅ ପତିରଞ୍ଜନ ମାଝୀ (୨୦) ଓ ଝିଅ ପୂଜା ମାଝୀ (୧୫)। ସେହିପରି ଏହି ଦୁର୍ଘଟଣାରେ ବାରିଆ ଥାନା ଅଧୀନ ବଳା ଗ୍ରାମର ଲାଲମୋହନ ମାଝୀଙ୍କ ଝିଅ ଲିପି ମାଝୀ (୧୯) ଗୁରୁତର ଆହତ ହୋଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ପତିରଞ୍ଜନ ଓ ପୂଜା ମକର ମେଳା ଦେଖିବାକୁ ଝୁମ୍ପୁରା ଥାନା ଅଧୀନ ମୁରୁସୁଆଁ ଗ୍ରାମସ୍ଥିତ ନିଜ ସଂପର୍କୀୟଙ୍କ ଘରକୁ ବୁଲି ଆସିଥିଲେ। ସେହି ସମ୍ପର୍କୀୟଙ୍କ ଘରକୁ ଲିପି ମଧ୍ୟ ଆସିଥିଲେ। ସେଠାରେ ମେଳା ଦେଖିସାରିବା ପରେ ୩ଜଣ ଯାକ ଏକ ବାଇକ୍‌ରେ ଗାଁକୁ ଫେରୁଥିଲ। ▶ପୃଷ୍ଠା-୭

## ଡାଲମିଆ ସିମେଣ୍ଟ କାରଖାନାରେ ଅଘଟଣ

# କୋଇଲା ହପ୍ପର୍ ତଳେ ଚାପି ହୋଇ ୩ ଶ୍ରମିକଙ୍କ ମୃତ୍ୟୁ ଆଶଙ୍କା




### ଉଦ୍ଧାର କାର୍ଯ୍ୟ ଜାରି

### ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା

■ **ରାଉରକେଲା/ରାଜଗାଙ୍ଗପୁର, ୧୬।୧(ସମିସ):** ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କାରଖାନା ଅନ୍ତର୍ଗତ ଲାଇନ-୨ ପାୱାର ପ୍ଲାଣ୍ଟରେ ଆଜି ପୁଣି ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି। ଏକ କୋଇଲା ହପ୍ପର୍ ହଠାତ୍ ଧସିଯିବାରୁ କୋଇଲା ଗଦା ତଳେ ୬ରୁ ୭ଜଣ କାର୍ଯ୍ୟରତ ଶ୍ରମିକ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣାରେ ୨ରୁ ୩ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଡାଲମିଆ ସିମେଣ୍ଟ କାରଖାନାର ବରିଷ୍ଠ ଅଧିକାରୀ, ରାଜଗାଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସଦଳବଳେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ୨ଟି ଜେସିବି ନିୟୋଜିତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଏହି ଖବର ପ୍ରଚାରିତ ହେବା ପରେ ଡାଲମିଆ ସିମେଣ୍ଟ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଶତାଧିକ ଲୋକ ରୁଣ୍ଡ ହୋଇ କାରଖାନା କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

ଅପରପକ୍ଷେ, ସନ୍ଧ୍ୟା ପ୍ରାୟ ୬ଟାରେ ଏହି ଦୁର୍ଘଟଣା ଘଟିଥିଲା ବେଳେ ଏନେଇ କାରଖାନା ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଧସି ଯାଇଥିବା କୋଇଲା ହପ୍ପର୍ ତଳେ କେତେଜଣ ଶ୍ରମିକ ଦବି ରହିଛନ୍ତି କିମ୍ବା ଆଦୌ ନାହାନ୍ତି; ତା'ର ସଠିକ୍ ତଥ୍ୟ ମିଳିପାରିନାହିଁ। ଲାଇନ୍-୨ ପାୱାର ପ୍ଲାଣ୍ଟରେ ଦୀର୍ଘଦିନ ଧରି ଷ୍ଟକ୍ କରାଯାଉଥିବା କୋଇଲା ବଙ୍କର୍ ଧସିଯିବା ଫଳରେ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଘଟଣାସ୍ଥଳରେ ୬ଟି ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡ଼ି ଓ କର୍ମଚାରୀମାନେ ଉପସ୍ଥିତ ରହିଛନ୍ତି।


SADGURU COLLEGE
OF NURSING AND ALLIED MEDICAL SCIENCES
Recognised by: H & FW Dept. Govt Of Odisha | Approved by DMET




COURSES OFFERED

- GENERAL NURSING & MIDWIFERY
- B.SC NURSING
- B.SC IN MEDICAL LABORATORY TECHNOLOGY
- B.SC IN MEDICAL RADIATION TECHNOLOGY
- B.SC IN OPERATION THEATRE TECHNOLOGY
- B.SC IN ANAESTHESIA TECHNOLOGY
- DIPLOMA IN MEDICAL LABORATORY TECHNOLOGY
- DIPLOMA IN MEDICAL RADIATION TECHNOLOGY
- DIPLOMA IN RADIATION THERAPY TECHNOLOGY
- CERTIFIED CATH LAB TECHNICIAN
- CERTIFIED DIALYSIS TECHNICIAN
- CERTIFIED OT TECHNICIANS
- CERTIFIED ECG TECHNICIANS
- CERTIFIED WARD TECHNICIAN

FACILITIES

100% PLACEMENT ASSISTANCE | SCHOLARSHIP FOR SC/ST | HOSTEL FACILITIES AVAILABLE | SPECIAL DISCOUNT FOR MERIT STUDENTS

www.sadgurumedicalcollege.org

KHAIRAPOLA, IMMAMNAGAR, JAGATPUR, CUTTACK - 754021

7381000504/505 (COLLEGE)

### ଦାନଗଦି ତହସିଲ ଅଞ୍ଚଳରେ ପୁଣି ମାତିଲେ ମାଫିଆ

# ସରକାରୀ ପ୍ରକଳ୍ପରେ ବ୍ୟବହୃତ ହେଉଛି ଚୋରା ମୋରମ

ଦାନଗଦି,୧୬ ।୧ (ସମିସ)

ଦାନଗଦି ତହସିଲ ଅଞ୍ଚଳରେ ପୁଣି ମାତିଛନ୍ତି ମୋରମ ମାଫିଆ। ମାନତିରା ଗାଁ ନିକଟ ରେଲୱେ ସାଇଡିଂରେ ଗଚ୍ଛିତ ମୋରମକୁ ରାତାରାତି ନିର୍ମାଣାଧୀନ ରେଲୱେ ସାଇଟ୍‌କୁ ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। କିଛିଦିନର ନିରବତା ପରେ ପୁଣି ମୋରମ ମାଫିଆ ସକ୍ରିୟ ହୋଇଉଠିଛନ୍ତି। ଅନୁମତି ନ ଥାଇ ବୈରୀ-ଭଦ୍ରକ ତୃତୀୟ ରେଲୱେ ଲାଇନ୍ ଓ ଯଖପୁରା-ସୁକିନ୍ଦାରୋଡ୍ ରେଲୱେ ଲାଇନ ଦୋହରୀକରଣ ନିର୍ମାଣରେ ବିପୁଳ ପରିମାଣର ଚୋରା ମୋରମ, ମାଟି, ବାଲି ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଏବେ ପ୍ରଶ୍ନ ଉଠାଇଛନ୍ତି। କାରଣ ମାଫିଆମାନେ ବାରମ୍ବାର ଏଭଳି ଲୁଟ କରୁଥିବାବେଳେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଘଟଣା ଅଧିକ ରହସ୍ୟମୟ ହେଉଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ଘଟୁଛି।

ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ କମିବା ପରିବର୍ତ୍ତେ ଏହି ତହସିଲ ଅଞ୍ଚଳରେ ବଢ଼ିବାରେ ଲାଗିଛି। ଗତ ୨୦୨୪ ଏପ୍ରିଲ ମାସଠାରୁ ଲଘୁ ଖଣିଜ ଦ୍ରବ୍ୟ ସୈରାତ ନିଲାମଠାରୁ ଆରମ୍ଭ କରି ଜରିମାନା ଆଦାୟ କ୍ଷମତା ଖଣି ବିଭାଗ ହାତକୁ ଚାଲିଯାଇଛି। ଫଳରେ ଚୋରି ରୋକିବା ଉପରେ ପ୍ରଶାସନର ସେଭଳି କିଛି ତତ୍ପରତା ଦେଖାଯାଉ ନ ଥିବା ମନେ ହେଉନି। ଫଳରେ ଏଠାରେ ମାଫିଆଙ୍କ ସଂଖ୍ୟା ବଢି ବଢି ଚାଲିଛି। ଏପରିକି ମାଫିଆମାନେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ବନ୍ଧୁ ସାଜି ଏଭଳି ଲୁଟ୍ ଚଳାଇଛନ୍ତି। ଦାନଗଦି ତହସିଲ ଅଧୀନସ୍ଥ ମାନତିରା ରାଜସ୍ୱ ସର୍କଲର ବିଭିନ୍ନ ସ୍ଥାନରୁ ମୋରମ ଲୁଟ୍ କରାଯାଇ ରେଲୱେ ଦୋହରୀକରଣ କାମଠାରୁ ଆରମ୍ଭ କରି ଧାମରା, ପଶ୍ଚିମବଙ୍ଗକୁ ଚୋରା ଚାଲାଣର ଚେର ଲମ୍ବିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାଟି, ମୋରମ ପାଇଁ ଖଣି ବିଭାଗରୁ କୌଣସି ଅନୁମତି ନିଆଯାଇନାହିଁ। ଯାହାକି ଯଖପୁରା-ଯାଜପୁରରୋଡ୍ (ତୃତୀୟ ରେଲୱେ ଲାଇନ) ଓ ଯଖପୁରା-ସୁକିନ୍ଦାରୋଡ୍ ରେଳ ଲାଇନ ଦୋହରୀକରଣରେ ବିପୁଳ ପରିମାଣରେ ଚୋରା ମୋରମ ବ୍ୟବହାର ହେଉଛି। ଏହି ଚୋରା ଚାଲାଣ ପ୍ରାୟ ରାତି ୧୧ଟାରୁ ସକାଳ ପର୍ଯ୍ୟନ୍ତ ଅବାଧରେ ଚାଲିଛି। ଏକ ମାଫିଆ ଗୋଷ୍ଠୀ ପ୍ରଶାସନର ବାହୁଛାୟା ତଳେ ରହି ଏଭଳି ମାଟି, ମୋରମ ଚୋରା ଚାଲାଣ କରୁଛନ୍ତି। ତେବେ ପ୍ରଶାସନ



ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନା ଖସାଇ ଦେବ, ତାହା ଏବେ ସମୟ କହିବ। ଖଣି ବିଭାଗ ଜ୍ଞାତସାରରେ ଏଭଳି ଲୁଟ ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ନିରବ ରହିବା ଘଟଣା ଅଧିକ ରହସ୍ୟମୟ ହୋଇଛି। ଅନ୍ୟପକ୍ଷରେ ଯୋଜନାବଦ୍ଧ ଭାବେ ଚାଲିଥିବା ଏହି ବେଆଇନ କାମ ପଛରେ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ଗୋଷ୍ଠୀ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ତେଣୁ ରାଜସ୍ୱ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଭାଗୀୟ ଉଚ୍ଚ ପଦାଧିକାରୀ ନିର୍ମାଣଧୀନ ରେଲୱେ ସାଇଡିଂରେ ବ୍ୟବହାର ହୋଇଥିବା ମୋରମ ଜବତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ସୋରାଇରେ ପୁଷ୍ୟାଭିଷେକ



କବାଟବନ୍ଧ,୧୬।୧(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ଅଧୀନ ସୋରାଇ ଦଳେଇ ସାହିରେ ଶ୍ରୀରାମ ଅଭିଷେକ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ପୌଷ ମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ ବ୍ରାହ୍ମ ମୁହୂର୍ତ୍ତରୁ କଳସ ଯାତ୍ରା ଆରମ୍ଭ ହୋଇ ରୀତିନୀତି ଅନୁଯାୟୀ ସମସ୍ତ ପୂଜା ସମ୍ପାଦନ କରାଯାଇଥିଲା। ଚିନ୍ତାମଣି ଦଳାଇ ଓ ଲକ୍ଷ୍ମୀ ଦଳାଇ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞ କର୍ମ, ରାଜଭିଷେକ ଆଦି ପଣ୍ଡିତଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ଗ୍ରାମର ରିଣ୍ଟୁ ଦଳାଇ, ପିଣ୍ଟୁ ଦଳାଇ, ଅଜିତ ଦଳାଇ, ସୁନୀଲ ଦଳାଇ, ବିନୁ ଦଳାଇ, ଅଜୟ ଦଳାଇ, ପ୍ରଦୀପ ଦଳାଇ, ଗଜେନ୍ଦ୍ର ଦଳାଇ, ମାନସ ଦଳାଇଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା।

## ଧର୍ମପ୍ରାଣାଙ୍କ ପରଲୋକ



ସୁକିନ୍ଦା,୧୬।୧(ସମିସ): ସୁକିନ୍ଦା ବ୍ଲକର ଯୁବ ସାମ୍ବାଦିକ ସୌମ୍ୟରଞ୍ଜନ ବାରିକଙ୍କ ଜେଜେମାଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ଘଟିଛି। ଆମ୍ବଲବା ପଞ୍ଚାୟତର ନୂଆ ଜାମୁପସୀ ଗ୍ରାମର ନଟବର ବାରିକଙ୍କ ଧର୍ମପତ୍ନୀ ସସ୍ମିତା ବାରିକଙ୍କ(୮୫) ବର୍ଷ ବୟସରେ ତାଙ୍କ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ନଟବର ବାରିକଙ୍କ ଦୁଇପୁଅ ଶରତ ଓ ବିଜୟ, ଦୁଇ ବୋହୂ, ନାତିନାତୁଣୀ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ସସ୍ମିତା ଜଣେ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବଡ଼ଚଣା, ୧୬।୧(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ୬ ତାରିଖରେ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ମାହାଲା ଯୋଗଦେଇ ବର୍ତ୍ତମାନ ସମୟରେ ମହିଳାଙ୍କ ଉପରେ ହେଉଥିବା ହିଂସାତ୍ମକ ଆକ୍ରମଣକୁ ପ୍ରତିହତ କରି ନିଜକୁ ସୁରକ୍ଷିତ କରି ରଖିବା ପାଇଁ ଆତ୍ମରକ୍ଷା କୌଶଳ ଉପରେ ବାଳିକାମାନେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ ଯୋଗ ଦେଇଥିବାବେଳେ ଅଧ୍ୟାପିକା ଦୀପା ପ୍ରିୟଦର୍ଶିନୀ ଏହା ଉପରେ ବିଶେଷ ଆଲୋଚନା କରିଥିଲେ। ପ୍ରଶିକ୍ଷିକା ଅଲିଭା ସେଠୀ ଓ ଗୀତାଞ୍ଜଳି ନାୟକ ଯୋଗଦେଇ ଛାତ୍ରୀଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପିକା ଶୁଭଶ୍ରୀ ସାହୁ ଓ ସୁଷମା ବେହେରା ଶିବିର ପରିଚାଳନା କରିଥିଲେ।

## ସୁକିନ୍ଦା କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ସୁକିନ୍ଦା,୧୬।୧(ସମିସ): ସୁକିନ୍ଦା କୃଷି ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମଣୀରଞ୍ଜନ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ଏହି ମଣ୍ଡିରେ ୧୨ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯିବାକୁ ନିର୍ଦ୍ଦେଶ ଆସିଥିବାବେଳେ ପର୍ଯ୍ୟାୟ କ୍ରମେ ଏହି ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ଥିବା ସମବାୟ ସମିତି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ସମବାୟ ସମିତି ସଭାପତି ଫକୀର ଚରଣ ସାହୁ, ସମ୍ପାଦକ ଗୋବର୍ଦ୍ଧନ ଦ୍ୱିବେଦୀ, ଆମ୍ବଲବା ସରପଞ୍ଚ ନବଜ୍ୟୋତି ସାହୁଙ୍କ ସମେତ ସମସ୍ତ କର୍ପୋରେଟର ଉପସ୍ଥିତି ଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ରହି ପଞ୍ଜୀକରଣ ଆରମ୍ଭ କରିଛନ୍ତି।

## ଫକୀରମୋହନଙ୍କ ଜୟନ୍ତୀ ପାଳିତ

ଜାରକା,୧୬।୧( ସମିସ): ଧର୍ମଶାଳା ସାହିତ୍ୟ ସମାଜ ଆନୁକୂଲ୍ୟରେ ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୭୩ତମ ଜୟନ୍ତୀ ଜାରକାସ୍ଥ ଗାର୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଣ୍ଡିତ ତଥା ପ୍ରବଚକ କାମଦେବ ଶତପଥୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ଫକୀରମୋହନଙ୍କ ନେତୃତ୍ୱରେ ଓଡ଼ିଶାରେ ଭାଷା ଆନ୍ଦୋଳନ ଓ ରାଜନୈତିକ ଆନ୍ଦୋଳନ ସଂଗଠିତ ହୋଇଥିଲା ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ, କବି ବିଜୟ ଦେବତା, ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ପ୍ରଫୁଲ୍ଲ ସ୍ୱାଇଁ, ସବିତା ମିଶ୍ର, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖ ଯୋଗଦେଇ ବ୍ୟାସକବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶ୍ରମିକ ନେତା ନୃସିଂହ ମିଶ୍ର, ବେଣୁଧର ଦାସ, ଦେବେନ୍ଦ୍ର ପଟ୍ଟନାୟକ, ଦିଲ୍ଲୀପ ରାଉତ ଓ ଶିକ୍ଷକ ନଟବର ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ଭବ ସଂପାଦକ ଅଖିଳ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ତଳିହା ପ୍ୟାକ୍ସରେ ଖୋଲିଲା ଧାନମଣ୍ଡି



ଦଶରଥପୁର,୧୬।୧(ସମିସ): ଦଶରଥପୁର ବ୍ଲକ୍ ତଳିହା ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଚଳିତ ଖରିଫ୍ ଧାନ ଫସଲ କ୍ରୟ ଉଦ୍ଦେଶ୍ୟରେ ସ୍ଥାନୀୟ ତଳିହା ଓ ବିରଜାପୁର ପଞ୍ଚାୟତର ଧାନଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତି ସଭାପତି ସଦାନନ୍ଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମିତିର ପୁରାତନ କାର୍ଯ୍ୟାଳୟ ପଡ଼ିଆରେ ଏହି ମଣ୍ଡି ଉଦ୍‌ଘାଟିତ ହୋଇଛି। ବିରଜାପୁର ସରପଞ୍ଚ ନିରାକାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ନଡ଼ିଆ ପିଟି ମଣ୍ଡି ଉଦ୍‌ଘାଟନ କରି ପ୍ୟାକ୍ସ କର୍ମକର୍ତ୍ତା, ମିଲର ଓ ଚଷୀଙ୍କ ମଧ୍ୟରେ ସମନ୍ୱୟ ରଖି ସୁରୁଖୁରୁରେ ଧାନ କ୍ରୟ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷ ଅତିଥି ଭାବେ ରାଜ୍ୟ ବିଜେପିର କୃଷକ ମୋର୍ଚ୍ଚା ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଧାନ ବିକ୍ରୟ ପାଇଁ ମଣ୍ଡିକୁ ଆସି ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ପ୍ୟାକ୍ସ କର୍ମକର୍ତ୍ତା ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆରଏମ୍‌ସି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ବିରଜାପୁର ସମିତି ସଭ୍ୟ ସନ୍ତୋଷ ରାୟ, ତଳିହା ସମିତିସଭ୍ୟା ନମିତା ମିଶ୍ର, ମଣ୍ଡି ନୋଡାଲ ଅଧିକାରୀ ଶ୍ରୀବନ୍ତ ମଲ୍ଲିକ ପ୍ରମୁଖ ପଞ୍ଜୀକୃତ ଚାଷୀଙ୍କ ଧାନ କ୍ରୟ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ୟାକ୍ସ ସମ୍ପାଦକ ମନ୍ମଥ ସାମଲ, ସମିତି ବୋର୍ଡର ସମସ୍ତ ସଦସ୍ୟ, କର୍ମ.ରୀ, ଚାଷୀ ପ୍ରତିନିଧିଙ୍କ ସମେତ ବହୁ ସଂଖ୍ୟକ ସ୍ଥାନୀୟ ଅଞ୍ଚଳର ଚାଷୀ ଯୋଗଦେଇଥିଲେ।

## ପାଣିକୋଇଲି କଲେଜରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ପାଣିକୋଇଲି,୧୬।୧(ସମିସ): ପାଣିକୋଇଲିସ୍ଥ ମା' ତାରିଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଛି। +୨ ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ସମସ୍ତ ଛାତ୍ରୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇ ୨୦୧୨ ଦିଲ୍ଲୀର ନିର୍ଭୟା ଘଟଣା ପରେ ଭାରତ ସରକାର ସମସ୍ତ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ମତବ୍ୟକ୍ତ କରିଥିଲେ। ବାଳିକାମାନେ କିପରି ନିଜକୁ ନିଜେ ଅସାମାଜିକ ତତ୍ତ୍ୱଙ୍କଠାରୁ ସୁରକ୍ଷିତ ହୋଇପାରିବେ ସେହି କଳାକୁ ଶିଖିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଗୌରହରି ମହାପାତ୍ର ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ସମରେନ୍ଦ୍ର ଦାଶ, ପାର୍ଥସାରଥି ବିଶ୍ୱାଳ, ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ, ମଦନମୋହନ ମହାପାତ୍ର, ସୋମନାଥ ପତି, ଗୋପବନ୍ଧୁ ସାହୁ, ବଳରାମ ପଣ୍ଡା, ଅଧ୍ୟାପିକା କଲ୍ୟାଣୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷିକା ସନ୍ତୋଷୀରାଣୀ ପଣ୍ଡା ଛାତ୍ରୀଙ୍କ ପ୍ରତୀକାତ୍ମକ ପ୍ରଦର୍ଶନକୁ ଉତ୍ସାହିତ କରିଥିବାବେଳେ ମନୀଷା ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦଶରଥପୁର,୧୬।୧(ସମିସ): ଦଶରଥପୁର ବ୍ଲକ୍ ବିରିପଟା ପଞ୍ଚାୟତ ବିରିପଟା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଶରତ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ନରେନ୍ଦ୍ର ଶତପଥୀ, ରାମମୋହନ ଦେବତା ସରକାରଙ୍କ ଏ ଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥଲେ। ପ୍ରଶିକ୍ଷିକା ସାନୁଲତା ରାଉତ, ଅଧ୍ୟାପକ ପ୍ରଶାନ୍ତ ନନ୍ଦ, ଶଶୀଭୂଷଣ ମହାଳିକ, ପ୍ରତାପ ତ୍ରିପାଠୀ, କୈବଲ୍ୟ ଜେନା, କାନ୍ତିଲତା ତ୍ରିପାଠୀ, ଅଜୟ ବେହେରା, ସନ୍ତୋଷ ଦାସ, ତୁଷାର ସାମଲ, ସନ୍ତୋଷ ରାଉତ, ମନୋରଞ୍ଜନ ଜେନା, ଶିବପ୍ରସାଦ ସେଠୀ, ସର୍ବେଶ୍ୱର ସେନାପତି, ଆଶୋକ ନାଥ, ବିବେକାନନ୍ଦ ଧଳ, ବୈକୁଣ୍ଠ ସେନାପତି, ପ୍ରଶାନ୍ତ ଆଚାର୍ଯ୍ୟ ଶିବିର ପରିଚାଳନରେ ସହଯୋଗ କରିଥଲେ। ସଂଯୋଜକ ପ୍ରକାଶ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।




## ମକର ପର୍ବ ଉପଲକ୍ଷେ ନାମଯଜ୍ଞ



ବରୁଆଁ,୧୬ ।୧(ସମିସ)

ମକର ସଂକ୍ରାନ୍ତି ଉପଲକ୍ଷେ ଯାଜପୁର ବ୍ଲକ୍ ଅନ୍ତର୍ଗତ ମହେଶ୍ୱରପୁରର ମା' ବୁଢୀ ବାସୁଳେଇ, ମା' ବନଦୁର୍ଗା, ବରୁଆଁର ମା' ମଙ୍ଗଳା, କୁସୁନପୁରର ମା' ତାରାଦେବୀ ଦେବୀ ପୀଠରେ ନାମଯଜ୍ଞ, ବିଭିନ୍ନ ବେଶ, ତାରାଦେବୀ ପୀଠରେ ଭଉଣୀ ମିଳନରେ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ବରୁଆଁରେ ସର୍ବମଙ୍ଗଳା ଯୁବ ନାଟ୍ୟ ସଂସଦ ପକ୍ଷରୁ ନାଟକ "ଗୁପ୍ତ ସମ୍ପର୍କ' ଓ "ହା କୃଷ୍ଣ ବୋଲି ଯାଉ ଜୀବ' ନାଟକ ମଞ୍ଚସ୍ଥ ହୋଇଛି। ସେହିପରି ମହେଶ୍ୱରପୁର ମା 'ବାସୁଳେଇ ପୀଠରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ମକର ସଂକ୍ରାନ୍ତିରେ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ମା' ତାରା ଦେବୀଙ୍କ ଆଶିଷ ଭିକ୍ଷା କରିଥିବାବେଳେ ତୃତୀୟ ଦିନ ପୂର୍ଣ୍ଣାହୁତି ଦିବସରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ବିଭିନ୍ନ ଦେବୀ ମଣ୍ଡପକୁ ଯାଇ ଠାକୁରାଣୀଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିସହ ବରୁଆଁ ଆଜାଦ୍ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ।

## ବ୍ରାହ୍ମଣୀରେ ଖରାଦିନିଆ ରାସ୍ତା ନିର୍ମାଣ ପାଇଁ ଟଣାଓଟରା

ବରୀ,୧୬।୧(ସମିସ): ପ୍ରତିବର୍ଷ ବ୍ରାହ୍ମଣୀ ନଦୀରେ ଖରାଦିନିଆ ରାସ୍ତା ନିର୍ମାଣ ହୋଇଥାଏ। ବିଶେଷକରି ଏହି ନଦୀ ଉପରେ ବିଭିନ୍ନ ସ୍ଥାନରେ ସେତୁ ନିର୍ମାଣ ହୋଇଥିବାବେଳେ ବରୀ ତହସିଲ କାର୍ଯ୍ୟାଳୟ, ସଚ୍ଚନ ମହାବିଦ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା ସଦର ମହକୁମାକୁ ଖରାଦିନେ ମାଟିଆପଡ଼ା, ଅରୁଆଳ (ମେଣ୍ଢା ଘାଇ) ଖରାଦିନିଆ ରାସ୍ତା ଦେଇ ଧାରପୁର, ସାହୁପଡା, ମାଟିଆପଡ଼ା, ବାଲିଆ, ଇସାଣପୁର ପ୍ରଭୃତି ଗ୍ରାମର ହଜାର ହଜାର ଲୋକ ଯାତାୟାତ କରିଥା'ନ୍ତି। ସରକାରଙ୍କ ନିୟମ ଅନୁସାରେ ପ୍ରତିବର୍ଷ ନଭେମ୍ବର ମାସ ଆରମ୍ଭରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇ ଏହା ଜୁନ ୧୪ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଥାଏ। ବର୍ତ୍ତମାନ ଖରାଦିନିଆ ରାସ୍ତା କାମ ଆରମ୍ଭ ହୋଇଥିବାବେଳେ ଏହି ରାସ୍ତା ନିର୍ମାଣ କ୍ଷେତ୍ରରେ କେତେ ଅର୍ଥ ମଞ୍ଜୁର ହୋଇଛି ଓ ରାସ୍ତା ନିର୍ମାଣ ସମୟରେ କି କି କାର୍ଯ୍ୟ କରାଯିବ, ତାହା ସୂଚନା ଫଳକରେ ଉଲ୍ଲେଖ ରହିବା କଥା। କିନ୍ତୁ କିଛି ନିର୍ଦ୍ଦିଷ୍ଟ ଠିକାଦାର ବିନା ସୂଚନା ଫଳକରେ କାମ କରୁଥିବା ଦେଖିବାକୁ ମିଳିଛି। ଏହି ଖରାଦିନିଆ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିବା ସୂଚନା ମିଳୁଥିବାବେଳେ ବ୍ୟୟ ଅଟକଳକୁ ସାର୍ବଜନୀନ ନ କରିବା ଘଟଣା ଏହି ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ଏହି ଖରାଦିନିଆ ରାସ୍ତାକୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇ କାର୍ଯ୍ୟ କରୁଥିବାରୁ ବାସ୍ତବ ପକ୍ଷେ ସମ୍ପୃକ୍ତ ବିଭାଗ ପକ୍ଷରୁ କେଉଁ ଠିକା ସଂସ୍ଥାକୁ କାର୍ଯ୍ୟ ଦିଆଯାଇଛି ଓ ଏହାର ବ୍ୟୟ ଅଟକଳ ମୂଲ୍ୟ କେତେ ତାହା ସାର୍ବଜନୀନ କରାଯାଇ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଖରାଦିନିଆ ରାସ୍ତା ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ଅର୍ଥ ମଞ୍ଜୁର ହୋଇନାହିଁ।



### ଓଳାଶୁଣୀ ଗୁମ୍ଫା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

# ଅପେରାରେ ଅଶ୍ଳୀଳ ନୃତ୍ୟ ଉପରେ ରୋକ୍

ବାଲିଚନ୍ଦ୍ରପୁର, ୧୬ ।୧(ସମିସ)

ଆସନ୍ତା ୨୫ ତାରିଖ ମାଘ କୃଷ୍ଣ ଏକାଦଶୀରେ ଅଷ୍ଟାଦଶ ଶତାବ୍ଦୀର ମହାପୁରୁଷ ଅରକ୍ଷିତ ଦାସଙ୍କ ମହାସମାଧି ଦିବସ ଅବସରରେ ଆରମ୍ଭ ହେବ ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ଯାତ୍ରା। ଏ ନେଇ ଯାଜପୁର ଜିଲ୍ଲା ପ୍ରଶାସନ ଅପେରାରେ ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଥିବାବେଳେ ରାଜ୍ୟର ବିଶିଷ୍ଟ ସାଧୁସନ୍ଥ, ଆଧ୍ୟାତ୍ମିକପ୍ରେମୀ ଓ ଗବେଷକଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ବିଗତ ବର୍ଷ ଭଳି ମେଳାର ସୁପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ



### ସାଧୁସନ୍ଥ, ଆଧ୍ୟାତ୍ମିକପ୍ରେମୀ ଓ ଗବେଷକ ହେବେ ସମ୍ମାନିତ

ପକ୍ଷରୁ ଆଜି ପୂର୍ବାହ୍ନରେ ଓଳାଶୁଣୀ ପୀଠ ଗଣେଶ ମଣ୍ଡପରେ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଧାୟକ ଶ୍ରୀ ନାୟକ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବିଭିନ୍ନ ଗଠନମୂଳକ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମେଳା ସମୟରେ ଭକ୍ତଙ୍କ ପୀଠକୁ ଆଗମନ ଓ ମହାପୁରୁଷଙ୍କୁ ଦର୍ଶନ, ମେଳାର ସୁପରିଚାଳନା, ଟ୍ରାଫିକ ନିୟନ୍ତ୍ରଣ, ମେଳାରେ ବ୍ୟବସାୟିକ ପ୍ରତିଷ୍ଠାନକୁ ସ୍ଥାନ ଆବଣ୍ଟନ, ସମଗ୍ର ମେଳା ପରିସର ଓ ରାସ୍ତାରେ ଆଲୋକୀକରଣ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଓ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଦର୍ପଣ ତହସିଲଦାର ମାନସ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଓଳାଶୁଣୀର ମହନ୍ତ ନାମାନନ୍ଦ ଦାସ ଯୋଗଦେଇ ମହାପୁରୁଷ ଅରକ୍ଷିତଙ୍କ ଆଶୀର୍ବଚନ ପାଠ କରିଥିଲେ। ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ ଓଳାଶୁଣୀ ମେଳାରେ ଅଧିକ ଜନସମାଗମ ହେଉଥିବାରୁ ୫୩ ନମ୍ବର ଜାତୀୟ ରାଜପଥ ମା' ଓଳାଶୁଣୀଙ୍କ ପ୍ରବେଶ ପଥ ବାଟ ଦେଇ ଆଉ ଏକ ଯାତାୟାତ ମାର୍ଗ ଖୋଲିବା, ମେଳାରେ ପଲ୍ଲିଶ୍ରୀ ମେଳା ଆୟୋଜନ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ସାମଗ୍ରୀକୁ ନେଇ ସ୍ୱତନ୍ତ୍ର ଫୁଡ୍‌କୋର୍ଟ ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ। ଦୋକାନ ବଜାର ବ୍ୟବସ୍ଥିତ ଢଙ୍ଗରେ ପକାଇବା ସହିତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖିବା, ଗମନାଗମନ ପାଇଁ ରାସ୍ତା କଡ଼ରେ କୌଣସି ଦୋକାନ ନ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ତଦାରଖ କରିବା ପାଇଁ ଦର୍ପଣ ତହସିଲଦାର, ବାଲିଚନ୍ଦ୍ରପୁର ଥାନା ଆଇଆଇସି, ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ଓ ମଠର ସହଯୋଗୀଙ୍କୁ ନେଇ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଯାଜପୁରରୋଡ୍ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ମାହାଙ୍ଗା ତହସିଲଦାର ସୁଶାନ୍ତ ମିଶ୍ର, ମାହାଙ୍ଗା ବିଡିଓ ସନ୍ତୋଷ ଜେନା, ବାଲିଚନ୍ଦ୍ରପୁର ଥାନା ଆଇଆଇସି ସମରଜିତ୍ ନାୟକ, ବଡଚଣା ଥାନା ଆଇଆଇସି ଅଶ୍ୱିନୀ ବଳବନ୍ତରାୟ, ମାହାଙ୍ଗା ଥାନା ଆଇଆଇସି ତପନ ରାଉତ, ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ସନ୍ତୋଷ ସ୍ୱାଇଁ, ବିଦ୍ୟୁତ ବିଭାଗ ଏସଡିଓ ନନ୍ଦନ ମହାନ୍ତି, ଆରଡବ୍ଲୁଏସଏସର ଏଇଇ ଅପର୍ତ୍ତି ବେହେରା, ଗୋବିନ୍ଦ ବଲ୍ଲଭ ମହାରଣା, ଏଇଇ ଅନୀଲ ସେନାପତି, ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମନୋରମା ସ୍ୱାଇଁ ପ୍ରମୁଖ ବୈଠକରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଚଳିତ ବର୍ଷ ମେଳାରେ ଅପେରା ଦଳ ପକ୍ଷରୁ ପରିବେଷଣ କରାଯାଉଥିବା ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ, ଅଶ୍ଳୀଳ ଅଭିନୟକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯିବା ନେଇ ସର୍ବସମ୍ମତ କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। କୌଣସି ଅପେରା ଦଳ ଏହାକୁ ଉଲ୍ଲଂଘନ କଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରସ୍ତାବ ପାରିତ ହୋଇଥିଲା। ପ୍ରଥମ ଦିବସରେ ପ୍ରତିବର୍ଷ ଭଳି ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହୋଇଆସୁଥିବା ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ ଓଳାଶୁଣୀ ଗୁମ୍ଫା ମହୋତ୍ସବ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ ଭୂୟାଁ ବିଗତ ବର୍ଷ ଭଳି ଏହି ସମାରୋହରେ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେବେ ଓ ରାଜ୍ୟର ସାଧୁସନ୍ଥ ଓ ଆଧ୍ୟାତ୍ମିକପ୍ରେମୀ ଓ ଗବେଷକଙ୍କୁ ସନ୍ଥ ଅରକ୍ଷିତ ଦାସ ଓ ଓଳାଶୁଣୀ ସମ୍ମାନରେ ସମ୍ମାନିତ କରାଯିବ। ଏଥିପାଇଁ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ବଡଚଣା ବିଧାୟକ ଶ୍ରୀ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହେବ। ସରପଞ୍ଚ ଉମେଶ ସାମଲ, ସମାଜସେବୀ ସୁମନ୍ତ ସାମଲ, ଅଶୋକ ସାମଲ, ପୂର୍ବତନ ସମିତି ସଦସ୍ୟ ଦିଲ୍ଲୀପ ସାମଲ, ଶ୍ରୀକାନ୍ତ ସାମଲ, ରୁଦ୍ରନାରାୟଣ ସିଂହ, ଓଳାଶୁଣୀ ଉନ୍ନୟନ ପରିଷଦର ଦେବାଶିଷ ସିଂହ, ରତିକାନ୍ତ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେଳାର ସୁପରିଚାଳନା ପାଇଁ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟଙ୍କୁ ନେଇ ଅନ୍ୟଏକ ପ୍ରସ୍ତୁତି ବୈଠକ ଦର୍ପଣ ତହସିଲଦାରଙ୍କ ଆବାହକତ୍ୱରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ଶୁଭଙ୍କର ପିରିଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୬।୧(ସମିସ): ସମାଜସେବୀ ମହାସଂଘ ପକ୍ଷରୁ ଯୁବ ସାମ୍ବାଦିକ ତଥା ଯୁବ ସମାଜସେବୀ ଶୁଭଙ୍କର ପିରି (ଗୁଡ୍ଡୁ)ଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ରେମୁଣା ମନ୍ଦିର ଛକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଆକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାସଂଘର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସରୋଜ ସାହୁ, ଗଣେଶ୍ୱର ଜେନା, କମଳ ଲୋଚନ ପଣ୍ଡା, ସୁକାନ୍ତ ଜେନା, ବସନ୍ତ ପଡ଼ିଆରୀ, ସତ୍ୟ ସାର, ଅଜୟ ମହାଳିକଙ୍କ ସମେତ ସମସ୍ତ ସଦସ୍ୟ ମହମବତୀ ଜାଳିବା ସହ ଶୁଭଙ୍କରଙ୍କ ଫଟୋ ଚିତ୍ରରେ ପୁଷ୍ପ ଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଶେଷରେ ପଦ୍ମଲୋଚନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଋଣ ନାଁରେ ଠକେଇର ଶିକାର ହେଲେ ମହିଳା

ବାଲେଶ୍ୱର, ୧୬।୧(ସମିସ): ନୀଳଗିରି ଥାନା ଅର୍ନ୍ତଗତ ସନ୍ତରାଗଡ଼ିଆ ଅଞ୍ଚଳର କିଛି ମହିଳାମାନେ ସେମାନଙ୍କର ପିଲାମାନଙ୍କ ପାଠପଢ଼ା ଏବଂ ଛୋଟ ମୋଟ ବ୍ୟବସାୟ ପାଇଁ ମୋଟା ଅଙ୍କର ଟଙ୍କାର ଆବଶ୍ୟକତା ଥିବାରୁ ସେମାନେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାମ କରୁଥିବା ଟିଟନ ସାମଲ ନାମକ ଏକ ଏଜେଣ୍ଟ ସହ ଭେଟ ହୋଇଥିଲେ। ଏନେଇ ସେ ମଧ୍ୟ ଉକ୍ତ ଗ୍ରାମରେ ଏକ ବୈଠକ ବସାଇଥିଲେ। ମହିଳାମାନଙ୍କ ଠାରୁ ନଗଦ ୨୦ହଜାର ଟଙ୍କା ନେବା ସହ ଆଉ କିଛି ଟଙ୍କା ଫୋନ ପେ ମାଧ୍ୟରେ ପଠାଇବାକୁ ମଧ୍ୟ କହି ମୋଟ ୪୦ହଜାର ଟଙ୍କା ନେଇଥିଲେ। ଏହି ଟଙ୍କା ନେଇ ସେ ମହିଳାମାନଙ୍କୁ ୮ ଦିନ ମଧ୍ୟରେ ଋଣ କରାଇଦେବ ବୋଲି କହିଥିଲେ। ଏହି ଘଟଣା ଗତ ବର୍ଷ ନଭେମ୍ବର ମାସରେ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ସେ ମହିଳାମାନଙ୍କୁ ଲୋନ କରାଉନଥିବା ବେଳେ ସେମାନଙ୍କ ଠାରୁ ନେଇଥିବା ଟଙ୍କା ମଧ୍ୟ ଫେରାଉ ନାହାନ୍ତି। ପ୍ରାୟ ୫୦ଜଣ ମହିଳା ଏହି ଠକାମୀରେ ଶିକାର ହୋଇଛନ୍ତି। ବାଧ୍ୟ ହୋଇ ଆଜି ଠକାମୀର ଶିକାର ହୋଇଥିବା ମହିଳା ରଞ୍ଜିତା ବାରିକ, ସବିତା ଜେନା, ଅମିତା ଜେନା ପ୍ରମୁଖଙ୍କ ସହ ଅନ୍ୟମାନେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି।

## ଶାନ୍ତିକାନନରେ ଫକୀରମୋହନଙ୍କ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର, ୧୬।୧(ସମିସ): ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୩ତମ ଜୟନ୍ତୀ ଉତ୍ସବ ଆଜି କବିତୀର୍ଥ ଶାନ୍ତିକାନନରେ ଆଜି ଉଦ୍‌ଯାପିତ ହୋଇଯାଇଛି। ପରିଷଦ ଉପସଭାପତି ଅଞ୍ଜଳି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରୀତୀତନୟା ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଫକୀରମୋହନଙ୍କ କାଳଜୟୀ ରଚନା ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ପରିଷଦର ପ୍ରାକ୍ତନ ସଭାପତି ତଥା ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଫକୀରମୋହନଙ୍କ ଜୀବନୀ ଓ ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ତଥା ବିଶିଷ୍ଟ ଉଦ୍ୟୋଗପତି ସଂଗ୍ରାମ ଦାସ ଫକୀରମୋହନ ସାହିତ୍ୟ ପରିଷଦର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପରିଷଦର ବର୍ଷିୟାନ ସଦସ୍ୟ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଓ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ମଞ୍ଚ ଆବାହନ କରିଥିବାବେଳେ କୋଷାଧ୍ୟକ୍ଷ ତପନ ରାୟ ପୁରସ୍କାର ବିତରଣ କାର୍ଯ୍ୟ ପରିଚାଳନା କରିଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ ଓ ତପନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ସଂପାଦକ ଦୀପକ ବୋଷ ଶେଷ ଧନ୍ୟବାଦ ଅର୍ପଣ କରିଥିଲେ।

### ମାନୁନାହାଁନ୍ତି କଟକଣା

# ଲୁଚାଛପାରେ ଚାଲିଛି ମାଞ୍ଜାସୂତା କାରବାର

ବାଲେଶ୍ୱର, ୧୬।୧(ସମିସ

ମାଞ୍ଜା ସୂତାରେ ଗୁଡି ଉଡାଇବା ନେଇ କଟକଣା ରହିଥିଲେ ବି ଏହାର ବ୍ୟବହାର ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପାରୁନି। ଗାଁଠୁ ସହର ଏବେବି ଲୁଚାଛପାରେ ମାଞ୍ଜା ସୂତା ବିକ୍ରି ହେଉଥିବା ବେଳେ ଅନେକ ପ୍ରତିଯୋଗିତା ଆଳରେ ମାଞ୍ଜା ସୂତାରେ ଗୁଡି ଉଡାଉଥିବା ଦେଖିବାକୁ ମିଳୁଛି। ଏହି ମାଞ୍ଜା ସୂତା ନେଇପାରେ ଜୀବନ। ତଥାପି ଏହାର ବିକ୍ରି ଉପରେ କଟକଣା ଲାଗିବାରୁ ନାହିଁ। ମକର ସଂକ୍ରାନ୍ତି ଉପଲକ୍ଷେ ବଜାରରେ ଗୁଡି ଓ ସୂତାର ବିକ୍ରି ଯେମିତି ହୁଏ ସେତିକି ଗୁଡି ମଧ୍ୟ ଆକାଶରେ ଉଡ଼େ। ହେଲେ ମାଞ୍ଜା ସୂତା ବିକ୍ରି ଉପରେ କଟକଣା ଥିଲେ ବି ଏହା ବିକ୍ରି ସହ ବ୍ୟବହାର ହେଉଥିବା ବି ଦେଖିବାକୁ ମିଳିଛି। କିଏ ଛାତ ଉପରେ ତ କିଏ ଗଳିକନ୍ଦିରେ ମାଞ୍ଜା ସୂତାରେ ଉଡାଇଲେ ଗୁଡି। ତେବେ ମକର ପୂର୍ବରୁ ବାଲେଶ୍ୱର ପୌରପାଳିକା ପକ୍ଷରୁ ମାଞ୍ଜା ସୂତା ବିକ୍ରି ନେଇ କଟକଣା ଜାରି କରାଯାଇଥିଲା। ଏହିପରେ ଟିମ୍ ପକ୍ଷରୁ ଆରମ୍ଭ ହୋଇଥିଲା ବିଭିନ୍ନ ଦୋକାନରେ ଚଢାଉ। ଏହି ସମୟରେ ଅନେକ ଦୋକାନରେ ଲୁଚାଛପାରେ ମାଞ୍ଜା ତଥା ପ୍ଲାଷ୍ଟିକ ସୂତା ବିକ୍ରି ହେଉଥିବା ଜଣାପଡ଼ିଥିଲା। ଏସବୁକୁ ପୌରପାଳିକା ପକ୍ଷରୁ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ମକର ଆସିଲେ ଗାଁ ଠୁ ସହର ଆକାଶ ଦିଶେ ରଙ୍ଗୀନ। କାରଣ ସଭିଏଁ ଗୁଡି ଉଡାରେ ମାତି ଯାଆନ୍ତି। ଏବେ ଗୁଡି ଉଡା ଲୋକଙ୍କ ପାଇଁ ବିପଦ ସାଜୁଛି। କାରଣ ମାଞ୍ଜା ବା ପ୍ଲାଷ୍ଟିକ ସୂତା ବ୍ୟବହାର ଲୋକଙ୍କ ପାଇଁ କାଳ ସାଜୁଛି। ଯେଉଁଥିପାଇଁ ଗୁଡି ଉଡାରେ ମାଞ୍ଜା ସୂତା ବ୍ୟବହାର ନିଷେଧ କରାଯାଇଛି। ଏହି ମାଞ୍ଜା ସୂତା ଯୋଗୁଁ ବିଗତ ବର୍ଷରେ ବାଲେଶ୍ୱରରେ ଅନେକ ଲୋକଙ୍କ ବେକ କଟିଛି। ଏଥିସହ ଜଣେ ନାବାଳକ ନହରପାଟଣାରେ ବାଇକରେ ବାପାଙ୍କ ସହ ଯାଉଥିବା ବେଳେ ବେକରେ ମାଞ୍ଜା ସୂତା ଲାଗି ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହୋଇଥିଲେ। କଟକଣା ସତ୍ତ୍ୱେ ମାଞ୍ଜା ସୂତାର ଅବାଧ ବିକ୍ରି ଚାଲିଛି। ଗତବର୍ଷ ଏହି ମାଞ୍ଜା ସୂତା ଆତଙ୍କ ସୃଷ୍ଟି ହୋଇଥଲା। ମାଞ୍ଜା ସୂତା ପାଇଁ କେବଳ ମଣିଷ ନୁହେଁ ବରଂ ପକ୍ଷୀମାନେ ବି ବିପଦରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପୌରପାଳିକା ତଥା ପ୍ରଶାସନ ପକ୍ଷରୁ ମାଞ୍ଜା/ପ୍ଲାଷ୍ଟିକ ସୂତା ଉପରେ କଟକଣା ଥିବାରୁ କୌଣସି ବ୍ୟବସାୟୀ ବିକ୍ରି ବା ରଖିଥିବାର ନଜରକୁ ଆସେ, ଏହାକୁ ପ୍ରଶାସନ ତରଫରୁ ଜବତ କରାଯିବା ଏବଂ ଜରିମାନା ଆଦାୟ ସହ ଆବଶ୍ୟକ ସ୍ଥଳେ ଦୋକାନକୁ ମଧ୍ୟ ସିଲ୍ କରାଯିବ ବୋଲି ସୂଚନା ଦିଆଯିବା ସହ ମାଇକ୍ ରେ ଘୋଷଣା କରାଯାଇଥିଲା।



ଏହାସତ୍ତ୍ୱେ ବ୍ୟବସାୟୀ ଦୋକାନରେ ରଖି ବିକୁନାହାନ୍ତି ହେଲେ କେଉଁଠି କିଏ ଲୁଚାଛପାରେ ବିକ୍ରି କରୁଛନ୍ତି ମାଞ୍ଜା ସୂତା। ଏହାକୁ ଧରିବା ପରେ ସାମଗ୍ରୀ ଜବତ ସହ ଜରିମାନା ଆଦାୟ କରାଯାଇଛି।ପୌରପାଳିକା ଟିମ୍ ପକ୍ଷରୁ ଏନେଇ ଯାଞ୍ଚ କରାଯାଉଛି। ବିଶେଷକରି ଅଧିକ ଗୁଡି ଓ ସୂତା ବିକ୍ରି ହେଉଥିବା ବଜାର ମୋତିଗଞ୍ଜ ଓ ନୂଆ ବଜାରରେ ଚଢାଉ ହୋଇଥିଲା। ମୋତିଗଞ୍ଜରେ ମାଞ୍ଜା ସୂତା ଜବତ ଏକ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି।

ଏହିପରି ଅନେକ ଦୋକାନରେ ବ୍ୟବସାୟୀ ଲୁଚାଛପାରେ ମାଞ୍ଜା ସୂତା ବିକ୍ରି କରୁଥିବା ଜଣାପଡ଼ିଛି। 'ଆଗ ଭଳି ମକର ୫ ଦିନ ଆଗରୁ ସୂତା କିଣି ମାଞ୍ଜା ଦେବା ଦେଖିବାକୁ ମିଳୁନାହିଁ। ଏବେ ବଜାରରେ ମିଳୁଥିବା ପ୍ଲାଷ୍ଟିକ ସୂତାର ଧାର ଏତେ ଶକ୍ତ ଯେ ରାସ୍ତାରେ ଗଲାବେଳେ କେତେବେଳେ କାହା ଦେହରେ ବାଜି ରକ୍ତାକ୍ତ ପରିସ୍ଥିତି ହେଉଛି ଜଣାନାହିଁ। କିଛି ଦିନ ତଳେ ମୁଁ ଏଭଳି ପରିସ୍ଥିତିକୁ ସାମ୍ନା କରିଛି। ଯାହା ହେଉ କ୍ଷତାକ୍ତରୁ ସାମାନ୍ୟ ବର୍ଞ୍ଚିଯାଇଛି। କହିବାକୁ ଆଗଭଳି ମାଞ୍ଜା ସୂତା ବ୍ୟବହାରର ପରିମାଣ କମିଛି। ହେଲେ ଏବେ ବି ପ୍ଲାଷ୍ଟିକ ସୂତା ବ୍ୟବହାର ରହିଛି ଯେଉଁଟା ସମାଜ ପାଇଁ ବିପଦଜନକ ବୋଲି ସମାଜସେବୀ ବାପି ରାଉତ କହିଛନ୍ତି।

## କୁରୁଡ଼ା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ବାଲେଶ୍ୱର, ୧୬।୧(ସମିସ): କୁରୁଡ଼ା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସକାଳ ଅଧିବେଶନକୁ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଉଦଘାଟନ କରିବା ସହ ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ଭାସ୍କର ଚନ୍ଦ୍ର ପଣ୍ଡା, ସାବିତ୍ରୀ ଜେନା, ଉତ୍କଳ ଶିକ୍ଷା ପରିଷଦର ସଭାପତି ବିମଳ ପ୍ରଭାତ ଦାସ, ଓକିଲ ସଂଘ ସଭାପତି ରଘୁନାଥ ପ୍ରଧାନ, ଭାରତୀୟ ତୈଳ ନିଗମର ମ୍ୟାନେଜର ବିମ୍?ାଧର ସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତିର ସଭାପତି ଶରତ କୁମାର ଜେନା ଓ ସମ୍ପାଦକ ମନୋଜ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ମହାନ୍ତି ପ୍ରାକ୍ କଥନ ଦେବା ସହିତ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ସଭାରେ ସମାଜସେବୀ ଦୟାନିଧି ବେହେରା ଏବଂ କ୍ରୀଡା କ୍ଷେତ୍ରରେ ଆନ୍ତର୍ଜାତୀୟ ମାନ୍ୟତା ପାଇଁ ଡମ୍ବରୁଧର ଚଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ନାଟ୍ୟ ନିର୍ଦ୍ଦେଶକ କେଶବ ଚନ୍ଦ୍ର ପୁହାଣ ଏବଂ ଲକ୍ଷ୍ମୀପ୍ରିୟା ବାରିକଙ୍କ ନିର୍ଦ୍ଦେଶନାରେ ନାଟକ 'ଡିସେମ୍ବର ୩୧' ମଞ୍ଚସ୍ଥ ହୋଇଥିଲା।

## ଆରମ୍ଭ ହେଲା କଞ୍ଚନିବାଗ ଚାମ୍ପିଅନ ଲିଗ୍

ବାଲେଶ୍ୱର, ୧୬।୧(ସମିସ): ବାଲେଶ୍ୱରସ୍ଥିତ ଇଶାଣୀ ପଡ଼ିଆ ଠାରେ ଆଜି ଠାରୁ ଆରମ୍ଭ ହୋଇଛି କଂଚନିବାଗ ଚାମ୍ପିଅନ ଲିଗ। ଏହି ମ୍ୟାଚ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି ଠାରୁ ଏହି ମ୍ୟାଚ ଆରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ କ୍ଲବର ସଭାପତି ସୁଶାନ୍ତ ଶତପଥିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଖେଳରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଭାଗିରଥୀ ମାଝୀ, ସମ୍ମାନିତ ଅତିଥି ଭାବେ ସେକ ଖଲିଦ ଓ ଭଗବାନ ଦାସ ଯୋଗଦେଇଥିଲେ।

ଉଦଘାଟନୀ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ମ୍ୟାଚ ସ୍କ୍ରିନ ୧୧ ଏବଂ ମନୀଷ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍କ୍ରିନ ୧୧ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ମୋଟ ୯୭ରନ କରିଥିଲା। ଜବାବରେ ମନୀଷା ଫାଇଟର ୮୬ରନ କରିବାକୁ ସମର୍ଥ ହୋଇଥିଲା।

ଏହି ମ୍ୟାଚରେ ଅଶୋକ ଦଳେଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ବର୍ଷା ୧୧ ଏବଂ ଭେଟରାନ ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭେଟରାନ୧୧ଦଳ ପ୍ରଥମେ ବ୍ୟାଟିଂ କରି ୧୦୯ରନ କରିଥିଲା। ଜବାବରେ ବର୍ଷା-୧୧ ମୋଟ ୫୨ରନ କରିବାକୁ ଅସମର୍ଥ ହୋଇଥିଲା। ଏହି ମ୍ୟାଚରେ ଅଭିଜିତ ସେଠୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା।

## ବିଏସ୍‌ପି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୬।୧(ସମିସ): ବହୁଜନ ସମାଜ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷା ମାୟାବତୀଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥାନୀୟ ଆମ୍ବେଦକର ଭବନ ଠାରେ ବରିଷ୍ଠ ନେତା ପ୍ରଫୁଲ୍ଲ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରୀନେତ୍ରୀ ମିନତୀ ଜେନା ଯୋଗଦେଇଥିଲେ। ବିଏସପି ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀ, ସାଧୁଚରଣ ମଲ୍ଲିକ, ପ୍ରହ୍ଲାଦ ଦାସ, ନିରଞ୍ଜନ ମହାଳିକ, ଗଗନ ପାତ୍ର, ମନୋରଞ୍ଜନ ମହାଳିକ, ଉପେନ୍ଦ୍ର ଦାସ, କୈଳାସ ଦାସ, ଅନନ୍ତ ମଣ୍ଡଳ, ଭୋଳାନାଥ ବେହେରା, ଦିଲ୍ଲୀପ ମାଝୀ ଓ ନାରୀନେତ୍ରୀ ଆରତି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହ ଅବସରରେ ଆର୍ଥିକ ଦୁର୍ବଳଲୋକଙ୍କୁ ଶୀତବସ୍ତ୍ର ବର୍ଣ୍ଟନ କରାଯାଇଥିଲା




# ଏଫ୍‌ଏମ୍‌ୟୁରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା




ବାଲେଶ୍ୱର, ୧୬।୧(ସମିସ)

ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଆନୁକୂଲ୍ୟରେ ଆଜି ୨୨ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ତଥା କ୍ରୀଡ଼ା କମିଟିର ପ୍ରଫେସର ପ୍ରେସିଡେଣ୍ଟ ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ପବିତ୍ର ମୋହନ ନାୟକ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ଼କ୍ଟର ନିହାର ରଞ୍ଜନ ରାଉତ ପ୍ରମୁଖ ଉଦଘାଟନୀ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ସାହଜନକ ଉଦବୋଧନ ଦେଇଥିଲେ। କ୍ରୀଡ଼ା କମିଟିର ଭାଇସ ପ୍ରେସିଡେଣ୍ଟ ଡ଼କ୍ଟର ସଚ୍ଚିଦାନନ୍ଦ ସା କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପାଠ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟ ପି.ଇ.ଓ ସଂଗ୍ରାମ ବିଶୋଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ନେଇ ଏକ ସାମୂହିକ ଶପଥ ପାଠ କରାଇଥିଲେ। ପ୍ରତିଯୋଗିତାକୁ ଯଥାକ୍ରମେ, ଆଥଲେଟିକ ଇଭେଣ୍ଟ, ଆଉଟଡୋର ଓ ଇନଡୋର ଖେଳ ଭାବେ ତିନୋଟି ବର୍ଗରେ (ପୁରୁଷ ଓ ମହିଳା) ବିଭକ୍ତ କରାଯାଇଛି। ଦୌଡ, ସଟପୁଟ୍, ଡିସ୍କସ, ଜେଭେଲିନ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, କ୍ରିକେଟ, ଭଲିବଲ, କବାଡ଼ି, କ୍ୟାରମ, ଚେସ୍, ବ୍ୟାଡ଼ମିଟନ, ଟେବୁଲଟେନିସ ଆଦି ଖେଳକୁ ଏହି ତିନୋଟି ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଥମ ଦିନରେ ସମସ୍ତ ଆଥଲେଟିକ ଖେଳଗୁଡ଼ିକ ଖେଳାଯିବାର ସୂଚନା ପ୍ରଦାନ କରାଯାଇଛି। ପ୍ରତିଯୋଗିତାରେ ମୋଟ ୪୦୫ ଜଣ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ପ୍ରଫେସର ଅରୁଣ କୁମାର ନାୟକ ସଞ୍ଚାଳନ କରିଥିଲେ ଓ ଆସିଷ୍ଟାଣ୍ଟ ପ୍ରଫେସର ଅଭୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଧରସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ବାଲେଶ୍ୱର, ୧୬।୧(ସମିସ): ମୟୂରଗ୍ରାମ ଶ୍ରୀଧର ସ୍ୱାମୀ ଗୁରୁକୂଳ ଶିକ୍ଷାକେନ୍ଦ୍ରର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜଗବନ୍ଧୁ ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳରାମ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବଡ଼ପାଳ ସରପଞ୍ଚ ଇଂ. କମଳ ଲୋଚନ ପଣ୍ଡା, କାକବୋରାଇ କ୍ଲଷ୍ଟର ସିଆରସିସି ରମେଶ ଚନ୍ଦ୍ର ଖଣ୍ଡା, ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି ସମାଜରେ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭବାନୀ ଶଙ୍କର ପତି ମଙ୍ଗଳାଷ୍ଟକ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ରଞ୍ଜୁ ଗୁରୁମା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣର ଷ୍ଟଲ୍ ଉଦ୍‌ଘାଟିତ

ବାଲେଶ୍ୱର, ୧୬।୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ତରଫରୁ ଜିଲ୍ଲା ସ୍ତରୀୟ କୋଶମ୍ବ ମେଳାରେ ଏକ ଷ୍ଟଲ୍ ଉଦଘାଟିତ ହୋଇଅଛି। ଏହି ଷ୍ଟଲ୍‌କୁ ଜିଲ୍ଲା ଏବଂ ଦୌରାଜଜ୍ ବାଲେଶ୍ୱର ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍?ର ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍, ପ୍ୟାନେଲ ଲୟର ଏବଂ ପାରାଲିଗାଲ୍ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଷ୍ଟଲ୍ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ଏହି ଷ୍ଟଲ୍ ରେ ନିୟୋଜିତ ହୋଇଥିବା ପାରାଲିଗାଲ୍ ସ୍ୱେଚ୍ଛାସେବୀମାନେ ଜାତୀୟ ଆଇନସେବା ପ୍ରାଧିକରଣର ବିଭିନ୍ନ ଯୋଜନା, ଟୋଲ୍ ଫ୍ରି ନମ୍ବର-୧୫୧୦୦ ଏବଂ ନିଃଶୁଳ୍କ ଆଇନସେବା ସମ୍ପର୍କିତ ବିଭିନ୍ନ ଲୋକଭିମୁଖୀ ଯୋଜନା ବାବଦରେ ଜନସାଧାରଣଙ୍କୁ ସଚେତନ କରାଇବେ।











# ଗୁଜରାଟରେ ଗୁଡ଼ି ଆତଙ୍କ: ୧୫ ମୃତ; ୨୦୦ ଆହତ

**ଅକାଳରେ ଜୀବନ ନେଉଛି ମାଞ୍ଜା ସୂତା**

ଅହମଦାବାଦ, ୧୬।୧ (ଏଜେନ୍ସି): ଗୁଜରାଟରେ ମକର ସଂକ୍ରାନ୍ତି ଅବସରରେ ଗୁଡ଼ି ଉଡ଼ା ଯାଇଛି। ମାତ୍ର ଏହି ଗୁଡି ଖୁସି ପରିବର୍ତ୍ତେ ଦୁଃଖ ଦେଇଯାଇଛି। ବିଭିନ୍ନ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଗୁଡ଼ି ଉଡ଼ାଇବା ଜନିତ ଅଘଟଣରେ ରାଜ୍ୟରେ ୧୫ ଜଣଙ୍କ ମୃତ୍ୟୁ ହୋଇଛି। ୨୦୦ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ତିନିରୁ ୫ ବର୍ଷର ୨ ଶିଶୁ ସାମିଲ ଅଛନ୍ତି। ମାଞ୍ଜା ସୂତା ପାଇଁ ଅଧିକାଂଶ ମୃତାହତ ହୋଇଛନ୍ତି। ଏହି ସୂତା ପାଇଁ ଗାନ୍ଧୀଧାମରେ ୧୦ ମାସର ଶିଶୁ ଗୁରୁତର ଆହତ ହୋଇଛି।

ସୂଚନା ଅନୁଯାୟୀ ସୌରାଷ୍ଟ୍ର-କଚ୍ଛରେ ୬ ଜଣ, ମଧ୍ୟ ଗୁଜରାଟରେ ୬ ଜଣ ଲେଖାଏଁ, ଅହମଦାବାଦ, ଭରୁଚ, ଅରାବଳିରେ ଜଣେ ଲେଖାଏଁ ମୃତ୍ୟୁବରଣ କରିଛନ୍ତି। ହାଲୋଲର ରାହଟଲାଭ ଗାଁର ପରେଶଭାଇ ନିଜ ୫ ବର୍ଷୀୟ ପୁଅ କୁନାଲକୁ ଗାଡ଼ିରେ ନେଇ ଯାଉଥିବାବେଳେ ଅଚାନକ ଶିଶୁ ବେକରେ ମାଞ୍ଜା ସୂତା ଲାଗି ଯାଇଥିଲା। ଏଥିରେ ଶିଶୁର ବେକ କଟି ଯାଇଥିଲା। ହସ୍ପିଟାଲରେ ଭର୍ତ୍ତି କରିବାର କିଛି ସମୟ ପରେ କୁନାଲର ମୃତ୍ୟୁ ହୋଇଥିଲା। ରିପୋର୍ଟ ଅନୁଯାୟୀ ମଙ୍ଗଳବାର ରାତି ସୁଦ୍ଧା ୧୦୮ ନମ୍ବରକୁ ୪୯୫୬ଟି ଜରୁରୀକାଳୀନ କଲ୍ ଆସିଥିଲା। ଏଥିରେ ଅଧିକାଂଶ ଗୁଡିର ସୂତା କଟି ଆହତ ହୋଇଥିବା ମାମଲା ଥିଲା। ଏହି ସୂତା ଦ୍ୱାରା ପକ୍ଷୀଙ୍କ ମଧ୍ୟ ମୃତ୍ୟୁ ହେଉଛି। ତେବେ ଲୋକଙ୍କୁ ଏହି ମାଞ୍ଜାରୁ ବଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ଅନେକ ପ୍ରସ୍ତୁତି କରାଯାଇଥିଲା। ଗାଡ଼ିରେ ସୁରକ୍ଷା କବଚ ଲଗା ଯାଇଥିଲା। କିନ୍ତୁ ଏହା କୌଣସି ପ୍ରଭାବ ପକାଇ ପାରିନାହିଁ। ଗତ ୫ ଦିନରେ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ଅନ୍ତର୍ଜାତୀୟ ବିମାନବନ୍ଦର ପରିସର ଭିତରକୁ ୭ ହଜାର ଗୁଡି ପହଞ୍ଚି ଗଲାଣି।

## ୨୧ରେ ଦିଲ୍ଲୀ ଅଭିମୁଖେ ଚାଷୀଙ୍କ ପଦଯାତ୍ରା

ପଟିୟାଲା, ୧୬।୧ (ଏଜେନ୍ସି): ହରିୟାଣା-ପଞ୍ଜାବର ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀ ୨୧ ତାରିଖରେ ଦିଲ୍ଲୀ ଅଭିମୁଖେ ପଦଯାତ୍ରା କରିବାକୁ ଘୋଷଣା କରିଛନ୍ତି। ଏହି ଯାତ୍ରାରେ ୧୦୧ ଚାଷୀ ସାମିଲ ହେବେ ବୋଲି କୃଷକ ନେତା ଶରୱନ ପନ୍ଧେର କହିଛନ୍ତି। କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଆଲୋଚନା ପାଇଁ ଡାକି ନାହାନ୍ତି। ତେଣୁ ଆନ୍ଦୋଳନକୁ ଜୋରଦାର କରାଯିବ। ଏହା ସହିତ ପନ୍ଧେର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଚେତାବନୀ ଦେଇଛନ୍ତି। ମୋଦୀଙ୍କ ସମୟରେ ହିଁ ଦେଶରେ ଏମ୍‌ଏସ୍ପି ଗ୍ୟାରେଣ୍ଟିର ଆଇନ ଅଣାଯିବ। ଚାଷୀଙ୍କ ସବୁ ଦାବି ଦେଶହିତରେ ରହିଛି। ଏହାକୁ କାର୍ଯ୍ୟକାରୀ କରାଯିବ। ସେହିପରି ପନ୍ଧେର ୨୦୨୨ ଜାନୁଆରୀ ୫ରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ତ୍ରୁଟି ମାମଲା ଉଠାଇଛନ୍ତି। ଏହାକୁ ନେଇ କେନ୍ଦ୍ର ଚାପରେ ପଞ୍ଜାବ ସରକାର ୨୫ ଚାଷୀଙ୍କୁ ସମନ ଜାରି କରିଥିବା ଅଭିଯୋଗ କରିଛନ୍ତି। ଏଥିରେ ହତ୍ୟା ଉଦ୍ୟମ ମାମଲା ଯୋଡ଼ା ଯାଇଛି। ଚାଷୀ ନେତା ଏହାକୁ ବିରୋଧ କରିଛନ୍ତି। ଏହା ପୂର୍ବରୁ ଚାଷୀ ଡିସେମ୍ବରରେ ତିନି ଥର ଦିଲ୍ଲୀ ଯାତ୍ରା କରିବାକୁ ଚାଷୀ ପ୍ରୟାସ କରିଥିଲେ। ମାତ୍ର ତିନି ଥର ଯାକ ଚାଷୀଙ୍କୁ ହରିୟାଣା ପୁଲିସ ଅଟକାଇ ଦେଇଥିଲା।

## ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ବିନୋଦ ଚନ୍ଦ୍ରନ

ନୂଆଦିଲ୍ଲୀ,୧୬।୧(ଏଜେନ୍ସି): ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନ ଗୁରୁବାର ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ନେଇଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଜଷ୍ଟିସ୍ ଚନ୍ଦ୍ରନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିସ ପରେ ଗତ ସୋମବାର କେନ୍ଦ୍ର ସରକାର ଜଷ୍ଟିସ୍ ଚନ୍ଦ୍ରନଙ୍କ ନିଯୁକ୍ତି ପାଇଁ ଅନୁମୋଦନ ଦେଇଥିଲେ।

# ପୁଞ୍ଜିପତିଙ୍କ ହାତକୁ ଚାଲିଯିବ ଶାସନ

## ବିଦାୟୀ ଭାଷଣରେ ସତର୍କ କରାଇଲେ ବାଇଡେନ



ୱାଶିଂଟନ୍,୧୬।୧(ଏଜେନ୍ସି): ଆମେରିକାରେ ଜୋ ବାଇଡେନ ଶାସନକାଳ ଶେଷ ହେବାକୁ ଯାଉଛି। ଗୋଟିଏ ପଟେ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ୨୦ ତାରିଖରେ ଶପଥ ନେବାକୁ ଯାଉଥିଲା ବେଳେ ଅନ୍ୟପଟେ ଆଉ ମାତ୍ର ୩ ଦିନ ପରେ ରାଷ୍ଟ୍ରପତି ବାଇଡେନ ହ୍ୱାଇଟ ହାଉସ ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଜୋ ବାଇଡେନ ଗୁରୁବାର ଦେଶବାସୀଙ୍କୁ ସମ୍ବୋଧିତ କରି ତାଙ୍କର ଶେଷ ଅଭିଭାଷଣ ରଖିଛନ୍ତି। ତାଙ୍କ ବାର୍ତ୍ତାରେ ସେ ଆମେରିକାବାସୀଙ୍କୁ ସତର୍କ କରିବା ସହିତ ଦେଶର ଶାସନତନ୍ତ୍ର ଏବେ କିଛି ନିର୍ଦ୍ଦିଷ୍ଟ ପୁଞ୍ଜିପତିଙ୍କ ହାତକୁ ଚାଲିଯିବାକୁ ବସିଛି ବୋଲି କହିଛନ୍ତି। ଯାହାକି ଆମେରିକାର ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିବାକୁ ଯାଉଛି। ଯଦି ସେମାନଙ୍କ ହାତରେ ଦେଶର ଶାସନତନ୍ତ୍ରକୁ ମୁକ୍ତ ଭାବେ ଛାଡି ଦିଆଯାଏ ତେବେ ଆଗାମୀ ଦିନରେ ଆମକୁ ଏହାର ଭୟଙ୍କର ପରିଣତି ଭୋଗିବାକୁ ପଡ଼ିବ ବୋଲି ବାଇଡେନ କହିଛନ୍ତି।

ରାଷ୍ଟ୍ରପତି ବାଇଡେନ ଏଭଳି କହିବା ସମୟରେ କୌଣସି ପୁଞ୍ଜିପତି କିମ୍ବା ବିତ୍ତଶାଳୀ ବ୍ୟକ୍ତି ବିଶେଷଙ୍କ ନାଁ ନେଇ ନଥିଲେ ମଧ୍ୟ ସେ ପରୋକ୍ଷରେ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅତ୍ୟନ୍ତ ଘନିଷ୍ଠ ଏଲନ ମସ୍କ (ଟେସଲା/ଏକ୍ସ)ଙ୍କ ସମେତ ମାର୍କ ଜୁକରବର୍ଗ (ଫେସ୍ବୁକ୍/ମେଟା), ସୁନ୍ଦର ପିଚାଇ ( ଆଲଫାବେଟ୍/ଗୁଗଲ), ଜେଫ୍ ବେଜୋସ୍(ଆମାଜନ୍), ଟିମ୍ କୁକ୍( ଆପଲ୍), ମାର୍କ ଆନ୍ଡ୍ରିସେନ (ଭେଞ୍ଚର କ୍ୟାପିଟାଲିଷ୍ଟ)ଙ୍କ ଭଳି ଆମେରିକାର ପ୍ରତିପତ୍ତିଶୀଳ ଉଦ୍ୟୋଗପତିଙ୍କ ନାମକୁ ସୂଚାଇଥିଲେ। ଏଭଳି ଶହ ଶହ ବିତ୍ତଶାଳୀ ଉଦ୍ୟୋଗପତି ଏବେ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବକୁ ଅପେକ୍ଷା କରିଥିଲା ବେଳେ ଆଗାମୀ ଦିନରେ ସେମାନେ ହିଁ ଶାସନତନ୍ତ୍ରକୁ ନିୟନ୍ତ୍ରଣ କରିବେ ବୋଲି ବାଇଡେନ କହିଥିଲେ। କିନ୍ତୁ ଏହାଦ୍ୱାରା ଆମେରିକା ଭଳି ବିଶ୍ୱର ଏକ ପ୍ରମୁଖ ଗଣତନ୍ତ୍ର ବ୍ୟବସ୍ଥା ପ୍ରତି ଘୋର ବିପଦ ସୃଷ୍ଟି ହେବ ବୋଲି ବାଇଡେନ ଦେଶବାସୀଙ୍କୁ ନିଜ ଅଭିଭାଷଣରେ ଚେତାଇ ଦେଇଥିଲେ। ସାଂପ୍ରତିକ ସ୍ଥିତିରେ ବିଭିନ୍ନ କ୍ଷେତ୍ରରେ ଆମେରିକାବାସୀଙ୍କୁ ପ୍ରତାରିତ କରାଯାଉଛି। ମିଥ୍ୟା ଏବଂ ଭୁଲ ସୂଚନାର ପ୍ରସାର ଏଭଳି ବଢିଯାଇଛି ଯେ ଆମେରିକାବାସୀ ଏହା ତଳେ ପୋତି ହୋଇଗଲା ଭଳି ସ୍ଥିତି ସୃଷ୍ଟି ହୋଇଥିବା ବାଇଡେନ କହିଛନ୍ତି।

## ଟ୍ରମ୍ପଙ୍କ ପ୍ରଭାବ ! | ରାଜନୀତିରୁ ସନ୍ନ୍ୟାସ ନେବେ ଟ୍ରୁଡୋ



**ରାଜନୀତି ପରଜୀବନ କେମିତି କଟିବ ଜାଣେନି**

ଓଟାୱା,୧୬।୧(ଏଜେନ୍ସି): କାନାଡା ରାଜନୀତିରେ ଏବେ ଘଡ଼ିକେ ଘୋଡା ଛୁଟୁଛି। ଚଳିତ ବର୍ଷ ଅକ୍ଟୋବରରେ ଏଠାରେ ସାଧାରଣ ନିର୍ବାଚନ ହେବାକୁ ଥିଲା ବେଳେ ଏହାପୂର୍ବରୁ ଏଠାକାର ରାଜନୈତିକ ଦୃଶ୍ୟପଟ୍ଟରେ ଅନେକ ପରିବର୍ତ୍ତନର ସଙ୍କେତ ମିଳିଛି। ଗତ ସପ୍ତାହରେ ଜଷ୍ଟିନ ଟ୍ରୁଡୋ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହିତ ଲିବରାଲ ପାର୍ଟିର ସର୍ବୋଚ୍ଚ ନେତା ପଦବୀରୁ ମଧ୍ୟ ଇସ୍ତଫା ଦେବାକୁ ଘୋଷଣା କରିଥିଲେ। କିନ୍ତୁ ଟ୍ରୁଡୋ ଗୁରୁବାର ଯାହା ଘୋଷଣା କରିଛନ୍ତି ତାହା ଆଗାମୀ ଦିନରେ କାନାଡା ରାଜନୀତିରେ ଅନେକ ପରିବର୍ତ୍ତନ ଆଣିବାର ସଙ୍କେତ ଦେଇଛି। ଟ୍ରୁଡୋ ଆଗାମୀ ନିର୍ବାଚନ ଲଢିବେ ନାହିଁ ଏବଂ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ଘୋଷଣା କରିଛନ୍ତି। ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନ କରିବାକୁ ସେ ବ୍ୟକ୍ତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି। ଏପରିକି ରାଜନୀତି ମଧ୍ୟ କରିବେ ନାହିଁ। ତେବେ ରାଜନୀତି ଛାଡିବା ପରେ ବାକି ଜୀବନ କିଭଳି କଟାଇବେ ତାହା ସେ ଚିନ୍ତା କରିନାହାନ୍ତି ବୋଲି କହିଛନ୍ତି। ସେ କହିଛନ୍ତି, ବିଗତ ୯ ବର୍ଷ ଧରି ସେ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଆସିଛନ୍ତି। ତାଙ୍କୁ କାନାଡାବାସୀ ଯେଉଁ ଉଦ୍ଦେଶ୍ୟରେ ଏଠାକୁ ପଠାଇଥିଲେ ତାହାକୁ ସେ ଅତ୍ୟନ୍ତ ଗୁରୁତ୍ୱ ଦେଇ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଦଳର ରାଜନୈତିକ ବିଚାରଧାରା ଭିନ୍ନ ରହିଥାଏପାରେ । କିନ୍ତୁ କାନାଡାବାସୀଙ୍କ ଚାହିଦା ଏବଂ ସ୍ୱାର୍ଥରକ୍ଷା ପାଇଁ ଯାହା ଦରକାର ତାହାକୁ ସେ ଅଗ୍ରାଧିକାର ଦେଇ କାର୍ଯ୍ୟ କରିଥିବା କହିଛନ୍ତି।

ତେବେ ଟ୍ରୁଡୋଙ୍କ ଏଭଳି ଅପ୍ରତ୍ୟାଶିତ ନିଷ୍ପତ୍ତିକୁ ନେଇ କାନାଡା ରାଜନୀତି ଆହୁରି ସରଗରମ ହୋଇପଡ଼ିଛି। ବିଗତ ଦିନରେ ବିଭିନ୍ନ କ୍ଷେତ୍ରରେ ଟ୍ରୁଡୋ ସରକାରଙ୍କ ନୀତି ଓ ଆଭିମୁଖ୍ୟକୁ ନେଇ କାନାଡା ନାନା ଦିଗରେ ଆନ୍ତର୍ଜାତିକ ସ୍ତରରେ ଅପମାନିତ ହେବା ପରେ ଟ୍ରୁଡୋଙ୍କ ବିରୋଧରେ କେବଳ ବିରୋଧୀ ଦଳ ନୁହନ୍ତି, ବରଂ ନିଜ ଦଳର ନେତାଙ୍କ ମଧ୍ୟ ଅସନ୍ତୋଷ ବଢିଥିଲା। ସ୍ଥିତି ଏଭଳି ହୋଇଥିଲା ଯେ ନିଜ ଦଳୀୟ ନେତାଙ୍କ ଚାପରେ ଟ୍ରୁଡୋ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। କିନ୍ତୁ କାନାଡାର ଏକ ପ୍ରମୁଖ ଏବଂ ଶାସକ ଦଳ ଭାବେ ଲିବରାଲ ପାର୍ଟିରୁ ସେ ନିର୍ବାଚନ ନ ଲଢିବା ଏବଂ ରାଜନୀତିରୁ ସନ୍ନ୍ୟାସ ନେବା ଅନ୍ୟ ଦଳ ପାଇଁ ସୁଯୋଗ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଟ୍ରୁଡୋଙ୍କ ଏଭଳି ନିଷ୍ପତ୍ତି ପଛରେ କି କାରଣ ଥାଇପାରେ , ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି।

ଏଭଳି ନିଷ୍ପତ୍ତି ଘୋଷଣା କରି ଟ୍ରୁଡୋ ଆଗାମୀ ନିର୍ବାଚନ ପାଇଁ ଲୋକଙ୍କ ଅନୁକମ୍ପା ଲାଭ ପାଇବାକୁ ମସୁଧା କରିଛନ୍ତି ବୋଲି କେହି କହୁଥିଲା ବେଳେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ନେଇ ଆଗାମୀ ଦିନରେ କାନାଡାରେ ବଡ଼ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ଥିବାରୁ ଟ୍ରୁଡୋ ତା' ପୂର୍ବରୁ ରାଜନୀତି ଛାଡିବାକୁ ପ୍ରସ୍ତୁତ ହୋଇଥିବା ଅନ୍ୟ କିଛି ମହଲରେ ଚର୍ଚ୍ଚା ହେଉଛି।

**ପୁଣି ଇତିହାସ ରଚିଲା ଇସ୍ରୋ**

## ମହାକାଶରେ 'ସ୍ପେଶ୍ ଡକିଂ' ସଫଳ



ନୂଆଦିଲ୍ଲୀ,୧୬।୧(ଏଜେନ୍ସି): ମହାକାଶ ଗବେଷଣା କ୍ଷେତ୍ରରେ ପୁଣି ଏକ ନୂଆ ଫର୍ଦ୍ଦ ଯୋଡି ଐତିହାସିକ ସଫଳତା ହାସଲ କରିଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)। ମହାକାଶରେ ପ୍ରଥମ ଥର ପାଇଁ ଇସ୍ରୋ ଦୁଇଟି ଉପଗ୍ରହକୁ ଯୋଡି(ସ୍ପେଶ୍ ଡକିଂ) ଏହି ସଫଳତା ହାସଲ କରିଛି। ଏହାଦ୍ୱାରା ସ୍ପେଶ ଡକିଂ କ୍ଷେତ୍ରରେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ହେବାର ଗୌରବ ଅର୍ଜନ କରିଛି। ଏହାପୂର୍ବରୁ ଆମେରିକା, ରୁଷିଆ ଏବଂ ଚୀନ କେବଳ ଏଭଳି ସଫଳତା ପାଇଥିଲେ । ଗୁରୁବାର ସକାଳ ୯ଟା ବେଳେ ଇସ୍ରୋ ଦ୍ୱାରା ମହାକାଶକୁ ପ୍ରେରଣ କରାଯାଇଥିବା ' ଟାର୍ଗେଟ୍' ଏବଂ 'ଚେଜର୍' ନାମକ ଦୁଇ ଉପଗ୍ରହ ପରସ୍ପର ସହ ଯୋଡି ହୋଇଛନ୍ତି। ଏହାଦ୍ୱାରା ଇସ୍ରୋ ପକ୍ଷରୁ ମହାକାଶରେ ସ୍ପେଶ୍ ଡକିଂ ପରୀକ୍ଷଣକୁ ପାଇଁ କରାଯାଇଥିବା ସ୍ପେଡେକ୍ସ ମିଶନ ଐତିହାସିକ ସଫଳତା ହାସଲ କରିଛି। ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ନିଜସ୍ୱ ଜ୍ଞାନ କୌଶଳରେ ଇସ୍ରୋ ଏହି ମିଶନ କାର୍ଯ୍ୟକାରୀ କରି ଏଭଳି ସଫଳତା ହାସଲ କରିଛି। ଏହି ସଫଳତାକୁ ନେଇ ଭାରତ ଆଗାମୀ ଦିନରେ ମହାକାଶ ଗବେଷଣାକୁ ନେଇ ଆନ୍ତର୍ଜାତିକ ବଜାରରେ ନିଜର ପ୍ରଭାବ ବିସ୍ତାର କରିବା ସହିତ କ୍ଷେତ୍ରରେ ହେଉଥିବା ପ୍ରାୟ ୪୦୦ ବିଲିୟନ ଡଲାର ବଜାରର ଅଧିକାଂଶ ଅଂଶ ହାତେଇବାକୁ ସୁଯୋଗ ପାଇବ ବୋଲି କୁହାଯାଇଛି। ଭାରତ ନିଜସ୍ୱ କୌଶଳରେ ସ୍ପେଶ ଡକିଂରେ ସଫଳ ହୋଇଥିବାରୁ ଏହି ଜ୍ଞାନକୌଶଳ ଉପଗ୍ରହ ମରାମତି, ସ୍ପେଶ ଷ୍ଟେସନ ଅପରେସନ, ଆନ୍ତଃଗ୍ରହ ମିଶନ ଆଦି ପାଇଁ ଆଗାମୀ ଦିନରେ ଖୋରାକ୍ ଯୋଗାଇବ ବୋଲି କୁହାଯାଇଛି। ଏହାଛଡ଼ା ମହାକାଶରେ ସ୍ପେଶ ଷ୍ଟେସନ ନିର୍ମାଣ ପାଇଁ ସ୍ପେଶ ଡକିଂ ସବୁଠୁ ଜରୁରୀ । ଏହାଦ୍ୱାରା ମହକାଶକୁ ବିଭିନ୍ନ ସରଞ୍ଜାମ ଏବଂ ଉପକରଣ ନିଆଯାଇ ସେଠାରେ ସ୍ପେଶ ଷ୍ଟେସନ ନିର୍ମାଣ କରାଯାଇପାରିବ। ଇସ୍ରୋର ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପେଡେକ୍ସ ମିଶନର ସମସ୍ତ ବୈଜ୍ଞାନିକଙ୍କୁ ବଧେଇ ଜଣାଇଛନ୍ତି।

## ଇସ୍ରାଏଲ-ଗାଜା ଯୁଦ୍ଧ ବିରତି ପ୍ରସ୍ତାବକୁ ନେଇ ପୁଣି ଦ୍ୱନ୍ଦ୍ୱ

ତେଲ ଆଭିଭ୍,୧୬।୧(ଏଜେନ୍ସି): ହମାସ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିରତି ଚୁକ୍ତି ସ୍ୱାକ୍ଷର ପାଇଁ ସବୁକିଛି ଶେଷ ହୋଇଛି ଏବଂ ହମାସ ପ୍ରଥମ ପର୍ଯ୍ୟାୟରେ ୩୩ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିବା ଖବର ବିଭିନ୍ନ ମହଲକୁ ଆଶ୍ୱସ୍ତ କରିଥିଲା। କିନ୍ତୁ ଏହି ବିଷୟକୁ କିଛି ଘଣ୍ଟା ନ ପୂରୁଣୁ ଯୁଦ୍ଧ ବିରତି ପ୍ରସ୍ତାବ ସ୍ୱାକ୍ଷର ହେବା ନେଇ ଦ୍ୱନ୍ଦ୍ୱ ଉପୁଜିଛି ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଗୁରୁବାର କହିଛନ୍ତି। ଶେଷ ମୁହୂର୍ତ୍ତରେ ହମାସ ସ୍ଥିତି ବିଗାଡୁଛି ବୋଲି ନେତନ୍ୟାହୁ କହିଛନ୍ତି। ବିଶେଷକରି ମଧ୍ୟସ୍ଥିମାନଙ୍କ ଜରିଆରେ ଯୁଦ୍ଧବିରତି ପାଇଁ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯେଉଁସବୁ ସର୍ତ୍ତ ରଖାଯାଇଥିଲା ସେଥିରେ ହମାସ ଆହୁରି କିଛି ସୁବିଧା କିମ୍ବା ରିଆତି ପାଇବାକୁ ଦାବି କରୁଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ବିଷୟକୁ ହମାସ ପକ୍ଷରୁ ଅସ୍ୱୀକାର କରାଯାଇଛି। ମଧ୍ୟସ୍ଥିମାନଙ୍କ ଦ୍ୱାରା ବୁଧବାର ଯେଉଁସବୁ ସର୍ତ୍ତ ରଖାଯାଇଥିଲା ତାହାକୁ ମାନି ନେବାକୁ ହମାସ ପ୍ରସ୍ତୁତ ରହିଛି ଏବଂ ଯୁଦ୍ଧ ବିରତି ପ୍ରସ୍ତାବ ସ୍ୱାକ୍ଷର ହେବା ଦିଗରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିନାହିଁ ବୋଲି ଏହାର ଜଣେ ପ୍ରମୁଖ ନେତା କହିଛନ୍ତି। କିନ୍ତୁ ନିର୍ଦ୍ଧାରିତ ସର୍ତ୍ତ ଅନୁସାରେ ହମାସ ଶେଷ ନିଷ୍ପତ୍ତି ନ ନେବା ଯାଏ ଇସ୍ରାଏଲ କ୍ୟାବିନେଟଥ ଏହି ଯୁଦ୍ଧ ବିରତି ପ୍ରସ୍ତାବକୁ ଅନୁମୋଦନ ଦେବ ନାହିଁ ବୋଲି ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି।

**ଜମ୍ମୁ-କାଶ୍ମୀରରେ ବ୍ୟାପିଚାଲିଛି ଅଜଣା ରୋଗ**

## ପ୍ରାଣ ହରାଇଲେଣି ୧୫ ଶିଶୁ

ଶ୍ରୀନଗର, ୧୬।୧ (ଏଜେନ୍ସି): ଜମ୍ମୁ-କଶ୍ମୀର ରାଜୌରି ଜିଲ୍ଲାରେ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଏହା ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ଏ ପର୍ଯ୍ୟନ୍ତ ଡାକ୍ତର ରୋଗ କ'ଣ ଜାଣିପାରି ନ ଥିବାବେଳେ ବୁଧବାର ରାତି ବଧାଲ ଗ୍ରାମରେ ଆଉ ଜଣେ ଶିଶୁର ମୃତ୍ୟୁ ହୋଇଛି। ଏଥିସହିତ ଏହି ଅଜଣା ରୋଗ ୧୫ ଜଣଙ୍କ ଜୀବନ ନେଲାଣି। ମୃତକଙ୍କ ମଧ୍ୟରେ ୧୨ ଶିଶୁ ସାମିଲ ଅଛନ୍ତି। ଏବେ ଜମ୍ମୁ-କଶ୍ମୀର ପୁଲିସ ମାମଲାର ତଦନ୍ତ ଲାଗି ଏସ୍‌ଆଇଟି ଗଠନ କରିଛି। ସୂଚନା ଅନୁଯାୟୀ ଗତ ଡିସେମ୍ବର ୭ ରୁ ୧୬ ମଧ୍ୟରେ ବଧାଲ ଗ୍ରାମର ୨ ପରିବାରରେ ୯ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ଗତ ୧୧ ତାରିଖରେ ମହମ୍ମଦ ଅସଲମଙ୍କ ୬ ଶିଶୁଙ୍କୁ ଜ୍ୱର ହୋଇଥିଲା। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ହେଲାଣି। ଜମ୍ମୁ-କଶ୍ମୀର ସ୍ୱାସ୍ଥ୍ୟମନ୍ତ୍ରୀ ସକିନା ମସୁଦ ଏହା କୌଣସି ରହସ୍ୟଜନକ ରୋଗ ନୁହେଁ ବୋଲି କହିଛନ୍ତି। କ୍ଷେତ୍ରର ବାହାରେ ଏବଂ ଭିତରେ କରାଯାଇଥିବା ସବୁ ଯାଞ୍ଚ ରିପୋର୍ଟ ନେଗେଟିଭ ଆସିଥିବା ସେ ସୂଚନା ଦେଇଛନ୍ତି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମ୍ପୂର୍ଣ୍ଣ ଯାଞ୍ଚ ହେବା ଜରୁରୀ। ଯଦି କୌଣସି ରୋଗ ଯୋଗୁ ମୃତ୍ୟୁ ହୋଇଥାନ୍ତା ତେବେ ଏହା ତିନୋଟି ପରିବାର ମଧ୍ୟରେ ସୀମିତ ରହି ନ ଥାଆନ୍ତା। ତେବେ କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ମୃତକଙ୍କ ନମୁନାରେ ନ୍ୟୁରୋଟକ୍ସିନ ଥିବା କହିଛନ୍ତି। ଏବେ ମୃତକଙ୍କ ଫରେନସିକ ରିପୋର୍ଟକୁ ଅପେକ୍ଷା କରାଯାଇଛି।

**ସୁପ୍ରିମକୋର୍ଟରେ କୋଇଲା ଦୁର୍ନୀତି ମାମଲା**

## ଶୁଣାଣିରୁ ଓହରିଲେ ଜଷ୍ଟିସ ବିଶ୍ୱନାଥନ

ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): କୋଇଲା ଦୁର୍ନୀତି ମାମଲାର ଶୁଣାଣିରୁ ସୁପ୍ରିମକୋର୍ଟ ବିଚାରପତି କେଭି ବିଶ୍ୱନାଥନ ଓହରି ଯାଇଛନ୍ତି। ସେ ପୂର୍ବରୁ ଓକିଲ ଭାବେ ଏହି ମାମଲା ଲଢ଼ିଥିଲେ। ତେଣୁ ଶୁଣାଣିରୁ ନିଜକୁ ଅଲଗା କରିଦେଇଛନ୍ତି।



ସିଜେଆଇ ସଞ୍ଜୀବ ଖାନ୍ନା, ଜଷ୍ଟିସ ସଞ୍ଜୟ କୁମାର ଏବଂ ଜଷ୍ଟିସ ବିଶ୍ୱନାଥାନଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାର ଥିଲା। ଏବେ ସିଜେଆଇ ଏହି ମାମଲାର ଶୁଣାଣି ପାଇଁ ୧୦ ତାରିଖରେ ନୂଆ ଖଣ୍ଡପୀଠ ଗଠନ କରିବେ। କୋଇଲା ଦୁର୍ନୀତିକୁ ନେଇ ଦାଏର ଆବେଦନଗୁଡିକରେ ୨୦୧୪ରେ ଦିଆଯାଇଥିବା ନିର୍ଦ୍ଦେଶକୁ ବଦଳାଇବାକୁ ଦାବି କରାଯାଇଛି। ଏହା ଅଧିନରେ କୋଇଲା ବ୍ଲକ୍ର ବେଆଇନ ଆବଣ୍ଟନ ସମ୍ବନ୍ଧିତ ଆପରାଧିକ ମାମଲାରେ ଟ୍ରାଏଲ କୋର୍ଟଙ୍କ ରାୟ ବିରୋଧରେ ହାଇକୋର୍ଟ ଯିବା ଉପରେ କଟକଣା ଲଗାଇ ଦେଇଥିଲେ। ଏବେ ସିଜେଆଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ହାଇକୋର୍ଟରେ ମାମଲାର ଶୁଣାଣିରୁ କଟକଣା ହଟାଇବା ଆଦେଶ ଉପରେ ବିଚାର କରିବେ। ଏହା ସହିତ ୨୦୧୪ରୁ ୨୦୧୭ ମଧ୍ୟରେ ପଡ଼ି ରହିଥିବା ସବୁ ଆବେଦନକୁ ଏକାଠି କରିବାକୁ ସିଜେଆଇ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମହାକୁମ୍ଭର ଚତୁର୍ଥ ଦିନ | ହାଡ଼ଭଙ୍ଗା ଶୀତରେ ବି ବୁଡ଼ ପକାଇଲେ ୨୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ



### ୧୦୦ ବର୍ଷ ଧରି ସବୁ କୁମ୍ଭମେଳାରେ ସାମିଲ ହୋଇଛନ୍ତି ସ୍ୱାମୀ ଶିବାନନ୍ଦ



ପଦ୍ମ ପୁରସ୍କାର ବିଜେତା ସ୍ୱାମୀ ଶିବାନନ୍ଦ ବିଗତ ୧୦୦ ବର୍ଷ ମଧ୍ୟରେ ଅନୁଷ୍ଠିତ ସବୁ କୁମ୍ଭମେଳାରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ୧୮୯୬ ମସିହାରେ ଜନ୍ମ ଗ୍ରହଣ କରିଥିବା ଶିବାନନ୍ଦ ଗତ ୧୦୦ ବର୍ଷ ମଧ୍ୟରେ ପ୍ରୟାଗରାଜ ବ୍ୟତୀତ ହରିଦ୍ୱାର, ଉଜ୍ଜୟନୀ ଏବଂ ନାସିକ ଠାରେ ଅନୁଷ୍ଠିତ ସବୁ କୁମ୍ଭମେଳାରେ ଯୋଗ ଦେଇଛନ୍ତି ବୋଲି ତାଙ୍କ ଆଶ୍ରମର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ମହାକୁମ୍ଭ ମେଳାରେ ସ୍ୱାମୀ ଶିବାନନ୍ଦଙ୍କ ଶିବିରରେ ଏବେ ଦେଶ ବିଦେଶର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ୧୨୮ ବର୍ଷରେ ପଦାର୍ପଣ କରିଥିବା ଶିବାନନ୍ଦ ଯୋଗ ଏବଂ ଧ୍ୟାନକୁ ନେଇ ବହୁ ସାଧନାରେ ସଫଳତା ହାସଲ କରିଛନ୍ତି।

**ବଢୁଛି ବିଦେଶାଗତ ଶ୍ରଦ୍ଧାଳୁଙ୍କ ସଂଖ୍ୟା**

**ଆଇଆରସିଟିସି ଟେଣ୍ଟ ସିଟିରେ ସ୍ଥାନ ନାହିଁ**

ପ୍ରୟାଗରାଜ,୧୬।୧(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭରେ ପୂର୍ବ ତୁଳନାରେ ଭିଡ଼ କିଛିଟା କମିଛି। ପ୍ରଥମ ଦିବସରେ ପ୍ରାୟ ଦେଢ କୋଟି ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମରେ ସ୍ନାନ କରିଥିଲା ବେଳେ ଦ୍ୱିତୀୟ ଦିବସରେ ମକର ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ଅମୃତ (ସାହି) ସ୍ନାନ କାର୍ଯ୍ୟକ୍ରମରେ ଦେଶ ବିଦେଶର ସର୍ବାଧିକ ଅଢେଇ କୋଟିରୁ ଅଧିକ ଶ୍ରଦ୍ଧାଳୁ ସ୍ନାନ କରିଥିଲେ। ଏହାଭିତରେ ଶ୍ରଦ୍ଧାଳୁଙ୍କ ଭିଡ଼ କିଛି ମାତ୍ରାରେ ହ୍ରାସ ପାଇଥିଲେ ହେଁ ଶୀତ ଆହୁରି ବଢିଛି। ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ତାପମାତ୍ରା ୨ ରୁ ୩ ଡିଗ୍ରୀକୁ ଖସିଛି। ଏହିକ୍ରମରେ ପ୍ରୟାଗରାଜରେ ମଧ୍ୟ ପ୍ରବଳ ଥଣ୍ଡା ଅନୁଭୂତ ହେବା ସହିତ ତାପମାତ୍ରା ୭ ଡିଗ୍ରୀ ତଳେ ରହିଥିବା କୁହାଯାଇଛି। ଏହାସତ୍ତ୍ୱେ ମହାକୁମ୍ଭର ଚତୁର୍ଥ ଦିବସରେ ଗୁରୁବାର ୨୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମରେ ସ୍ନାନ କରିଥିବା ଜଣାପଡ଼ିଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ମହାକୁମ୍ଭରେ ସାମିଲ ହୋଇସାରିଥିବା କୁହାଯାଇଛି। କିନ୍ତୁ ପ୍ରବଳ ଥଣ୍ଡା ଯୋଗୁ ସ୍ନାନ କରିବାକୁ ଆସିଥିବା ବୟସ୍କ ଲୋକମାନେ ଅସୁସ୍ଥ ହୋଇପଡୁଥିବା ଦେଖାଯାଇଛି। ଅନେକଙ୍କ କ୍ଷେତ୍ରରେ ହୃଦରୋଗଜନିତ ସମସ୍ୟା ଦେଖାଯାଇଥିଲା ବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି।

ଅନ୍ୟପକ୍ଷରେ ମହାକୁମ୍ଭକୁ ବିଦେଶାଗତ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗୁରୁବାର ୧୦ ଦେଶରୁ ଆସିଥିବା ୨୧ ଜଣିଆ ପ୍ରତିନିଧିଦଳ ତ୍ରିବେଣୀ ସଙ୍ଗମରେ ସ୍ନାନ କରିବା ସହିତ ବିଭିନ୍ନ ଆଖଡ଼ା ପରିଦର୍ଶନ କରି ଭଗବତ ଚର୍ଚ୍ଚା କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ବିଦେଶୀ ଶ୍ରଦ୍ଧାଳୁଙ୍କ ହରିନାମକୀର୍ତ୍ତନ, ନୃତ୍ୟ ଏବଂ ଓମ ନମଃ ଶିବାୟ ଧ୍ୱନିରେ ଭିନ୍ନ ପରିବେଶ ସୃଷ୍ଟି ହେଉଥିବା ଦେଖାଯାଇଛି।

## ପରିବାର ପାଇଁ କଠିନ ସମୟ: କରିନା



ମୁମ୍ବାଇ, ୧୬।୧ (ଏଜେନ୍ସି): ସ୍ୱାମୀଙ୍କ ଉପରେ ଆକ୍ରମଣକୁ ନେଇ ଅଭିନେତ୍ରୀ ପତ୍ନୀ କରିନା କପୁର ସୋସିଆଲ ମିଡିଆରେ ବୟାନ ଜାରି କରିଛନ୍ତି। ସ୍ୱାମୀଙ୍କ ଆଶୁଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ଲୋକଙ୍କୁ ସଂଯମତା ଅବଲମ୍ବନ କରିବାକୁ ଏବଂ ଏହି ଚିନ୍ତାରୁ ବାହାରିବା ପାଇଁ ପରିବାରକୁ ସମୟ ଦେବାକୁ ନିବେଦନ କରିଛନ୍ତି। ସେ ଲେଖିଛନ୍ତି ଯେ ଏହା ତାଙ୍କ ପରିବାର ପାଇଁ ସବୁଠୁ କଠିନ ସମୟ। ଏଥିରୁ ବାହାରିବା ପାଇଁ ସମସ୍ତେ ପ୍ରୟାସ କରୁଛୁ। କୌଣସି ପ୍ରକାରର ଅନୁମାନ କିମ୍ବା ଆଶଙ୍କା କରି ଖବର ପରିବେଷଣ ନ କରିବାକୁ ସେ ସାମ୍ବାଦିକଙ୍କୁ ଅନୁରୋଧ କରିଛନ୍ତି। ଅନବରତ ୨୪ ଘଣ୍ଟା ଏହାକୁ ପ୍ରସାରଣ ନ କରିବାକୁ କହିଛନ୍ତି। ବାରମ୍ବାର ଏହି ଖବର ପରିବେଷଣ ଦ୍ୱାରା ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ଏବେ ଆମକୁ ଏକାକୀ ରହିବାକୁ ଦିଅନ୍ତୁ।

## ଏକ କୋଟି ଟଙ୍କା ମାଗିଲା, ଆକ୍ରମଣ କଲା ଦୁର୍ବୃତ୍ତ

ସୈଫ ଅଲ୍ଲୀ ଖାନଙ୍କୁ ଆକ୍ରମଣ ଘଟଣାରେ ତାଙ୍କ ପୁଅ ଜେହଙ୍କ ସହାୟିକା ଏଲିଆମା ଫିଲିପ୍ ପୁଲିସକୁ ବୟାନ ଦେଇ ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ଏଲିଆମା କହିଛନ୍ତି ଯେ, ସେ ହିଁ ପ୍ରଥମେ ଆକ୍ରମଣକାରୀକୁ ଦେଖିଥିଲେ। ଗତକାଲି ରାତି ଦୁଇଟା ବେ।ାଳେ ସେ ଜେହଙ୍କ ରୁମ୍।ାରେ ତଳେ ଶୋଇଥିଲା ବେଳେ ଜଣେ କିଏ ରୁମ୍ ଭିତରକୁ ପଶୁଥିବା ଦେଖିଥିଲେ। ଦୁର୍ବୃତ୍ତ ଜଣକ ଜେହଙ୍କ ନିକଟକୁ ଆସୁଥିବା ଦେଖି ସେ ପାଟି କରିବାକୁ ଉଦ୍ୟମ କରିଥିଲା ବେଳେ ତାଙ୍କୁ ଚୁପ୍ ରହିବାକୁ ଦୁର୍ବୃତ୍ତ କହିଥିଲା। ଏହାପରେ ସେ ବାଥରୁମ୍ ଭିତରକୁ ପଶିଯାଇଥିଲା। ସେ କିଏ ବୋଲି ଏଲିଆମା ଜାଣିବାକୁ ଚେଷ୍ଟା କରିବା ବେଳେ ଜଣେ ପତଳା ବ୍ୟକ୍ତି ବାଥରୁମ୍ ଭିତରେ ପଶିଥିବା ସେ ଦେଖିଥିଲେ। ପରେ ପରେ ପୁଣି ଦୁର୍ବୃତ୍ତ ଜଣକ ଏଲିଆମାକୁ ଚୁପ୍ ରହିବାକୁ କହିବା ପରେ ତା' ସହ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଏଲିଆମାଙ୍କୁ ଦୁର୍ବୃତ୍ତ ଜଣକ ଏକ ବ୍ଲେଡ ।।ରେ ଆକ୍ରମଣ କରିବାରୁ ତାଙ୍କୁ ହାତରେ ଆଘାତ ଲାଗିଥିଲା। ତେବେ ସେ କ'ଣ ଚାହୁଁଛି ବୋଲି ଏଲିଆମା ପଚାରିବା ପରେ ତାକୁ କୋଟିଏ ଟଙ୍କା ଦରକାର ବୋଲି ଦୁର୍ବୃତ୍ତ ଜଣକ କହିଥିବା ଏଲିଆମା ପୁଲିସ ନିକଟରେ ନିଜ ବୟାନରେ କହିଛନ୍ତି। ସେ ଚିତ୍କାର କରିବାରୁ ସୈଫ ଉଠିଆସିଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କୁ ଛୁରାମାଡ଼ କରିଥିଲା।

## ବିଦ୍ୟାଳୟ, ଗଣଶିକ୍ଷା ବିଭାଗର ବିଜ୍ଞପ୍ତି

# ଜାତୀୟ ଶିକ୍ଷାନୀତି ପାଇଁ ଷ୍ଟିୟରିଂ କମିଟି ଗଠିତ

**ଭୁବନେଶ୍ୱର,୧୬।୧(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଜାତୀୟ ଶିକ୍ଷାନୀତି (ଏନ୍ଇପି) ଲାଗୁ ହେବାପରେ ଗୁରୁବାର ଏଥିପାଇଁ ରାଜ୍ୟ ଷ୍ଟିଅରିଙ୍ଗ କମିଟି ଗଠନ କରାଯାଇଛି । କମିଟିର ଅଧ୍ୟକ୍ଷ ଭାବେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୋପାଳର ପ୍ରାକ୍ତନ ପ୍ରିନ୍ସିପାଲ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି । ତାଙ୍କ ସମେତ ମୋଟ୍ ୧୬ ଜଣ ସଦସ୍ୟ କମିଟିରେ ସ୍ଥାନ ପାଇଛନ୍ତି । ଏହି କମିଟି ଜାତୀୟ ପାଠ୍ୟକ୍ରମ ଢାଞ୍ଚା (ଏନ୍ସିଏଫ୍) ଅନୁଯାୟୀ ରାଜ୍ୟର ଆଞ୍ଚଳିକ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଇ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବ । ଏହାସହ ସରଳ ଭାବେ ଏନ୍ଇପି ଲାଗୁ କରିବା ପାଇଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ।

**ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଅଧ୍ୟକ୍ଷ, ୨୧ରୁ ୨୩ ଯାଏ ଜାତୀୟ ସ୍ତରୀୟ କନ୍କ୍ଲେଭ**

ଏହି କମିଟିରେ ଅନ୍ୟମାନଙ୍କ ମଧ୍ୟରେ ଏନ୍ସିଇଆର୍ଟିର ବର୍ତମ ନିର୍ଦ୍ଦେଶକ ତଥା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ହୃଷୀକେଶ ସେନାପତି, ଅବସର ପ୍ରାପ୍ତ ସହଯୋଗୀ ପ୍ରଫେସର ଡ.ଗୋପାଳ ପ୍ରସାଦ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ୱ ବିଭାଗର ଅବସର ପ୍ରାପ୍ତ ପ୍ରଫେସର ଉଦୟନାଥ ଦାଶ, ଶିକ୍ଷାବିତ୍ ଡ. କିଶୋର ଚନ୍ଦ୍ର ମହାନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଦର୍ଶନ ମିଶ୍ର, ଏନ୍ସିଇଆର୍ଟିର ପ୍ରଫେସର ରଞ୍ଜନ ଆରୋରା, ପ୍ରଫେସର ସୁନୀତି ସନ୍ୱାଲ୍, ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପିସି ଅଗ୍ରୱାଲ, ଏନ୍ସିଇଆର୍ଟି ଅଧିନସ୍ଥ ଏନ୍ଏସ୍ଟିସି ପ୍ରୋଗ୍ରାମର ମୁଖ୍ୟ ପରାମର୍ଶଦାତା ଡ. ବିନୟ ନାୟକ, ଲାଙ୍ଗୁଏଜ୍ ଆଣ୍ଡ ଲର୍ଣ୍ଣିଂ ଫାଉଣ୍ଡେସନ୍ର ଡ. ମହେନ୍ଦ୍ର କୁମାର ମିଶ୍ର, ଏନ୍ଡିଡବ୍ଲ୍ୟୁ ସିଟିଇର ଅଧ୍ୟକ୍ଷ ପ୍ରଫେସର ଗାୟତ୍ରୀ ମହାନ୍ତି, ନ୍ୟୁ ଲାଇଫ୍ ଏଜୁକେସନ ଟ୍ରଷ୍ଟର ସରୋଜ କୁମାର ନାୟକ, ସ୍ୱାଭିମାନର ସିଇଓ ଶ୍ରୁତି ମହାପାତ୍ର, ପିରାମଲ ଫାଉଣ୍ଡେସନର ବରିଷ୍ଠ କୋର ଟିମ୍ ମେମ୍ବର ମୋନାଲ ଜୟରାମ୍, ବୋରିଗୁମ୍ମାର ସିଡିପିଓ ଗାୟତ୍ରୀ ବାହିନୀପତିଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି । ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କୁ ସଦସ୍ୟ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଜାତୀୟ ଶିକ୍ଷା ନୀତି ପ୍ରଣୟନ ନେଇ ଆସନ୍ତା ୨୧ରୁ ୨୩ ଯାଏ ଏକ ଜାତୀୟ କନ୍କ୍ଲେଭ କରାଯିବ । ଯେଉଁଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସଚିବ, ଏନ୍ସିଇଆର୍ଟି ନିର୍ଦ୍ଦେଶକଙ୍କ ସମେତ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ । ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପ୍ରାଥମିକ ସ୍ତରରୁ ପିଲାଙ୍କ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବାରେ ଏନ୍ଇପି ସହାୟକ ହେବ । ବିଶେଷକରି ଓଡ଼ିଆ ଭାଷା କଳା ଓ ସଂସ୍କୃତିକୁ ପ୍ରଚାର ପ୍ରସାର କରାଯିବ ।

■ ଖଲ୍ଲିକୋଟ ରାଜନୈତିକ ହିଂସା ଘଟଣା

# ୧୩ ଅଭିଯୁକ୍ତଙ୍କୁ ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ

କଟକ, ୧୬ ।୧(ସମିସ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅଞ୍ଚଳରେ ରାଜନୈତିକ ହିଂସାରେ ଜଣଙ୍କର ମୃତ୍ୟୁ ଓ ଏକାଧିକ ଆହତ ହେବା ଘଟଣାରେ ୧୩ଜଣ ଅଭିଯୁକ୍ତଙ୍କୁ ହାଇକୋର୍ଟ ଆଜି ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ଅଭିଯୁକ୍ତ ମନୋଜ କୁମାର ପ୍ରଧାନ, ବନମାଳି ପ୍ରଧାନ, କନକ ନାହାକ, ଜିତେନ୍ଦ୍ର ତରାଇ, ସମୀର ସାହୁ, ଗୋପୀ ଗୌଡ, ମନୁ ତରେଇ, ଦୀପକ କୁମାର ନାହାକ, ଶ୍ରୀକାନ୍ତ ପ୍ରଧାନ, କୁମର ତରାଇ, କନ୍ଧ ତରେଇ, ଶ୍ରୀତମ ପହାଣ ଓ ସୁଦର୍ଶନ ପହାଣଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପ୍ରତ୍ୟେକ ଅଭିଯୁକ୍ତ ଜଣେ ଜାମିନଦାର ଓ ୫୦ ହଜାର ଟଙ୍କା ଜମାନତ ରାଶି ବଳରେ ଜାମିନରେ ଛାଡ଼ ପାଇବେ । ଜାମିନରେ ଥିବା ବେଳେ ଅଭିଯୁକ୍ତମାନେ ମୃତକଙ୍କ ପରିବାର ସଦସ୍ୟଙ୍କୁ କୌଣସି ଧମକଚମକ ଦେବେ ନାହିଁ କିମ୍ବା ତଥ୍ୟ ଟାମ୍ପରିଂ କରିବେ ନାହିଁ । ତେବେ ଖଲ୍ଲିକୋଟ ଅତିରିକ୍ତ ଦୌରା ଅଦାଲତ ଅଭିଯୁକ୍ତମାନଙ୍କୁ ଜାମିନରେ ଛାଡ଼ିବା ବେଳେ ଅତିରିକ୍ତ ସର୍ତ୍ତାରୋପ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ ଯେ ଖଲ୍ଲିକୋଟ ଥାନା ଶ୍ରୀକୃଷ୍ଣଶରଣପୁର ଅଞ୍ଚଳରେ ଗତ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଅର୍ଥାତ୍ ମେ' ୧୫ ତାରିଖ ରାତିରେ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ପୋଷ୍ଟରମରାକୁ ନେଇ ହିଂସାକାଣ୍ଡ ଘଟିଥିଲା । ଏଥିରେ ଦିଲୀପ ପହାଣ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା । ଦିଲୀପଙ୍କ ପିତାଙ୍କ ଅଭିଯୋଗ ଅନୁସାରେ, ଖଲ୍ଲିକୋଟ ଥାନା ପୁଲିସ୍ ଏକ ମାମଲା ରୁଜୁ କରିଥିଲା ।

■ ବନଖଣ୍ଡ ଅଧିକାରୀ ସ୍ପଷ୍ଟ କଲେ

# ହଦଗଡ଼ ବନାଞ୍ଚଳକୁ ଆସିନି ଯମୁନା

**କେନ୍ଦୁଝର,୧୬।୧(ସମିସ):** କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ହଦଗଡ଼ ବନାଞ୍ଚଳକୁ ମହାବଳ ବାଘ ଯମୁନା ଚାଲି ଆସିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ କିଛି ଦିନ ପୂର୍ବରୁ ପ୍ରକାଶ ପାଇଛି । ଫଳରେ ସେ ଅଞ୍ଚଳର ଲୋକେ ଆଶା ଆଶଙ୍କାରେ ରହିଛନ୍ତି । କିନ୍ତୁ ହଦଗଡ଼ ବନାଞ୍ଚଳକୁ ବାଘ ଆସିନାହିଁ ବୋଲି ଆନନ୍ଦପୁର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ କହିଛନ୍ତି । 'ହଦଗଡ଼ ବନାଞ୍ଚଳକୁ ମହାବଳ ବାଘ ଯମୁନା ଆସିଲେ ଆମେ ନିଶ୍ଚିତ ଜାଣିବୁ' ବୋଲି ସେ କହିଛନ୍ତି । ପ୍ରକାଶ ଯୋଗ୍ୟଯେ ଗତବର୍ଷ କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ଠାବ ହୋଇଥିବା ମହାବଳ ବାଘ ସେଠାରେ ଆଉ ନଥିବା ବେଳେ ସେ ଶିମିଳିପାଳକୁ ଚାଲିଯାଇଥିବା ନିଜେ କେନ୍ଦୁଝର ଡିଏଫଓ କହିଥିଲେ । ଅନ୍ୟପକ୍ଷରେ ଯଦି ହଦଗଡ଼ ବନାଞ୍ଚଳକୁ ଯମୁନା ଚାଲି ଆସିନାହିଁ, ତେବେ ସେ ଅଞ୍ଚଳରେ କେତେକ ଜଙ୍ଗଲ ମଧ୍ୟରେ ସାଧାରଣ ପ୍ରବେଶ ଉପରେ ଅଲିଖିତ କଟକଣା କାହିଁକି ଲାଗୁଛି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରୁଛନ୍ତି ।

■ ରୋଜ୍ଭ୍ୟାଲି ଚିଟ୍ଫଣ୍ଡ ଠକେଇ ମାମଲାରେ ଚାର୍ଜଫ୍ରେମ୍

# ଗୌତମ କୁଣ୍ଡୁ, ଶିବମୟ ଦତ୍ତ ଓ ଅନ୍ୟ ଅଭିଯୁକ୍ତଙ୍କ ନାଁରେ ଆରୋପ

**ଭୁବନେଶ୍ୱର,୧୬ ।୧(ସମିସ):** ରୋଜ୍ଭ୍ୟାଲି ଚିଟ୍ଫଣ୍ଡ ଠକେଇ ମାମଲାରେ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚାର୍ଜଫ୍ରେମ୍ କରିଛି । ଖୋର୍ଦ୍ଧା ପିଏମ୍ଏଲ୍ଏ କୋର୍ଟରେ ଏହି ଚାର୍ଜ ଫ୍ରେମ୍ ହୋଇଛି । ରୋଜଭ୍ୟାଲି ଗ୍ରୁପ୍ର ପ୍ରମୋଟର ଗୌତମ ଗୁଣ୍ଡୁ ଏବଂ ଶିବମୟ ଦତ୍ତଙ୍କ ବିରୋଧରେ ଚାର୍ଜ ଫ୍ରେମ୍ କରାଯାଇଛି । ୨୦୧୪ ଏବଂ ୨୦୧୫ରେ ଇଡି ସଂସ୍ଥାର ୩୩୨ କୋଟିର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିକୁ ଆଟାଚ କରିଥିଲା । ବର୍ତ୍ତମାନ ଏହି ସମ୍ପତ୍ତିର ମୂଲ୍ୟ ୪ଶହ କୋଟିରୁ ଅଧିକ ହେବ । ରୋଜଭ୍ୟାଲି ଗ୍ରୁପ୍ର ପ୍ରମୋଟର ଗୌତମ କୁଣ୍ଡୁ ଏବଂ ଶିବମୟ ଦତ୍ତଙ୍କ ବିରୁଦ୍ଧରେ ୨୦୧୬ରେ କୋର୍ଟରେ ଏକ ଅଭିଯୋଗ ହୋଇଥିଲା । ୨୦୧୫ ଜାନୁଆରୀ ୧୫ରେ କୋର୍ଟ ଏହି ଅଭିଯୋଗର ଶୁଣାଣି କରି ସଂସ୍ଥାର ସମ୍ପତ୍ତିକୁ ନିଲାମ କରି ଜମାକାରୀଙ୍କୁ ଟଙ୍କା ଫେରାଇବାକୁ କହିଥିଲେ । ଯାହାଫଳରେ ଠକାମିର ଶିକାର ହୋଇଥିବା ଜମାକାରୀ ଟଙ୍କା ପାଇ ପାରିବାର ବାଟ ଫିଟିଲା । ରୋଜ ଭ୍ୟାଲି ଗ୍ରୁପ୍ ବିରୁଦ୍ଧରେ ମାମଲା ତଦନ୍ତ କୋଲକାତା ଜୋନାଲ୍ ଅଫିସ୍, ଗୌହାଟି ଜୋନାଲ ଅଫିସ ଏବଂ ଅଗରତାଲା ସବ୍ ଜୋନାଲ୍ ଅଫିସ୍ର ଅଧିକାରୀମାନେ ତଦନ୍ତରେ ସାମିଲ ଥିଲେ । କୋଲକାତା ଜୋନ୍ର ଗୋଟିଏ ମାମଲାରେ ୧୨.୩୬ କୋଟି ଟଙ୍କା ସୁଧ ମିଶି ମୋଟ ୧୯.୪୦ କୋଟି ଟଙ୍କା କଲିକତା ହାଇକୋର୍ଟ ଦ୍ୱାରା ଗଠିତ ଏଡିସି କମିଟିକୁ ହସ୍ତାନ୍ତର କରାଯାଇଛି । ଏହି ଅର୍ଥ ଆଦାୟ କରି ଏଡିସି କମିଟି ଜମାକାରୀଙ୍କୁ ଫେରସ୍ତ କରିଛନ୍ତି । ଆହୁରି ମଧ୍ୟ ୧ ହଜାର ୧୭୨.୬୮ କୋଟି ଟଙ୍କାର ସମ୍ପତ୍ତି, ଯେଉଁଥିରେ ୧୪୭.୬୪ କୋଟି ଟଙ୍କା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ରହିଛି । ୧ହଜାର ୦୨୫.୦୪ କୋଟି ଟଙ୍କାର ସମ୍ପତ୍ତିକୁ କଲିକତା ଇଡି ଆଟାଚ୍ କରିଛି । ସଂସ୍ଥାର ଗୌହାଟୀରେ ୩୮.୩୦ କୋଟି ଟଙ୍କା ରହିଥିବା ବେଳେ ଅଗରତାଲାରେ ଥିବା ୮.୦୧ କୋଟି ଟଙ୍କା ମୂଲ୍ୟର ଅସ୍ଥାବର ସମ୍ପତ୍ତି ଆଟାଚ୍ କରିଥିଲା ଇଡି ।

**ସଂସ୍ଥାର ୩୩୨କୋଟିର ସ୍ଥାବର, ଅସ୍ଥାବର ସମ୍ପତ୍ତି ବ୍ୟାଜାପ୍ତି କରିଛି ଇଡି**

# ସୁସ୍ଥ ଜୀବନକୁ ଦୁର୍ବିସହ କଲାଣି ବର୍ଜ୍ୟ

**ଭୁବନେଶ୍ୱର,୧୬ ।୧(ସମିସ):** ବାୟୁମଣ୍ଡଳ, ମୃତ୍ତିକା ଓ ଜଳ ପ୍ରଦୂଷଣ ସଂପ୍ରତି ମାନବ ସମାଜଠାରୁ ଆରମ୍ଭ କରି ଜୀବଜନ୍ତୁଙ୍କ ପାଇଁ ଘାତକ ସାଜିଛି । ତେବେ ଏସବୁ ପ୍ରଦୂଷଣ ଅପେକ୍ଷା ଦୈନନ୍ଦିନ ବ୍ୟବହାର ପରେ ବାହାରେ ଫୋପଡ଼ାଯାଉଥିବା ଆବର୍ଜନା ପରିବେଶବିତ୍ ବା ବିଶେଷଜ୍ଞମାନଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଦ୍ରୁତ ସହରୀକରଣ, ଶିଳ୍ପାୟନ ଏବଂ ଜନସଂଖ୍ୟା ବୃଦ୍ଧି ହେତୁ ସାରା ଦେଶରେ ସଂପ୍ରତି ସହରାଞ୍ଚଳ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଉଭା ହୋଇଛି । ଏପରି ଦୃଶ୍ୟପଟରେ, ଜନସ୍ୱାସ୍ଥ୍ୟ ଓ ପରିବେଶୀୟ ସ୍ଥିରତା ରକ୍ଷା ତଥା ଜୀବନଶୈଳୀରେ ଉନ୍ନତି ଆଣିବା ନିମନ୍ତେ ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି । ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତିରେ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ, ପରିବହନ, ପ୍ରକ୍ରିୟାକରଣ ଏବଂ ନିଷ୍କାସନ ଅନ୍ତର୍ଭୁକ୍ତ ଅଟେ । କିନ୍ତୁ ସୀମିତ ଭିତ୍ତିଭୂମି, ସଚେତନତାର ଅଭାବ ଏବଂ ଅନୁପଯୁକ୍ତ ନିଷ୍କାସନ ଅଭ୍ୟାସ ଯୋଗୁଁ ଏହା ବିଭିନ୍ନ ପରିବେଶୀୟ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିର କାରଣ ପାଲଟିଛି ।

■ ଜୀବଜଗତକୁ ଘାତକ ହେଲାଣି ଦୂଷିତ ପରିବେଶ ଓ ଜଳବାୟୁ
■ ଦେଶରେ ବାର୍ଷିକ ୬୨ ନିୟୁତ ଟନ୍ରୁ ଅଧିକ ବର୍ଜ୍ୟବସ୍ତୁ ନିର୍ଗମନ
■ ଓଡିଶାରେ ପ୍ରତିଦିନ ବାହାରୁଛି ୩୦୬୩ ମେଟ୍ରିକ୍ ଟନ୍ ବର୍ଜ୍ୟ
■ ରାଜଧାନୀରୁ ଦୈନିକ ବାହାରୁଛି ୯ ଶହ ଟନ୍ ବର୍ଜ୍ୟବସ୍ତୁ

ଆକଳନ ଅନୁଯାୟୀ, ଦେଶରେ ବାର୍ଷିକ ୬୨ ନିୟୁତ ଟନ୍ରୁ ଅଧିକ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି । ସେହିପରି ସରକାରୀ ତଥ୍ୟ ଅନୁସାରେ, ଓଡିଶାରେ ପ୍ରତିଦିନ ୩୦.୬୩ ମେଟ୍ରିକ୍ ଟନ ବର୍ଜ୍ୟ ବାହାରୁଥିବା ବେଳେ ସର୍ବାଧିକ ଗଞ୍ଜାମ ଓ ଖୋର୍ଦ୍ଧାରୁ ଜିଲ୍ଲାରୁ ବାହାରୁଛି । ରାଜ୍ୟରୁ ପ୍ରତିଦିନ ୧୧୨ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ବାହାରିଥାଏ । ଏଥମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ୩୭.୪ ମେଟ୍ରିକ୍ ଟନ ବାହାରୁଛି । ସେହିପରି ରାଜଧାନୀରୁ ପ୍ରତ୍ୟେହ ୯ଶହ ଟନ୍ ସବୁ ପ୍ରକାରର ଆବର୍ଜନା ବାହାରୁଥିବା ବେଳେ କେବଳ ପ୍ଲାଷ୍ଟିକ ଆବର୍ଜନାର ପ୍ଲାଷ୍ଟିକ୍ ପାଣି ବୋତଲ ଆବର୍ଜନା ୨୫ ପ୍ରତଶତ ରହିଛି ।



ରାଜଧାନୀର ୯ଶହ ଟନ୍ ଆବର୍ଜନାରୁ ୪୫ ପ୍ରତିଶତ ହେଉଛି ଜୈବିକ ବର୍ଜ୍ୟ; ଯାହାକି ସାର ଉପଯୋଗୀ ହୋଇପାରିବ ।

ମ୍ୟୁନିସିପାଲିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ମାଇକ୍ରୋ ପ୍ରୋସେସ୍ ପ୍ଲାଣ୍ଟ କରାଯାଇଛି । ଏହି ପ୍ଲାଣ୍ଟ ମାଧ୍ୟମରେ ଏହି ଜୈବିକ ବର୍ଜ୍ୟକୁ କମ୍ପୋଷ୍ଟ କରି ଖତରେ ପରିଣତ କରୁଛନ୍ତି । କିନ୍ତୁ ସବୁ ସ୍ଥାନରୁ ଆବର୍ଜନା ସଂଗ୍ରହ କରାଯାଇପାରୁ ନାହିଁ । ଫଳରେ ଅନେକ ଜୈବିକ ପଦାର୍ଥ ଖତରେ ପରିଣତ ହେଇପାରୁନାହିଁ; ଯାହାକି ପଡ଼ି ପଡି ବିଷାକ୍ତ ଗନ୍ଧ ହେବା ସହ ବାୟୁମଣ୍ଡଳକୁ ଦୂଷିତ କରୁଛି । ବିଶେଷଭାବେ ନିର୍ମାଣ କାର୍ଯ୍ୟରୁ ବାହାରୁଥିବା ଭଙ୍ଗାଇଟା, ମାଟି, ବାଲି, ଗୋଡ଼ି ଭଳି ବର୍ଜ୍ୟ ପଦାର୍ଥ ବର୍ଷ ବର୍ଷ ପଡିରହୁଛି । ଫଳରେ ଗାଡ଼ିମୋଟର ଯିବାଆସିବା ଛୋଟ ଛୋଟ କଣିକାରେ ପରିଣତ ହେଉଛି ଏବଂ ପ୍ଲାଷ୍ଟିକ୍ ଜରି ଅବକ୍ଷୟ ନ ହୋଇ ବର୍ଷ ବର୍ଷ ଧରି ପଡି ରହୁଛି; ଯାହାକି ପ୍ରଦୂଷଣର କାରଣ ସାଜୁଛି । ଏଥିସହ ଡାକ୍ତରଖାନାରୁ ବାହାରୁଥିବା ଆବର୍ଜନା ଆଲଗା ହେଉନାହିଁ । କିଛି ଘରୋଇ ଡାକ୍ତରଖାନାରେ ସାଧାରଣ ଆବର୍ଜନା ସହ ମିଶେଇ ଦିଆଯାଉଛି । ଯାହାଫଳରେ ଏହି ସବୁ ସାମଗ୍ରୀ ବିଘଟନ ନ ହୋଇ ମୃତ୍ତିକା, ବାୟୁମଣ୍ଡଳ ଓ ଜଳ ପ୍ରଦୂଷଣ କରାଉଛି ବୋଲି ଓଡିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ପରିବେଶ ବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି ।

## ଅବଶିଷ୍ଟାଂଶ...

### ୮ମ ବେତନ ଆୟୋଗ...

ଥିଲା, କିନ୍ତୁ ଏହାର ଗୋଟିଏ ବର୍ଷ ପୂର୍ବରୁ ହିଁ ସରକାର ଅଷ୍ଟମ ବେତନ ଆୟୋଗ ଗଠନକୁ ଅନୁମୋଦନ ଦେଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରତି ୧୦ ବର୍ଷରେ ଥରେ ବେତନ ଆୟୋଗ ଗଠନ କରାଯାଇଥାଏ । କର୍ମଚାରୀଙ୍କ ଦରମା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଦିଆଯାଉଥିବା ପେନ୍ସନ୍ରେ ସଂଶୋଧନ ପାଇଁ ଏଥିରେ ସୁପାରିସ କରାଯାଇଥାଏ । ଦରବୃଦ୍ଧି ସମେତ ଅନେକ ଦିଗକୁ ଦୃଷ୍ଟିରେ ରଖି ଦରମା ଏବଂ ପେନ୍ସନ୍ରେ ବୃଦ୍ଧି କରାଯାଇଥାଏ । ୨୦୧୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ସରକାର ସପ୍ତମ ବେତନ ଆୟୋଗ ଗଠନ କରିଥିଲେ । ଏହାପରେ ୨୦୧୬ରେ କମିସନ୍ର ସୁପାରିସକୁ ମୋଦୀ ସରକାର ଲାଗୁ କରିଥିଲେ । ସପ୍ତମ ବେତନ ଆୟୋଗ ପୂର୍ବରୁ ଚତୁର୍ଥ, ପଞ୍ଚମ ଏବଂ ଷଷ୍ଠ ବେତନ ଆୟୋଗର କାର୍ଯ୍ୟକାଳ ବି ୧୦ ବର୍ଷ ଥିଲା । ଏହି କାରଣରୁ ସରକାରୀ କର୍ମଚାରୀ ଦୀର୍ଘ ଦିନରୁ ଅଷ୍ଟମ ବେତନ ଆୟୋଗ ଗଠନ ପାଇଁ ଦାବି କରି ଆସୁଥିଲେ ।

### ତ୍ୱରାନ୍ୱିତ ହେବ...

ଉତ୍କର୍ଷ ଓଡିଶା ସମ୍ମିଳନୀରେ ନିବେଶକଙ୍କ ପାଇଁ ଏହା ଅନ୍ୟତମ ଆକର୍ଷଣ ହେବ ବୋଲି କୁହାଯାଉଛି ।

ଓଡିଶାର ଯୁବକ ଯୁବତୀ ବିଶ୍ୱସ୍ତରରେ ସମକକ୍ଷ ହେବେ, ସେହି ଲକ୍ଷ୍ୟରେ ସିଙ୍ଗାପୁର ସରକାରଙ୍କ ସହିତ ରାଜ୍ୟ ସରକାର ହାତ ମିଳାଇଥିଲେ । ପରିଣାମ ସ୍ୱରୂପ ବିଶ୍ୱ ଦକ୍ଷତା କେନ୍ଦ୍ରରୁ ପ୍ରଶିକ୍ଷିତ ଯୁବକଯୁବତୀ ଏବେ କେବଳ ଭାରତ ନୁହେଁ; ବରଂ ବିଦେଶରେ ନିଜ ଦକ୍ଷତାର ପ୍ରଦର୍ଶନ କରୁଛନ୍ତି । ଏହି ଧାରାକୁ ଅବ୍ୟାହତ ରଖିବା ଲାଗି ଶୁକ୍ରବାର ଦିନ ରାଜ୍ୟ ସରକାର ୮ଟି ବୁଝାମଣାପତ୍ରରେ ସ୍ୱାକ୍ଷର କରିବେ ।

ସିଙ୍ଗାପୁରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ଏଜୁକେସନ୍ ସର୍ଭିସେସ୍ (ଆଇଟିଇଏସ୍) ସହିତ ରାଜ୍ୟ ଦକ୍ଷତା ବିକାଶ ବିଭାଗ ମଧ୍ୟରେ ବୁଝାମଣା ପତ୍ରର ସ୍ୱାକ୍ଷର ହେବ । ପୂର୍ବରୁ ଆଇଟିଇଏସ୍ ପକ୍ଷରୁ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ ସିଙ୍ଗାପୁରରେ ପ୍ରଶିକ୍ଷଣ ଦେଇ ଆସୁଛି । ଏଥିରେ ଆଉ ଏକ ପାଦ ଆଗକୁ ଯାଇ ସେମିକଣ୍ଡକ୍ଟର ଉପରେ ପ୍ରଶିକ୍ଷଣ ପାଇଁ ଦକ୍ଷତା ବିକାଶ ବିଭାଗ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବ । କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଦକ୍ଷତା ବିକାଶ ପାଇଁ ଏକ ଅତ୍ୟାଧୁନିକ ଏଆଇ ସେଣ୍ଟର ପ୍ରତିଷ୍ଠା ନିମନ୍ତେ ଚଳିତ ବର୍ଷ ମାର୍ଚ୍ଚ ମାସରେ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଆଇଟିଇଏସ୍ ମଧ୍ୟରେ ବୁଝାମଣା ହୋଇଥିଲା ।

ସୂଚନା ଅନୁସାରେ ଆସନ୍ତାକାଲି ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଶିଳ୍ପ ବିଭାଗ ଓ ସେମ୍ବକୋର୍ପ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହେବ । ଗ୍ରୀନ୍ ହାଇଡ୍ରୋଜେନ୍ ପାର୍କ ପାଇଁ ଶିଳ୍ପ ବିଭାଗ ଏବଂ ସୁବର୍ଣ୍ଣ ଜୁରୋଙ୍ଗ କମ୍ପାନୀ, ନୂଆ ସହର ପ୍ରତିଷ୍ଠା ପାଇଁ ନଗର ଉନ୍ନୟନ ବିଭାଗ ଓ ସୁବର୍ଣ୍ଣ ଜୁରୋଙ୍ଗ ମଧ୍ୟରେ ବୁଝାମଣା ହେବ । ଆର୍ଥିକ କାରବାରରେ ବୈଷୟିକ କୌଶଳର ଉପଯୋଗ ପାଇଁ ରାଜ୍ୟ ଆଇଟି ବିଭାଗ ଓ ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟି ମଧ୍ୟରେ ବୁଝାମଣା ସ୍ୱାକ୍ଷର ହେବ । ନୂଆ ଯୁଗର ଶକ୍ତି ଉତ୍ପାଦନ ପାଇଁ ମଧ୍ୟ ରାଜିନାମା ହେବ ବୋଲି ଜଣାପଡିଛି ।

ଚାରି ବର୍ଷ ପୂର୍ବେ ଦକ୍ଷତା ବିକାଶରୁ ଆରମ୍ଭ ହୋଇଥିବା ସିଙ୍ଗାପୁର ସହିତ ଓଡିଶାର ସମ୍ପର୍କ ସେମିକଣ୍ଡକ୍ଟର ଏବଂ ଏଆଇ ଆଡକୁ ଯାଇଥିଲା । ଏବେ ତାହା ଆଉ ପାଦେ ଆଗେଇବାକୁ ଯାଉଛି । ଗତ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁର ଗସ୍ତ କରି ସେଠାକାର ନିବେଶକଙ୍କୁ ସାକ୍ଷାତ କରିଥିଲେ । ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ ସହିତ ବିଭିନ୍ନ କ୍ଷେତ୍ରରେ ଓଡିଶା ସହିତ ସହଭାଗିତା ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତାକାଲି ସିଙ୍ଗାପୁର ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିବା ପରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି । ଦ୍ୱିତୀୟ ଦିନରେ ସିଙ୍ଗାପୁର ରାଷ୍ଟ୍ରପତି ଓଡିଶାର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ କାର୍ଯ୍ୟକ୍ରମ ଅଛି ।

### ଭାଇ-ଭଉଣୀ ମୃତ...

ତେବେ ୨୦ ନମ୍ବର ଜାତୀୟ ରାଜପଥର ରଜାବସା ନିକଟରେ ପଛପଟୁ ଏକ ଟ୍ରେଲର୍ ସେମାନଙ୍କୁ ଧକ୍କା ଦେବାରୁ ୩ଜଣ ଯାକ ବାଇକ୍ ସହ ଛିଟିକି ପଡ଼ିଥିଲେ । ପରେ ଗାଡ଼ିଟି ଭାଇ-ଭଉଣୀଙ୍କ ଉପରେ ମାଡ଼ି ଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା । ତେବେ ଲିପି ରାସ୍ତାକଡ଼କୁ ଛିଟିକି ପଡ଼ିଥିବାରୁ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ଖବର ପାଇ ଝୁମ୍ପୁରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଲିପିଙ୍କୁ ଝୁମ୍ପୁରା ଡାକ୍ତରଖାନରେ ଭର୍ତ୍ତି କରାଇବା ସହ ମୃତ ଭାଇ-ଭଉଣୀଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା । ତେବେ ଲିପିଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ ପରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

### ଛୁରାମାଡ଼ରେ ଅଭିନେତା...

ଆଜି ଦିନସାରା ଚର୍ଚ୍ଚା ଚାଲିଥିବା ବେଳେ ସନ୍ଧ୍ୟା ବେଳେ ସୈଫଙ୍କ ଅଭିନେତ୍ରୀ ପତ୍ନୀ କରିନା କପୂର ବିବୃତି ଜାରି କଳ୍ପନାଜଳ୍ପନା ଭିତ୍ତିକ ଖବରରୁ ବିରତ ରହିବା ଲାଗି ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି ।

ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଅଭିଯୁକ୍ତର ଫଟୋ ଜାରି କରାଯାଇଛି । ଆକ୍ରମଣକାରୀକୁ ଧରିବା ପାଇଁ ୧୮ ଟିମ୍ ଗଠନ କରିଛି । ସୈଫଙ୍କ ଘରେ କାମ କରୁଥିବା ସହାୟକ/ସହାୟିକାଙ୍କୁ ସନ୍ଦେହ ଘେରରେ ରଖିଛି ପୁଲିସ । ସେମାନଙ୍କୁ ଡାକି ପଚରାଉଚରା ଚଳାଇଛି । ଆକ୍ରମଣକାରୀ କେଉଁ ପଟେ ଏବଂ କିଭଳି ସୈଫଙ୍କ ଘରେ ପଶିଲା ତାହାର କୌଣସି ସିସିଟିଭି ଫୁଟେଜ ନାହିଁ । ତେଣୁ ସେ ପୂର୍ବରୁ ଅଭିନେତାଙ୍କ ଘରକୁ ଆସିଥିବା ସନ୍ଦେହ କରାଯାଉଛି । ସେ ଏମରର୍ଜେନ୍ସି ଶିଡ଼ି ଦେଇ ଘରକୁ ଆସିଛି । କିନ୍ତୁ ଘର ଭିତରକୁ ସେ କେମିତି ପଶିଲା । ପୁଲିସ ସନ୍ଦେହ କରୁଛି ଯେ ସୈଫଙ୍କ ଘେରେ କାମ କରୁଥିବା ସହାୟକ/ସହାୟିକାଙ୍କ ସହିତ ନିଶ୍ଚୟ ଦୁର୍ବୃତ୍ତର ପରିଚୟ ରହିଛି । ଘରେ ପୂରାଇ ତାକୁ ରଖାଯାଇଥିବା ସନ୍ଦେହ କରାଯାଉଛି ।

ବାନ୍ଦ୍ରାର ଖାର ସ୍ଥିତ ଗୁରୁ ଶରଣ ଆପାର୍ଟମେଣ୍ଟର ଦ୍ୱାଦଶ ଫ୍ଲୋରରେ ଏହି ଘଟଣା ସାରା ଦେଶକୁ ସ୍ତବଧ୍ କରିଦେଇଛି । ସେଲିବ୍ରିଟିମାନେ ଡାକ୍ତରଖାନାରେ ପହଞ୍ଚି ସୈଫଙ୍କୁ ଭେଟିଛନ୍ତି । ଅଭିନେତା ସଲ୍ମାନ ଖାନଙ୍କ ଘର ଉପରେ ଗୁଳିମାଡ଼ ଏବଂ ବାବା ସିଦ୍ଦିକଙ୍କ ହତ୍ୟା ମାମଲା ମନରୁ ଯାଇ ନ ଥିବାବେଳେ ଆଜିର ଆକ୍ରମଣ ସେଲିବ୍ରିଟିମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ତେବେ ଏହି ଘଟଣାରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ହାତ ନ ଥିବା ପୁଲିସ ସ୍ପଷ୍ଟ କରିଛି ।

ପୁଲିସ ସୂଚନା ଅନୁଯାୟୀ ରାତିରେ ଆକ୍ରମଣକାରୀ ଘରେ ପଶିଲା ବେଳେ ସମସ୍ତେ ଶୋଇଥିଲେ । ହଠାତ୍ ଜଣେ ଘରୋଇ ସହାୟିକାଙ୍କ ଚିତ୍କାର ଶୁଣି ସୈଫ ଉଠି ପଡ଼ିଥିଲେ । ଏହି ସହାୟିକା ସୈଫଙ୍କ ସନ୍ତାନ ତୈମୁର-ଜେହ ପାଇଁ ଉଦ୍ଦିଷ୍ଟ କକ୍ଷରେ ଶୋଇଥିଲେ । ଦୁର୍ବୃତ୍ତ ପ୍ରଥମେ ସେହି କଠୋରୀରେ ପଶିଥିଲା । ସହାୟିକା ଅରିୟାମା ଫିଲିପଙ୍କୁ ଆକ୍ରମଣକାରୀ ଧରିନେବାରୁ ସେ ଚିତ୍କାର କରିଥିଲେ । ଏହି ସମୟରେ ସୈଫ ଅଟକାଇବାକୁ ପ୍ରୟାସ କରିବାରୁ ଦୁର୍ବୃତ୍ତ ତାଙ୍କୁ ଛୁରା ମାଡ଼ କରିଥିଲା । ଏଥିରେ ସହାୟିକା ମଧ୍ୟ ଆହତ ହୋଇଛନ୍ତି । ପୁଲିସ ଏହି ଆକ୍ରମଣକାରୀକୁ ଚିହ୍ନଟ କରିଛି । ସୈଫଙ୍କ ହାଉସିଂ ସୋସାଇଟିରେ ଏବେ ମରାମତି କାମ ଚାଲିଥିବାରୁ କିଛି ଶ୍ରମିକଙ୍କୁ ଅଟକ ରଖି ଜେରା କରାଯାଉଛି ।

ଘରୋଇ ସହାୟକ ପୁଲିସକୁ କହିଛନ୍ତି ଯେ ଗାଧୁଆଘର ନିକଟରେ ସେ ଏକ ଛାଇ ଦେଖିବାକୁ ପାଇଥିଲେ । ପ୍ରଥମେ ସେ ପୁଅକୁ ଦେଖିବାକୁ କରିନା ଆସିଥିବା ଭାବିଥିଲେ । ମାତ୍ର ପରେ ସନ୍ଦେହ ହେବାରୁ ସେ ପଛରେ ଯାଇଥିଲେ । ଏହି ସମୟରେ ଜଣେ ବ୍ୟକ୍ତି ମହିଳାଙ୍କ ଉପରେ ଆକ୍ରମଣ କରୁଥିବା ଦେଖିବାକୁ ପାଇଥିଲେ । ଧାରୁଆ ଅସ୍ତ୍ର ଦେଖାଇ ଚୁପ୍ ରହିବାକୁ କହିଥିଲା ।। ଏଠାରେ ସେ ଶିଶୁର ଯତ୍ନ ନେଉଥିବା ସହାୟିକାଙ୍କୁ କୋଟିଏ ଟଙ୍କା ମାଗିଥିଲା ବୋଲି ସେ କହିଛନ୍ତି । ଚିତ୍କାର ଶୁଣି ସୈଫ ପହଞ୍ଚିବାରୁ ଏଠାରେ ଆକ୍ରମଣକାରୀଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା ।


B-848

Government of Odisha

E-mail.ID-sectcrb_2006@yahoo.co.in
Tel/Fax – 0671-2301751/2302751

OFFICE OF THE CHIEF CONSTRUCTION ENGINEER
CUTTACK (R&B) CIRCLE, CUTTACK
( 'e' – PROCUREMENT NOTICE )

**Bid Identification No.CCE.Ctc.(R&B) 15 /2024-25.**

1. The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road and Building works as mentioned below.
2. No. of work :- 05 Nos.
3. Nature of work :- Road and Building works
4. Class of contractor :- **'B', 'A' & Special Class.**
5. Tender paper cost :- Rs.10000/- **(online)**
6. Available of bid document in the web site. :- **From 27.01.2025 to 17.30 Hours of 10.02.2025**
7. Date of opening of bid :- **Dt.11.02.2025 at 11.00 Hours.**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

OIPR-34012/11/0019/2425

Chief Construction Engineer
Cuttack(R&B)Circle



**AFFIDAVIT**

By virtue of an Affidavit sworn before the Executive Magistrate, Kendrapara No-686 on dated 06.02.24 I Kapil Sahoo (New Name) Resident of At/Po-Palli Raghunathpur, P.S-Nikirai, Dist- Kendrapara, Odisha, declare that I have changed my name and surname from Gokula Chandra Sahoo (old name) to Kapil Sahoo (New Name). Henceforth I shall be know as Kapil Sahoo S/o-Golakh Sahoo for all future purpose.

**Sd- Kapil Sahoo**

**AFFIDAVIT**

I, **Neeta Dash,** W/o: Sanjeeb Kumar Kar, D/o.: Murali Dhar Dash, Resident of village: Pokhariapada, PS / PO: Pattamundai, Dist.: Kendrapada, PIN - 754215, Odisha, declare by this Affidavit No.: 40, Dated: 28.02.2020, that now onwards I shall be known as **NITA KAR** for all future purposes.

**AFFIDAVIT**

I, Ajit Kumar Das, S/o- Sanyasi Das, resident of At- Rambila, Po- Chasakhanda, Ps- Mangalpur, Dist- Jajpur, Pin- 755013, Odisha declare by this affidavit No. 48410, dtd- 24/12/2024 that now onwards I shall be known as **AJIT DAS** for all future purposes.

**AFFIDAVIT**

By an affidavit vide no. 248, dated 16.01.2025, before notary public Jeypore, Odisha, I Ashis panigrahi, S/o- Late EKALABYA Panigrahi resident of Dolomandap street, Post/Ps - Jeypore, Dist - Koraput has change my name to Ashis Maya panigrahi. Hence forth I shall be known as Ashis maya panigrahi for all purpose.

**AFFIDAVIT**

I, Anisha Pradhan, D/o- Shri Satyaprakash Rout, resident of Bidyadhapur, PO- Nayabazar, Cuttack Urban, Dist- Cuttack, Odisha, Pin- 753004 declare by this affidavit No.02, dtd. 13/01/2025, that now onwards I shall be known as **ANISHA ROUT** for all future purposes.

**AFFIDAVIT**

I, Jagan Natha Tripathy, S/o- Banshidhar Tripathy, resident of At/Po- Kodapada, Anandapur, Kendhujhar, Pin- 758021, Odisha declare by this affidavit No.152, dtd- 14/01/2025 that now onwards I shall be known as **JAGANNATH TRIPATHY** for all future purposes.

**AFFIDAVIT**

By virtue of an affidavit (No. 40, dtd. 16/01/2025) before the Executive Magistrate, Titilagarh. I, **Panchu Bag** resident of At- Jugirata, Po- Haldi, Ps- Muribahal, Dist- Balangir, Pin- 767037, Odisha have changed my son's name from **Jituranjan Bag To Jitumani Bag.** Henceforth, my son shall be known as **JITUMANI BAG** for all future purposes.

**AFFIDAVIT**

I, Rijwana Bibi, W/o- SK Korban Ali, resident of At- Praharajapur, Po- Gotara, Dist- Cuttack, Pin-754207, Odisha declared by this affidavit No. 47, dtd- 16/01/2025 that now onwards I shall be known as **Rijuana Begum** for all future purposes.

**AFFIDAVIT**

I, Roja Subudhi, age about 38 years, W/o- Sudhanshu Kumar Subudhi, resident of At/Po/Ps- Binka, Dist- Subarnapur, Pin-767019, Odisha declared by this affidavit No. 24, Dated 15/01/2025, that now onwards I shall be known as **ROJARANI SUBUDHI** for all future purposes.

**AFFIDAVIT**

I, Shaikh Korban Ali, S/o- shaikh Anwar Ali, resident of At- Praharajapur, Po- Gotara, Dist- Cuttack, Pin-754207, Odisha declared by this affidavit No. 46, dtd- 16/01/2025 that now onwards I shall be known as **SK Korban Ali** for all future purposes.

**AFFIDAVIT**

I, Sushama Pattnaik, D/o- Rabindra Kumar Mohanty resident of At- Bhandubar, Po- Kumanda, Dist- Angul, Pin- 759143, Odisha declare by this affidavit CF No.53, dtd- 16/12/2024 that now onwards I shall be known as **SUSHAMA MOHANTY** for all future purposes.

**JOB VACANCY**

Kurian Rubber Company with locations in **Assam, Tripura, Maharashtra and Thiruvananthapuram** is seeking motivated individuals to join our team in various roles, including:

→ Godown Workers
→ Packing Staff
→ Loading Staff

Job Details:
- Age limit: 20-35 years
- Salary: 15,000/- per month
- Benefits: ESI, - PF, - Food and accommodation provided

If you are interested in this opportunity, please contact us at:
**Mob.: 8131080958**

THE SAKALA

# ସମ୍ପାଦକୀୟ



ସମ୍ଭାବନା ଦୁଇଟି । ଆମେ ବିଶ୍ୱ ବ୍ରହ୍ମାଣ୍ଡରେ ଏକା ଅଛୁ କିମ୍ବା ଏକା ନାହୁଁ ! ଉଭୟ ସ୍ଥିତି ଅତି ଭୀତିପ୍ରଦ !
-କାର୍ଲ ସାଗାନ୍

## ଶ୍ୱେତ ବୈଷମ୍ୟ

ବିବିଧତା-ପ୍ରାଚୁର୍ଯ୍ୟପୂର୍ଣ୍ଣ ଭାରତବର୍ଷର ବୈଷମ୍ୟ ହିଁ ଏହାର ବିଡ଼ମ୍ବନା । ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରୁ ଆରମ୍ଭ କରି ବୃଷ୍ଟିପାତ, ତାପମାନ, କୃଷି, ଗୋସମ୍ପଦ, ଖଣିଜ, ପ୍ରାକୃତିକ ଉତ୍ସ ପର୍ଯ୍ୟନ୍ତ ଲମ୍ବିଛି ଏହି ବୈଷମ୍ୟର ପରିସୀମା, ଯାହା ଭାରତକୁ ବୈଚାରିକ ସ୍ତରରେ ଦୁଇଭାଗ କରିଛି । ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ଏକଦା ଶ୍ୱେତ-ବିପ୍ଳବ(ଦୁଗ୍ଧ ଉତ୍ପାଦନ)ରେ ବିଶ୍ୱର ଅନ୍ୟ ଦେଶ ପାଇଁ ଉଦାହରଣ ସାଜିଥିବା ଭାରତ ଏବେ ଶ୍ୱେତ-ବୈଷମ୍ୟ ଆହ୍ୱାନର ସମ୍ମୁଖୀନ ହୋଇଛି । ଗୁଜରାଟ, ମହାରାଷ୍ଟ୍ର, ହରିଆଣା ପରି କେତେକ ପ୍ରଦେଶରେ ଦୁଗ୍ଧ ଉତ୍ପାଦନ ଚାହିଦାଠାରୁ ଏତେ ବଳି ଗଲାଣି ଯେ ଖିରଗୁଣ୍ଡ(ସ୍କିମ୍‌ଡ଼ି ମିଲ୍‌କ) ପ୍ରସ୍ତୁତକାରୀ କମ୍ପାନୀମାନେ ମଧ୍ୟ ଚାଷୀଙ୍କଠାରୁ ମୁହଁ ମୋଡ଼ିଲେଣି । ଅପରପକ୍ଷରେ ଓଡ଼ିଶା ପରି କେତେକ ରାଜ୍ୟବାସୀ ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣର ଦୁଗ୍ଧ ନ ପାଇ କୁପୋଷଣ ଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ ଦର୍ଶାଇ ଆସୁଛି । କେବଳ ଓଡ଼ିଶା କଥା ବିଚାର କରାଯାଉ । ଦୈନିକ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନରେ ଜାତୀୟ ହାର ୪୪୪ ଗ୍ରାମ୍ ଥିବା ବେଳେ ଆମ ରାଜ୍ୟରେ ମୁଣ୍ଡ ପିଛା ଦୈନିକ ଉତ୍ପାଦନ ମାତ୍ର ୧୪୪ ଗ୍ରାମ । ଶ୍ୱେତ ବୈଷମ୍ୟର ଏହାଠାରୁ ଆଉ ଅଧିକ ଉଦାହରଣ କ'ଣ ହୋଇପାରେ?

ଆମ ରାଜ୍ୟରେ ବିଭିନ୍ନ ଦୁଗ୍ଧ ସଂଗ୍ରହକାରୀ ସଂସ୍ଥାଙ୍କର ଉପସ୍ଥିତି ବଢ଼ିବା ସହିତ ଦୁଗ୍ଧ ଉତ୍ପାଦନ ଓ ବିପଣନ ମଧ୍ୟ ବଢ଼ିଛି । ଉଦାହରଣ ସ୍ୱରୂପ ୨୦୦୦ ମସିହାରେ ଓଡ଼ିଶାର ସାମଗ୍ରିକ ଦୈନିକ ଦୁଗ୍ଧ ଉତ୍ପାଦନ ପରିମାଣ ୮.୭୫ ଲକ୍ଷ ଟନ୍ ଥିବା ବେଳେ ରାଜ୍ୟ ସରକାର ବିଧାନସଭାରେ ୨୦୨୨ରେ ଦେଇଥିବା ସୂଚନା ଅନୁଯାୟୀ ତାହା ୬୫ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି । ଦୁଗ୍ଧ ଉତ୍ପାଦନରେ ପ୍ରାୟ ତିନିଗୁଣା ବୃଦ୍ଧି ଘଟିଥିଲେ ମଧ୍ୟ ତାହା ଚାହିଦା ଅନୁପାତିକ ହୋଇପାରୁନାହିଁ ।

ଏହି ପୃଷ୍ଠଭୂମିରେ ଓଡ଼ିଶା ସରକାର ମଧ୍ୟାହ୍ନ ଭୋଜନରେ ଭିଟାମିନ୍ ଏ ଓ ଡି ଯୁକ୍ତ ଦୁଗ୍ଧ ଯୋଗାଣ ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି । ଯୋଜନାର ଚୂଡ଼ାନ୍ତ ରୂପରେଖ ସାମ୍ନାକୁ ଆସି ନଥିବା ବେଳେ ପାଇଲଟ୍ ପ୍ରକଳ୍ପ ଭାବେ ମୟୂରଭଞ୍ଜ ଜିଲ୍ଲାର ୨୯ଟି ସରକାରୀ ବିଦ୍ୟାଳୟର ୧୧୮୪ ଛାତ୍ରଛାତ୍ରୀଙ୍କୁ ମୁଣ୍ଡପିଛା ଦୈନିକ ୨୦୦ ମିଲିଲିଟର ଖିର ଯୋଗାଇବା ପ୍ରକ୍ରିୟା ଆରମ୍ଭ ହୋଇଛି । ବର୍ତ୍ତମାନ ରାଜ୍ୟର ଦୁଗ୍ଧ ଉତ୍ପାଦନ ସ୍ଥିତି, ସଂଗ୍ରହ ଓ ଚାହିଦା ଆଧାରରେ ବିଶ୍ଳେଷଣ କଲେ ସରକାରଙ୍କ ଏହି ମହତାକାଂକ୍ଷୀ ଯୋଜନା କେତେକ ଆହ୍ୱାନର ସମ୍ମୁଖୀନ ହୋଇପାରେ ବୋଲି କୃଷିବିଜ୍ଞାନୀମାନେ ମତ ଦେଉଛନ୍ତି । ଏ ସମ୍ପର୍କିତ ଔପଚାରିକ ଓ ଅନୌପଚାରିକ ପରିସଂଖ୍ୟାନକୁ ବିଶ୍ଳେଷଣ କଲେ କୃଷି ବିଜ୍ଞାନୀମାନଙ୍କ ଉପରୋକ୍ତ ସନ୍ଦେହ ନିରାଧାର ବୋଲି କହିହେବ ନାହିଁ । ଆମର କହିବା କଥା ହେଲା ମଧ୍ୟାହ୍ନ ଭୋଜନରେ ଦୁଗ୍ଧ ଯୋଗାଣ ବ୍ୟବସ୍ଥା ସହିତ ଅନେକ ଆନୁଷଙ୍ଗିକ କ୍ଷେତ୍ର ଜଡ଼ିତ ଥିବାରୁ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବା ପୂର୍ବରୁ ସେ ଦିଗରେ ଦୃଷ୍ଟି ଦେବା ଉଚିତ ହେବ ।

ଏବେ ରାଜ୍ୟରେ ଦୁଗ୍ଧ ଚାହିଦା-ଯୋଗାଣ ଶୃଙ୍ଖଳ ଉପରେ ଦୃଷ୍ଟି ଦିଆଯାଉ । ରାଜ୍ୟ ଦୁଗ୍ଧ ଚାଷୀ ମହାସଂଘର ତଥ୍ୟ ଅନୁଯାୟୀ ଓମ୍‌ଫେଡ୍, ପ୍ରଗତି, ମିଲ୍କ ମୁ, ଓଡ଼ିଶା ଡାଏରି, ଆନ୍ଧ୍ରପ୍ରଦେଶର ହେରିଟେଜ୍ ଡାଏରି, ଝାଡ଼ଖଣ୍ଡର ସୁଧା ଡାଏରି ଆଦି ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ସଂସ୍ଥା ଓଡ଼ିଶାରୁ ଦୈନିକ ପ୍ରାୟ ୭-୮ ଲକ୍ଷ ଲିଟର ଦୁଗ୍ଧ ଚାଷୀମାନଙ୍କଠାରୁ ସଂଗ୍ରହ କରୁଛନ୍ତି । ଏହାବାଦ୍ ଡାକ୍ତରଖାନା, ହୋଟେଲ୍, ପାରିବାରିକ ବିକ୍ରେତା, ଛେନା-ପନିର-ଖୁଆ-ମିଠା ପ୍ରସ୍ତୁତ ପାଇଁ ଦୁଗ୍ଧ ଚାହିଦା ହିସାବକୁ ନେଲେ ଦୈନିକ ଓଡ଼ିଶାରେ ପ୍ରାୟ ୩୦ ଲକ୍ଷ ଲିଟର ଦୁଗ୍ଧ ବିକ୍ରି ହେଉଛି । ବାକି ୩୫ ଲକ୍ଷ ଲିଟର କେଉଁଆଡ଼େ ଯାଉଛି ତାହାର କୌଣସି ବିଧିବଦ୍ଧ ତଥ୍ୟ ନାହିଁ । ଏହାଛଡ଼ା ଅନେକ ସମୟରେ ଗମନାଗମନ ଓ ଭିତ୍ତିଭୂମି ଜନିତ ତ୍ରୁଟି ଯୋଗୁଁ ଠିକ୍ ସମୟରେ ଦୁଗ୍ଧ ସଂଗ୍ରହ ହୋଇ ନ ପାରି ନଷ୍ଟ ହୋଇଯାଉଛି । ରାଜ୍ୟର ସବୁ ଅଞ୍ଚଳରେ ସବୁ ଲୋକଙ୍କ ପାଖରେ ଆବଶ୍ୟକ ଅନୁଯାୟୀ ଦୁଗ୍ଧ ପହଞ୍ଚିପାରୁ ନଥିବା ପଛରେ ବା ଚାହିଦା-ଯୋଗାଣ ବୈଷମ୍ୟ ପଛରେ ଯେଉଁ କେତେକ ଅଦୃଶ୍ୟ କାରଣ ରହିଛି ସେଗୁଡ଼ିକର ସମାଧାନ ପ୍ରତି ସରକାରଙ୍କୁ ପ୍ରଥମେ ଧ୍ୟାନ ଦେବାକୁ ପଡ଼ିବ । ଏହି ଶ୍ୱେତ ବୈଷମ୍ୟ ଦୂର କରିବା ପାଇଁ ଓଡ଼ିଶା ପାଖରେ ଅପାର ସମ୍ଭାବନା ଓ ସୁଯୋଗ ରହିଛି । ସେ ଦିଗରେ କେବଳ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଆବଶ୍ୟକତା ଅନୁଭୂତ ହେଉଛି ।

ଇତିମଧ୍ୟରେ ପ୍ରକ୍ରିୟାକୃତ ଗୋଖାଦ୍ୟ ଦର ଦେଢ଼ଗୁଣା ଓ ପାରମ୍ପରିକ ଗୋଖାଦ୍ୟ ଯଥା ଧାନବିଡ଼ା, ଘାସ ଆଦିର ଦର ତିନିଗୁଣା ବଢ଼ିଛି । ସେହି ଅନୁପାତରେ ସଂଗଠିତ କ୍ଷେତ୍ରରୁ ସଂଗୃହୀତ ଦୁଗ୍ଧ ମୂଲ୍ୟ ଚାଷୀଙ୍କୁ ଅନୁକୂଳ ହୋଇପାରୁନାହିଁ । ଏହାର ଫାଇଦା ଉଠାଇ ବାହାର ରାଜ୍ୟର ଦୁଗ୍ଧଗୁଣ୍ଡ(ସ୍କିମ୍‌ଡମିଲ୍‌କ୍ ଓ ସଲିଡ୍ ନଟ ଫ୍ୟାଟ୍) ପ୍ରସ୍ତୁତକାରୀ ସଂସ୍ଥାମାନେ ତୁଳନାତ୍ମକ ଭାବେ ଉଚ୍ଚାମୂଲ୍ୟ ଦେଇ ଓଡ଼ିଶାର ଗ୍ରାମାଞ୍ଚଳ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରି ନେଉଛନ୍ତି । ଏହାଛଡ଼ା ରାଜ୍ୟର ଲୋକସଂଖ୍ୟା ତୁଳନାରେ ଗୋସମ୍ପଦ ଓ ଦୁଗ୍ଧ ଉତ୍ପାଦନ ପର୍ଯ୍ୟାପ୍ତ ନୁହେଁ । ଏଥିପାଇଁ ଉଦ୍‌ଯୋଗୀ ଓ ଉଦ୍ୟୋଗୀମାନେ ବୀତସ୍ପୃହ ହେବା ପଛର କାରଣ ମଧ୍ୟ ଅନେକ ।

ଏଭଳି ସ୍ଥିତିରେ ସବୁବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ଦୁଗ୍ଧ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଚାହିଦା-ଯୋଗାଣ ଭାରସମ୍ୟ ବିଗିଡ଼ି ଯାଇ ମୁଦ୍ରାସ୍ଫୀତି ବଢ଼ିବା ସହିତ ଶ୍ୱେତବୈଷମ୍ୟ ଆହୁରି ଉତ୍କଟ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ । ବିଶେଷଜ୍ଞଙ୍କ ଅନୁମାନ ମୁତାବକ, ଉତ୍ତର ଓ ପଶ୍ଚିମ ଭାରତରେ ଯେଉଁ ଶ୍ୱେତ ପ୍ଳାବନ୍ ସୃଷ୍ଟି ହୋଇଛି ବା ଚାହିଦା ତୁଳନାରେ ଯୋଗାଣ ଅଧିକ ହେଉଛି ତାହାର(ସ୍କିମ୍‌ଡି ମିଲ୍‌କ ବା ଖିରଗୁଣ୍ଡ ପ୍ରସ୍ତୁତି ଜରିଆରେ) ଉପଯୋଗ ଓଡ଼ିଶା ଭଳି ଶ୍ୱେତ ମରୁଡ଼ି ରାଜ୍ୟରେ କରାଯାଇପାରେ । ଏହି ଅନୁମାନ ମଧ୍ୟ ଅନସ୍ୱୀକାର୍ଯ୍ୟ ନୁହେଁ । ବନ୍ୟା ଓ ମରୁଡ଼ି ସମସ୍ୟାର କୃତ୍ରିମ ସମାଧାନ ପାଇଁ ଯଦି ନଦୀ ସଂଯୋଗୀକରଣ ଭଳି ବ୍ୟୟବହୁଳ ଯୋଜନା ହୋଇପାରୁଛି ତେବେ ଶ୍ୱେତ ବୈଷମ୍ୟ ଦୂର ପାଇଁ ଅନ୍ୟ ରାଜ୍ୟର ଉଦ୍‌ବୃତ୍ତ ଦୁଗ୍ଧ ନିଅଣ୍ଟିଆ ରାଜ୍ୟକୁ ବ୍ୟବସ୍ଥିତ ଯୋଗାଣ ହେଲେ କ୍ଷତି କ'ଣ?

ଆମ ମତରେ ଏହି ଯୋଜନା କେବଳ ବିଦ୍ୟାଳୟ ସ୍ତରରେ ସୀମିତ ନ ରଖି ଆଇସିଡିଏସ୍ ଭଳି ଯୋଜନାକୁ ପରିବ୍ୟାପ୍ତ କରାଗଲେ ମାତୃ-ଶିଶୁ ପୁଷ୍ଟିହୀନତା ଦୂର ହୋଇପାରିବ । ରାଜ୍ୟରେ ଦୁଗ୍ଧ ଚାହିଦା ବଢ଼ିଲେ ଗୋପାଳନକୁ ଲାଭପ୍ରଦ ବୃତ୍ତି ରୂପେ ବେକାର ଯୁବକଯୁବତୀ ଆପଣେଇବେ ଏବଂ ଏହାଦ୍ୱାରା ଗ୍ରାମୀଣ ଅର୍ଥନୀତି ଓ ଜୀବନଧାରଣ ମାନରେ ଉନ୍ନତି ଘଟିବ । ଏଥିପାଇଁ କିନ୍ତୁ ସରକାରଙ୍କୁ କୃଷି ଋଣ ଅନୁରୂପ ଶୂନ ପ୍ରତିଶତ ସୁଧ ହାରରେ ଗୋପାଳନ ପାଇଁ ବ୍ୟାଙ୍କ ଋଣ ଯୋଗାଇ ଦେବାକୁ ପଡ଼ିବ । ଗୋ ଖାଦ୍ୟ ଓ ଦୁଗ୍ଧ ମୂଲ୍ୟ ମଧ୍ୟରେ ସମତୁଲତା ରକ୍ଷା ପାଇଁ ମହାରାଷ୍ଟ୍ର ସରକାର ଅନୁରୂପ ଦୁଗ୍ଧ ଚାଷୀଙ୍କୁ ଅନ୍ତତଃ କିଛିବର୍ଷ ପାଇଁ ରିହାତି ବ୍ୟବସ୍ଥା ସହିତ ଗୋସମ୍ପଦ ପାଇଁ ମଧ୍ୟ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା ପ୍ରଚଳନ କରିବାକୁ ହେବ ।

## ପ୍ରାକ୍ ଯୌବନ ଆକ୍ରମଣରେ ଶୈଶବ

ଡ. ଅନ୍ତର୍ଜିତା ନାୟକ

ପିଲାଦିନ ଏମିତି ଏକ ସ୍ମୃତି, ଯାହା କ୍ଲାନ୍ତ ମନକୁ ଆରାମ ଦିଏ, ଶୁଖିଲା ଓଠରେ ହସ ଭରିଦିଏ, ବୟସର ଚାଦର ତଳେ ମଳିନ ପଡ଼ି ଯାଉଥିବା ଜୀବନକୁ ରଙ୍ଗୀନ କରିଦିଏ ଏବଂ ଭୁଲି ଭୁଲି ଯାଉଥିବା ନିଜକୁ ଆଉ ଥରେ ଖୋଜି ଆଣେ । ପିଲାଦିନ ମଣିଷର ଅତୀତ ନୁହେଁ, ବରଂ ସ୍ମୃତିର ଏକ ଜହ୍ନ ରାତି । ହେଲେ ଅବଶୋଷ ଏହା ଯେ, ଆଜିକା ପିଲାଙ୍କ ପାଖରେ ନା ତ ପିଲାଦିନ ଅଛି ନା ଭବିଷ୍ୟତକୁ ଉପହାର ଦେବାକୁ ପିଲାଦିନର ସ୍ମୃତି ଅଛି ।

ପିଲାମାନଙ୍କର ପିଲାଦିନ ସେତେବେଳେ ରହିବ ଯେତେବେଳେ ଆମେ ତାଙ୍କୁ ପିଲା ବୋଲି ଭାବିବା । ଆଜିକାଲି ତ ପିଲାମାନଙ୍କୁ ଆମେ ଯନ୍ତ୍ର ବା ମେସିନ୍ କରିବାରେ ବ୍ୟସ୍ତ । ମେସିନ୍‌କୁ ଯେମିତି ଭୁଲ୍ କରିବା ମନା, ଆରାମ କରିବା ମନା, ସମୟ ନଷ୍ଟ କରିବା ମନା, ଠିକ୍ ସେହିପରି ଆମେ ଆମ ପିଲାଙ୍କୁ ଗଢୁଛନ୍ତି । ପିଲାଙ୍କ ପିଲାଦିନକୁ ଆମେ କେତେବେଳେ ପ୍ରତିଯୋଗିତାମୂଳକ ଦୌଡ଼ରେ ଥକେଇ ଦେଉଛନ୍ତି ତ ଆଉ କେତେବେଳେ ସଫଳ ହେବା ଚାପରେ ଚାପି ଦେଉଛନ୍ତି । କାଲି ଯେତେବେଳେ ସେଇ ପିଲା ବଡ଼ ହୋଇଯିବ, ତା' ସ୍ମୃତିରେ ଏକ ଜହ୍ନ ରାତି ବଦଳରେ ଘୋର କାଳିମା ଥିବ । ସେଇ କାଳିମା ଭିତରେ ପିଲାଟା ନା ତ ସୁନ୍ଦର ଅତୀତକୁ ଖୋଜିପାରୁଥିବ ନା ତା ରଙ୍ଗୀନ ଭବିଷ୍ୟର ଆକଳନ କରିପାରୁଥିବ । ଏତେ ସବୁ ପରେ ମଧ୍ୟ ପିଲାଙ୍କ ପିଲାଦିନ ଉପରେ ଅତ୍ୟାଚାର ସରୁ ନାହିଁ ଯେ ପିଲାଦିନ ଉପରେ ଦାଉ ସାଜୁଛି ଯୌବନ ।

ଆଜିକାଲି ଛଅ ରୁ ଆଠ ବର୍ଷ ବୟସରୁ ହିଁ ପିଲାମାନଙ୍କୁ ଯୌବନ ଛୁଇଁବା ଆରମ୍ଭ କରିଦେଉଛି, ଯାହାକୁ 'ପ୍ରାକ୍ ଯୌବନ' କୁହାଯାଏ । ପିଲାଦିନ ଉପରେ ଏହାର ଗଭୀର ଶାରୀରିକ, ମାନସିକ ଏବଂ ସାମାଜିକ ପ୍ରଭାବ ପଡୁଛି । ଯେହେତୁ ପିଲାମାନେ ଆଶାଠାରୁ ଶୀଘ୍ର କିଶୋରାବସ୍ଥାକୁ ଠେଲି ହୋଇଯାଆନ୍ତି, ସେମାନେ ସେମାନଙ୍କ ଜୀବନର ଏକ ମୌଳିକ ସମୟ ହରାଇଥା'ନ୍ତି । ପିଲାଙ୍କର ପିଲାଦିନ କିଛି ବଡ଼ମାନେ ଖାଇ ଯାଉଛନ୍ତି ଓ ବଳିଥିବା କିଛି ପିଲାଦିନକୁ ମାଡ଼ି ଆସୁଥିବା ଯୌବନ ଖାଇ ଯାଉଛି । 'ପ୍ରାକ୍ ଯୌବନ' ଏକ ସମୟରେ ବିରଳ ଥିଲା । କିନ୍ତୁ ଏବେ ତାହା ପିଲାମାନଙ୍କ ମଧ୍ୟରେ ଅଧିକରୁ ଅଧିକ ପରିଲକ୍ଷିତ ହେଉଛି । ପାରମ୍ପରିକ ଭାବରେ ଭାରତରେ ଝିଅ ପିଲାମାନଙ୍କ ମଧ୍ୟରେ ୧୧ ରୁ ୧୩ ବର୍ଷ ମଧ୍ୟରେ ଏବଂ ପୁଅମାନଙ୍କ ମଧ୍ୟରେ ଅଳ୍ପ ବିଳମ୍ବରେ ଯୌବନ ଆରମ୍ଭ ହେଉଥିଲା । ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ବର୍ତ୍ତମାନ ଅନେକ ପିଲାଙ୍କୁ ୬ କିମ୍ବା ୮ ବର୍ଷ ବୟସରୁ ହିଁ ଯୌବନ ଛୁଇଁଯାଉଛି ।

ଶାରୀରିକ ପରିପକ୍ୱତାର ଏହି ଅସ୍ୱାଭାବିକ ଆରମ୍ଭ ସହରୀକରଣ ଏବଂ ଜୀବନଶୈଳୀରେ ପରିବର୍ତ୍ତନ, ଖାଦ୍ୟ, ପରିବେଶ, ମନସ୍ତାତ୍ତ୍ୱିକ ପରିବେଶ ଏବଂ ସାମାଜିକ-ସାଂସ୍କୃତିକ କାରଣ ହେତୁ ତ୍ୱରାନ୍ୱିତ ହେଉଛି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ସହରାଞ୍ଚଳରେ ରହୁଥିବା ଝିଅମାନେ ସେମାନଙ୍କ ଗ୍ରାମୀଣ ପ୍ରତିପକ୍ଷଙ୍କ ତୁଳନାରେ ପ୍ରାୟ ବର୍ଷେ ଆଗୁଆ ଯୁବାବସ୍ଥାରେ ପଦାର୍ପଣ କରନ୍ତି । ଆଜିକାଲି ପିଲାଙ୍କ ମଧ୍ୟରେ ମୋଟାପଣ ବୃଦ୍ଧି ପାଇବାରେ ଲାଗିଛି, ଯାହାର କାରଣ ହେଲା ଅଧିକରୁ ଅଧିକ ପ୍ରକ୍ରିୟାକୃତ ଖାଦ୍ୟ, ଯେଉଁଥିରେ ଚିନି ଏବଂ ଚର୍ବି ଅଧିକ ରହୁଛି । ଅତ୍ୟଧିକ ଶରୀରର ଚର୍ବି, ବିଶେଷକରି ଝିଅମାନଙ୍କ କ୍ଷେତ୍ରରେ, ପ୍ରାରମ୍ଭିକ ଯୌବନ ସହିତ ଦୃଢ଼ ଭାବରେ ଜଡ଼ିତ । ୨୦୧୯ ମସିହାରେ ଇଣ୍ଡିଆନ୍ ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ସହରାଞ୍ଚଳରେ ୬-୧୪ ବର୍ଷ ବୟସର ୨୦% ରୁ ଅଧିକ ପିଲା ଅତ୍ୟଧିକ ଓଜନ କିମ୍ବା ମେଦବହୁଳତା ଦ୍ୱାରା ଆକ୍ରାନ୍ତ । ଏହା ଶରୀର ଚର୍ବିକୋଷ ଲେପ୍ଟିନ୍ ନାମକ ଏକ ହର୍ମୋନ ମୁକ୍ତ କରେ, ଯାହା ଯୌବନ ଆରମ୍ଭକୁ ତ୍ୱରାନ୍ୱିତ କରି ପ୍ରାୟ ଦୁଇବର୍ଷ ଆଗୁଆ ଯୌବନର ଲକ୍ଷଣ ପ୍ରଦର୍ଶନ କରିଥାଏ । ଖାଦ୍ୟ ପଦାର୍ଥରେ ବ୍ୟବହୃତ କୀଟନାଶକ, ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ପ୍ରଦୂଷକରେ ଥିବା ଏଣ୍ଡୋକ୍ରାଇନ୍-ବ୍ୟାଘାତକାରୀ ରାସାୟନିକ ପଦାର୍ଥ ହରମୋନ୍ ପ୍ରକ୍ରିୟାକୁ ପ୍ରଭାବିତ କରିଥା'ନ୍ତି । ବିସ୍ଫେନଲ୍ ଏବଂ ଥ୍ୟଲେଟ୍ ପରି ରାସାୟନିକ ପଦାର୍ଥ ସାଧାରଣ ଅନ୍ତଃସ୍ରାବୀ କାର୍ଯ୍ୟକୁ ବ୍ୟାଘାତ କରି ଯୌନ ପରିପକ୍ୱତାକୁ ତ୍ୱରାନ୍ୱିତ କରେ । ଏହାଛଡ଼ା ମାନସିକ ଚାପ ମଧ୍ୟ ଏ ବିସଙ୍ଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଗବେଷଣା ଅନୁଯାୟୀ, ଯେଉଁ ପିଲାମାନେ ଉଚ୍ଚସ୍ତରର ଚାପ ଅନୁଭବ କରନ୍ତି, ଯେପରିକି ପାରିବାରିକ କଳହ ବା ଅତ୍ୟଧିକ ପାଠପଢ଼ା ଆଦି, ସେମାନେ ଯୌବନ ଶୀଘ୍ର ଆରମ୍ଭ କରିବାର ଆଶଙ୍କା ଅଧିକ ।

'ପ୍ରାକ୍ ଯୌବନ' ହେତୁ ଶାରୀରିକ ପରିପକ୍ୱତା ସହିତ ଆସୁଥିବା ଆବେଗିକ ଏବଂ ସାମାଜିକ ପରିବର୍ତ୍ତନ ପାଇଁ ପିଲାମାନେ ପ୍ରସ୍ତୁତ ହୋଇନଥା'ନ୍ତି । ଆବେଗିକ ପରିପକ୍ୱତା ପାଇବା ପୂର୍ବରୁ ସେମାନେ ଶାରୀରିକ ପରିବର୍ତ୍ତନ ସହିତ ସଂଘର୍ଷ କରନ୍ତି । ଭାରତରେ ଝିଅମାନଙ୍କ ମଧ୍ୟରେ ଶୀଘ୍ର ଯୁବାବସ୍ଥା ସାମାଜିକ କଟକଣାର କାରଣ । ଯୁବାବସ୍ଥା ସହିତ ଜଡ଼ିତ ଋତୁସ୍ରାବ ଏକ ସମ୍ବେଦନଶୀଳ ବିଷୟ, ଯାହା ଅନେକ ବିଶ୍ୱାସ, ଅନ୍ଧବିଶ୍ୱାସ ଓ ପ୍ରତିବନ୍ଧକ ସହିତ ସଂଶ୍ଳିଷ୍ଟ । ଯେଉଁ ଝିଅମାନେ ଶୀଘ୍ର ଯୌବନ ପ୍ରାପ୍ତ କରନ୍ତି ସେମାନଙ୍କ ସ୍ୱାଧୀନତା, ପାଠପଢ଼ା ଓ ସାମାଜିକ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲାଗିଯାଏ । ଏହା କେବଳ ସେମାନଙ୍କ ପିଲାଦିନର ଅଭିଜ୍ଞତାକୁ ବ୍ୟାହତ କରେ ନାହିଁ, ବରଂ ଏକ ବିଚ୍ଛିନ୍ନତାର ଭାବନା ସୃଷ୍ଟି କରେ । କାରଣ ପିଲା ଥିବା ବେଳେ ସେମାନଙ୍କୁ ପ୍ରାୟତଃ ବୟସ୍କ ଭାବରେ ବିବେଚନା କରାଯାଏ । ଝିଅମାନଙ୍କ ଭଳି ପୁଅମାନେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ପୁଅମାନଙ୍କ ମଧ୍ୟରେ 'ପ୍ରାକ୍ ଯୌବନ' ଆକ୍ରମଣାତ୍ମକତା, ଦ୍ୱନ୍ଦ୍ୱ ଏବଂ ବୟସ୍କଙ୍କ ଭଳି ଆଶା ପୂରଣ କରିବା ପାଇଁ ଚାପ ସୃଷ୍ଟି କରିଥାଏ । ଯେଉଁ ପୁଅମାନେ ଶୀଘ୍ର ଯୌବନରେ ପ୍ରବେଶ କରନ୍ତି ସେମାନଙ୍କର ଆଚରଣଗତ ସମସ୍ୟା ଦେଖାଦିଏ ।

'ପ୍ରାକ୍ ଯୌବନ'ର ପରିଣାମ କେବଳ ଶାରୀରିକ, ସାମାଜିକ ଏବଂ ମାନସିକ ସମସ୍ୟା ମଧ୍ୟରେ ସୀମିତ ନୁହେଁ । ଏହାର ଦୀର୍ଘକାଳୀନ ସ୍ୱାସ୍ଥ୍ୟଜନିତ ବିପଦ ମଧ୍ୟ ରହିଛି । ଶୀଘ୍ର ଯୌବନ ଛୁଇଁ ଯାଉଥିବା ପିଲାମାନେ ପରବର୍ତ୍ତୀ ଜୀବନରେ ମଧୁମେହ, ମେଦବହୁଳତା, ହୃଦରୋଗ, ଝିଅମାନଙ୍କ ସ୍ତନକର୍କଟ, ପୁଅମାନଙ୍କ ଅଣ୍ଡକୋଷ କର୍କଟ ସମେତ କେତେକ ରୋଗର ବିପଦ ଦେଖା ଦେବାର ଆଶଙ୍କା ଖୁବ୍ ଅଧିକ । ଏହାଛଡ଼ା ଶାରୀରିକ ଉଚ୍ଚତା ବାଧାପ୍ରାପ୍ତ ହୋଇପାରେ, ଯାହା ପରବର୍ତ୍ତୀ ସମୟରେ ଆତ୍ମସମ୍ମାନ ଏବଂ ଶରୀର ପ୍ରତିଛବିକୁ ପ୍ରଭାବିତ କରିପାରେ । ଗବେଷଣାରୁ ଜଣାପଡ଼ିଛି ଯେ ପ୍ରାକ-ଯୌବନ ପ୍ରାପ୍ତିର କୁପରିଣାମ ସ୍ୱରୂପ କିଶୋରମାନଙ୍କ ମଧ୍ୟରେ ଅପରାଧପ୍ରବଣତା ମଧ୍ୟ ବୃଦ୍ଧି ପାଏ ।

ପିଲାଦିନ ନ ଯାଉ ଯାଉ ବାଲ୍ୟାବସ୍ଥା ଉପରେ ଯୁବାବସ୍ଥାର ଆକ୍ରମଣ ସହିତ ଲଢ଼ିବାକୁ ବା ସମାଧାନର ବାଟ କାଢ଼ିବାକୁ ଲୋଡ଼ା ପିତାମାତା, ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ନୀତି ନିର୍ଦ୍ଧାରକମାନଙ୍କ ଆନ୍ତରିକତା ଏବଂ ଏକ ବହୁମୁଖୀ ଆଭିମୁଖ୍ୟ । ବିଦ୍ୟାଳୟ ଏବଂ ପରିବାର ପାଇଁ ଏପରି ଏକ ପରିବେଶ ସୃଷ୍ଟି କରିବା ଆବଶ୍ୟକ, ଯେଉଁଠାରେ ପିଲାମାନେ ଶାରୀରିକ ପରିବର୍ତ୍ତନ ବିଷୟରେ ଖୋଲାଖୋଲି ଭାବରେ ଆଲୋଚନା କରିପାରିବେ ଏବଂ ସମର୍ଥନ ପାଇପାରିବେ । ଯୌବନ, ଶାରୀରିକ ସ୍ୱାସ୍ଥ୍ୟ ଏବଂ ଭାବନାତ୍ମକ ସୁସ୍ଥତା ବିଷୟରେ ବୟସ-ଉପଯୁକ୍ତ ସୂଚନା ପ୍ରଦାନ କରିବା, ପିଲାମାନଙ୍କୁ ଯୁବାବସ୍ଥାରେ ହେଉଥିବା ଶାରୀରିକ ଓ ମାନସିକ ବ୍ୟତିକ୍ରମ ବିଷୟରେ ଅବଗତ କରାଇବା, ତାହାର ସାମ୍ନା କିପରି କରାଯିବ ସେଥିପ୍ରତି ଜ୍ଞାନ ଓ ପରାମର୍ଶ ଦେବା ଅତି ଆବଶ୍ୟକ, ବିଶେଷକରି ଝିଅମାନଙ୍କୁ । ନୀତିଗତ ଦୃଷ୍ଟିକୋଣରୁ ଏପରି ଏକ ନିୟମାବଳୀ ସୃଷ୍ଟି କରିବାର ଆବଶ୍ୟକତା ରହିଛି, ଯାହା ପିଲାମାନଙ୍କ ସଂସ୍ପର୍ଶରେ ଆସୁଥିବା ଏଣ୍ଡୋକ୍ରାଇନ୍-ବ୍ୟଘାତକାରୀ ରାସାୟନିକ ପଦାର୍ଥକୁ ସୀମିତ କରିବ, ସୁସ୍ଥ ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବ ଏବଂ ସହରାଞ୍ଚଳରେ ଶାରୀରିକ କାର୍ଯ୍ୟକଳାପ ପାଇଁ ନିରାପଦ ସବୁଜ ସ୍ଥାନକୁ ବ୍ୟାପକ କରାଇବ । ପ୍ରଦୂଷଣ ସ୍ତର ହ୍ରାସ କରିବା, ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏବଂ ଶିଶୁ ସ୍ୱାସ୍ଥ୍ୟ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଧ୍ୟାନ ଦେଉଥିବା କାର୍ଯ୍ୟକ୍ରମ, ପ୍ରାକ୍ ଯୌବନ ପ୍ରବୃତ୍ତିକୁ ପ୍ରତିହତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ।

ଆମ ଅଖାପାଖରେ ଘଟୁଥିବା ସାମାଜିକ, ଆର୍ଥିକ, ପ୍ରାକୃତିକ, ରାଜନୈତିକ ବ୍ୟତିକ୍ରମ ସହିତ ଯଦି ନିଜ ଭିତରେ ଘଟୁଥିବା ଶାରୀରିକ, ମାନସିକ ବା ଆନୁସଙ୍ଗିକ ପରିବର୍ତ୍ତନକୁ ଲକ୍ଷ୍ୟ କରିବା, ତେବେ ନିଶ୍ଚୟ ଅନୁଭବ ହେବ ଯେ ଆମେ କିପରି ଏକ ଅଜଣା ସଙ୍କଟ ଆଡ଼କୁ ଠେଲି ହୋଇ ଚାଲିଛନ୍ତି । ସେଇ ସଙ୍କଟରୁ ବର୍ତ୍ତିବାକୁ ଓ ଆମ ପିଲାଙ୍କୁ ସେଇ ସଙ୍କଟରୁ ସୁରକ୍ଷିତ ରଖିବାକୁ ଆମର ପ୍ରୟାସ କିନ୍ତୁ ଶୂନ୍ୟ ସମାନ । ଖାଦ୍ୟପେୟ ଅଭ୍ୟାସ, ପରିବେଶଗତ ପ୍ରଭାବ ଏବଂ ମାନସିକ ସ୍ୱାସ୍ଥ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟାପକ ପଦକ୍ଷେପ ଗ୍ରହଣ କରି ଆମେ ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ, ବିକାଶମୂଳକ ଓ ପ୍ରଗତିଶୀଳ ବାଲ୍ୟାବସ୍ଥା ପ୍ରଦାନ କରିପାରିବା । ଯଦି ଜୀବନକାଳ ଭିତରୁ ପିଲାଦିନ ଉଭାନ ହୋଇଯିବ, ତେବେ ବୃଦ୍ଧାବସ୍ଥାକୁ ରହିଯିବ କେବଳ ବେସ୍ୱାଦୀ ଓ ବେରଙ୍ଗ ସ୍ମୃତି ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ଠାକୁରଙ୍କ ଠିକଣା

ଡ. ସୀତାକାନ୍ତ ତ୍ରିପାଠୀ

ଯୁଗେଯୁଗେ ଠାକୁରଙ୍କ ଠିକଣାକୁ ନେଇ ଆମ ସମାଜରେ ଦ୍ୱନ୍ଦ୍ୱ, ହିଂସା, ରକ୍ତପାତ ତଥା ବାକ୍‌ବିତଣ୍ଡା ଘଟି ଆସିଛି । କିଏ କୁହେ ମୁଁ ସ୍ୱୟଂ ଠାକୁରଙ୍କୁ ଦେଖିଛି ତ ଆଉ କିଏ କୁହେ ମୁଁ ଠାକୁରଙ୍କ ସତ୍ତାକୁ ଅନୁଭବ ଏବଂ ଉପଲବ୍‌ଧି କରିଛି । କିଏ ଠାକୁରଙ୍କୁ କେନ୍ଦ୍ର କରି ବିଭିନ୍ନ ନୀତି, ନିୟମ, ପ୍ରଥା ପରମ୍ପରାକୁ ଜାବୋଡ଼ି ଧରିଥାଏ ତ ଆଉ କିଏ 'ଯଥା ଦେହେ ତଥା ଦେବେ' ନ୍ୟାୟରେ ମଣିଷମାନଙ୍କ ମଧ୍ୟରେ ଦିବ୍ୟ ସତ୍ତା ବା ଠାକୁରଙ୍କ ସତ୍ତା ଅନୁଭବ କରି ନିତିଦିନିଆ ଜୀବନକୁ ପରିଚାଳିତ କରିଥାଏ । କାହା ପାଇଁ ଠାକୁର ସାକାର ହୋଇଥିବା ବେଳେ ଆଉ କାହା ପାଇଁ ସିଏ ନିରାକାର । ଲିଙ୍ଗଭିତ୍ତିରେ କିଏ ଠାକୁର ଓ ଠାକୁରାଣୀଙ୍କୁ ଭିନ୍ନ ଭିନ୍ନ ଭାବେ ପୂଜା ଆରାଧନା କରୁଥିବା ବେଳେ ଆଉ କିଏ ଜଣେ ଠାକୁରଙ୍କ ମଧ୍ୟରେ ଉଭୟ ପୁରୁଷ ଓ ନାରୀଙ୍କ ଦିବ୍ୟ ସତ୍ତାଗୁଡ଼ିକୁ ଉପଲବ୍‌ଧି କରିଥା'ନ୍ତି । ପିତାମାତା, ଗୁରୁ, ଗୁରୁଜନମାନଙ୍କ ମଧ୍ୟରେ କିଛି ଲୋକ ଭଗବାନଙ୍କ ଦିବ୍ୟ ଶକ୍ତି ଅନୁଭବ କରୁଥିବା ବେଳେ ଅନ୍ୟ କିଛି ଲୋକ କୀଟ, ପତଙ୍ଗ, ତରୁ, ତୃଣ ଆଦି ସବୁରି ମଧ୍ୟରେ ତାଙ୍କୁ ଅନୁଭବ କରନ୍ତି । କିଛି ଦେବତା ଓ ଦେବୀମାନଙ୍କୁ କେବଳ ପୁରୁଷମାନେ ପୂଜା କରିବାର ଅଧିକାର ପ୍ରାପ୍ତ ହୋଇଥିବା ବେଳେ ଆଉକିଛି ଜାଗାରେ ନାରୀମାନେ ହିଁ ଉପାସନା କରିବା ପାଇଁ ସ୍ୱତନ୍ତ୍ର ନୀତିନିୟମ ରହିଛି । କିଛି ସ୍ଥାନରେ ପୂଜା କରିବା ପାଇ ନିର୍ଦ୍ଦିଷ୍ଟ ଜାତି, ଧର୍ମ ଓ ବର୍ଣ୍ଣର ଲୋକମାନଙ୍କୁ ଅଧିକାର ଦିଆଯାଇଥିବା ବେଳେ ଆଉ କିଛି ଯାଗାରେ ଉକ୍ତ କାର୍ଯ୍ୟ ପାଇଁ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରାଯାଇଥାଏ ।

କିଛି ଲୋକ ନିଜର ଆକାଂକ୍ଷିତ ସାଂସାରିକ କାମନାଗୁଡ଼ିକୁ ପରିପୂର୍ଣ୍ଣ କରିବା ପାଇଁ ପୂଜା ଆରାଧନା କରୁଥିବା ବେଳେ ଆଉ କିଛି ଲୋକ ମୋକ୍ଷ ପଥର ପଥିକ ହେବା ପାଇଁ ପ୍ରାର୍ଥନା କରନ୍ତି । କାରଣ କାହା ପାଇଁ ଏ ମଣିଷ ଜୀବନ ଥରେ ମିଳିଛି ଏହାକୁ ଭରପୂର ଉପଭୋଗ କରିବା ଆବଶ୍ୟକ । କିଏ ଜାଣିଛି ମୃତ୍ୟୁ ପରେ କ'ଣ ହେବ? କିନ୍ତୁ ଅନ୍ୟ କିଛିଲୋକ ସଂସାରକୁ ଦୁଃଖାଳୟ ଭାବେ ମନେ କରି ଏଥିରୁ ତ୍ରାହି ପାଇବା ପାଇଁ ନିରନ୍ତର ଦିବ୍ୟସତ୍ତାଙ୍କୁ ଡାକିଥା'ନ୍ତି । ତା'ଛଡ଼ା ଆଉ କେବେ ନିଜର ପୁନର୍ଜନ୍ମ ନହେଉ ଭାବି ନିଜକୁ ବିଭୁସତ୍ତା ମଧ୍ୟରେ ହଜାଇ ଦେବା ପାଇଁ ଶ୍ରେୟସ୍କର ମନେ କରିଥା'ନ୍ତି ।

ତେବେ ଯଦି ଏ ପର୍ଯ୍ୟନ୍ତ କେହି ଠାକୁରଙ୍କର ପ୍ରକୃତ ସ୍ୱରୂପ ଦେଖି ନାହାନ୍ତି ବା ଜାଣି ନାହାନ୍ତି ବା ସମସ୍ତଙ୍କ ପାଇଁ ସିଏ ଅଜଣା, ତା'ହେଲେ ଏଥିପାଇଁ ଏତେ ଝଗଡ଼ା କ'ଣ ପାଇଁ? ଯଦି ବିଶ୍ୱାସରେ ଠାକୁର ମିଳି ଥା'ନ୍ତି ତେବେ ତର୍କ କାହିଁକି? ଏହାର ଉତ୍ତର ହୁଏତ ଆମ କାହାରି ପାଖରେ ନାହିଁ । ସମସ୍ତେ ଜାଣନ୍ତି ନିର୍ବାଚନରେ ଜଣେ ପ୍ରାର୍ଥୀ ଜିଣିବ ଓ ଅନ୍ୟ ସମସ୍ତ ପ୍ରାର୍ଥୀ ହାରିବେ । ତେବେ ପ୍ରାୟ ସମସ୍ତ ପ୍ରାର୍ଥୀ ନିଜନିଜ ସାଧମତେ ଅଜଣାସତ୍ତାଙ୍କ କାହିଁକି ଶରଣ ପଶିଥା'ନ୍ତି? ଆଉ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଜିଣିଥିବା ପ୍ରାର୍ଥୀ ଜଣଙ୍କ ଭଗବାନଙ୍କ ପାଖରେ ନିଜର କୃତଜ୍ଞତା ଜଣାଇ ନିଜର ମାନସିକ ପୂରଣ କରୁଥିବା ବେଳେ ଅନ୍ୟମାନେ ନିଜନିଜର ଭାଗ୍ୟ ଓ ଭଗବତ୍ ସତ୍ତା ପ୍ରତି ସନ୍ଦୀହାନ ହେଉଥିବାର ଦେଖାଯାଏ । ଆଉ ବେଳେବେଳେ ସେମାନେ ଭଗବାନଙ୍କର ଆଉ କିଛି ବିକଳ୍ପ ଇଚ୍ଛା ଥାଇପାରେ ମନେକରି ନିଜ ନିଜର ଭବିଷ୍ୟତ କର୍ମପନ୍ଥା ସ୍ଥିର କରିଥା'ନ୍ତି । ସେହିଭଳି କୌଣସି ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ବା ତା'ର ପରିବାର ଅଦୃଶ୍ୟ ସତ୍ତା ଉପରେ କୃତଜ୍ଞତା ଜଣାଉଥିବା ବେଳେ ଅନ୍ୟମାନେ ଭଗବାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଭୁଲି ନଥା'ନ୍ତି । ସେଠାରେ ବିଭିନ୍ନ ଧର୍ମର ଜାତି, ବର୍ଣ୍ଣ ତଥା ଅଞ୍ଚଳର ଲୋକ ଥିଲେ ମଧ୍ୟ ସେଠାରେ ମୃତ୍ୟୁବରଣ କରୁଥିବା କିମ୍ବା ଆଘାତପ୍ରାପ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟତା ଥାଏ । ଯଦି ଏହି ଛୋଟିଆ ଘଟଣାଟିରେ କୌଣସି ଫରକ ନ ଥାଏ ତେବେ ଠାକୁରଙ୍କ ଠିକଣାକୁ ନେଇ ଏତେ ପାର୍ଥକ୍ୟ, ବିବିଧତା, ବିଭେଦତା, ଘୃଣା ଓ ଅସୂୟା କାହିଁକି? ଯଦି ସମସ୍ତ ଧର୍ମ ଏକ ସ୍ୱରରେ ଅହିଂସା ମନୁଷ୍ୟମାନଙ୍କର ପରମ ଧର୍ମ ବୋଲି ସ୍ୱୀକାର କରିଥା'ନ୍ତି ତେବେ ଧାର୍ମିକ ଭାବନା, ଚେତନା ତଥା କର୍ମ ମଧ୍ୟରେ ନେତିନେତି କାହିଁକି?

ଶେଷରେ ଏତିକି କୁହାଯାଇପାରେ ଠାକୁର ଯିଏବି ହୁଅନ୍ତୁ, ଯେଉଁଠି ବି ଥାଆନ୍ତୁ ସେମାନେ ମନୁଷ୍ୟମାନଙ୍କ ମଧ୍ୟରେ ସମାନତା, ଏକତ୍ୱ ତଥା ଉନ୍ନତି ପାଇଁ କାର୍ଯ୍ୟ କରିଥା'ନ୍ତି, ଯାହାକୁ ଆଧାର କରି ଆରିଷ୍ଟୋଟଲଙ୍କର 'ପ୍ରାକୃତିକ ଅଧିକାର ତତ୍ତ୍ୱ' ପର୍ଯ୍ୟବସିତ । ତାଙ୍କ ମତରେ ସମସ୍ତ ମଣିଷ ଈଶ୍ୱରଙ୍କ ସନ୍ତାନ । ତେଣୁ ସେମାନଙ୍କ ମଧ୍ୟରେ ବିଭେଦତା ଆଣିବା ଅସମୀଚୀନ । ତେଣୁ ସମସ୍ତଙ୍କୁ ସମାନ ଅଧିକାର ଦେବା ପାଇଁ ଶାସକମାନେ ପ୍ରୟାସ କରିବା ଜରୁରୀ । ଏହି ଆଧାରରେ ଶାସକମାନଙ୍କୁ ଈଶ୍ୱରତୁଲ୍ୟ ଜ୍ଞାନ କରୁଥିବା ପ୍ରଜାମାନଙ୍କୁ ମଧ୍ୟ ଯଦି ସମାନ ଅଧିକାର ମିଳିବା ସହିତ ଶାନ୍ତି, ସଦଭାବନା ଏକତା ବଜାୟ ରହିପାରିବ, ତା'ହେଲେ ସେଇଟା ହିଁ ଠାକୁରଙ୍କ ଶେଷ ଠିକଣା ବୋଲି କୁହାଯାଇପାରେ ।

ଭଦ୍ରକ, ମୋ: ୯୭୭୮୭୬୪୩୯୪

## ଗୈରିକ ବସ୍ତ୍ରର ମହତ୍ତ୍ୱ

ବେଦ-ବିଜ୍ଞାନ

ଓଜସ୍ୱିନୀ

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହୋଇଥିବା ମହାକୁମ୍ଭମେଳାରେ ସାଧୁସନ୍ଥଙ୍କ ସମାବେଶ ପରିବେଶକୁ ଗୈରିକମୟ କରିଛି । ସାଧାରଣତଃ ସନ୍ନ୍ୟାସୀ କହିଲେ ଜଟାଜୁଟ, କପାଳରେ ଭସ୍ମ ଚିତା ଓ ରୁଦ୍ରାକ୍ଷମାଳା ଧାରୀ ଗୈରିକ ବସ୍ତ୍ର ପରିହିତ ଛବି ସାମ୍ନାକୁ ଆସିଯାଏ । ଶୁଭ୍ର ପବିତ୍ରତାର ପ୍ରତୀକ ଏବଂ ଆଧ୍ୟାତ୍ମିକତା ସହିତ ସଂଶ୍ଳିଷ୍ଟ ହେଲେ ମଧ୍ୟ ସନ୍ନ୍ୟାସୀମାନେ ସବୁବେଳେ ଗେରୁଆ ବା ଗୈରିକ ବସ୍ତ୍ର ପିନ୍ଧନ୍ତି କାହିଁକି? ଏହି ପ୍ରଶ୍ନ ଅନେକଙ୍କ ମନକୁ ଆନ୍ଦୋଳିତ କରୁଥିବ । ବସ୍ତ୍ରର ରଙ୍ଗ ପ୍ରଭେଦ ପଛରେ ଉଭୟ ଧାର୍ମିକ ଓ ବୈଜ୍ଞାନିକ କାରଣ ରହିଛି ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଯୋଗୀ ଓ ସନ୍ନ୍ୟାସୀମାନେ ତପସ୍ୟା କରିବା ସମୟରେ ସେମାନଙ୍କ ଅନ୍ତରାତ୍ମାରେ ଏକ ଅଲୌକିକ ରଶ୍ମି ଉଦ୍ଭାସିତ ହୋଇଉଠେ । ଏହା ଅଗ୍ନି ଭଳି ହଳଦିଆ ଓ ଉଗ୍ର ଲାଲ୍ ରଙ୍ଗ ମିଶ୍ରଣ ବା ଗୈରିକ ରଙ୍ଗ ଧାରଣ କରିଥାଏ । ତେଣୁ ଏହି ରଙ୍ଗର ପ୍ରତୀକ ସ୍ୱରୂପ ସନ୍ନ୍ୟାସୀମାନେ ଗୈରିକ ବସ୍ତ୍ର ପରିଧାନ କରିଥା'ନ୍ତି । ହିନ୍ଦୁ ଧର୍ମ ବ୍ୟତୀତ ବୌଦ୍ଧ ଓ ଜୈନ ଧର୍ମରେ ମଧ୍ୟ ଗୈରିକ ବସ୍ତ୍ରର ମହତ୍ତ୍ୱ ପ୍ରତିପାଦିତ । ଏହି ରଙ୍ଗ ସୂର୍ଯ୍ୟୋଦୟ ଓ ଅସ୍ତରାଗର ବା ପୀତ-ଲୋହିତ ବର୍ଣ୍ଣର ସମାହାର ହୋଇଥିବାରୁ ସମର୍ପଣ ଓ ବଳିଦାନର ପ୍ରତୀକ ବୋଲି କୁହାଯାଏ । ତେଣୁ ସଂସାରର ମଙ୍ଗଳ ଓ କଲ୍ୟାଣ ନିମିତ୍ତ ସଂସାରତ୍ୟାଗୀ ସନ୍ନ୍ୟାସୀମାନେ ନିଜ ଜୀବନ ଆଧ୍ୟାତ୍ମିକ ମାର୍ଗରେ ଉତ୍ସର୍ଗ କରିଥିବାରୁ ସେମାନେ ଗୈରିକ ବସ୍ତ୍ର ଧାରଣ କରିଥା'ନ୍ତି । ଭିନ୍ନମତରେ ଅଗ୍ନି ସମସ୍ତ ବସ୍ତୁକୁ ଧ୍ୱଂସ କରିବା ସହ ପବିତ୍ର କରିବାର କ୍ଷମତା ରଖେ । ତେଣୁ ଗୈରିକ ବସ୍ତ୍ରଧାରୀ ସନ୍ନ୍ୟାସୀମାନେ ସେମାନଙ୍କ ଷଡ଼ରିପୁକୁ ଧ୍ୱଂସ କରି ଇନ୍ଦ୍ରିୟକୁ ଅଧୀନ କରି ରଖିବାରେ ଏହି ରଙ୍ଗକୁ ବ୍ୟବହାର କରିଥା'ନ୍ତି । ଆଉ କେତେକଙ୍କ ମତରେ ବୈଦିକ ଯୁଗରେ ମୁନି, ଋଷି, ସନ୍ନ୍ୟାସୀମାନେ ଗୋଟିଏ ଆଶ୍ରମରୁ ଅନ୍ୟ ଆଶ୍ରମକୁ ଯିବା ସମୟରେ ସାଙ୍ଗରେ ଅଗ୍ନିଙ୍କୁ ନେଇ ଯିବାର ପରମ୍ପରା ରହିଥିଲା । କାଳକ୍ରମେ ତାହା ପ୍ରତୀକାତ୍ମକ ଭାବେ ଗୈରିକ ରଙ୍ଗରେ ପରିବର୍ତ୍ତିତ ହୋଇଥିବା ଜଣାଯାଏ ।

ଏସବୁ ପଛରେ ଥିବା ବୈଜ୍ଞାନିକ କାରଣ ଆମ ଶରୀର ବିଜ୍ଞାନ ସହିତ ଜଡ଼ିତ । ପ୍ରଥମ କାରଣ ହେଉଛି, ଦୃଷ୍ଟି ଶକ୍ତି ଓ ମାନସିକତା । ଆମେ ଯାହା ଦେଖୁ, ମସ୍ତିଷ୍କ ତାହା ଗ୍ରହଣ କରିଥାଏ । ଆମ ମସ୍ତିଷ୍କରେ ଏକ ଧାରଣା ରହିଛି ଯେ, ସନ୍ନ୍ୟାସୀମାନେ ଯେଉଁ ଗେରୁଆ ରଙ୍ଗର ବସ୍ତ୍ର ପିନ୍ଧିଥା'ନ୍ତି, ତାହା ହେଉଛି ଆଧ୍ୟାତ୍ମିତାର ପ୍ରତୀକ । ଏହାକୁ ବାରମ୍ବାର ଭାବିବା କିମ୍ବା ଦେଖିବା ଦ୍ୱାରା ମସ୍ତିଷ୍କରେ ଆଧ୍ୟାତ୍ମିକତା ଓ ଈଶ୍ୱରୀୟ ସତ୍ତା ପ୍ରତି ଏକ ସକାରାତ୍ମକ ଧାରଣା ସୃଷ୍ଟି ହୁଏ । ଏହି ଧାରଣା ସମୟକ୍ରମେ ବୃଦ୍ଧି ପାଇ ଆଧ୍ୟାତ୍ମିକ, ସୃଜନାତ୍ମକ ଓ ସକାରାତ୍ମକ ପ୍ରବୃତ୍ତିକୁ ଜନ୍ମ ଦେଇଥାଏ । ଗୈରିକ ରଙ୍ଗ ମଧ୍ୟ ମାନସିକ ଦୃଢ଼ତା, ସ୍ଥିରତା ଓ ଆନନ୍ଦ ପ୍ରଦାୟିନୀ । ୨୦୨୦ରେ ହୋଇଥିବା ଏକ ସର୍ବେକ୍ଷଣରେ ୨୦ଟି ଦେଶର ଅଂଶଗ୍ରହଣକାରୀ ଗୈରିକ ବା ଗେରୁଆ ରଙ୍ଗକୁ ଆନନ୍ଦ ପ୍ରଦାନକାରୀ ରଙ୍ଗ ଭାବେ ଚୟନ କରିଥିଲେ ।

ମାନବ ଶରୀରରେ ଥିବା ସପ୍ତଚକ୍ର ବା କୁଣ୍ଡଳିନୀ ଶକ୍ତି ମଧ୍ୟରୁ ଗୈରିକ ରଙ୍ଗ ସ୍ୱାଧୀନାଷ୍ଠନ ଚକ୍ର ବା ସାକ୍ରାଲ୍ ଚକ୍ରକୁ ପ୍ରତିନିଧିତ୍ୱ କରେ ଯାହା କି ଶରୀରରେ ନାଡ଼ିର ଗତି, ହୃତ୍‌ସ୍ପନ୍ଦନ, ଅଗ୍ନାଶୟ, ବୃକକ୍‌ର କାର୍ଯ୍ୟକାରିତାକୁ ସନ୍ତୁଳିତ ରଖେ । ଏହା ମଧ୍ୟ ଏକାଗ୍ରତା, ଶକ୍ତି, ସାମର୍ଥ୍ୟ ବୃଦ୍ଧିକାରକ । ସନ୍ନ୍ୟାସୀମାନେ ଦୀର୍ଘସମୟ ଧରି ଆହାର ଗ୍ରହଣ କରୁନଥିବା ଓ ସ୍ୱଳ୍ପାହାର କରୁଥିବାରୁ ଶରୀରର ମେଟାବୋଲିଜିମ୍‌ରେ ଯେଉଁ ଅସ୍ୱାଭାବିକତାର ଆଶଙ୍କା ଥାଏ ତାହା ଗେରୁଆ ରଙ୍ଗର ପ୍ରଭାବରେ ପ୍ରଶମିତ ହୋଇଥାଏ ବୋଲି ରଙ୍ଗଚିକିତ୍ସା ବିଜ୍ଞାନରେ ଉଲ୍ଲେଖ ରହିଛି । ଗୈରିକ ରଙ୍ଗ ମଧ୍ୟ ଉତ୍ତାପ ସୃଷ୍ଟିକାରୀ । ମୁନି, ଋଷି, ସନ୍ନ୍ୟାସୀମାନେ ନିବାସ କରୁଥିବା ସ୍ଥାନ ସାଧାରଣତଃ ସମୁଦ୍ର ପତ୍ତନରୁ ବହୁ ଉଚ୍ଚରେ ଥିବାରୁ ସେଠାରେ ତାପମାତ୍ରା ସବୁବେଳେ ନିମ୍ନସ୍ତରରେ ଥାଏ । ଗୈରିକ ବସ୍ତ୍ର ସେମାନଙ୍କ ଶରୀର ପାଇଁ ଉତ୍ତାପରେ ସମତୁଲତା ରକ୍ଷା କରେ । କାଲିଫର୍ଣ୍ଣିଆରେ ସାତଟି ରଙ୍ଗର ପାଣି ସାତଟି ପାତ୍ରରେ ରଖି ଥର୍ମୋମିଟର ସାହାଯ୍ୟରେ ଉତ୍ତାପ ମାପିବା ପରେ ହଳଦିଆ ଓ ଗେରୁଆ ରଙ୍ଗ ସର୍ବାଧିକ ଉତ୍ତାପ ସୃଷ୍ଟିକାରୀ ରଙ୍ଗ ଭାବରେ ପ୍ରମାଣିତ ହୋଇଥିଲା ।

ଉଭୟ ଆଧ୍ୟାତ୍ମିକ ଓ ବିଜ୍ଞାନରେ ରଙ୍ଗର ମହତ୍ତ୍ୱ ପ୍ରତିପାଦିତ ଓ ପ୍ରମାଣିତ । ମାର୍ଗ, ଚିନ୍ତନ, ଦର୍ଶନ ଭିନ୍ନ ହେଲେ ମଧ୍ୟ ପ୍ରକୃତିଦତ୍ତ ଉପାଦାନର ମହତ୍ତ୍ୱ ଚିରନ୍ତନ ।

ମୋ: ୭୯୭୮୦୩୮୭୯୯

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଜି.ଉଦୟଗିରିରେ ତୁଷାରପାତ

**ଜି.ଉଦୟଗିରି, ୧୬।୧ (ସମିସ):** ରାଜ୍ୟର ଥଣ୍ଡା ସହର ଭାବେ କନ୍ଧମାଳ ଜିଲ୍ଲା ଜି. ଉଦୟଗିରିରେ ପ୍ରଥମ ତୁଷାରପାତ ହୋଇଛି। ଏଥିଯୋଗୁଁ ହାଡ଼ଭଙ୍ଗା ଶୀତ ଅନୁଭୂତ ହୋଇଛି। ସର୍ବନିମ୍ନ ତାପମାତ୍ରା ୭.୨ଡିଗ୍ରୀ



ରେକର୍ଡ କରାଯାଇଛି। ଗ୍ରାମାଞ୍ଚଳରେ ସହରାଞ୍ଚଳ ଅପେକ୍ଷା ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଅସହ୍ୟ ଶୀତ ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗ୍ରାମାଞ୍ଚଳ ସହ ସହରର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ଅପରପକ୍ଷେ, ଥଣ୍ଡାରେ ପର୍ଯ୍ୟଟନସ୍ଥଳୀର ମଜା ନେବା ପାଇଁ ଜି.ଉଦୟଗିରିରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳୁଛି।

## ବାଲୁଖଣ୍ଡ ଅଭୟାରଣ୍ୟକୁ ଗଲେ ୪ କୃଷ୍ଣସାର ମୃଗ

**ବେଲଗୁଣ୍ଠା, ୧୬।୧ (ସମିସ):** କୃଷ୍ଣସାର ମୃଗ ପାଇଁ ପ୍ରସିଦ୍ଧ ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ବେଲଗୁଣ୍ଠା ସେକ୍ସନ ପକ୍ଷରୁ ଆଜି ୪ଟି କୃଷ୍ଣସାର ମୃଗକୁ ବାଲୁଖଣ୍ଡ ଅଭୟାରଣ୍ୟକୁ ପଠାଯାଇଛି। ବୁଧବାର ଏକ ସ୍ୱତନ୍ତ୍ର ଗାଡ଼ିରେ ମୃଗଗୁଡ଼ିକୁ ବାଲୁଖଣ୍ଡ ପଠାଯାଇଛି। କାର୍ଯ୍ୟକ୍ରମକୁ ବେଲଗୁଣ୍ଠା ସେକ୍ସନ ବନପାଳ ଜି ଭେଙ୍କଟ ରାଓ ଦୋରା ପରିଚାଳନା



କରିଥିବା ବେଳେ ଏସିଏଫ୍ ରଶ୍ମି ରଞ୍ଜନ ସ୍ୱାଇଁ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ପଣ୍ଡା, ବନରକ୍ଷୀ ଶ୍ରୀମନ୍ ପ୍ରଧାନ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ରାଜ୍ୟରେ ଘୁମୁସର ବନଖଣ୍ଡ ବ୍ୟତୀତ ଅନ୍ୟ ଅଞ୍ଚଳରେ କୃଷ୍ଣସାର ମୃଗ ଦେଖିବାକୁ ବିଶେଷତଃ ମିଳନ୍ତି ନାହିଁ। ବନ ବିଭାଗର ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ କୃଷ୍ଣସାର ମୃଗ ବଂଶବୃଦ୍ଧିରେ ସହାୟକ ହେବ ବୋଲି କୁହାଯାଉଛି।

## ପୋଖରୀକୁ ପଶିଲା କାର୍; ଜଣେ ମୃତ

**ଧରାକୋଟ, ୧୬।୧(ସମିସ):** ପୋଖରୀକୁ କାର୍ ଖସି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଧରାକୋଟ ବ୍ଲକ୍ ବଡ଼ଗଡ଼ ଥାନା ଅନ୍ତର୍ଗତ ବାହାରପୁରରେ ଗୁରୁବାର ଏହି ଅଘଟଣ ଘଟିଛି। ମୃତକ ହେଲେ, ଆସିକା ଏଲ୍ଆଇସି ଅଫିସର୍ (ଏବିଏମ୍) ହିମାଂଶୁ ଶେଖର ମହାପାତ୍ର। ଗୁରୁତର ଆହତ ସୁଧାଂଶୁ ଶେଖର ସାହୁଙ୍କୁ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ଏଲ୍ଆଇସିରେ ଡେଭଲପମେଣ୍ଟ ଅଫିସର୍ (ଡିଓ) ଭାବେ କାର୍ଯ୍ୟରତ।



ସୂଚନାନୁଯାୟୀ, ବାହାରପୁର ଗ୍ରାମର ଏଲ୍ଆଇସି ଏଜେଣ୍ଟ ସୁଦାମ ଚରଣ ଦାସଙ୍କ ପୁଅର ଆଜି ଜନ୍ମଦିନ ଉତ୍ସବ ଥିଲା। ତାଙ୍କ ନିମନ୍ତ୍ରଣ ରକ୍ଷା କରି ଏବିଏମ୍ ହିମାଂଶୁ ଓ ଡିଓ ସୁଧାଂଶୁ ଆଜି ବାହାରପୁର ଗାଁକୁ ଯାଇଥିଲେ। ସେଠାରେ ଭୋଜି ଖାଇ ଦୁହେଁ ଶିବମନ୍ଦିର ପୋଖରୀ ନିକଟରେ ଥୁଆ ହୋଇଥିବା କାର୍ ପାଖକୁ ଆସିଥିଲେ। ତେବେ ସେଠାରେ କାର୍‌କୁ ପଛକୁ ନେବା ବେଳେ ଅସାବଧାନତାବଶତଃ କାର୍‌ଟି ପୋଖରୀ ଭିତରକୁ ପଶିଯାଇଥିଲା। ଏହା ଦେଖି ଗାଁ ଲୋକ ପୋଖରୀ ଭିତରେ ପଶି ଗାଡ଼ି ଭିତରୁ ଦୁହିଁଙ୍କୁ ଉଦ୍ଧାର କରି ନିକଟସ୍ଥ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ହିମାଂଶୁଙ୍କୁ ମୃତ ଘୋଷଣା କରିଥିଲେ। ସୁଧାଂଶୁଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

**ରଥ ଯାଇ ପୁଣି ରଥ ଆସିଲାଣି**

# ବଡ଼ଠାକୁର ପଡ଼ିଯିବା ଘଟଣାକୁ ଭୁଲିଗଲେ

**ପୁରୀ,୧୬।୧(ସମିସ):** ଆଡ଼ପ ମଣ୍ଡପକୁ ପହଣ୍ଡି ବେଳେ ଚାରମାଳ ଉପରେ ହାମୁଡେଇ ପଡ଼ିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ଚାରମାଳ ଉପରୁ ଖସି ଆସି ତଳ ଭାଗରେ ପଡ଼ିଯାଇଥିଲେ। କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଥିବା ଏହି ସମ୍ବେଦନଶୀଳ ଘଟଣାକୁ କିନ୍ତୁ ହାଲକା ଭାବେ ନେଇଛି ଶ୍ରୀମନ୍ଦିର ପରିଚାଳନା କମିଟି। କେଉଁ ପରିସ୍ଥିତିରେ ଏହା ଘଟିଲା, ଏଥିପାଇଁ ଦାୟୀ କିଏ; ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ। ଏହାର ତଦନ୍ତ ଆଳରେ ସମୟ ଗଡ଼ାଯାଉଛି। ପରିଚାଳନା କମିଟି ବୈଠକରେ ତିନିଜଣିଆ କମିଟି ଦାଖଲ କରିଥିବା ରିପୋର୍ଟ ଅସମ୍ପୂର୍ଣ୍ଣ ବୋଲି କୁହାଗଲା। ପୁଣିଥରେ ସେହି କମିଟି ତଦନ୍ତ କରି ରିପୋର୍ଟ ଦେବାକୁ ସ୍ଥିର ହୋଇଥିଲା। କିନ୍ତୁ ଇତିମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ବିତିଗଲାଣି। ହେଲେ କମିଟି ପୂର୍ଣ୍ଣାଙ୍ଗ ରିପୋର୍ଟ କେବେ ଦେବ ଏବଂ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ; ତାହା ଏବେ ପ୍ରଶ୍ନଘେରରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୪ ମାସରୁ ଊର୍ଦ୍ଧ୍ୱ ହେଲାଣି, ପରିଚାଳନା କମିଟି ନାହିଁ। ନୂଆ କମିଟି କେବେ ଗଢ଼ାଯିବ ଏବଂ ବଡ଼ଠାକୁର ପଡ଼ିଯିବା ଘଟଣାର ତଦନ୍ତ ରିପୋର୍ଟ କମିଟି ବୈଠକରେ ଆଉ ଉପସ୍ଥାପନ ହେବ ନା ନାହିଁ; ତାହା ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।

ବଡ଼ଠାକୁର ପଡ଼ିଯିବା ଘଟଣାର ତଦନ୍ତ ୩ ଜଣିଆ କମିଟିକୁ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଆରମ୍ଭରୁ ଢିଲା ମାରିଥିଲା। ନୀଳାଦ୍ରିବିଜେର ୧୦ଦିନ ମଧ୍ୟରେ ତିନିଜଣିଆ କମିଟି ତଦନ୍ତ କରି ଏହାର ରିପୋର୍ଟ ଦେବେ ବୋଲି ତତ୍କାଳୀନ ଶ୍ରୀମନ୍ଦିର



ମୁଖ୍ୟ ପ୍ରଶାସକ କହିଥିଲେ। କିନ୍ତୁ ଅବଧି ସରିଥିଲା ସିନା ତଦନ୍ତ ଆରମ୍ଭ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ତତ୍ପରତା ଦେଖାଇଥିଲା କମିଟି। ତରବରିଆ ଭାବେ ତଦନ୍ତ କରି ରିପୋର୍ଟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପ୍ରଦାନ କରିଥିଲା। ଗତବର୍ଷ ଅଗଷ୍ଟ ୩୦ ତାରିଖରେ ଏହି ରିପୋର୍ଟ ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରାଯାଇଥିଲା। କିନ୍ତୁ ରିପୋର୍ଟକୁ ନେଇ ସନ୍ତୁଷ୍ଟ ନ ଥିଲା କମିଟି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ପହଣ୍ଡି ଅଘଟଣ ସଂକ୍ରାନ୍ତରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହାର ଯେପରି ପୁନରାବୃତ୍ତି ନ ହୁଏ, କମିଟି ବିଶେଷ ଭାବେ ଗୁରୁତ୍ୱାରୋପ କରିଛି। ୩ଜଣିଆ କମିଟି ତାଙ୍କ ରିପୋର୍ଟରେ ନିର୍ଦ୍ଦିଷ୍ଟ ଭାବେ କେତେକ କାରଣ ଉଲ୍ଲେଖ କରିଛନ୍ତି। ହେଲେ ପରିଚାଳନା କମିଟି ଏହି ରିପୋର୍ଟ ଅସମ୍ପୂର୍ଣ୍ଣ ବୋଲି କହିବା ସହ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲା ନାହିଁ। ନିର୍ଦ୍ଦିଷ୍ଟ ଭାବେ କାହାର ଏଥିରେ ଭୁଲ୍ ରହିଛି ଏବଂ କେଉଁମାନେ ଦାୟୀ, ଆଉଥରେ ଏହାର ତର୍ଜମା କରି ପଏଣ୍ଟ ୱାଇଜ୍ ଦେବା ପାଇଁ ପରାମର୍ଶ ଦିଆଯାଇଛି।

ଇତିମଧ୍ୟରେ ୪ ମାସରୁ ଅଧିକ ସମୟ ବିତିଲାଣି। ତିନି କମିଟି ପ୍ରସ୍ତୁତ କରିଥିବା ଅସମ୍ପୂର୍ଣ୍ଣ ରିପୋର୍ଟ ଏବେ ସମ୍ପୂର୍ଣ୍ଣ ହେଲାଣି ନା ନାହିଁ, ସେ ସମ୍ପର୍କରେ କୌଣସି ସ୍ପଷ୍ଟତା ନାହିଁ। ପୂର୍ବ ରିପୋର୍ଟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା। ଯେଉଁ ରିପୋର୍ଟ ମାତ୍ର ୧୫ଦିନ ଭିତରେ ତଦନ୍ତ କରାଯାଇ ପ୍ରସ୍ତୁତ ହୋଇଥିଲା। ତେଣୁ ସମ୍ପୃକ୍ତ କମିଟିକୁ ଆଉଥରେ ତଦନ୍ତ କରି ପୂର୍ଣ୍ଣାଙ୍ଗ ରିପୋର୍ଟ ଦିଆଯିବାକୁ ଇତିମଧ୍ୟରେ ୪ ମାସରୁ ଅଧିକ ବିତିଗଲାଣି। ହେଲେ କ'ଣ ତଦନ୍ତ ହେଲା, ରିପୋର୍ଟ କାହାକୁ ଦିଆଗଲା, କେବେ ପରିଚାଳନା କମିଟି ଗଠନ ହୋଇ ଏଥିରେ ରିପୋର୍ଟ ଉପସ୍ଥାପନ କରାଯିବ; ଏସବୁକୁ ନେଇ ଏବେ ଦ୍ୱନ୍ଦ୍ୱରେ ଭକ୍ତ।

ସୂଚନାଥାଉ କି, ନବଦିନାତ୍ମକ ଯାତ୍ରାରେ ଆସି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ ଚତୁର୍ଦ୍ଧା ବିଗ୍ରହ। ଗତ ଜୁଲାଇ ୯ ତାରିଖ ସନ୍ଧ୍ୟାରେ ଥିଲା ଆଡ଼ପମଣ୍ଡପ ବିଜେ। ଏଥିପାଇଁ ଚାଲିଥିଲା ପହଣ୍ଡି। ମଦନମୋହନ, ରାମକୃଷ୍ଣଙ୍କ ପରେ ଶ୍ରୀସୁଦର୍ଶନଙ୍କ ପହଣ୍ଡି ସରିଥିଲା। ଏହାପରେ ଆରମ୍ଭ ହୋଇଥିଲା ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି। ବନ୍ଦାପନା ଏବଂ ଟାହିଆ ଲାଗି ପରେ ପହଣ୍ଡି ପ୍ରସ୍ତୁତି ଚାଲିଥିଲା। ହେଲେ ହଠାତ୍ ଚାରମାଳ ଉପରୁ ଖସି ଯାଇଥିଲେ ବଡ଼ଠାକୁର। ସିଧା ଚାରମାଳ ତଳ ଭାଗରେ ହାମୁଡେଇ ପଡ଼ିଥିଲେ।

**ଭାଇ ହେଲା ବଇରୀ**

## ଶିଳପୁଆରେ ଛେଚି ଭଉଣୀକୁ ହତ୍ୟା

**ଆସିକା,୧୬।୧(ସମିସ):** ଆସିକା ଥାନା ରାଇପଲ୍ଲୀ ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଶିଳପୁଆରେ ଭଉଣୀକୁ ଛେଚିବା ସହ ଛୁରାମାଡ଼ କରି ଅତି ନିର୍ମମ ଭାବେ ହତ୍ୟା କରିଛି ଭାଇ। ମୃତକ ହେଲେ, ଲକ୍ଷ୍ମୀ ମହାନ୍ତି। ଘଟଣା ପରେ ଅଭିଯୁକ୍ତ ଭାଇ ବାବାଜୀ ପାତ୍ର (୪୫) ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାସ୍ଥଳରୁ ରକ୍ତଭିଜା ଏକ ଶିଳପୁଆ ଓ ଛୁରି ଜବତ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଆସିକା ଏସ୍‌ଡିପିଓ ଗିରିଜା ନନ୍ଦ ପଟ୍ଟନାୟକ କହିଛନ୍ତି।



ସୂଚନାନୁସାରେ, ରାଇପଲ୍ଲୀ ଗାଁର ଶତ୍ରୁଘ୍ନ ପାତ୍ରଙ୍କ ୩ପୁଅ ଓ ଗୋଟିଏ ଝିଅ ଲକ୍ଷ୍ମୀ। ଲକ୍ଷ୍ମୀ ଗାଁ ନିକଟସ୍ଥ ପାକିଡ଼ି ଗାଁରେ ବିବାହ କରିଥିଲେ। ତାଙ୍କର ୯ବର୍ଷର ଏକ ପୁଅ ଅଛି। ତେବେ ସ୍ୱାମୀଙ୍କ ସହ ମନୋମାଳିନ୍ୟ ଯୋଗୁଁ ସେ ବାପଘରେ ରହୁଥିଲେ। ମୂଳ ଲାଗି ଚଳୁଥିଲେ। ଏହି କଥାକୁ ନେଇ ମଝିଆ ଭାଇ ବାବାଜୀ ପାତ୍ର ବିରୋଧ କରି ଆସୁଥିଲେ। ଲକ୍ଷ୍ମୀ କାହିଁକି ଶାଶୂଘର ଛାଡ଼ି ଏଠାରେ ରହୁଛି ବୋଲି ଘରଲୋକଙ୍କୁ ପ୍ରଶ୍ନ କରିବା ସହ ଲକ୍ଷ୍ମୀଙ୍କ ସହ ସବୁବେଳେ କଳି କରୁଥିଲେ। ଏମିତିକି, କିଛି ଦିନ ତଳେ ବଡ଼ଭାଇ, ମଝିଆ ଭାଇ ଓ ଲକ୍ଷ୍ମୀଙ୍କ କଳି ହେବାରୁ କଥା ଥାନା ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆପୋଷ ସମାଧାନ ପରେ ସମସ୍ତେ ଘରକୁ ଫେରିଥିଲେ। କିନ୍ତୁ ବାବାଜୀଙ୍କ ମନରେ ଅସନ୍ତୋଷ ଥମି ନଥିଲା। ଭଉଣୀ ଉପରେ ରାଗ ଶୁଝାଇବାକୁ ସୁଯୋଗ ଅପେକ୍ଷାରେ ରହୁଥିଲେ। ଆଜି ସକାଳେ ଲକ୍ଷ୍ମୀ ଘରେ ଶୋଇଥିବା ବେଳେ ବାବାଜୀ ଏକ ଶିଳପୁଆରେ ତାଙ୍କୁ ଶକ୍ତ ପ୍ରହାର ପକାଇଥିଲା। ପରେ ଛୁରାମାଡ଼ କରି ଫେରାର୍ ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଯାଇଥିଲା। ଲକ୍ଷ୍ମୀଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ମା' ଛେଉଣ୍ଡ ହୋଇଯାଇଛି।

■ ଶ୍ରୀମନ୍ଦିର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ୫ ସୂତ୍ରୀ କାର୍ଯ୍ୟାବଳୀ

## ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ ନିର୍ଦ୍ଦେଶ

**ପୁରୀ, ୧୬।୧(ସମିସ):** ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟ ସମୀକ୍ଷା ଅବସରରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ୫ ସୂତ୍ରୀ କାର୍ଯ୍ୟାବଳୀ ଅନୁପାଳନ ସକାଶେ ପରାମର୍ଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ସେଗୁଡ଼ିକ ହେଲା, ଡ୍ୟୁଟି ସମୟରେ ଶ୍ରୀମନ୍ଦିର ପ୍ରଶାସନରେ କୌଣସି ଅଧିକାରୀ ତଥା କର୍ମଚାରୀ ପାନ, ଗୁଟଖା କିମ୍ବା କୌଣସି ମାଦକଦ୍ରବ୍ୟ ସେବନ କରିବେ ନାହିଁ। ପ୍ରତ୍ୟେକ ମାସ ତୃତୀୟ ଶୁକ୍ରବାର ବରିଷ୍ଠ ଅଧିକାରୀଙ୍କ ସ୍ତରରେ କାର୍ଯ୍ୟ ସମୀକ୍ଷା କରାଯିବ। ସମସ୍ତ ଅଧିକାରୀ ତଥା କର୍ମଚାରୀ ଜାନୁଆରୀ ୩୧ ତାରିଖ ସୁଦ୍ଧା ୨୦୨୪ ବର୍ଷ ପାଇଁ ବାଧ୍ୟତାମୂଳକ ଭାବେ ନିଜ ସମ୍ପତ୍ତି ତାଲିକା ଦାଖଲ କରିବେ। ଏହା ଦାଖଲ ନ କଲେ କୌଣସି ଇନକ୍ରିମେଣ୍ଟ, ପଦୋନ୍ନତି, ପୁରସ୍କାର କିମ୍ବା କୌଣସି ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ନାହିଁ। ପ୍ରତ୍ୟେକ ଶୁକ୍ରବାର ସମସ୍ତ ଅଧିକାରୀ ତଥା କର୍ମଚାରୀ ହସ୍ତତନ୍ତ ଲୁଗା ପିନ୍ଧି କାର୍ଯ୍ୟାଳୟ ଆସିବେ। ୟୁନିଫର୍ମ ପୋଷାକଧାରୀଙ୍କ ସକାଶେ ଏହା ଲାଗୁ ହେବ ନାହିଁ। ଶ୍ରୀମନ୍ଦିର ମଧ୍ୟରେ ଅଧିକାରୀ ତଥା କର୍ମଚାରୀଙ୍କ ମୋବାଇଲ୍ ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନକୁ

- ■ ଦାଖଲ ନ କଲେ ଇନ୍‌କ୍ରିମେଣ୍ଟ, ପଦୋନ୍ନତି ଓ ପୁରସ୍କାର ମିଳିବନି
- ■ ଶୁକ୍ରବାର ହସ୍ତତନ୍ତ ଲୁଗା ପିନ୍ଧି କାର୍ଯ୍ୟାଳୟ ଆସିବେ
- ■ କେହି ପାନ, ଗୁଟୁଖା କିମ୍ବା ମାଦକ ଦ୍ରବ୍ୟ ସେବନ କରିବେ ନାହିଁ

ଅଧିକ କ୍ରିୟାଶୀଳ ତଥା ଉତ୍ତରଦାୟୀ କରିବାକୁ ଏହି ପରାମର୍ଶ ତଥା ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

## ୮ରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବେ ସିଙ୍ଗାପୁର ରାଷ୍ଟ୍ରପତି

- ■ ୪ ଘଣ୍ଟା ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରହିବ
- ■ ମୁତୟନ ହେଲେ ୨୧ ପ୍ଲାଟୁନ ଫୋର୍ସ
- ■ ଐତିହ୍ୟ ଗାଁ ରଘୁରାଜପୁର ପରିଦର୍ଶନ କରିବେ

**ପୁରୀ, ୧୬।୧(ସମିସ):** ଆସନ୍ତା ୧୮ ତାରିଖରେ ପୁରୀ ଜିଲ୍ଲା ଗସ୍ତରେ ଆସିବେ ସିଙ୍ଗାପୁର ରାଷ୍ଟ୍ରପତି। ଶନିବାର ସକାଳ ୮ଟାରୁ ସିଙ୍ଗାପୁର ରାଷ୍ଟ୍ରପତି ଭୁବନେଶ୍ୱରରୁ ବାହାରିବେ। ସକାଳ ୯ଟାରେ ଐତିହ୍ୟ ଗାଁ ରଘୁରାଜପୁରରେ ପହଞ୍ଚିବେ। ଗାଁ ବୁଲି ସାରିବା ପରେ ୯ଟା ୨୦ରେ ରଘୁରାଜପୁରରୁ ବାହାରି କୋଣାର୍କ ଅଭିମୁଖେ ଯାତ୍ରା କରିବେ। ପୂର୍ବାହ୍ନ ୧୦ଟା ୨୦ରେ କୋଣାର୍କ ପହଞ୍ଚି ସୂର୍ଯ୍ୟମନ୍ଦିର ବୁଲି ଦେଖିବେ। ପ୍ରାୟ ୧ ଘଣ୍ଟା ୧୦ ମିନିଟ୍ କୋଣାର୍କରେ ବିତାଇବା ପରେ ପୂର୍ବାହ୍ନ ସାଢେ ୧୧ଟାରେ କୋଣାର୍କରୁ ଭୁବନେଶ୍ୱର ଅଭିମୁଖେ ବାହାରିବେ। ତେବେ ସୁରକ୍ଷା ଦୃଷ୍ଟିକୋଣରୁ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ପାଇଁ ସକାଳ ୮ଟାରୁ ୧୨ଟା ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରହିବ। ସିଙ୍ଗାପୁର ରାଷ୍ଟ୍ରପତି କୋଣାର୍କ ମନ୍ଦିର ଛାଡ଼ିବା ପରେ ପୁନଶ୍ଚ ପର୍ଯ୍ୟଟକମାନଙ୍କୁ ଛଡ଼ାଯିବ। ତେବେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ନଜରରେ ରଖି ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜଣେ ଏସ୍‌ପି ପାହ୍ୟା ଅଧିକାରୀଙ୍କ ସମେତ ୪ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସ୍‌ପି, ୧୫ଜଣ ଇନ୍ସପେକ୍ଟର, ୭୬ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୧୫୧ଜଣ ହୋମ୍‌ଗାର୍ଡଙ୍କ ସମେତ ମୋଟ ୨୧ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ସୂଚନା ଦିଆଯାଇଛି।

**ଚାଷୀଙ୍କ ହିତରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ**

## ଅଢ଼େଇ ମାସରେ ଟୋଲ୍‌ଫ୍ରି ନମ୍ବରରେ ସାଢ଼େ ୬ ଲକ୍ଷ କଲ୍

**ଭୁବନେଶ୍ୱର,୧୬।୧(ସମିସ):** ରାଜ୍ୟରେ କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ, ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିସରରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଏହାଦ୍ୱାରା ଧାନ ବିକ୍ରୟ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ, ଚାଷୀମାନେ ତୁରନ୍ତ ସେମାନଙ୍କ ଅଭିଯୋଗ ଏହି କକ୍ଷ ମାଧ୍ୟମରେ କରିପାରୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ସମସ୍ୟାର ସମାଧାନ କରାଯାଇ ପାରୁଛି। ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ହୋଇ ଧାନକିଣା ପ୍ରକ୍ରିୟା ତଦାରଖ କରୁଛନ୍ତି। କୌଣସି ଅଭିଯୋଗ ଥିଲେ ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରାଯାଇପାରୁଛି। ବର୍ତ୍ତମାନ ଏହି ଟୋଲ୍ ଫ୍ରି ନମ୍ବରକୁ ୧ ଲକ୍ଷ ୪୧୭୮ଟି ଇନ୍‌କମିଂ କଲ୍ ଆସିସାରିଛି। ଏଥିରେ ସର୍ବାଧିକ ପ୍ରାୟ ୯୦ ହଜାର କଲ୍ ଟୋକାନ ସମ୍ବନ୍ଧୀୟ ରହିଛି। ସେହିଭଳି ଏହି କେନ୍ଦ୍ରରୁ ଏକ ଲକ୍ଷ ୧୨ ହଜାର ୧୧ଟି କଲ୍ ଆଉଟ୍‌ଗୋଇଂ କଲ୍ ରହିଛି। ଏଥିମଧ୍ୟରେ ପ୍ରାୟ ୭୦ ହଜାର ଚାଷୀଙ୍କ ମତାମତ ଓ ୩୯ ହଜାର କଲ ଭାଗଚାଷୀ ଯାଞ୍ଚ ସମ୍ପର୍କିତ କଲ ରହିଛି। ସେହିଭଳି ଇଣ୍ଟରଆକ୍ଟିଭ ଭଏସ ରେସପନ୍ସ ସିଷ୍ଟମ ମାଧ୍ୟମରେ ମଧ୍ୟ ୪ଲକ୍ଷ ୨୯ ହଜାର ୬୫୦ଟି କଲ୍ କରାଯାଇଛି। ଏଥିମଧ୍ୟରେ ପ୍ରାୟ ୩ଲକ୍ଷ ୧୫ ହଜାର କଲ କେବଳ ଟୋକନ ସମ୍ପର୍କରେ କରାଯାଇଥିବା ଜଣାପଡିଛି। ଏହିଭଳି ଭାବେ ପ୍ରାୟ ସାଢେ ୬ ଲକ୍ଷ କଲ କରାଯାଇଛି। ସୂଚନାଯୋଗ୍ୟ, ଏହି ତଥ୍ୟ ଗତ ଅଢେଇ ମାସ ଅର୍ଥାତ ଗତ ନଭେମ୍ବର ପହିଲାରୁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ମଧ୍ୟରେ ରହିଛି। ଏହି କକ୍ଷ ଉଭୟ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ବେଳେ ଉପଲବ୍ଧ ରହିବ।

## ପଦ୍ମ ବିଜେତାଙ୍କୁ ମିଳିବ ମାସିକ ୩୦ ହଜାର ଟଙ୍କା

**ଭୁବନେଶ୍ୱର, ୧୬।୧(ସମିସ):** ବିଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜୀବିତ ପଦ୍ମ ପୁରସ୍କାର ବିଜେତାଙ୍କୁ ମାସକୁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବର୍ଷକୁ ରାଜକୋଷରୁ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିବିଟି ମାଧ୍ୟମରେ ମିଳିବାକୁ ଥିବା ଏହି ସହାୟତା ରାଶି ଚଳିତ ଜାନୁଆରୀ ମାସରୁ ପ୍ରଦାନ କରାଯିବ। ତେଣୁ ସମସ୍ତ ପଦ୍ମବିଜେତାଙ୍କ ସବିଶେଷ ତଥ୍ୟ ଶୀଘ୍ର ଓଡ଼ିଆ, ଭାଷା ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟକୁ ପ୍ରଦାନ କରିବାକୁ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ସଂସ୍କୃତି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ୫୫ଜଣ ଜୀବିତ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତି ଅଛନ୍ତି।

**ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ**

**୨୦ରେ ଯୁବ କଂଗ୍ରେସର ଯୁବଅସନ୍ତୋଷ ସମାବେଶ**

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବ ଯୁବ କଂଗ୍ରେସ

**ଭୁବନେଶ୍ୱର,୧୬।୧(ସମିସ):** ରାଜ୍ୟବାସୀଙ୍କୁ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲା, ତାହା ପୂରଣ କରିବାରେ ଅସମର୍ଥ ହୋଇଛି। ୭ ମାସ ମଧ୍ୟରେ ନୂଆ ସରକାର ଜନବିରୋଧୀ ବୋଲି ପ୍ରମାଣିତ ହୋଇଛି। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ର ରାଜ୍ୟ ସରକାରଙ୍କ ଉପରେ ଏପରି ବିଷୋଦ୍‌ଗାର କରିଛନ୍ତି। ସେ କହିଛନ୍ତି, ବିଶେଷକରି ମୋହନ ସରକାରରେ ୮ଟି ପ୍ରସଙ୍ଗରେ ଉପୁଜିଥିବା ଗୁରୁତ୍ୱର ସମସ୍ୟା ବିରୋଧରେ ଆସନ୍ତା ୨୦ତାରିଖରେ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଏକ ବିଶାଳ 'ଯୁବ ଅସନ୍ତୋଷ ସମାବେଶ' କରାଯିବ। ବିକ୍ଷୋଭ ପରେ ଯୁବ କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।




- ■ ଯୋଗଦେବେ ଏଆଇସିସି ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍
- ■ ୮ଟି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ଗର୍ଜିବ ଦଳ

ଦଳ ପକ୍ଷରୁ କୁହାଯାଇଥିବା ୮ଟି ପ୍ରମୁଖ ସମସ୍ୟାର ସମାଧାନ ଯଥା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ସୁଧାର, ଦଳିତ, ଆଦିବାସୀ, ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କ ଉପରେ ଅତ୍ୟାଚାର ବନ୍ଦ, ଖଣି ଖାଦନ ଲୁଟ୍ ବନ୍ଦ, ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଣ, ମହଙ୍ଗା ମାଡ଼ରୁ ନିସ୍ତାର, ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ, ଉତ୍କଟ ବେକାରୀ ସମସ୍ୟା ନିୟନ୍ତ୍ରଣ, ଦୁର୍ନୀତ ଓ କଳା ତାଲିକାଭୁକ୍ତ କମ୍ପାନୀକୁ ପ୍ରୋତ୍ସାହନ ବନ୍ଦ ଆଦି ଦାବିରେ ଏହି ସମାବେଶ ଆୟୋଜିତ ହେବ। ଏଥିରେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅଜିତ୍ ସିଂ ଯୋଗଦେଇ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଚଳାଇବାରେ ବିଫଳ ହୋଇଛନ୍ତି। ବିଜେପିର ନିର୍ବାଚନ ପ୍ରତିଶ୍ରୁତି ପାଳନ ହେଉନାହିଁ। ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଛନ୍ତି, ୭ ମାସର ମୋହନ ଶାସନ ଉପରୁ ଲୋକଙ୍କର ଭରସା ତୁଟି ଯାଇଛି। ଓଡ଼ିଶାରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଜଣେ ଓଡ଼ିଆ ଅଫିସରଙ୍କୁ ମରଣାନ୍ତକ ଆକ୍ରମଣ କରି ଦଣ୍ଡିତ ହେଲେ ନାହିଁ। ଭରତପୁର ଥାନାରେ ଜଣେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା, ଭୁବନେଶ୍ୱରରେ ଡ୍ରଗ୍ସ ମାଫିଆଙ୍କୁ ବିରୋଧ କରୁଥିବା ସହଦେବ ନାୟକଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା, ଗଞ୍ଜାମ ମଦମୃତ୍ୟୁ ଘଟଣା, ନବରଙ୍ଗପୁର, ସୁନ୍ଦରଗଡ଼, ରାଉରକେଲା ଏବଂ ଅନ୍ୟାନ୍ୟ ସ୍ଥାନରେ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣା, ଯାଜପୁରରେ ଡବଲ ମର୍ଡର ଘଟଣା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ପ୍ରମାଣିତ କରୁଛି ବୋଲି ସେ କହିଛନ୍ତି। ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଏକ ମଜଭୁତ ଆଇନ ପ୍ରଣୟନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଯୁବ କଂଗ୍ରେସ ନେତା ମନୋଜ ବିଶ୍ୱାଳ, ସୁଦୀପ ସାମଲ, ଅଜୟ ସାହୁ, ମହମ୍ମଦ ପରଭେଜ ଓ ସଙ୍ଗୁନା କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

■ ହାଇକୋର୍ଟରେ ଭିସୁଟ୍ ଛାତ୍ରୀ ମୃତ୍ୟୁ ମାମଲା

## ସାନି ସ୍ଥିତି ସମ୍ପର୍କରେ ଜବାବ ଦାଖଲ କରିବେ ଏସ୍‌ପି

**କଟକ, ୧୬।୧(ସମିସ):** ସମ୍ବଲପୁର ବୁର୍ଲାସ୍ଥିତ ଭିସୁଟ୍(ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଆଣ୍ଡ ଟେକ୍ନୋଲୋଜି)ର ଛାତ୍ରୀ ଚିନ୍ମୟୀ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ପୁଲିସ୍ ତଦନ୍ତରେ ନିଷ୍କ୍ରିୟିତା ଅଭିଯୋଗ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରି ଆସୁଛନ୍ତି। ବୁର୍ଲା ଥାନାରେ ରୁଜୁ ଏହି ମାମଲାର ତଦନ୍ତକୁ ନିଜେ ଏସ୍‌ପି ତଦାରଖ କରିବା ସହ ତଦନ୍ତର ସାନି ସ୍ଥିତି ସମ୍ପର୍କରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୃତ ଚିନ୍ମୟୀଙ୍କ ମା' ଲବଙ୍ଗ ସାହୁଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇ କିମ୍ବା ଏସ୍‌ଆଇଟିକୁ ପ୍ରଦାନ ପାଇଁ ଆବେଦନକାରୀଙ୍କ ପ୍ରାର୍ଥନାକୁ ଅଗ୍ରାହ୍ୟ କରିଥିଲେ ଅଦାଲତ। ସେହିପରି ଏହି ଘଟଣାର ତଦନ୍ତ ସହ ଚାର୍ଜସିଟ୍ ଓ ଫାଇନାଲ ଫର୍ମ ଦାଖଲ ଦିଗରେ ପୁଲିସ ତ୍ୱରିତ ପଦକ୍ଷେପ ନେବାକୁ ମଧ୍ୟ ହାଇକୋର୍ଟ କହିଛନ୍ତି। ଅଦାଲତରେ ଆଜି ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଏହି ଘଟଣାରେ ଆବେଦନକାରୀଙ୍କ ଅଭିଯୋଗରେ ଭିତ୍ତିରେ ଆଇପିସିର ଧାରା ୩୦୨ରେ ହତ୍ୟା ମାମଲା ପଞ୍ଜୀକରଣ କରାଯାଇଛି। ମାମଲାର ତଦନ୍ତ ପ୍ରକ୍ରିୟା ଏସ୍‌ଡିପିଓଙ୍କ ଦ୍ୱାରା ଜାରି ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରି ଦ୍ୱିତୀୟ ସପ୍ତାହକୁ ଧାର୍ଯ୍ୟ ହୋଇଛି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ଫେବୃଆରି ୨୮ ରେ ଚିନ୍ମୟୀ ଭିସୁଟ୍ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପାଇଁ ଯାଇ ଆଉ ଫେରିନଥିଲେ। ମାର୍ଚ୍ଚ ୧ ତାରିଖରେ ବୁର୍ଲା ପାୱାର କେନାଲ ନିକଟରୁ ତାଙ୍କର ମୃତଦେହ ମିଳିଥିଲା। ପରିବାରଲୋକେ ଚିନ୍ମୟୀଙ୍କୁ ହତ୍ୟା କରାଯାଇଥିବା ନେଇ ବୁର୍ଲା ଥାନାରେ ଏତଲା ଦେଇଥିଲେ। ଚିନ୍ମୟୀ ମୃତ୍ୟୁ ମାମଲାର ତଦନ୍ତରେ ପୁଲିସ ନିଷ୍କ୍ରିୟତା ଅଭିଯୋଗ କରି ପରବର୍ତ୍ତୀ ସମୟରେ ଚିନ୍ମୟୀଙ୍କ ମା' ଲବଙ୍ଗ ହାଇକୋର୍ଟରେ ଏହି ମାମଲା ଦାୟର କରିଥିଲେ। ମାମଲାରେ ପୁଲିସ୍ ଡିଜି, ସିବିଆଇ, କ୍ରାଇମବ୍ରାଞ୍ଚ, ସମ୍ବଲପୁର ଏସ୍‌ପି, ବୁର୍ଲା ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିପଲ୍ଲ ପି.ବି ବାହାଲି ଓ ଆଇନଜୀବୀ ସନ୍ଦୀପନ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ମଣ୍ଡି ବୁଲିଲେ, ସମୀକ୍ଷା କଲେ ଯୋଗାଣମନ୍ତ୍ରୀ
# ମିଲରଙ୍କ ମନମାନିକୁ ପ୍ରଶୟ ଦିଆଯିବନି

ଭଦ୍ରକ/ଭଣ୍ଡାରିପୋଖରୀ,୧୬ା୧(ସମିସ)



ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଭଦ୍ରକ ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ପ୍ରଶାସନର ଧାନ ସଂଗ୍ରହ କାର୍ଯ୍ୟ ପରିଚାଳନାର ସମୀକ୍ଷା କରିଛନ୍ତି। ସେ ଭଦ୍ରକରେ ପହଞ୍ଚି ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକ୍‌ର ଆଦମପୁରର ଶକ୍ତିସ୍ୱରୂପା ଏସ୍‌ଏଚ୍‌ଜି ଧାନକ୍ରୟ କେନ୍ଦ୍ର, ଭଦ୍ରକ ବ୍ଲକ୍‌ର ବହୁଦରଡ଼ାର ଶ୍ରୀରାମ ପାକ୍ସ ଓ ଅନ୍ନପାଳ ପାକ୍ସ ପ୍ରମୁଖ ତିନିଟି ଧାନମଣ୍ଡିକୁ ଯାଇ ସରକାରୀ ଦରରେ ଧାନକ୍ରୟ ବ୍ୟବସ୍ଥାର ତଦାରଖ କରିଥିଲେ। କଟନୀଛଟନୀ ନେଇ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ଓ ଚାଷୀମାନଙ୍କ ଅଭିଯୋଗ ଶୁଣି ଏଫ୍‌ଏକ୍ୟୁ ମାନର ଧାନ ବିକ୍ରୟ ପାଇଁ ମଣ୍ଡିକୁ ଆଣିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅଣ ଏଫ୍‌ଏକ୍ୟୁ ଧାନ ଗ୍ରହଣ କରାଯିବ ନାହିଁ। ମଣ୍ଡିରୁ ଫେରାଇ ଦିଆଯିବ ବୋଲି କହିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ୍ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରମୁଖ ମନ୍ତ୍ରୀଙ୍କ ଗସ୍ତରେ କ୍ଷେତ୍ର ସ୍ତରରେ ଉପସ୍ଥିତ ଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଭଦ୍ରକଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମଧ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସରକାରୀ ଦରରେ ଧାନ କ୍ରୟ ପାଇଁ ପ୍ରସ୍ତୁତି, ପରିଚାଳନା, ସଚେତନତା, ଅଦ୍ୟାବଧି ଧନକ୍ରୟ ପରିମାଣ, ଉପୁଜୁଥିବା ସମସ୍ୟା ସମାଧାନରେ ଜିଲ୍ଲା ପ୍ରଶାସନର ସହଯୋଗ ଆଦି ସମ୍ବନ୍ଧରେ ଦୃଶ୍ୟଫଳକ ଜରିଆରେ ଉପଜିଲ୍ଲାପାଳ ଉପସ୍ଥାପନ କରିଥିଲେ। ଧାନ କିଣାରେ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଥମଥର ପାଇଁ ସରକାର କ୍ଷତିପୂରଣ ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ସେହି ଫସଲର ଉତ୍ତମ ମାନ ନ ଥିବା ଧାନ ମଣ୍ଡିକୁ ନ ଆଣିବା ପାଇଁ ସେ ପ୍ରକାଶ କରିଥିଲେ। ଧାନ କିଣାରେ ମିଲରମାନଙ୍କ ମନମାନିକୁ ମଧ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଥିଲେ। ମଣ୍ଡିରୁ ଧାନ ଉଠାଇବାରେ ସହଯୋଗ କରୁନଥିବା ମିଲର ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରି ଆବଶ୍ୟକ ହେଲେ ଜିଲ୍ଲା ବାହାରୁ ମିଲର୍ ନିୟୋଜିତ କରାଯିବ ବୋଲି ପ୍ରକାଶ କରିଥିଲେ। କଟନୀ ଛଟନୀକୁ ସୁଯୋଗ ନଦେଇ ଖରାପ ଥିବା ଧାନକୁ ମଣ୍ଡିରୁ ଫେରାଇ ଦେବା ପାଇଁ କହିଥିଲେ। ଭଲଧାନ ନ ହେଲେ ଭଲ .ଉଳ ମିଳିବ ନାହିଁ। ଭଲ ଚାଉଳ ନ ହେଲେ, ଏଫ୍‌ସିଆଇ ତାହା ଗ୍ରହଣ କରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଚାଷୀମାନେ ଯେପରି ଅସୁବିଧାରେ ନ ପଡ଼ନ୍ତି ସୁସଙ୍ଗଠିତ ଢଙ୍ଗରେ ସରକାରୀ ମଣ୍ଡି ଜରିଆରେ ମିଲର ମାନଙ୍କ ଦ୍ୱାରା ସେମାନଙ୍କ ଠାରୁ ଉତ୍ତମ ମାନର ଧାନ ସଂଗ୍ରହ କରାଯିବା ଦିଗରେ ନିୟୋଜିତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ଅଧିକ ଯତ୍ନବାନ୍ ହେବାକୁ ମଧ ମାନ୍ୟବର ମନ୍ତ୍ରୀ ବୈଠକରେ ପରାମର୍ଶ ପ୍ରଦାନ କରିଥିଲେ। ଆଦମପୁରରେ ସାଂସଦ ପ୍ରତିନିଧି ଡ. ସୁଧାଂଶୁ ଶେଖର ନାୟକ, ଭଣ୍ଡାରିପୋଖରୀ ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ଆରଏମସି. ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ନୋଡାଲ ଅଧିକାରିଣୀ ଋତୁପର୍ଣ୍ଣା ମହାନ୍ତିଙ୍କ ସହ ଏସଏସଜି ସଭାନେତ୍ରୀ ପାର୍ବତୀ ନାୟକ, ସମ୍ପାଦକ ତିଳୋତ୍ତମା ଖିଲାର, ବରିଷ୍ଠ ଚାଷୀ ନିର୍ମଳ କର, ପୂର୍ଣ୍ଣଚନ୍ଦ୍ର ଖିଲାର, ସୁରେଶ ସାମଲ, ନିରଞ୍ଜନ ବାରିକ, ରତ୍ନାକର ପାତ୍ର, ତପନ ପାତ୍ର, ଅତୁଲ୍ୟ ସାମଲ, ପ୍ରଫୁଲ୍ଲ ବରାଳ, ସନାତନ ପରିଡା, ଅଶୋକ ପଣ୍ଡା, ସୁକାନ୍ତ ପଣ୍ଡା, ଜୟକୃଷ୍ଣ ନାୟକ, ଭ୍ରମର ନାୟକ, ସୁକାନ୍ତ ଖିଲାର, ବିମଳ ରାଉତ ପ୍ରମୁଖ ମନ୍ତ୍ରୀଙ୍କ ସହ ଧାନକ୍ରୟ ସମ୍ପର୍କରେ ଆଲୋଚନା କରିଥିଲେ।

## କଟନୀ ଛଟନୀରେ ଧାନ ବିକୁଛନ୍ତି ଚାଷୀ

**ଭଦ୍ରକ/ବାରିକପୁର,୧୬ା୧(ସମିସ):** ସରକାର କଟନୀ ଛଟନୀକୁ ନା କରିଥିବା ବେଳେ ବାସ୍ତବ କ୍ଷେତ୍ରରେ ସ୍ଥିତି କିନ୍ତୁ ଅଲଗା ରହିଛି। ମିଲର ମାନେ ବିନା କଟନୀ ଛଟନୀରେ ଧାନ କିଣିବାକୁ ନାରାଜ ହେଉଛନ୍ତି। ଜିଲ୍ଲା ଠାରୁ ବ୍ଲକ ଯାଏଁ ଘନଘନ ବୈଠକ ବସୁଥିଲେ ମଧ ମିଲରଙ୍କ ଜିଦ୍ ଆଗରେ ପ୍ରଶାସନ ସତେ ଯେମିତି ନିରୁପାୟ ହୋଇଯାଇଛି। କିଛି ସ୍ଥାନରେ ଏବେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଅନେକ ସ୍ଥାନରେ କଟନୀ ଛଟନୀ ବିବାଦକୁ ନେଇ ଧାନକ୍ରୟ ଆରମ୍ଭ ହୋଇ ପାରୁନାହିଁ। ଯେଉଁ ମଣ୍ଡି ଗୁଡିକରେ ଧାନ କ୍ରୟ ଆରମ୍ଭ ହୋଇଛି ସେଠି ମିଲର କ୍ୱିଣ୍ଟାଲ ପିଛା ୮/୯କେଜି କାଟୁଥିବା ଜଣାପଡିଛି। ଏଭଳି ଏକ ବିଷମ ପରିସ୍ଥିତିରେ ଆଜି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭଦ୍ରକ ଜିଲ୍ଲା ଗସ୍ତ କରି ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ଯୋଗାଣ ମନ୍ତ୍ରୀ ପ୍ରଥମେ ଆଦମପୁର ଠାରେ ଏସଏଚଜି ଗ୍ରୁପ ଦ୍ୱାରା ପରିଚାଳିତ ମଣ୍ଡି ପରିଦର୍ଶନ କରିଥିଲେ। ମିଲର ମନମୁଖୀ ଭାବେ କଟନୀ ଛଟନୀ କରୁଥିବା ଉପସ୍ଥିତ ଚାଷୀମାନେ ମନ୍ତ୍ରୀଙ୍କୁ ଜଣାଇଥିଲେ। ସରକାର ଉକ୍ତ ବ୍ୟବସ୍ଥାକୁ ଘୋର ବିରୋଧ କରୁଥିବା କହିଥିବା ବେଳେ କଟନୀ ଛଟନୀ ଉପରେ ଚାଷୀମାନଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। କେବଳ ଯେ କୌଣସି ଉପାୟରେ ଧାନ କ୍ରୟ ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବହୁଦରଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ମଣ୍ଡିକୁ ମଧ ପରିଦର୍ଶନ କରିଥିଲେ।

## ଅଗ୍ନିକାଣ୍ଡରେ ୨ ଗୋରୁ ଜୀବନ୍ତ ଦଗ୍ଧ

**ବାରିକପୁର/ଭଣ୍ଡାରିପୋଖରୀ,୧୬ା୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପାଟୁଳି ପଞ୍ଚାୟତ ଅରେଇକଣା ଗ୍ରାମର ଚିନ୍ତାମଣି ଜେନାଙ୍କ ୨ ବଖରା ଘର ଗତ ବୁଧବାର ବିଳମ୍ବିତ ରାତ୍ରରେ ଜଳିଯାଇଥିବା ଜଣାଯାଇଛି। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ୨ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଅନ୍ୟ ୨ଗୋଟି ଗୋରୁ ଆହତ ହୋଇଛନ୍ତି। ଆହତ ଦୁଇ ଗୋରୁଙ୍କୁ ପଶୁ ସମ୍ପଦ ବିଭାଗ ପକ୍ଷରୁ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯାଇଛି। ଏଥିରେ ଘରର ଆସବାବପତ୍ର ନଷ୍ଟ ହେବା ସହିତ ଗୋଟିଏ ସାଇକେଲ ମଧ ସମ୍ପୂର୍ଣ୍ଣ ପୋଡିଯାଇଛି। ପଞ୍ଚାୟତ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ନିଳାମ୍ବର ରାଉତ ବିପନ୍ନଙ୍କ ନିକଟରେ ପହଞ୍ଚି ତତ୍‌କାଳ ସମସ୍ତ ସହାୟତା ଯୋଗାଇ ଦେଇଛନ୍ତି। ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ବିପନ୍ନଙ୍କ ନିକଟରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି।

## ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ



**ଭଣ୍ଡାରିପୋଖରୀ/ବାରିକପୁର,୧୬ା୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମିଶନ ଶକ୍ତି ସଭାଗୃହ ମଧରେ ଆଜି ୮୦ ପ୍ରତିଶତ ଭିନ୍ନକ୍ଷମମାନଙ୍କୁ ବର୍ଦ୍ଧିତ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଇଛି। ବିଡିଓ ଦେବଦତ୍ତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇ ୪୦ ଜଣ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧକ୍ଷା ସୁମତୀ ସେଠୀ, ଉପାଧକ୍ଷ ପ୍ରଣିତକାନ୍ତି ସାମଲ, ବିଜେପି ନେତା ସୁଧାଂଶୁ ନାୟକ, ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ବିଜେପି ମଣ୍ଡଳ ସଭାପତି ପ୍ରଣବ ରାଉତ, ରଞ୍ଜନ ପରିଡ଼ା,ତରଣୀସେନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାନ୍ତ୍ୱନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୁଧାଂଶୁ ପାଢ଼ୀ, ଶୋଭନ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

## ମେଧାବୃତ୍ତି ପରୀକ୍ଷାରେ ସଫଳତା

**ବାରିକପୁର/ଭଣ୍ଡାରିପୋଖରୀ,୧୬ା୧(ସମିସ):** ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା (ଏନଆରଟିଏସ) ରେ ଶତକଡ଼ା ୮୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ରହଣିଆ ସରକାରୀ ଉଚ୍ଚ ବଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଦେବସ୍ମିତା ଦାସ। ସେ ଏହା ପୂର୍ବରୁ ଜାତୀୟଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (ଏନଏମଏମଏସ) ରେ ୭୬ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିଲେ। ସେହିଭଳି ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ସାଇ ସ୍ୱରୂପା ମୋକ୍ଷଦା ଜେନା ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଇକୃପା ମନ୍ମୟୀ ଜେନା ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦୁଇ ଭଉଣୀଙ୍କ କୃତିତ୍ୱ ପାଇଁ ବ୍ଲକ ଅଞ୍ଚଳରେ ଶିଶୁ ମନ୍ଦିର ଗୌରବାନିତ୍ୱ ହୋଇଥିବା ପ୍ରଧାନ ଆଚାର୍ଯ୍ୟ ତପନ କୁମାର ସାହୁ କହିଛନ୍ତି। ସେହିପରି ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ଶାରଦା ବିଦ୍ୟାମନ୍ଦିରର ଶୁଭମ ଶେଖର ସାମଲ, ସୁଜିତ କୁମାର ମଲ୍ଲିକ, ପ୍ରାଚୀ ପ୍ରିୟଦର୍ଶନୀ ଦାସ, ଶିବଶଙ୍କର ସେଠୀ, ଅର୍ଣ୍ଣବ କୁମାର ସେନାପତି ଓ ସୋନି ସମୀକ୍ଷା ଜେନା ସଫଳତା ହାସଲ କରିଛନ୍ତି। ଏହି ଅବସରରେ ପ୍ରଧାନଶିକ୍ଷକ ଶରତଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୁଭକାମନା ଜ୍ଞାପନ କାର୍ଯ୍ୟକ୍ରମରେ ବିଇଓ ଅଧିର କୁମାର ତରାଇ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପାଦେୟ ପୁସ୍ତିକା ଆଦି ପ୍ରଦାନ କରି ଶୁଭକାମନା ଜଣାଇଥିଲେ।

## ମୂର୍ତ୍ତି ଶିଳ୍ପୀଙ୍କୁ ଶୁକମୁନି ସମ୍ବର୍ଦ୍ଧନା



**ଭଦ୍ରକ,୧୬ା୧(ସମିସ):** ଭଦ୍ରକ ବ୍ଲକ ଅନ୍ତର୍ଗତ ପରସିଙ୍ଗା ପଞ୍ଚାୟତ କୁନ୍ତଳା ଗ୍ରାମର ଆୟୋଜିତ ହୋଇଥିବା ଶୁକମୁନି ମକର ମେଳାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଇଂ.ନିର୍ମାଲ୍ୟ ମହାକୁଡ, ନିରାକାର ବେହେରା, ପଣ୍ଡିତ ଦୟାନିଧି ମିଶ୍ର, ଖଗେଶ୍ୱର ଖିଲାର, ପ୍ରଶାନ୍ତ ମହାରଣା, ରଶ୍ମିରଞ୍ଜନ ମିଶ୍ର, ପ୍ରକାଶ ଜେନାଙ୍କ ସହ ଶୁକମୁନି ମକର ମେଳା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ବିଶିଷ୍ଟ ମୂର୍ତ୍ତିଶିଳ୍ପୀ ବିନୋଦ ବିହାରୀ ଧଳଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଯୁକ୍ତ ଧଳ ୧୯୭୫ ମସିହାରୁ ଶୁକମୁନିଙ୍କ ପାର୍ଶ୍ୱ ମୂର୍ତ୍ତି ଗଢି ତାଙ୍କ ମୂର୍ତ୍ତିକଳାରେ ଲୋକମାନଙ୍କୁ ସ୍ତମ୍ଭିଭୂତ କରିଦେଇଥିଲେ।

## ବାରାପୁର ମକର ମହୋତ୍ସବ ଉଦ୍‌ଯାପିତ



**ବାସୁଦେବପୁର,୧୬ା୧(ସମିସ):** ବାସୁଦେବପୁର ବ୍ଲକର ଆର୍ତ୍ତୁଙ୍ଗ ପଞ୍ଚାୟତର ମହାବୀର କ୍ଲବ ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ବାରାପୁର ମକର ମହୋତ୍ସବ ଉଦ୍‌ଯାପିତ ହୋଇ ଯାଇଛି। ଆୟୋଜିତ ଉତ୍ସବରେ ମହାବୀର କ୍ଲବର ସଭାପତି ବିଦ୍ୟୁଭୂଷଣ କର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବାନନ୍ଦ ଧଡା, ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଆର୍ତ୍ତୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୌତମ ସେଠୀ, ପଡୁଆଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ ଯୋଗ ଦେଇ କହିଥିଲେ। ବାରାପୁର ମକର ମହୋତ୍ସବ ସମସ୍ତଙ୍କୁ ଏକତା ଡୋରୀରେ ବାନ୍ଧି ଭାଇ ଚାରା ସୃଷ୍ଟି କରେ। ଦର୍ଶକ ଶୀତୁଆ ସନ୍ଧ୍ୟାକୁ ଖାତିରି ନକରି ସାଂସ୍କୃତିକ କାର୍ଯ୍ୟକ୍ରମରେ ମଜା ଉଠାଇ ଥିଲେ।

## ଚାଷୀ କମିଟି ସହମତିରେ ଧାନ କିଣା ଆରମ୍ଭ



**ମଞ୍ଜୁରୀରୋଡ,୧୬ା୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପ୍ରାଥମିକ କୃଷି ସେବା ସମବାୟ ସମିତି ଠାରେ ଚାଷୀମାନଙ୍କୁ ନେଇ ଆଜି ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡା, ପରିଚାଳନା କମିଟି ଉପ ସଭାନେତ୍ରୀ ମିନତୀ ପଲ୍ଲାର, ଚାଷୀ କମିଟି ସଦସ୍ୟ ଶରତ ଚନ୍ଦ୍ର ଜେନା, କୀର୍ତ୍ତନ ଜେନା, କୃପାସିନ୍ଧୁ ପୃଷ୍ଟି, ଜଗନ୍ନାଥ ଭାରତୀ, ପ୍ରଣବ ରାଉତ, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଧାନ କ୍ରୟ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଚାଷୀ କମିଟି ସହମତିରେ ଧାନ ବିକ୍ରି ପାଇଁ ନିଷ୍ପତ୍ତି ହୋଇଥିଲା। ପରେ ମିଲରଙ୍କ ଉପସ୍ଥିତରେ ଚାଷୀ ମାନଙ୍କ ଠାରୁ ଧାନ କିଣିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧରେ ଚାଷୀ ସୋମନାଥ ପତୀ, ସୁରେନ୍ଦ୍ର କୁମାର ରାଉତ, ଅଭିମନ୍ୟୁ ଜେନା, ବିନୋଦ ପଲ୍ଲେଇ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଦୋବଲରେ ମୁଖ୍ୟମନ୍ତ୍ରୀ ଟ୍ରଫି ଉଦ୍‌ଘାଟିତ



**ଦୋବଲ,୧୬ା୧(ସମିସ):** ମା' ଶକ୍ତିମୟୀ ଯୁବ ସଂସଦ ସହଯୋଗରେ ଭଦ୍ରକ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ଧାମନଗର ବ୍ଲକ ଦୋବଲ କାଳୀପଡିଆ ଠାରେ ଭଦ୍ରକ ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିଅନସିପ-୨୦୨୫ ମୁଖ୍ୟମନ୍ତ୍ରୀ ଟ୍ରଫି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୫ ବର୍ଷରୁ କମ ଆଠ ଗୋଟି ଟିମ୍ ଭାଗ ନେଇଛି। ଏହି ମ୍ୟାଚ୍ ୧୬ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳା ରାୟ, ଜିଲ୍ଲା ସ୍ପୋର୍ଟସ ଅଧିକାରୀ ରମେଶ ମହାନ୍ତି, ଧାମନଗର ତହସିଲଦାର ଦୀପକ କୁମାର୍ ଦାସ, ଅତିରିକ୍ତ ତହସିଲଦାର ସାଇ ସିଲୋନା, ଏନ୍‌ଏସି ଏକ୍‌ଜ୍ୟୁକିଟିଭ ଅଫିସର ସନ୍ତୋଷ ନାୟକ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଭଦ୍ରକ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ସମ୍ପାଦକ ଧିରେନ ପଲେଇ, ସଭାପତି ଉପେନ୍ଦ୍ର ବାରିକ, କୋଷାଧକ୍ଷ ବ୍ୟୋମକେଶ ସେନାପତି, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ଅରବିନ୍ଦ ପତି ପ୍ରମୁଖ ଯୋଗଦେଇଥିଲେ। ଆଜିର ପ୍ରଥମ ମ୍ୟାଚ୍ ରୋଭର୍ସ କ୍ଲବ୍ ପୁରୁଣା ବଜାର ଭଦ୍ରକ ସହିତ ଏନ୍‌ଏସି ଚାନ୍ଦବାଲି ମଧରେ ହୋଇଥିଲା। ଏଥିରେ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଅପରାହ୍ନରେ ଦ୍ୱିତୀୟ ମ୍ୟାଚ୍ ମା' କୋଠାରୀ କ୍ଲବ୍ କୋଠାର ସହିତ ଗାନ୍ଧିବାଳା ଆଶ୍ରମ ପୁରୁଣାବଜାର ଭଦ୍ରକ ମଧରେ ଅନୁଷ୍ଠିତ ହୋଇ ୧-୧ରେ ଅମୀମାଂସିତ ରହିଥିଲା। ୧୭ ତାରିଖ ପ୍ରଥମ ମ୍ୟାଚ୍ ସୁବର୍ଣ୍ଣେଶ୍ୱରୀ ୟୁଥ୍ କ୍ଲବ୍ ଆଗରପଡ଼ା ସହିତ ଶ୍ୟାମା କ୍ଲବ୍ ତିହିଡି ଏବଂ ଦ୍ୱିତୀୟ ମ୍ୟାଚ ଏସବିଡି ଫୁଟବଲ କ୍ଲବ୍ ଭଦ୍ରକ ସହିତ ହେଲ୍ପଲାଇନ୍ କ୍ଲବ୍ ଧାମନଗର ମଧରେ ଅନୁଷ୍ଠିତ ହେବ।

## ଡାଲିଜାତୀୟ ଫସଲ ଚାଷ ପାଇଁ ସଚେତନତା

**ଧାମନଗର,୧୬ା୧(ସମିସ):** ଧାମନଗରା ଅଞ୍ଚଳରେ ଡାଲିଜାତୀୟ ଫସଲ ଚାଷ ପାଇଁ ସଚେତନତା ଶିବିର ଓ ବିହନ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କୃଷି କୃଷକ ସଶକ୍ତିକରଣ ଭଦ୍ରକ ଆନୁକୂଲ୍ୟରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ୨୦୨୪-୨୫ ପାଳନ ସହିତ ଉପଲକ୍ଷେ ରାଧାବଲ୍ଲଭପୁର, ହସନାବାଦ ସମେତ ବିଭିନ୍ନ ପଞ୍ଚାୟତ ଠାରେ ସଚେତନତା ଶିବିର ଏବଂ ଉପସ୍ଥିତ ଚାଷୀମାନେଙ୍କୁ ବିହନ ବଣ୍ଟନ କରାଯାଇଛି। ଏହି ଶିବିର ପ୍ରତ୍ୟେକ ପଞ୍ଚାୟତ ସ୍ତରରେ କରାଯିବ ସହିତ ଧାମନଗର ଅଞ୍ଚଳରେ ଚାରି ହଜାର ହେକ୍ଟର ଚାଷ ଜମିରେ ଡାଲିଜାତୀୟ ଫସଲ କରାଯିବା ପାଇଁ ଧାର୍ଯ୍ୟଲକ୍ଷ କରାଯାଇଛି ବୋଲି ସହକାରୀ ବ୍ଲକ କୃଷି ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଶିବିରରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, କୃଷି ଜିଲ୍ଲା ଅଧିକାରୀ ଗଣେଷ ପ୍ରସାଦ ମାଝୀ, ଡିପିଡି ଆଝା ବିଶ୍ୱ ରଞ୍ଜନ ରାଉତ, ଜିଲ୍ଲା ସହକାରୀ କୃଷି ଅଧିକାରୀ ସତ୍ୟଜିତ୍ ସେଠୀ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀଣି ଅନୁରାଧା ପଣ୍ଡା, ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ଓ ଗ୍ରାମ୍ୟ କୃଷି କର୍ମଚାରୀ ଅଜୟ କୁମାର ଦାସ,ଭୀମସେନ ସାମଲ,ତ୍ରଣତି ଜେନା, ହେମାବତୀ ନାଏକଙ୍କ ସମେତ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଏବଂ ଏନଜିଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



## ହଜରତ ବଡ଼େଖାନ୍ ଗାଜି ବାବାଙ୍କ ଉର୍ସ ଉତ୍ସବ



**ଧାମନଗର,୧୬ା୧(ସମିସ):** ହଜରତ ବଡ଼େଖାନ୍ ଗାଜି ପୀରବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଧାମନଗର ଏନଏସି ଅନ୍ତର୍ଗତ ୯ନମ୍ବର ୱାର୍ଡ ପଠାନମହଲା ଗ୍ରାମରେ ବହୁ ବର୍ଷ ଧରି ଅବସ୍ଥାପିତ ପୀରବାବା ହଜରତ ବଡେଖାନ୍ ଗାଜିଙ୍କ ବାର୍ଷିକ ଉର୍ସ ଉତ୍ସବ ଅବସରରେ ଖାନକା ସରିଫ ମତଓ୍ୱଲି ସୟଦ ଗୋଲାମ ମହମ୍ମଦ ହବିବି ଯୋଗ ଦେଇ ସକାଳ ୬ଟା ସମୟରେ ପୀର ବାବାଙ୍କ ଆସ୍ଥାନକୁ ଗୋଲାପ ଜଳ ଓ ଚନ୍ଦନରେ (ସ୍ନାନ) ପରେ ୭ଟାରେ କୋରାନ ଖାନି ଓ ଫାତେହା ପରେ ସାଧାରଣରେ (ଲଙ୍ଗର) ଭୋଗ ବଣ୍ଟନ କରାଯାଇଥିଲା। ପୀରବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ୭ଟା ୩୦ ଠାରୁ ଚାଦର ଚଢାଇ ବାବାଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାତି ୮ଟା ସମୟରେ ଜଲସା ଓ ଧର୍ମିକ ସଭା କାର୍ଯ୍ୟକ୍ରମରେ ଅନ୍ୟ ରାଜ୍ୟରୁ ଆସିଥିବା ଓଲମାଏକ୍ରାମ ଓ ସାଏର ଏବଂ କବିମାନେ ଯୋଗଦେଇ ପୀରବାବାଙ୍କ ଦର୍ଶନ ପରେ ନାତଖାନୀ ଓ ଧର୍ମିକ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉର୍ସ କମିଟି ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଗାଈ ଫାର୍ମ ପରିଦର୍ଶନ



**ମଞ୍ଜୁରୀ ରୋଡ,୧୬ା୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ରୋଡ ନିକଟସ୍ଥ ନାଆମୀ ଠାରେ ଥିବା ଏକ ଗାଈ ଫାର୍ମକୁ ଆଜି ପଶୁ ସମ୍ପଦ ବିଭାଗ ଅଧିକାରୀ ମାନେ ପରିଦର୍ଶନ କରିଛନ୍ତି। ଜିଲ୍ଲା ପଶୁ ସମ୍ପଦ ବିଭାଗ ଅଧିକାରୀ ହୃଷୀକେଶ ବେହେରା, ସହକାରୀ ଅଧିକାରୀ ତରୁଣ ମଲ୍ଲିକ, ବ୍ଲକ ପଶୁ ସମ୍ପଦ ବିଭାଗ ଅଧିକାରୀ ଦେବପ୍ରକାଶ ସାହୁ, ସହକାରୀ ଅଧିକାରୀ ଦେବାଶିଷ ହୋତା ପ୍ରମୁଖ ଫାର୍ମ ପରିଦର୍ଶନ କରି ପ୍ରାୟ ୫୦ ଗୋଟି ଗାଈଙ୍କ ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଫାର୍ମ ହାଉସରେ ଗାଈମାନଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତା ଉପରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ହୋଇଥିଲା। ଏହାଛଡା ଉକ୍ତ ଅଞ୍ଚଳରେ ଟିକା ତଥା ଗୋ ବଂଶ ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ମଧ ମୁଖ୍ୟ ଅଧିକାରୀ ଅନୁଧ୍ୟାନ କରି ଗୋପାଳଙ୍କ ସହିତ ବିଭିନ୍ନ ଆଲୋଚନା କରିଥିଲେ। ପଶୁ ନୀରିକ୍ଷକଙ୍କ ସମେତ ଗୋମିତ୍ର ମାନେ ଏଥିରେ ଉପସ୍ଥିତ ଥିଲେ।

## ବାଲିକୁ ନେଇ ଦୁଇ ଜିଲ୍ଲା ମଧରେ ବିବାଦ



**ଦୋବଲ,୧୬ା୧(ସମିସ):** ବୈତରଣୀ ନଦୀ ଗର୍ଭରୁ ବାଲି ଉଠାକୁ ନେଇ ଦୁଇ ଜିଲ୍ଲା ମଧରେ ବିବାଦ। ଯାଜପୁର ଜିଲ୍ଲାର କଟିକଟା ଗ୍ରାମବାସୀ ଓ ଧାମନଗର ତହସିଲର କ୍ଷେଣ୍ଟପୁରର ବାଲିମାଫିଆଙ୍କ ମଧରେ ବଡ଼ ଧରଣର ଗଣ୍ଡଗୋଳ ହୋଇଛି। ଉଭୟ ପକ୍ଷଙ୍କ ମଧରେ ମାରପିଟ୍ ହୋଇଥିବା ଦେଖିବାକୁ ମିଳିଛି। ଘଟଣାକୁ ନେଇ ଉଭୟ ପକ୍ଷ ନିଜ ନିଜ ଥାନାରେ ପରସ୍ପର ବିରୋଧରେ ଏତଲା ଦେଇଥିବା ସୂଚନା ମିଳିଛି। କ୍ଷେଣ୍ଟପୁରର ବାଲିମାଫିଆ ଏନେଇ ଧାମନଗର ଥାନାରେ ଏତଲା ଦେଇଥିବା ବେଳେ କଟିକଟା ଗାଁ ଲୋକେ ଦଶରଥପୁର ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ଥାନା ପୁଲିସ ପରସ୍ପର ସହ ସମନ୍ୱୟ ରଖି ଘଟଣାର ତଦନ୍ତ କରୁଛି। କ୍ଷେଣ୍ଟପୁର ଅଞ୍ଚଳର ଜଣେ ବ୍ୟକ୍ତି ନିଜ ସଂପର୍କୀୟଙ୍କ ପାଳରେ ଗଡ଼ା କରି ବୈତରଣୀ ନଦୀରୁ ବାଲି ଚୋରି କରୁଛନ୍ତି। ପ୍ରତିବର୍ଷ ସେ ଏହିଠାରେ ଗଡ଼ା କରି ନଦୀ ଗର୍ଭରୁ ବାଲି ଉଠାଇଥାଏ। ସେପଟେ ବୈତରଣୀ ନଦୀ ଗର୍ଭରେ ଯାଜପୁର ଓ ଭଦ୍ରକ ଜିଲ୍ଲାର ସୀମାରେଖା ରହିଛି। ଭଦ୍ରକ ଭାଗରେ ନଦୀ ଗର୍ଭର ବେଶୀ ଅଂଶ ଥିବା ବେଳେ ଯାଜପୁର ଜିଲ୍ଲା ଭାଗରେ କମ୍ ରହିଛି। ତେବେ ବାଲି ମାଫିଆ ଜଣକ ବାଲି ଉଠାଉ ଉଠାଉ ଯାଜପୁର ଜିଲ୍ଲା ସୀମାକୁ ପଶି ଯାଇଥିଲେ। ଏଥର ଭଦ୍ରକ ସୀମାରେ ବାଲି ପଡ଼ିନଥିବାରୁ ମାଫିଆ ଜଣକ ଯାଜପୁର ସୀମାରୁ ଉଠାଉଥିଲା।

ଏହାକୁ ଦେଖି ବାଲିଘାଟ ସିଧାରେ ଯାଜପୁର ଜିଲ୍ଲା ଦଶରଥପୁର ଥାନା ଅଧୀନ କଟିକଟା ଗାଁର ଲୋକେ ବିରୋଧ କରିଥିଲେ। ଗାଁରୁ ବହୁ ଲୋକ ନଦୀ ଗର୍ଭରେ ପହଞ୍ଚି ବାଲି ଉଠାକୁ ବିରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ, ନଦୀରେ ବାଲି ନାହିଁ। ପାଣି ଭିତରୁ ଡୋଜର ଲଗାଇ ବାଲି ଉଠାଯାଉଛି। ଯାହା ଫଳରେ ଗାଧୁଆପାଧୁଆ କରିବା ଜାଗାରେ ବାଲି ସରିଯାଉଛି। ଗଭୀର ହୋଇଯାଉଛି। ତା' ଛଡ଼ା ବାଲି ନଥିବାରୁ କାଦୁଅ ହୋଇଯାଉଛି। ଗାଧୋଇବା ବେଳେ ପାଣି ଗୋଳିଆ ହେଉଛି। ଏଣୁ ତାଙ୍କ ସୀମାରୁ ବାଲି ନ ଉଠାଇବାକୁ ତାଗିଦ କରିଥିଲେ। ହେଲେ ବାଲି ମାଫିଆ ଓ ଘାଟରେ ଥିବା ଶ୍ରମିକମାନେ କଟିକଟା ଗାଁ ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। କଟିକଟା ଗାଁ ଲୋକେ ଏକାଠି ହୋଇ ବାଲି ମାଫିଆଙ୍କୁ ଧମକ ଦେଇଥିଲେ। ଆରପଟେ ବାଲି ମାଫିଆ ଓ ତାଙ୍କ ଶ୍ରମିକ ଠେଙ୍ଗା ବାଡ଼ି ନେଇ କଟିକଟା ଗାଁ ଲୋକଙ୍କୁ ପିଟିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ଧସ୍ତାଧସ୍ତି ହୋଇଥିଲା। ବାଲି ଉଠା ବ୍ୟାପାର ଏବେ ଖଣି ବିଭାଗ ଅଧୀନରେ ରହିଛି। ଦୁଇ ଜିଲ୍ଲାରେ ମାତ୍ର ଜଣେ ଜଣେ ଖଣି ବିଭାଗ କର୍ମଚାରୀ ଅଛନ୍ତି। ଯାହା ଫଳରେ ସେମାନେ ବାଲି ଚୋରିକୁ ରୋକିବାରେ ବିଫଳ ହେଉଛନ୍ତି। ଏହାର ସୁଯୋଗ ନେଇ ବୈତରଣୀ କୂଳରେ ଥିବା ଟ୍ରାକ୍ଟର ଓ ଟ୍ରକ ମାଲିକ ମନଇଚ୍ଛା ବାଲି ଚୋରି କରୁଛନ୍ତି। ତେବେ ଏନେଇ ଧାମନଗର ଥାନା ଅଧିକାରୀ ଫଣିନ୍ଦ୍ର ଭୂଷଣ ନାଇକ କହିଛନ୍ତି ଯେ, କ୍ଷେଣ୍ଟପୁରର ଲୋକ ଦେଇଥିବା ଏତଲାର ତଦନ୍ତ କରାଯାଉଛି।

## ପକ୍ଷୀଗଣନା ପାଇଁ ମକ୍‌ଡ୍ରିଲ୍

**ଭଦ୍ରକ,୧୬ା୧(ସମିସ):** ଆମ ରାଜ୍ୟରେ ଥିବା ବହୁ ପକ୍ଷୀ ଏବେ ବିଲୁପ୍ତ ପ୍ରାୟ। ତେଣୁ ଧୀରେ ଧୀରେ ହଜିଯିବାକୁ ବସିଥିବା ଏହି ପକ୍ଷୀମାନଙ୍କ ବଂଶ ବୃଦ୍ଧି ସଂପର୍କରେ ଜାଣିବା ପାଇଁ ଆସନ୍ତା ୧୮ ତାରିଖରୁ ରାଜ୍ୟ ସରକାରଙ୍କ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ପକ୍ଷୀମାନଙ୍କ ଗଣନା ପାଇଁ ଏକ ମକ୍ ସେନସସ୍ ଏକ୍ସସାଇଜ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଆଜି ଭଦ୍ରକର ସାତଭଉଣୀସ୍ଥିତ ଭଦ୍ରକ ୱାଇଲର୍ଡ ଲାଇଫ୍ ଡିଭିଜନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ (ମକ୍ ଡ୍ରିଲ୍) ଆୟୋଜିତ ହୋଇଥିଲା। ଏଥିରେ ଏସିଏଫ୍ ମଧୁସ୍ମିତା ଦାସ, ସୁମିତ ମହାନ୍ତି, ରେଞ୍ଜ ଅଫିସର ପୀତାମ୍ବର ନାୟକ, ଭଦ୍ରକ ମହାବିଦ୍ୟାଳୟର ଜୁଲୋଜି ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ପଦ୍ମନାଭ ମହାନ୍ତି ଓ ଡ. ସର୍ବେଶ୍ୱର ନାୟକଙ୍କ ସମେତ ଉକ୍ତ ବିଭାଗର ବହୁ ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ବନ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଆଲୋଚନା ସମୟରେ ବନ୍ୟପ୍ରାଣୀ ବିଭାଗର ଉପରୋକ୍ତ ଅଧିକାରୀମାନେ ଆମ ଜିଲାରେ ଥିବା ଭଦ୍ରକ, ବାସୁଦେବପୁର, ଚାନ୍ଦବାଲି ଓ ଧାମନଗର ରେଞ୍ଜରେ ୧୮ ତାରିଖରୁ ଆରମ୍ଭ ହେଉଥିବା ଏହି କାର୍ଯ୍ୟକ୍ରମରେ ଯେଭଳି ବହୁସଂଖ୍ୟାରେ ଜନସାଧାରଣ ଯୋଗଦେଇ ସହଯୋଗ କାମନା କରିଥିଲେ। ବିଶେଷକରି ଗଣମାଧ୍ୟମ ପ୍ରତିନିଧି, ଛାତ୍ରଛାତ୍ରୀ ଏ ଦିଗରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରି ବିଭାଗୀୟ ଅଧିକାରୀଙ୍କୁ ସହାୟତା କରିବାକୁ କାର୍ଯ୍ୟକ୍ରମରେ ନିବେଦନ କରିଥିଲେ।

# ଧାନ ସଂଗ୍ରହ ମନ୍ଥର ନେଇ ବଢୁଛି ଅସନ୍ତୋଷ





● ମିଲରଙ୍କ ମନମାନି ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର
● ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା, ଭଲ ଧାନ ଦେବାକୁ ପରାମର୍ଶ

**ଯାଜପୁର/ଦଶରଥପୁର, ୧୬।୧(ସମିସ)**

ଚଳିତ ବର୍ଷ ଯାଜପୁର ଜିଲ୍ଲାରେ ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ ମନ୍ଥର ଗତିରେ ଆରମ୍ଭ ହୋଇଛି। ଜିଲ୍ଲାର ମୋଟ ୧୨୮ଟି ସମବାୟ ସମିତି ଓ ୨୫ଟି ଏସଏଚ୍‌ଜି ମାଧ୍ୟମରେ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା। ଗତ ୭ ତାରିଖରୁ ଜିଲ୍ଲାରେ ଆରମ୍ଭ ହୋଇଥିବା ଧାନ ସଂଗ୍ରହ ପ୍ରକ୍ରିୟାରେ ମାତ୍ର ୨୫ଟି ମଣ୍ଡି ଖୋଲିଛି। ଯେଉଁଠି ବି ଖୋଲିଛି ସେଠାରେ ନିମ୍ନମାନର ଧାନ ଦର୍ଶାଇ କଟ୍‌ନି ଛଟ୍‌ନି କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲାର ବିଭିନ୍ନ ଧାନମଣ୍ଡିରେ ଚାଷୀ ଓ ମିଲରଙ୍କ ମଧ୍ୟରେ ବିବାଦ ବଢୁଥିବା ଦେଖିବାକୁ ମିଳିଛି।

ଆଜି ଦଶରଥପୁର ବ୍ଲକରୁ ମଧ୍ୟ ସମାନ ଅଭିଯୋଗ ଆସିଛି। ଦଶରଥପୁର ବ୍ଲକରେ ଏବେ ସୁଦ୍ଧା କାଗଜପତ୍ରରେ ୧୦ଟି ଧାନ ମଣ୍ଡି ଖୋଲିଛି। ତେବେ ଯେଉଁ ମଣ୍ଡି ଖୋଲିଛି, ସେଠାରେ ଚାଷୀଙ୍କଠାରୁ କ୍ୱିଣ୍ଟାଲ ପିଛା ୫ରୁ ୭ କିଲୋ ଧାନ କାଟିବାକୁ ମିଲର ବାଧ୍ୟ କରୁଛି। ଯେଉଁ ଚାଷୀ ମିଲରଙ୍କ ପ୍ରସ୍ତାବରେ କଟ୍‌ନି ଛଟ୍‌ନି କରିବାକୁ ରାଜି ହେଉଛନ୍ତି ସେମାନଙ୍କ ଧାନ କିଣାଯାଉଛି। ଯେଉଁମାନେ ରାଜି ହେଉନାହାନ୍ତି, ସେମାନଙ୍କୁ ଏଫ୍‌ଏକ୍ୟୁ ଆଳରେ ହଇରାଣ କରାଯାଉଛି। ଚଳିତ ମାସ ୧୫ ତାରିଖରୁ ଖଣ୍ଡରା, ଅକରପଡ଼ା, ତଳିହା, ଗ୍ରାମନନ୍ଦିପୁର, ବିହାରୀ ଆଦି ଅଞ୍ଚଳରେ ଉଦ୍‌ଘାଟିତ ଧାନମଣ୍ଡିରୁ ୫ରୁ ୭ କିଲୋ କଟ୍‌ନି ଛଟ୍‌ନିରେ ମିଲର ଧାନ କିଣିଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲାପାଳ ଚାଷୀଙ୍କ ସ୍ୱାର୍ଥ ରକ୍ଷା କରିବାକୁ ମଣ୍ଡିରେ ମନମାନି ଚଳାଇଥିବା ମିଲରଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାକୁ ଦଶରଥପୁର ବ୍ଲକ ଚାଷୀଙ୍କ ପକ୍ଷରୁ ବରିଷ୍ଠ ଚାଷୀ ଦେବେନ୍ଦ୍ର ପଣ୍ଡା, ନିରାକାର ସାହୁ, ଚନ୍ଦ୍ରଶେଖର ସାହୁ, ଦେବଦତ୍ତ ମହାପାତ୍ର, ପ୍ରଦୀପ ସ୍ୱାଇଁ, ମଦନମୋହନ ଦେବତା, ମଳୟ ପଣ୍ଡା, ପ୍ରସନ୍ନ ସାହୁ, ସରୋଜ ରାଉତ, ପୂର୍ଣ୍ଣଚନ୍ଦ୍ର ପାଗଳ, ରାଜକିଶୋର ରାଉତ, ପ୍ରଶାନ୍ତ ଜେନା, ବଂଶୀଧର ବେହେରା, ଦାମୋଦର ନାୟକ, ପ୍ରମୋଦ ରାଉତରାୟ, ମଳୟ ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଚାଷୀ ଆଜି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଅଭିଯୋଗ କରିବା ସହିତ ତତ୍‌ସମ୍ବନ୍ଧୀୟ ଦାବିପତ୍ର ପ୍ରଦାନ କରି ମଣ୍ଡିରେ ସ୍ୱାଭାବିକ ଧାନ କିଣା ଉପରେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଥିଲେ।

ଅନ୍ୟପକ୍ଷରେ ଆଜି ଖାଉଟି ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାଜପୁର ଜିଲ୍ଲାପାଳ ଅଫିସରେ ପହଞ୍ଚି ଜିଲ୍ଲାରେ ହେଉଥିବା ଧାନ ସଂଗ୍ରହ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଗତ ଅଦିନିଆ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟା ଯୋଗୁଁ ଧାନ କିଣାରେ ସମସ୍ୟା ସୃଷ୍ଟି ହେଉଛି ଓ ମିଲରମାନେ ଧାନ କିଣିବାକୁ ଅରାଜି ହେଉଥିବା ନେଇ ଆଲୋଚନା କରାଯାଇଥିଲା। କିନ୍ତୁ ମନ୍ତ୍ରୀ ଭଲ ଧାନ ଦିଆଗଲେ କଟ୍‌ନି ଛଟ୍‌ନି ହେବ ନାହିଁ ବୋଲି କହିଥିଲେ। ଆସନ୍ତାକାଲି ସୁଦ୍ଧା ବାକି ସମସ୍ତ ଧାନମଣ୍ଡି ଖୋଲାଯିବ ବୋଲି ସାମ୍ବାଦିକଙ୍କୁ ମନ୍ତ୍ରୀ କହିଥିଲେ। ଏହି ବୈଠକରେ କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ ଅନ୍ୟ ଅଧିକାରୀ ଯୋଗ ଦେଇଥିଲେ।



ପ୍ରଥମ ଗୁରୁ ପଦ୍ମସମ୍ଭବ ବୌଦ୍ଧ ସମ୍ମିଳନୀର ଉଦ୍‌ଯାପନୀ ସମାରୋହ

## ଅଶୋକଝରରୁ ବେଆଇନ ଚାନ୍ଦା ଆଦାୟ ବନ୍ଦ ନ ହେଲେ ଆନ୍ଦୋଳନ

**ପାଣିକୋଇଲି, ୧୬।୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଅଶୋକଝର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ହାସଲ କରିଛି। ଏହି ପର୍ଯ୍ୟଟନ ସ୍ଥଳୀରେ ବିଭିନ୍ନ ସମୟରେ ବେଆଇନ ଅର୍ଥ ଆଦାୟ ନେଇ ଅଭିଯୋଗ ହୋଇଆସୁଛି। ଅଭିଯୋଗ ପରେ ଏହି ବେଆଇନ ଅର୍ଥ ଆଦାୟକୁ ପ୍ରଶାସନ ବନ୍ଦ କରିଥିଲା। ଅଶୋକଝରରେ ଏବେ ମକର ସଂକ୍ରାନ୍ତୀ ଉପଲକ୍ଷେ ମେଳା ଚାଲିଛି। ଏହି ମେଳାରେ ବେଆଇନ ଅର୍ଥ ଆଦାୟ ସମ୍ଭାବନା ଥିବାରୁ ଏହାକୁ ବିରୋଧ କରି ଥାନାଧିକାରୀ, ତହସିଲଦାର, ଏଡିଏମ, ଜିଲ୍ଲାପାଳ ଓ ଏସପିଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ଏହା ସତ୍ତ୍ୱେ ସୋମବାର ସୁକିନ୍ଦା ଥାନାଧିକାରୀ ଓ ତହସିଲଦାରଙ୍କ ଉପସ୍ଥିତିରେ କିଛି ବ୍ୟକ୍ତି ଚାନ୍ଦା ଆଦାୟ ପାଇଁ ଏକ ସଂକଳ୍ପପତ୍ର ମାଧ୍ୟମରେ ବେଆଇନ ଭାବେ ସାଇକଲ ଷ୍ଟାଣ୍ଡ ନାମରେ ବାଇକ୍ ଓ ଚାରିଚକିଆ ଗାଡ଼ିରୁ ଅର୍ଥ ଆଦାୟ କରୁଛନ୍ତି। ସୁକିନ୍ଦା ଥାନାଧିକାରୀ ଓ ତହସିଲଦାର କିପରି ଅନୁମତି ଦେଲେ, ସେ ଅଭିଯୋଗ କରାଯାଇଛି। ବେଆଇନ ଚାନ୍ଦା ଆଦାୟ ବନ୍ଦ କରାଯିବା ସହ ଥାନାଧିକାରୀଙ୍କୁ ନିଲମ୍ବନ କରିବା ଲାଗି ଏସସି-ଏସଟି ସେଲ୍‌ଫର ଦୁଷ୍ମନ୍ତ ଜେନା, ଧର୍ମଶାଳା ଆମ୍ବେଦକର ଫାଉଣ୍ଡେସନ ସଭାପତି କାର୍ତ୍ତିକ ମଲିକ ଓ ଯାଜପୁର ସିଭିଲ ସୋସାଇଟି ଫୋରମର ଯାଜପୁର ଜିଲ୍ଲା ସମ୍ପାଦକ ବିଶ୍ୱନାଥ ପାତ୍ର, ଯାଜପୁର ଏକତା ମଞ୍ଚ ସଭାପତି ଗୟାଧର ମଲିକ ଏସପିଙ୍କୁ ଭେଟି ଦାବି କରିଛନ୍ତି। ନଚେତ୍ ଆନ୍ଦୋଳନ କରିବା ଲାଗି ବାଧ୍ୟ ହେବୁ ବୋଲି ଶ୍ରୀ ପାତ୍ର ଜଣାଇଛନ୍ତି।

### ବରୁଣେଶ୍ୱର ମେଳା ପଡ଼ିଆରୁ ନମୋ ଟି-ଷ୍ଟଲ୍ ଉଚ୍ଛେଦ କଲା ପ୍ରଶାସନ

## ନିର୍ମାଣ ହେଲା ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ

**ବିଞ୍ଝାରପୁର, ୧୬।୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତ ବରୁଣେଶ୍ୱର ମକର ମେଳା ପଡ଼ିଆରୁ ବିଜେପି ପକ୍ଷରୁ ବେଆଇନ ଭାବେ ନିର୍ମାଣ ହୋଇଥିବା ନମୋ ଟି-ଷ୍ଟଲ୍‌କୁ ପ୍ରଶାସନ ଉଚ୍ଛେଦ କରିଛି। ପ୍ରଶାସନ ପକ୍ଷରୁ ଷ୍ଟଲ୍‌କୁ ଉଠାଇ ନେବାକୁ ବିଜେପି ଦଳୀୟ କର୍ମକର୍ତ୍ତାଙ୍କୁ ପ୍ରଶାସନ କହିଥିଲା। ବୁଧବାର ସକାଳ ୮ ଘଟିକା ପର୍ଯ୍ୟନ୍ତ ବିଜେପି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ପ୍ରଶାସନ ଆଇନକୁ ହାତକୁ ନେଇ ନମୋ ଟି-ଷ୍ଟଲ୍‌କୁ ଉଚ୍ଛେଦ କରିବା ସହ ଷ୍ଟଲ୍‌ରେ ଥିବା ସାମଗ୍ରୀକୁ ଜବତ କରିଥିଲା। ଏହି ଉଚ୍ଛେଦ ସମୟରେ ବିଞ୍ଝାରପୁର ତହସିଲଦାର କୈଳାସ ମହାଳିକ, ବିଡିଓ ହିତାଂଶୁ ଶେଖର ସାମଲ, ଥାନାଧିକାରୀ ବାମଦେବ ନନ୍ଦ ଓ ପଞ୍ଚାୟତ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକଙ୍କ ସମେତ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ମଧ୍ୟରେ ପ୍ରଶାସନ ପକ୍ଷରୁ ନମୋ ଟି-ଷ୍ଟଲ୍ ଉଚ୍ଛେଦ ହୋଇଥିବାବେଳେ ବରୁଣେଶ୍ୱର ମକର ମେଳାର ସୁରକ୍ଷାକୁ ଦୃଷ୍ଟିରେ ରଖି ଅରେଇ ପଞ୍ଚାୟତ ପକ୍ଷରୁ ଉକ୍ତ ସ୍ଥାନରେ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ସହ ସୂଚନା ଓ ସହାୟତା କେନ୍ଦ୍ର ଖୋଲାଯାଇଛି। ଉକ୍ତ ଅସ୍ଥାୟୀ କାର୍ଯ୍ୟାଳୟକୁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିଥିଲେ।

## ଜାରକାରେ ଧାନମଣ୍ଡି ଉଦ୍‌ଘାଟିତ



**ଜାରକା, ୧୬।୧(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥ ସୋସାଇଟି କାର୍ଯ୍ୟାଳୟରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଧାନ ବିକ୍ରୟ ପାଇଁ ଆସୁଥିବା ସମସ୍ତ ଚାଷୀଙ୍କ ଧାନକୁ ସଠିକ ମୂଲ୍ୟାୟନ କରିବାକୁ ପରାମର୍ଶ ଦେଇଥିଲେ। ସଭାପତି ତପସ୍ୱିନୀ ବିଶ୍ୱାଳ, ମଧୁସୂଦନ ସାହୁ, ଏରିଆ ଅଫିସର ପ୍ରଭାତ ବେହେରା, ମୋନାଲିସା ପ୍ରଧାନ ଓ ସୋସାଇଟି ସମ୍ପାଦକ ଶମ୍ଭୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ଦିବସରେ ମିଲର ଆସି ନ ଥିବାରୁ ଧାନ ସଂଗ୍ରହ ହୋଇପାରିନାହିଁ। ଆସନ୍ତା ସୋମବାରଠାରୁ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ ବୋଲି ସୋସାଇଟିର ସମ୍ପାଦକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଚାଷୀ ଲୋକନାଥ ପଲେଇ, ଶରତ ଓଝା, ମନୋଜ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ମଣ୍ଡିରେ ୯ ହଜାର ୬୯୫ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ଲକ୍ଷ୍ୟ ରହିଛି। ସୋସାଇଟି ମାଧ୍ୟମରେ ଚାଷୀଙ୍କଠାରୁ ଧାନ ନେବାକୁ ୫ ଜଣ ମିଲରଙ୍କୁ ନିଯୁକ୍ତ କରାଯାଇଛି।

## ଅଖିଳଚକ୍ର ପକ୍ଷରୁ ଆଲୋଚନାଚକ୍ର

**ମଙ୍ଗଳା, ୧୬।୧ (ସମିସ):** ସ୍ଥାନୀୟ ୟୁଜିଏମଇ ସ୍କୁଲ ପରିସରରେ ଅଖିଳଚକ୍ର ପକ୍ଷରୁ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ପ୍ରସନ୍ନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଖିଳଚକ୍ରର ପ୍ରତିଷ୍ଠାତା ସମ୍ପାଦକ ହରେକୃଷ୍ଣ ପଣ୍ଡା କବି ତ୍ରିଲୋଚନ ବେଉରିଆଙ୍କ ପୁସ୍ତକ 'ରୁଦ୍ର କାହ୍ନାଙ୍କ ଗପ ପେଡ଼ି'କୁ ଉନ୍ମୋଚନ କରିଛନ୍ତି। କବି ରବୀନ୍ଦ୍ର ପରିଡ଼ା ପୁସ୍ତକ ସମୀକ୍ଷା କରି କହିଲେ, ଏଥିରେ ଗାଳ୍ପିକ ବେଉରିଆ ଲୋକ କଥା, ସତ୍ୟ ଘଟଣା, ଇତିହାସ, କିମ୍ବଦନ୍ତୀକୁ ଆଧାର କରି ଅତି ସରଳ ଭାବେ କ୍ଷୁଦ୍ର ଗପର ଅବତାରଣା କରିଛନ୍ତି। ସମ୍ପାଦକ ହରେକୃଷ୍ଣ ପଣ୍ଡା ଆଜିର ସମୟରେ ପାଠକ ସଂଖ୍ୟା ହ୍ରାସ ପାଉଥିବାରୁ ବହୁ ମୂଲ୍ୟବାନ କଥା ଓ କାହାଣୀ ପୁସ୍ତକରେ ପ୍ରକାଶ ପାଉଥିଲେ ହେଁ ଜୀବନଧର୍ମୀ ତତ୍ତ୍ୱ ଗ୍ରହଣ ନ କରିବା ଫଳରେ ଆମ ସମାଜର ପରିବର୍ତ୍ତନ ଘଟିପାରୁନାହିଁ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ନାଟ୍ୟକାର ଗୌରାଙ୍ଗ ସ୍ୱାଇଁ, ପୀତାମ୍ବର ସ୍ୱାଇଁ, ଶାନ୍ତାକାର ବେଉରିଆ, କବି ଶଶୀଭୂଷଣ ସାମଲ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଡିଭିଜନ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା



**କୁଆଖିଆ, ୧୬।୧(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବିଦ୍ୟୁତ୍ ସବଡିଭିଜନ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅନୁଷ୍ଠିତ ହୋଇଯାଇଛି। କୁଆଖିଆ ସେକ୍ସନ ଅଫିସରୁ ସଚେତନତା ଶୋଭାଯାତ୍ରା ବାହାରି ମଧୁବନ ରୋଡ୍‌ରେ ଥିବା ଡିଭିଜନ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ଲୋକଙ୍କୁ ସଡ଼କ ସୁରକ୍ଷା ବିଷୟରେ ଅବଗତ କରାଇବା ସହ ବିନା ହେଲମେଟ୍ ଓ ଚାରିଚକିଆ ଯାନରେ ସିଟ୍ ବେଲ୍ଟ ବ୍ୟବହାର ନକଲେ କ'ଣ ଅସୁବିଧା ହୁଏ, ସେ ବିଷୟରେ ଅବଗତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ନିୟମ ମାନୁଥିବା ଓ ନିୟମ ଉଲ୍ଲଂଘନ କରୁଥିବା ବାଇକ ଆରୋହୀଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ଦେଇ ସ୍ୱୟଂ ଜମରାଜ ସଚେତନ କରାଇଥିଲେ। ଅତିଥି ଭାବେ ବିଦ୍ୟୁତ୍ ବିଭାଗର ଯାଜପୁର ଜିଲ୍ଲା ମୁଖ୍ୟ ଅଧିକାରୀ ଅନନ୍ତ ନାରାୟଣ ସେନାପତି, କୁଆଖିଆ ଥାନା ଭାରପ୍ରାପ୍ତ ଅଧିକାରିଣୀ ଚିନ୍ମୟୀ ସାହୁ, କୁଆଖିଆ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଆଲୋକ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟୁତ ବିଭାଗ ଜିଲ୍ଲା ସୁରକ୍ଷା ମୁଖ୍ୟ ଦୀପକ ସାହୁ, ସୀତାଂଶୁ ଶତପଥୀ, ଚିତ୍ତରଞ୍ଜନ ଭୂୟାଁ, ବିକ୍ରମ ଗୌଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଶ୍ୱଜିତ ବେହେରା, ବିଶ୍ୱଜିତ ନାୟକ, ଗୋପାଳ ଚନ୍ଦ୍ର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ଜୁନିୟର ସୁକିନ୍ଦା ପ୍ରିମିୟର ଲିଗ୍, ୨୦୧୮ ବ୍ୟାଚ୍ ଚାମ୍ପିଅନ୍

**ସୁକିନ୍ଦା, ୧୬।୧(ସମିସ):** ସୁକିନ୍ଦା ଷ୍ଟାଡିୟମରେ ଚାଲିଥିବା ନବମ ଜୁନିୟର ସୁକିନ୍ଦା ପ୍ରିମିୟର ଲିଗ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ୨୦୧୩ ମାଟ୍ରିକ ବ୍ୟାଚ୍‌କୁ ହରାଇ ୨୦୧୮ ବ୍ୟାଚ୍ ଚାମ୍ପିଅନ୍ ହୋଇଛି। ୨୦୧୩ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୪.୪ ଓଭରରେ ସମସ୍ତ ୱିକେଟ ହରାଇ ୧୪୮ ରନ୍ କରିଥିଲା। ସୁବ୍ରତ ମଲିକ ସର୍ବାଧିକ ୮୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ୨୦୧୮ ବ୍ୟାଚ୍ ୧୪.୩ ଓଭରରେ ୪ ୱିକେଟ ହରାଇ ୧୫୦ ରନ୍ କରି ବିଜୟୀ ହୋଇଥିଲା। ଏସକେ ଓସି ୫୯ ରନ୍ କରିବା ସହ ଗୋଟିଏ ୱିକେଟ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ୨୦୧୩ ବ୍ୟାଚର ଏସକେ ଅତାଉଲା ବ୍ୟକ୍ତିଗତ ସର୍ବାଧିକ ୧୮୯ ରନ୍ ଓ ୧୧ଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ସୁକିନ୍ଦା ରାଜା ସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ମୁଖ୍ୟଅତିଥି ଓ ଥାନା ଅଧିକାରୀ ବିଳ୍ୱମଙ୍ଗଳ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଛାୟାକାନ୍ତ ଦ୍ୱିବେଦୀ ଓ ମିର୍ଜାଉଲ୍ ବେଗ ଖେଳ ପରିଚାଳନା କରିଥିଲେ। ୨୦୧୧ ବ୍ୟାଚ୍ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲା।

### ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

## ସ୍ୱଚ୍ଛତା ଓ କର୍ମଚାରୀଙ୍କ ଦକ୍ଷତାର କଲେ ଅନୁଧ୍ୟାନ



**ଦାନଗଦି, ୧୬।୧(ସମିସ)**

ଯାଜପୁର ଜିଲ୍ଲା ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ କାୟାକଳ୍ପ ଟିମ୍‌ର ୩ଜଣିଆ ପ୍ରତିନିଧି ଦଳ ଆଜି ଗସ୍ତ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ସେବା, ପରିମଳ ବ୍ୟବସ୍ଥା ଓ ବର୍ଜ୍ୟବସ୍ତୁ ପରିଚାଳନା ସଠିକ୍ ଭାବେ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିଛନ୍ତି। ସ୍ୱଚ୍ଛତା ଓ କର୍ମଚାରୀଙ୍କ ଦକ୍ଷତା ଦେଖି ଟିମ୍‌ର ମୁଖ୍ୟ ଡା. ପ୍ରତିଭା ପ୍ରଧାନ ଖୁସି ବ୍ୟକ୍ତ କରିଥିଲେ। ଟିମ ମୁଖ୍ୟ ଡା. ପ୍ରତିଭା ପ୍ରଧାନଙ୍କ ସମେତ, ଡା. ବିଭୂଦା ବିଜୟଲକ୍ଷ୍ମୀ, ଡା. ଜ୍ୟୋତ୍ସ୍ନାରାଣୀ ପ୍ରମୁଖ ସାମିଲ ଥିଲେ। ଏହି ଟିମ୍ ମେଡିକାଲ ପରିସର ବୁଲି ଦେଖିବା ସହ ସ୍ୱଚ୍ଛତା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଏହି ମେଡିକାଲର ସେବା କାର୍ଯ୍ୟରେ ନିୟୋଜିତ ଅଧିକାରୀ, ଡାକ୍ତର, ନର୍ସ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କ ଦକ୍ଷତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଟିମ୍ ମେଡିକାଲ ପରିସରରେ ଥିବା ଅଳିଆ ଆବର୍ଜନା ଓ ପରିତ୍ୟକ୍ତ ସାମଗ୍ରୀ ସଂରକ୍ଷିତ ହେଉଥିବା ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲେ। ଏଥିସହିତ ଅପରେସନ ଥିଏଟର, ପ୍ରସବ ଗୃହ, ଲ୍ୟାବ, ଔଷଧ ବିତରଣ କେନ୍ଦ୍ର ଓ ସମସ୍ତ ୱାର୍ଡ ବୁଲି ସ୍ୱଚ୍ଛତା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଡାକ୍ତରଖାନା ସଭାଗୃହରେ ଟିମର ସଦସ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜ୍ୟୋତିରଞ୍ଜନ ମହାପାତ୍ର, ଡା. ପ୍ରୟାଗଜିତ ରାଉତରାୟ ଓ ଅନ୍ୟ ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଧାନର ଅଭାବି ବିକ୍ରି ଅଭିଯୋଗ

**ଟମକା, ୧୬।୧(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ, କିଆଝର, ଓସ୍ତପାଳ, ବାଙ୍ଗରକୋଟା, ଉଚ୍ଚବାଲି, ନଛିପୁରା ଓ ଗୋବର୍ଦ୍ଧନପୁର ପଞ୍ଚାୟତର ଅଧିକାଂଶ କ୍ଷୁଦ୍ର, ମଧ୍ୟମ ଚାଷୀଙ୍କଠାରୁ ଧାନ ବେପାରୀ ୧୮୦୦ ଟଙ୍କାରେ ଧାନ କିଣି ବାହାର ରାଜ୍ୟକୁ ଚାଲାଣ କରୁଥିବା ଦେଖାଯାଉଛି। ଗୋବର୍ଦ୍ଧନପୁର କୃଷି ସମବାୟ ସମିତିରେ ଧାନମଣ୍ଡି ଖୋଲିବା ବିଳମ୍ବ କାରଣରୁ ବାଧ୍ୟହୋଇ କିଛି ଚାଷୀ କମ୍ ମୂଲ୍ୟରେ ଧାନ ବିକ୍ରି କରୁଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଧାନମଣ୍ଡିରେ ସଠିକ୍ ଭାବେ ଟୋକନ ଦେବାରେ ସ୍ୱଚ୍ଛତା ରହୁ ନ ଥିବା କିଛି ଚାଷୀ ଅଭିଯୋଗ କରୁଛନ୍ତି। ଏ ନେଇ ପ୍ରଶାସନ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ସୁକିନ୍ଦା କଲେଜ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ସୁକିନ୍ଦା, ୧୬।୧(ସମିସ):** ସୁକିନ୍ଦା ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଜ୍ଞାନରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଜ୍ୟୋତିର୍ମୟୀ ସାହୁ, ମାନସୀ ଦାସଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସୁଚିସ୍ମିତା ବାରିକ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତିରେ ମହିଳାମାନେ ନିଜକୁ ରକ୍ଷା କରିବା ସହ ନିଜେ ମାନସିକ ଓ ଶାରୀରିକ ଭାବେ ସୁଦୃଢ଼ ହେବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଉଥିବା ପ୍ରଶିକ୍ଷକ ମତ ଦେଇଥିଲେ।

## ମହାଗିରି ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

**ସୁକିନ୍ଦା, ୧୬।୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ମହାଗିରି ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ୯୩ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷିକା ଶୋଭା ନାୟକ ଛାତ୍ରୀଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ତାଲିମ୍ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ଶତପଥୀ ଅଧ୍ୟକ୍ଷତା କରି ଶିବିରର ଆବଶ୍ୟକତା ଓ ଉପାଦେୟତା ଉପରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିବାବେଳେ ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପଣ୍ଡିତ ଭୁପତି ଭୂଷଣ ମିଶ୍ର ସମ୍ମାନିତ



**ଯାଜପୁର, ୧୬।୧(ସମିସ):** ବାଲେଶ୍ୱରର ଶାନ୍ତିକାନନସ୍ଥ ଫକୀରମୋହନ ସାହିତ୍ୟ ପରିଷଦର ୬୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମ୍ବାଦର ପୂର୍ବତନ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଫକୀରମୋହନଙ୍କ ସାହିତ୍ୟ ଜଗତକୁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ଯାଜପୁରର ସଂସ୍କୃତ ବିଦ୍ୱାନ ତଥା ସଂସ୍କୃତି ବିଶାରଦ ପଣ୍ଡିତ ଭୁପତି ଭୂଷଣ ମିଶ୍ରଙ୍କୁ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ମିଶ୍ରଙ୍କୁ ଫକୀରମୋହନ ସ୍ମୃତି ଫଳକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥପାଇଁ ଶ୍ରୀ ମିଶ୍ରଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରାଯାଇଛି।

## ପଙ୍କପାଳରେ ପୌଷ ପୂର୍ଣ୍ଣମୀ



**ଯଖପୁରା, ୧୬।୧(ସମିସ):** ପଙ୍କପାଳ ଗ୍ରାମରେ ଚଳିତବର୍ଷ ପରମ୍ପରା ଅନୁଯାୟୀ ପୌଷ ପୂର୍ଣ୍ଣମୀ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଭୁ ଶ୍ରୀରାମ, ମାତା ସୀତା, ଭାଇ ଲକ୍ଷ୍ମଣ ଓ ପ୍ରଭୁ ହନୁମାନଙ୍କ ପୂଜା କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ସାମିଲ ହୋଇ ପ୍ରଭୁଙ୍କୁ ଆଶୀର୍ବାଦ ଲାଭ କରିଛନ୍ତି। ଶ୍ରୀ ଘଡ଼ାଇ ପୂର୍ଣ୍ଣାହୁତିରେ ଯୋଗ ଦେଇଥିଲେ। ପୂଜାରେ ସନ୍ତୋଷ ଦଳାଇ ଓ ସୁଭଦ୍ରା ଦଳାଇ କର୍ତ୍ତା ଥିଲେ।

## ସନ୍ତୋଷୀ ମା'ଙ୍କ ବାର୍ଷିକ ଉତ୍ସବରେ ଯୋଗଦେଲେ ପ୍ରଣବ



**ମଙ୍ଗଳପୁର, ୧୬।୧(ସମିସ):** ଦଶରଥପୁର ମଙ୍ଗରାଜ ସାହିସ୍ଥ ମା' ସନ୍ତୋଷୀ ମା'ଙ୍କ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବାବେଳେ ଆଜି ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ସୁଶାନ୍ତ ଶତପଥୀ, ଶ୍ରୀକାନ୍ତ ଶତପଥୀ, ହରପ୍ରସାଦ ଶତପଥୀ, ଅମିତ କୁମାର, ନାରାୟଣ ଚନ୍ଦ୍ର ପଣ୍ଡା ଯଜ୍ଞ ଓ ପୂଜାର୍ଚ୍ଚନା କରିଥିଲେ। ପାର୍ଥସାରଥୀ ମହାପାତ୍ର ଓ ତାଙ୍କ ପତ୍ନୀ ଲିପ୍‌ସା ମହାପାତ୍ର କର୍ତ୍ତା ଥିଲେ। ଆଜି ଶେଷ ଦିବସରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ।

## ରାଜ୍ୟସ୍ତରୀୟ ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ବାଲିଚନ୍ଦ୍ରପୁର, ୧୬।୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦାସ୍ଥ ସାର୍ଥକ କ୍ଲବ୍ ପକ୍ଷରୁ ବରଦା ବେଲବଣ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ପ୍ରଥମ ସେମିଫାଇନାଲରେ ବଲାଙ୍ଗୀର ଟିମକୁ ହରାଇ ଭଦ୍ରକ ଟିମ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ବଲାଙ୍ଗୀର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଭଦ୍ରକ ଟିମ ୧୦.୬ ଓଭରରେ ୪ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରି ଫାଇନଲରେ ପ୍ରବେଶ କରିଥିଲା। ବିଜୟୀ ଭଦ୍ରକ ଟିମର ଅଙ୍କିତା ଗିରି ୪୧ ବଲ୍‌ରୁ ଅପରାଜିତ ୫୧ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ଲାବନ ସ୍ୱାଇଁ ଓ ଅନୁପ ରାଉତ ଖେଳ ପରିଚାଳନା କରିଥିଲେ।

# ଅଙ୍ଗନୱାଡ଼ି ପିଲାଙ୍କୁ ଭରସା ବାଉଁଶପୋଲ

ବାଲେଶ୍ୱର,୧୬।୧(ସମିସ)

## ମୁଖ୍ୟ ରାସ୍ତାକୁ ଆସିବା ପାଇଁ ବିପଦପୂର୍ଣ୍ଣ ଭାବେ ଅତିକ୍ରମ କରୁଛନ୍ତି



ଏବେବି ବାଲେଶ୍ୱର ସଦର ବ୍ଲକ ଶ୍ରୀକୋଣା ପଞ୍ଚାୟତ ଚାରିଗୋଛିଆ ମୌଜା ସାହିବଚକ ପଡା ଗାଁ ର ଲୋକ ମାନଙ୍କୁ ବାଉଁଶ ପୋଲ ପାରିହେଇ ମୁଖ୍ୟ ରାସ୍ତାକୁ ଆସିବାକୁ ହେଉଛି। ସେହିଭଳି ଏହି ପଡା ଗ୍ରାମର କୁନିକୁନି ପିଲା ମାନଙ୍କୁ ମଧ୍ୟ ଦୈନନ୍ଦିନ ଏହି ବିପଦ ସଂକୁଳ ବାଉଁଶ ପୋଲକୁ ପାରିହେଇ ଅଙ୍ଗନୱାଡି କେନ୍ଦ୍ରକୁ ପାଠ ପଢିବା ପାଇଁ ଆସିବାକୁ ପଡୁଛି। ଆଉ କେତେଦିନ ଏହି ପଡା ଗ୍ରାମରେ ରହୁଥିବା ୧୦ଟି ପରିବାରର ଲୋକମାନେ ଭଙ୍ଗା ବାଉଁଶ ପୋଲରେ ଚଢି ମୁଖ୍ୟ ରାସ୍ତାକୁ ଆସିବେ। ସେମାନଙ୍କ ପାଇଁ କଂକ୍ରିଟ ଢଳେଇ ପୋଲ ନିର୍ମାଣ ହେବ କେବେ? ନଈରେ ପାଣି। ଆଉ ପାଣି ଉପରେ ଭଙ୍ଗା ବାଉଁଶ ପୋଲ। ପୋଲରେ ନିରେଖି ପାଦ ନପକାଇଲେ ବିପଦ। ପାଣିରେ ଖସି ପଡିବାର ଆଶଙ୍କା ଅଧିକ ରହିଛି। ତଥାପି ପ୍ରତିଦିନ ସାହିବଚକ ପଡା ଗ୍ରାମର କୁନିକୁନି ପିଲାମାନଙ୍କୁ ଭଙ୍ଗା ବାଉଁଶ ପୋଲ ଉପରେ ଚଢି ନଦୀକୁ ପାରି ହେଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଯେଉଁ ଦିନ ନଦୀରେ ଅଧିକ ପାଣି ହେଉଛି, ସେ ଦିନ ପିଲା ମାନଙ୍କର ସ୍କୁଲ ଯିବା ବନ୍ଦ ହେଇଯାଉଛି। ଏ ବାବଦରେ ଏହି ଗ୍ରାମର ବାସିନ୍ଦା ଶିବାନୀ ପାତ୍ର କହିଛନ୍ତି, ଆମ୍ଭ ମାନଙ୍କ ପରିବାର ଏଠାରେ ଘରକରି ରହିବା ପରଠାରୁ ଏହି ବାଉଁଶ ପୋଲକୁ ଅତିକ୍ରମକରି ମୁଖ୍ୟ ରାସ୍ତାକୁ ଯାଉଛୁ। ଛୋଟ ପିଲା ମାନେ ମଧ୍ୟ ପାଠ ପଢିବା ପାଇଁ ଏହି ବାଉଁଶ ପୋଲକୁ ପାରିହେଇ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି। କଂକ୍ରିଟ ଢଳେଇ ପୋଲ ନିର୍ମାଣ କରିଦେବେ ବୋଲି ଜିଲ୍ଲା ପରିଷଦ ସଦସ୍ୟ ଓ ସରପଞ୍ଚ କହୁଛନ୍ତି। ହେଲେ ବର୍ଷବର୍ଷ ବିତି ଯାଉଛି ପୋଲ ନିର୍ମାଣ ହେଉନି ବୋଲି ଶ୍ରୀ ପାତ୍ର କହିଛନ୍ତି। ସେହିଭଳି ଶିବାନୀ ପାତ୍ର କହିଛନ୍ତି, ଆମ୍ଭେମାନେ ପ୍ରତିଦିନ ବଡ ହଇରାଣ ହେଉଛୁ। ପିଲା ମାନେ ସ୍କୁଲ ଯିବାବେଳେ ଏହି ବାଉଁଶ ପୋଲ ନିକଟରେ ଆମ୍ଭ ମାନଙ୍କୁ ରହିବାକୁ ପଡୁଛି। ପୋଲ ପାରି ହେବା ଭୟରେ ଦିନେଦିନେ ପିଲାମାନେ ପାଠ ପଢିବା ପାଇଁ ଯାଉ ନାହାନ୍ତି। ଯେତେ ନେତା ମାନଙ୍କୁ କହିଲୁଣି, କେହି ମନା କରୁ ନାହାନ୍ତି ଯେ ପୋଲ ନିଶ୍ଚିତ ନିର୍ମାଣ ହେବ କହୁଛନ୍ତି। ପରେ ହୁଏତ ଆମ କଥା ଭୁଲି ଯାଉଛନ୍ତି ନେତାମାନେ। ଥରେ ଏହି ବାଉଁଶ ପୋଲ ପାରି ହେବା ବେଳେ ଜଣେ ପିଲା ନଦୀ ଜଳରେ ଖସି ପଡ଼ିଥିଲା। ତାକୁ ଗାଁ ଲୋକମାନେ ଉଦ୍ଧାର କରିଥିଲେ।ଏହିଭଳି ଦୁଃଖରେ ଆମ୍ଭେମାନେ ରହିଛୁ। ସରକାର ଆମ କଥା ଶୁଣୁ ନାହାନ୍ତି। ଆମ୍ଭେମାନେ କଣ କରିବୁ ବୋଲି କହିଛନ୍ତି ଶିବାନୀ। ତେବେ କେବଳ ସ୍କୁଲ ପିଲା ନୁହନ୍ତି ନଈ ଆରପଟେ ପ୍ରାୟ ୧୦ରୁ ଅଧିକ ପରିବାର ଏହି ବାଉଁଶ ପୋଲ ଉପରେ ଯାତାୟତ ପାଇଁ ନିର୍ଭର କରିଥାନ୍ତି। ଏହି ପୋଲ ଦେଇ ସେମାନଙ୍କୁ ମୁଖ୍ୟ ରାସ୍ତାକୁ ଯିବାକୁ ପଡୁଛି। ମୁଖ୍ୟ ରାସ୍ତା ଦେଇ ଚାନ୍ଦିପୁର ଥାନା, ପଞ୍ଚାୟତ ଅଫିସ, ଆରଆଇ ଅଫିସ ଆଦି ସରକାରୀ କାର୍ଯ୍ୟାଳୟ ଓ ନିଜନିଜ ଚାଷ ଜମିକୁ ଯାଇଥାନ୍ତି ଗ୍ରାମବାସୀମାନେ। ଏପରିକି କଣ୍ଟ୍ରୋଲ ସାମଗ୍ରୀ, ଅତ୍ୟାବଶ୍ୟକ ଜିନିଷ ପତ୍ର କିଣିବା ପାଇଁ ମଧ୍ୟ ସାହେବଚକ ଗାଁ ର ଲୋକମାନଙ୍କୁ ଏହି ବାଉଁଶ ପୋଲକୁ ପାରି କରିବାକୁ ପଡୁଛି। ତେବେ ଏହି ବାଉଁଶ ପୋଲକୁ ଗ୍ରାମବାସୀ ମାନେ ପ୍ରତିବର୍ଷ ନିଜ ଖର୍ଚ୍ଚରେ ତିଆରି କରିଥାଆନ୍ତି। ପ୍ରାୟ ୫୦ ବର୍ଷରୁ ଅଧିକ ସମୟ ଏଭଳି ସମସ୍ୟା ଭୋଗୁଛନ୍ତି ସମ୍ପୃକ୍ତ ଗ୍ରାମର ଲୋକମାନେ। ଏହି ପୋଲ ନିର୍ମାଣ କରିବା ନେଇ ସ୍ଥାନୀୟ ସରପଞ୍ଚ କମଳ କୁମାର ସାହୁ କହିଛନ୍ତି, ତାଙ୍କ ତରଫରୁ ବିଭିନ୍ନ ବିଭାଗକୁ ଜଣାଇଛନ୍ତି। ହେଲେ ବିଭାଗର କିଛି ତତ୍ପରତା ନଥିବା ଯୋଗୁଁ ଏଯାବତ ପୋଲ ନିର୍ମାଣ ହେଇ ପାରୁନି ବୋଲି ନିଜ ଆଡୁ ସଫେଇ ଦେଇ କହିଛନ୍ତି ସରପଞ୍ଚ ସାହୁ। ତେବେ ଉନ୍ନୟନ କାମ ପାଇଁ ପଞ୍ଚାୟତକୁ ଆସୁଥିବା ସରକାରୀ ଅର୍ଥରେ ଏହି ପୋଲ ନିର୍ମାଣ ହୋଇପାରିବ।

## ଜୁନିଅର ହ୍ୟାଣ୍ଡବଲ ଚାମ୍ପିଅନସିପକୁ ୧୬ ଖେଳାଳି ମନୋନୀତ



**ଅସୁରାଳି,୧୬।୧(ସମିସ):** ରାଜ୍ୟସ୍ତରୀୟ ୩୦ତମ ଜୁନିଅର ହ୍ୟାଣ୍ଡବଲ ଚାମ୍ପିଅନସିପ ପୁରୀ ତାଳବଣିଆରେ ଆଗାମୀ ୧୮ ଓ ୧୯ରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ଚାମ୍ପିଅନସିପରେ ଭଦ୍ରକ ଜିଲ୍ଲାରୁ ୧୬ ଖେଳାଳି ଭାଗ ନେବାକୁ ଯାଉଛନ୍ତି। ଏହି ୧୬ ଖେଳାଳିଙ୍କୁ ଉତ୍ସାହିତ କରିବା ନିମନ୍ତେ ଧୂଷୁରୀ ପଞ୍ଚାୟତ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଧୂଷୁରୀ ଥାନାଧିକାରୀ ଶାନ୍ତନୁ କୁମାର ଜେନା, ବିଜେପି ନେତା ଚତୁର୍ଭୁଜ ନାୟକ, ଧୂଷୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ଅଧ୍ୟାପକ ଶ୍ରୀଧର ସାହୁ, ଅଧ୍ୟାପକ ପ୍ରଭାତ ଧଳ, ବରିଷ୍ଠ ବିଜେପି ନେତା କାହ୍ନୁ ଚରଣ ପଣ୍ଡା, ଶିକ୍ଷାବିତ୍ ରଞ୍ଜୀବ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ହ୍ୟାଣ୍ଡବଲ ସଭାପତି କମଳାକାନ୍ତ ବେହେରା, ସମ୍ପାଦକ ରମେଶ ପୃଷ୍ଟି, କୋଚ ଜ୍ଞାନରଞ୍ଜନ ବେହେରା, ମ୍ୟାନେଜର ଅମିୟ କାନ୍ତ ଦାସ, ଫିଜିଓ ରୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଧନ୍ୟବାଦ୍ ଅର୍ପଣ କରିଥିଲେ ପ୍ରେସ ୟୁନିଅନର କୋଷାଧ୍ୟକ୍ଷ ରତିକାନ୍ତ ନାୟକ।

## ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଉଦ୍‌ଘାଟିତ



**ସୋର, ୧୬।୧(ସମିସ):** ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ କୁଡେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଆଜି ଅପରାହ୍ନରେ ଉଦଘାଟିତ ହୋଇଯାଇଛି। ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଉଦଘାଟନୀ ଉତ୍ସବରେ ସୋର ବିଧାୟକ ମୁଖ୍ୟ ଅତିଥି ଭାବେ ମାଧବ ଧଡ଼ା ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ ରଜତ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ କରୁଣାକର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପ୍ରସାଦ ଜେନା, ରଜତ ଜୟନ୍ତୀ କମିଟି ସଭାପତି ବିଜୟ କୁମାର ଦାସ, ନବ କିଶୋର ଦାସ, ଦାମୋଦର ଦାଶମହାପାତ୍ର, ପୂର୍ବତନ ଛାତ୍ରୀ ସଂସଦ କମିଟି ସଭାପତି ଡ. ପ୍ରମିଳା ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନାରୀ ଶିକ୍ଷା ର ପ୍ରଗତି କ୍ଷେତ୍ର ରେ କୁଡେଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକ ତେଜୋଦ୍ଦିପ୍ତ ଆଲୋକ ବର୍ତ୍ତିକା ସଦୃଶ ବୋଲି ମତ ପ୍ରକାଶ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଓଡ଼ିଆ ଅଧ୍ୟାପକ ସଞ୍ଜୟ କୁମାର ମୁଦୁଲି ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବାର୍ଷିକ ସାଂସ୍କୃତିକ କ୍ରୀଡ଼ା ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପକ ନିଗମାନନ୍ଦ ବେହେରା, ମନୋବିଜ୍ଞାନ ଅଧ୍ୟାପକ ପ୍ରଦୀପ କିଶୋର ପଣ୍ଡା, ସଂସ୍କୃତ ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର ଓ ସହକାରୀ ଗ୍ରନ୍ଥାଗାରିକ ବିଷ୍ଣୁ ମୋହନ ସେଠୀ ସହଯୋଗ କରିଥିଲେ। ସଭା ଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଗୀତାଞ୍ଜଳି ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପରିଷଦର ଆଲୋଚନାଚକ୍ର



**ଅସୁରାଳି,୧୬।୧(ସମିସ):** ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ନାୟକ ସ୍ମୃତି ପରିଷଦ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ମୃତିକମିଟି ସଭାପତି ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ବାଣୀକବି ପଣ୍ଡିତ ଦୟାନିଧି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଭା ସଞ୍ଚାଳନ କରିଥିଲେ ସାମ୍ବାଦିକ ସନ୍ତୋଷ ଦାସ। ଅବସରପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ତାଙ୍କ ସାହସିକତା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପଦେଷ୍ଟା ପଞ୍ଚାନନ ମିଶ୍ର, ରାଜକିଶୋର ନାୟକ, ଚତୁର୍ଭୁଜ ନାୟକ, ମମିନା ବେହେରା, ବିଶିଷ୍ଟ ପାଲା ଗାୟକ ଶରତ କୁମାର ସୁତାର, ନିରାକାର ଜେନା, ରଘୁନାଥ ସ୍ୱାଇଁ, ସମାଜସେବୀ କାହ୍ନୁ ଚରଣ ପଣ୍ଡା, ପାଣ୍ଡବ ମଳିକ, ସୁଧୀର ତରାଇ, କମଳାକାନ୍ତ ପାଢି, ଅଭିମନ୍ୟୁ ବିଶ୍ୱାଳ, ଦେବବ୍ରତ ଦାସ, ଲଲାଟେନ୍ଦୁ ଗୋସ୍ୱାମୀ ଓ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଥିଲେ। ଆବାହକ ଥିଲେ ନିଶିକାନ୍ତ ନାୟକ। ସଭା ଶେଷରେ ତାଙ୍କ ନାତି ସାମ୍ବାଦିକ ରତିକାନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାମେଶ୍ୱର ମହାଦେବଙ୍କ ପୀଠରେ ଯଜ୍ଞ



**ବନ୍ତ/ଆଗରପଡ଼ା,୧୬।୧(ସମିସ):** ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପାର୍ଶ୍ୱରେ ଅବସ୍ଥିତ ଥିବା ବାବା ରାମେଶ୍ୱର ମହାଦେବଙ୍କ ପୀଠରେ ତ୍ରିଦିବସୀୟ ଯାଗଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପୀଠରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଏହା ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଦିବସରେ କପାଳୀ ନଦୀରୁ ଘଟୋତ୍ତୋଳନ କରାଯିବା ସହ ସୂର୍ଯ୍ୟ ପୂଜା, ଧେନୁ ପୂଜା, ମଣ୍ଡଳ ପୂଜା, ଷୋଡଶୋପ.ର ପୂଜା କରାଯାଇ ଯଜ୍ଞ କର୍ମାରମ୍ଭ ହୋଇଥିଲା। ଉଦ୍ୟୋକ୍ତା ଚୈତନ୍ୟ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ ପଣ୍ଡିତ ପଦ୍ମନାଭ ପଣ୍ଡା,ଧରଣୀଧର ଦ୍ୱିବେଦୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯଜ୍ଞ କର୍ମ ନିର୍ବାହ କରିଥିବା ବେଳେ ତ୍ରିଲୋଚନ ସାମଲ, ଲମ୍ବୋଦର ସାମଲ, ନାରାୟଣ ପରିଡ଼ା, ଅମର ପରିଡ଼ା, ବିଦ୍ୟାଧର ଆରୁକ ପ୍ରମୁଖ କଳସ ଆଣିଥିବା ବେଳେ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଭଜନସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏହାକୁ ରାମଚନ୍ଦ୍ରପୁର ଓ ପାଟଣା ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



**ଅସୁରାଳି,୧୬।୧(ସମିସ):** ଧାମନଗର ବ୍ଲକ ସ୍ଥିତ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦଯାପନୀ ସମାରୋହରେ ପୂର୍ବତନ ଭଦ୍ରକ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ ମୁଖ୍ୟଅତିଥି, ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନର ସଭାନେତ୍ରୀ କଳ୍ପନା ଜେନା ମୁଖ୍ୟବକ୍ତା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପତି, ଅଧ୍ୟାପକ ଲକ୍ଷ୍ମୀଧର ଦାଶ, ଅଧ୍ୟାପକ କ୍ଷୀରୋଦ କୁମାର ସାହୁ, ଅଧ୍ୟାପିକା ପଦ୍ମିନୀ ନାୟକ, ମନମୋହନ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ତୃପ୍ତିମୟୀ ସାହୁ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଅଲିଭା ପ୍ରିୟଦର୍ଶିନୀ ଖିଲାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପିକା ଗାୟତ୍ରୀ ମହାନ୍ତି ଅତିଥି ପରିଚୟ ଓ ଅଧ୍ୟାପିକା ଇପ୍ସିତା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଭଦ୍ରକ କଲେଜରେ ଭଗବତ ଗୀତା ସମ୍ମିଳନୀ

**ଭଦ୍ରକ,୧୬।୧(ସମିସ):** ମା' ଆଦ୍ୟାଶକ୍ତି ଦକ୍ଷିଣ କାଳୀ ମନ୍ଦିର ପକ୍ଷରୁ ମହାବିଦ୍ୟାଳୟ ସ୍ତରରେ ଭଗବତ ଗୀତାର ପ୍ରଚାର ପ୍ରସାର ସହ ଗୀତା ମହିମାର ପୁନରାବୃତ୍ତି ଓ ଅନୁସନ୍ଧାନ ନିମନ୍ତେ ଏକ ଭଗବତ ଗୀତା ସମ୍ମିଳନୀ ଭଦ୍ରକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଦକ୍ଷିଣ କାଳୀ ମନ୍ଦିରର ପ୍ରତିଷ୍ଠାତା ତଥା ମୁଖ୍ୟ ପୂଜକ ସତ୍ୟନାରାୟଣ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତା ପାଠକୁ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଆଇନଜୀବୀ ବିଜୟ କର ସଂଚାଳନା କରିଥିବାବେଳେ ଏଥିରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ, ସଂଯୋଜକ ପୀତାମ୍ବର ପଣ୍ଡା, ବରିଷ୍ଠ ସେବକ ଶ୍ୟାମସୁନ୍ଦର ସାମନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୀତା ପଠନର ଉପକାରିତା ବିଷୟରେ ସଚେତନ କରାଇଥିଲେ। ମନ୍ଦିର ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ଗୀତା ପ୍ରଦାନ କରାଯାଇଥିଲା।

## ପ୍ରଜ୍ଞାପୀଠରେ ଫକୀର ମୋହନ ଜୟନ୍ତୀ

**ଭଦ୍ରକ,୧୬।୧(ସମିସ):** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଜ୍ଞାପୀଠରେ ଫକୀର ମୋହନ ସେନାପତିଙ୍କ ୧୮୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଡାକ୍ତର ହରେକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ର. ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ବକ୍ତା ଭାବେ କଥାକାର ରଜନୀକାନ୍ତ ମହାନ୍ତି ଏବଂ ଡ. ସମ୍ବିତ ଶୁଭଙ୍କର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପ୍ର. ଅଟଳ ବିହାରୀ ନାୟକ, ସାହିତ୍ୟିକ ଚର୍ଚ୍ଚିକା ମହାପାତ୍ର, ବ୍ୟାଙ୍କ ଅଧିକାରୀ ଜଗନ୍ନାଥ ରାଉତ, ଆଡଭୋକେଟ ଅଗଣି ଚରଣ ଜେନା, ଆଡଭୋକେଟ ଗିରିଧାରୀ ନାଥ, ସାମ୍ବାଦିକ ପ୍ରତାପ ଦାସ, ଶିବାନନ୍ଦ ଦାସ, ଅଶୋକ କୁମାର ମହାନ୍ତି, ଶିକ୍ଷାବିତ୍ ଅଶ୍ୱିନୀ ମହାନ୍ତି, ଅରୁଣ ମହାନ୍ତି, ଅଧ୍ୟାପିକା ଉଷାରାଣୀ ଜେନା, ପ୍ରାଧ୍ୟାପିକା ଭାନୁମତୀ ମାଟିଆ, ଅଧ୍ୟାପିକା ସ୍ୱାଗତିକା ସାହୁ, ଅଧ୍ୟାପକ ଅମିତ କୁମାର ନାୟକ, ପ୍ରଭାକର ପରିଡା, ପ୍ର. ଦେବେନ୍ଦ୍ର ଧନି, ଅଧ୍ୟାପକ ଅମିତ ନାୟକ, କବି ରମେଶ ଚନ୍ଦ୍ର ସ୍ୱାଇଁ, କବି ରମେଶ ଦାସ, ପ୍ରଜ୍ଞାପୀଠ ନିକଟସ୍ଥ ଆର୍‌ଏମ୍‌ଏସ୍ ଏକାଡେମୀର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦାନ କରିଥିଲେ। ଯୁବକବି ଋତୁରାଜ ଅକ୍ଷୟ କୁମାର ଧନ୍ୟବାଦ ଦେଇଥିଲେ।

## ଆମ ମାତୃଭାଷା ପରିଷଦର ମକର ସଂକ୍ରାନ୍ତି ଆସର

**ଭଦ୍ରକ, ୧୬।୧(ସମିସ):** ଆମ ମାତୃଭାଷା ପରିଷଦର ମକର ସଂକ୍ରାନ୍ତି ଆସର ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନୀଲ ଦାଶଙ୍କ 'ଗୁରୁକୃପା ଭବନ'ରେ ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନିଷ୍ଠିତ ଏହି ଆସରକୁ ମୁଖ୍ୟଅତିଥି ଡା. ଦୁର୍ଯ୍ୟୋଧନ ଦାସ ଉଦ୍‌ଘାଟନ କରିଥିଲେ। ଆସରରେ 'ସଂକ୍ରାନ୍ତି ପୁରୁଷ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଅଧ୍ୟକ୍ଷ ପ୍ରଫେସର ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଅଧ୍ୟକ୍ଷ ନିହାର ରଞ୍ଜନ କର, ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ସମାଜସେବୀ ଉପନ୍ଦ୍ରେ ବାରିକ, ଅଧ୍ୟକ୍ଷ ମାଧବଚନ୍ଦ୍ର ଜେନା, ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ଅନୀଲ ମିଶ୍ର, ବିଧିବକ୍ତା ମନୋରଞ୍ଜନ ଦାସ, ସୁଧାକର ରାଉତ ପ୍ରମୁଖ ଯୋଗ ଦେଇଥିଲେ।ଶିକ୍ଷୟତ୍ରୀ ଦୀପ୍ତିମୟୀ ସାହୁ ଓ ସରୋଜିନୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଂକ୍ରାନ୍ତି ଆସରରେ ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା, ସାମ୍ବାଦିକ ପ୍ରମୋଦ ରାୟ, ଜଗନ୍ନାଥ ରାଉତ, ବିପ୍ଳବ କୁମାର ହୋତା, ଶଶିକାନ୍ତ ବେହେରା, ରତିକାନ୍ତ ଦାଶ, ବୈକୁଣ୍ଠନାଥ ଓଝା, ଶଶାଙ୍କ ଶେଖର ପଣ୍ଡା, ଅଂଶୁମାନ ସ୍ୱାଇଁ, ନିରନ୍ ନାୟକ, ଶରତଚନ୍ଦ୍ର ଜେନା, ରବିନ୍ଦ୍ର ନାୟକ, ନାରାୟଣ ଚନ୍ଦ୍ର ପାଢ଼ୀ, ମୁସ୍ତାକ ଗହ୍ୱର, ଶେକ୍ ଅବଦୁଲ୍ ଦୟାନ୍, ସାମ୍ବାଦିକ ସାଧନ୍ କୁମାର ଧର୍, ନାଟ୍ୟକାର ଗୌରାଙ୍ଗଚନ୍ଦ୍ର ବାରିକ, ସୁରେଶ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ବେଳେ ସହ ସମ୍ପାଦିକା ମମତାରାଣୀ ଦାଶ ବେଦପାଠ ଓ ମଞ୍ଚ ପରିଚାଳନା କରିଥିଲେ। ସଂଯୁକ୍ତା ବଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦ୍‌ଯାପିତ ହେଲା ମକର ମହୋତ୍ସବ



**ବନ୍ତ/ଆଗରପଡ଼ା,୧୬।୧(ସମିସ):** ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ତାରିଣୀ ପଡ଼ିଆରେ ଚାଲିଥିବା ତିନିଦିନିଆ ମକର ମହୋତ୍ସବ ଉଦଯାପିତ ହୋଇଯାଇଛି । ଶିକ୍ଷକ ପଞ୍ଚାନନ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଆଗରପଡା ଥାନାଧିକାରୀ ଶ୍ରୀକାନ୍ତ ପତି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ ଗୋବିନ୍ଦଚନ୍ଦ୍ର ସାହୁ, ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ, ସାହିତ୍ୟିକ ସୁବୋଧ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷକ ତଥା କମିଟିର ବରିଷ୍ଠ ସଦସ୍ୟ ପଞ୍ଚାନନ ସାହୁ, ସମାଜସେବୀ ଅନିରୁଦ୍ଧ ସାହୁ, ପଞ୍ଚାନନ ପୃଷ୍ଟି ଏବଂ ନୃତ୍ୟଗୁରୁ ସନାତନ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ତିନିଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସାଳନ୍ଦୀ ନଦୀରୁ ୧୦୮ କଳସ ଶୋଭାଯାତ୍ରାରେ ଆସିଥିଲା। ସନ୍ଧ୍ୟାରେ ହରିହର ପାଣିଗ୍ରାହୀ ପ୍ରବଚନ ପ୍ରଦାନ କରିଥିଲେ। ଶେଷ ଦିବସରେ ଜିଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଏବଂ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟ ପ୍ରତିଯୋଗିତାରେ ସ୍ତମ୍ଭକାର ତଥା ନୃତ୍ୟ ଗୁରୁ ଆଗରପଡାର ସୁବୋଧ ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିୟବ୍ରତ ସାହୁ, ପ୍ରଦୀପ ସାହୁ, ବିଜୟ ସାହୁ, ପଞ୍ଚାନନ ସାହୁ, ଅନିରୁଦ୍ଧ ସାହୁ, ପଞ୍ଚାନନ ପୃଷ୍ଟି, ପଞ୍ଚାନନ ବେହେରା, ସୁରେଶ ପୃଷ୍ଟି, ରତ୍ନାକର ପୃଷ୍ଟି, ପଞ୍ଚାନନ ବେହେରା, ଭଜହରି ବେହେରା, ପଞ୍ଚାନନ ମହାନ୍ତି, ଉମେଶ ପୃଷ୍ଟି, ଅନିଲ ସାହୁ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ପ୍ରତିଶ୍ରୁତି ପରେ ଅନଶନରୁ ଉଠିଲେ ଏସ୍‌ଏଚ୍‌ଜି ମହିଳା



ବାଲିଆପାଳ/ବଳରାମପୁର,୧୬।୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତର ମିଶନ ଶକ୍ତି ଗୃହରେ ଏସ ଏଚ ଜି ମହିଳା ମାନେ ୬ ଦଫା ଦାବି ନେଇ ଚାରି ଦିନ ହେବ ଧାରଣା ଦେଇଥିଲେ। ଏସଏଚଜି ମହିଳା ମାନଙ୍କୁ ଜିପିଏଲଏଫ୍ ପକ୍ଷରୁ କୌଣସି ସହଯୋଗ ମିଳୁନଥିବା ବେଳେ ଗତ ଦୁଇ ବର୍ଷ ଧରି କୌଣସି ସରକାରୀ ସୁବିଧା ପାଇନଥିବା ନେଇ ମହିଳା ମାନେ ଅଭିଯୋଗ କରିଛନ୍ତି । ଏହି ସବୁ ସମସ୍ୟାର ସମାଧାନ ନିମନ୍ତେ ବିଡିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ଗତ ସୋମବାର ଠାରୁ ପଞ୍ଚାୟତ ମିଶନ ଶକ୍ତି ଗୃହ ସମ୍ମୁଖରେ ଶତାଧିକ ମହିଳା ଧାରଣା ଦେଇଥିଲେ । ସିଏଲଏଫ୍‌ର ୪ ଟି ସ୍ୱୟଂସହାୟକ ଗୋଷ୍ଠୀ ର ଗ୍ରେଡେସନ ଜିପିଏଲଏଫ୍ ରେ କରିବା, ସିଆରପିର ମାସିକ ବିବରଣୀ ଜିପିଏଲଏଫ୍‌ରେ ଗ୍ରହଣ କରିବା, ଇସି ସଭ୍ୟା ଝରଣା ସାହୁ ଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରିବା ଇତ୍ୟାଦି ଦାବି ନେଇ ମହିଳା ମାନେ ଧାରଣା ଦେଇଥିବା କହିଛନ୍ତି। ପୂର୍ବତନ ସରପଞ୍ଚ ନରହରି ଜେନା, ମୃତ୍ୟୁଞ୍ଜୟ ମହାନ୍ତି, ଦେଭୋଗ ପଞ୍ଚାୟତ ର କଂଗ୍ରେସ ସଭାପତି କେଦାର ମହାନ୍ତି, କଂଗ୍ରେସ ନେତା ବିଜନ ନାୟକ, ବସ୍ତା ନିର୍ବାଚନ ମଣ୍ଡଳୀ ର ଯୁବ କଂଗ୍ରେସ ସଭାପତି ତ୍ରିଥ କୁମାର ନାଥ, ଭିଟାମାଟିର ଆବାହକ ଅରୁଣ ଜେନା ପ୍ରମୁଖ ଧାରଣା ସ୍ଥଳରେ ପହଁଚି ମହିଳା ମାନଙ୍କ ସହିତ ସାମିଲ ହୋଇ ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ଦାବି କରିଥିଲେ। ଆଜି ବାଲିଆପାଳ ବ୍ଲକ ଏବିଡ଼ିଓ ଶରତ କୁମାର ମୁଦୁଲି ଧାରଣା କାରୀଙ୍କ ପାଖରେ ପହଞ୍ଚି ବୁଝା ସୁଝା କରିବା ପରେ ଅନଶନକାରୀ ଧାରଣାରୁ ଉଠିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସେମିନାର

ବାଲେଶ୍ୱର,୧୬।୧(ସମିସ)




ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାଜ ସେବା ବିଭାଗ ପକ୍ଷରୁ 'ଜୀବିକା ବୃଦ୍ଧି ଏବଂ ସାମାଜିକ କାର୍ଯ୍ୟ: ଗୋଷ୍ଠୀମାନଙ୍କ ସ୍ଥାୟୀ ବିକାଶ ପାଇଁ ରଣନୀତି' ମୁଖ୍ୟ ପ୍ରସଙ୍ଗ ନେଇ ରିଚ୍ ଲାଇଫ୍ସ ଅନୁଷ୍ଠାନ, ୟୁଥ ଫର ସୋସିଆଲ ଡେଭେଲପମେଣ୍ଟ ଅନୁଷ୍ଠାନ, ୟୁନିପାୱାର ସ୍କୁଲ ଆଇ.ଟି ଆଣ୍ଡ ମ୍ୟାନେଜମେଣ୍ଟ ଓ ଗଣେଶ କଲେଜ ଅଫ ଏଜୁକେସନର ମିଳିତ ସହଯୋଗରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସେମିନାର ଉଦ୍‌ଘାଟିତ ହୋଇଥିଲା। ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ପୃଷ୍ଠପୋଷକତାରେ ଉଦଘାଟକ ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ମୁଖ୍ୟଅତିଥି ମୁମ୍ବାଇ ସ୍ଥିତ ଟାଟା ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସର ମୁଖ୍ୟ ପ୍ରଫେସର ବିପିନ ଯୋଯୋ, ମୁଖ୍ୟବକ୍ତା ଦିଲ୍ଲୀ ସ୍ଥିତ ଭିମରାଓ ଆମ୍ବେଦକର ମହାବିଦ୍ୟାଳୟ ପ୍ରଫେସର ବିଷ୍ଣୁ ମୋହନ ଦାଶ ଏବଂ ସମ୍ମାନୀତ ଅତିଥି ଭାବେ ଦିଲ୍ଲୀ ସ୍ଥିତ 'ରିଚ୍ ଲାଇଫ୍ସ' ଅନୁଷ୍ଠାନର ଜାତୀୟ ଅଧ୍ୟକ୍ଷ ଡ଼କ୍ଟର ତାପସ ରଞ୍ଜନ ପଣ୍ଡା ଓ ପୁଣେସ୍ଥିତ ସିମ୍ବାୟୋସିସ୍ ଇନ୍ଟରନ୍ୟାଶନାଲ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼କ୍ଟର ଅଦିତି ଶର୍ମା ପ୍ରମୁଖ ପ୍ରସଙ୍ଗକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂପର୍କରେ ଅବଗତ କରାଇଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ନିଜ ଉଦବୋଧନରେ, ସମାଜ ସେବା ପାଠ୍ୟକ୍ରମ କେବଳ ଶ୍ରେଣୀଗୃହରେ ସୀମିତ ନ ହୋଇ, ଛାତ୍ରଛାତ୍ରୀମାନେ ଜନସାଧାରଣଙ୍କ ସହ ସଂଯୋଗ ସ୍ଥାପନ କରା ସହ ସେହି କ୍ଷେତ୍ରରେ ହସ୍ତକ୍ଷେପ କରି ସାହାଯ୍ୟ ପ୍ରଦାନ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଦୁଇଦିନରେ ପାଞ୍ଚଟି ବୈଷୟିକ ଅଧିବେଶନ ଏବଂ ଦୁଇଟି ସର୍ବଦଳୀୟ ଅଧିବେଶନରେ ଆଲୋଚନାର ବିଷୟ ଗୁଡିକ ଯଥା, କୃଷି ଏବଂ ଜୀବିକା, ଗୋଷ୍ଠୀ ଭିତ୍ତିକ ଜୀବିକାର ରଣନୀତି, ସ୍ଥାନାନ୍ତରଣ ଏବଂ ଜୀବିକା ସୁଯୋଗ, ସ୍ୱାସ୍ଥ୍ୟ ଏବଂ ଜୀବିକା ଅନ୍ତସଂଯୋଗ, ଜୀବିକା ସହାୟତା ପାଇଁ ନୀତିଢାଞ୍ଚା ଏବଂ ସଶକ୍ତିକରଣରେ ସାମାଜିକ କାର୍ଯ୍ୟର ଭୂମିକା ଇତ୍ୟାଦିକୁ ସ୍ଥାନିତ କରାଯାଇଛି। ଏହି ଅବସରରେ ବିଭାଗ ତରଫରୁ ଏକ ନିଉଜଲେଟର ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ଆବାହକ ଡ଼କ୍ଟର ଗ୍ରେସ ବାହାଲେନ ମୁଣ୍ଡୁ ସେମିନାରର ମୂଳପ୍ରସଙ୍ଗକୁ ସଂକ୍ଷିପ୍ତରେ ବୁଝାଇ ଅତଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଅର୍ଗାନାଇଜିଙ୍ଗ ସେକ୍ରେଟେରୀ ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ସୁପ୍ରିୟା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।






# ଶିଶୁଙ୍କ ଆଜ୍‌ମା ଚିହ୍ନଟ କରିବ ନାଜାଲ ସ୍ୱାବ୍ ଟେଷ୍ଟ

ଅଧିକ ଥଣ୍ଡା ପଡ଼ିଲେ କିମ୍ବା ଧୂଳି ଉଡ଼ିଲେ ଆଜ୍‌ମା ବୃଦ୍ଧି ପାଇଥାଏ । ଆଜ୍‌ମାରେ ଫୁସ୍‌ଫୁସ୍ ସ୍ୱାଭାବିକ ଭାବେ କାର୍ଯ୍ୟ କରିବା କ୍ଷମତା ହରାଇ ବସେ । ଆଲର୍ଜି ଅଥବା ଥଣ୍ଡା ଯୋଗୁଁ ଫୁସ୍‌ଫୁସ୍ କୋଷିକା ଫୁଲିଯାଏ । ଏଥିରେ ଥିବା ରକ୍ତବାହୀ ନଳୀରେ ଅମ୍ଳଜାନ ଡିଫ୍ୟୁଜନ ପ୍ରକ୍ରିୟାରେ ବାଧା ସୃଷ୍ଟିହୋଇ ଅମ୍ଳଜାନ କମିଯିବାରୁ ନିଃଶ୍ୱାସ ନେବାରେ ବାଧା ସୃଷ୍ଟି ହୁଏ । ରୋଗୀ ଧଇଁସଇଁ ହୋଇଥାନ୍ତି । ତେବେ ବୟସ୍କଙ୍କ ତୁଳନାରେ ଆଜ୍‌ମା ପୀଡ଼ିତ ଶିଶୁଙ୍କ ସ୍ଥିତି ଅଣାୟତ୍ତ ହୋଇଥାଏ । ତେଣୁ ପିଲାଙ୍କଠାରେ ଦେଖାଯାଉଥିବା ଆଜ୍‌ମାର ବିଭିନ୍ନ ପ୍ରକାରକୁ ସଠିକ୍ ଚିହ୍ନଟ ପାଇଁ ଆମେରିକୀୟ ଅନୁସନ୍ଧାନକାରୀଙ୍କ ଦ୍ୱାରା ଏବେ ନୂତନ ପଦ୍ଧତି ନାଜାଲ ସ୍ୱାବ୍ ବିକଶିତ କରାଯାଇଛି । ସାଧାରଣତଃ ଆଜ୍‌ମାର ପରୀକ୍ଷଣ ପଦ୍ଧତି ତୁଳନାରେ ଏହା ବେଶ୍ ପ୍ରଭାବୀ ରହିବ । ଜର୍ଣ୍ଣାଲ ଅଫ୍ ଆମେରିକା ମେଡିକାଲ ଆସୋସିଏସନ୍ (ଜାମା) ର ତଥ୍ୟ ଅନୁଯାୟୀ ଆଫ୍ରିକା ଏବଂ ଆମେରିକାରେ ଆଜ୍‌ମାରେ ଅନେକ ଯୁବବର୍ଗଙ୍କ ଜୀବନ ଯାଇଥାଏ । ପିଟ୍‌ସବର୍ଗ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ତଥା ବରିଷ୍ଠ ଲେଖକ ଜୁଆନ ସେଲିଡନଙ୍କ ଅନୁଯାୟୀ ଆଜ୍‌ମା ପିଲାଦିନେ ଦେଖାଯାଉଥିବା ଏକ ଥଣ୍ଡା ଜ୍ୱର ରୋଗ । କିନ୍ତୁ ଏହି ରୋଗକୁ ଭଲ କରିବାକୁ ହେଲେ ନିର୍ଦ୍ଦିଷ୍ଟ ସମୟରେ ରୋଗର ପ୍ରକାରଭେଦକୁ ସଠିକ ଭାବେ ଚିହ୍ନଟ କରିବା ଜରୁରି । ଏଥିପାଇଁ ଏହି ନାଜାଲ ସ୍ୱାବ୍ ଟେଷ୍ଟ ବିକଶିତ ହୋଇଛି । ସାଧାରଣତଃ ଆଜ୍‌ମା ବିଭିନ୍ନ ପ୍ରକାରରେ ବିଭକ୍ତ ଯଥା- ଟି୨ – ହାଇ, ଟି୧୭ - ହାଇ, ଲୋ- ଲୋ, ଏବଂ ଏଣ୍ଡୋଟାଇପ୍‌ରେ ବିଭକ୍ତ ।



ଏଣ୍ଡୋଟାଇପ୍‌ର ସଠିକ୍ ନିରାକରଣ ସାଧାରଣତଃ ବ୍ରୋଙ୍କୋସ୍କୋପି ଦ୍ୱାରା ଫୁସ୍‌ଫୁସ୍ ଟିସୁର ନମୁନା ନିଆଯାଇଥାଏ, ଏହି ପରୀକ୍ଷଣ ପାଇଁ ରୋଗୀଙ୍କୁ ଆନାସ୍ଥେସିଆ ଦେବାକୁ ପଡ଼େ । ପିଲାଙ୍କଠାରେ ଏହି ରୋଗ ଆଂଶିକ ଦେଖାଯାଉଥିଲେ ମଧ୍ୟ ଏହି ପରୀକ୍ଷଣ ଅନିବାର୍ଯ୍ୟ । କିନ୍ତୁ ନାଜାଲ ସ୍ୱାବ୍ ଟେଷ୍ଟରେ ଡାକ୍ତର ପିଲାଙ୍କ ନାକରୁ ନମୁନା ନେଇ ଏଥିରୁ ଆଜ୍‌ମାର ଟି୨- ହାଇ, ଟି୧୭ - ହାଇ କିମ୍ବା ଲୋ-ଲୋ ଅଛି କି ନାହିଁ ଜାଣିପାରିବେ । ଆଜ୍‌ମା ସ୍ଥିତି ଅନୁସାରେ ଚିକିତ୍ସା ସମ୍ଭବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ରଖିଛନ୍ତି । ତେଣୁ ଅନୁସନ୍ଧାନକାରୀମାନେ ୪୫୯ ଯୁବକଯୁବତୀଙ୍କ ନାକରୁ ନମୁନା ସଂଗ୍ରହ କରିଥିଲେ । ଏଥିରୁ ୨୩%ରୁ ୨୯ % ଟି୨ ହାଇ ଥିବାବେଳେ ୩୫ରୁ ୪୭ ପ୍ରତିଶତ ଟି ୧୭ -ହାଇ, ୩୦ ପ୍ରତିଶତରୁ ୩୮ % ଲୋ-ଲୋ ଏଣ୍ଡୋଟାଇପ୍ ଥିବା ଜଣାପଡ଼ିଲା । ଏହି ସାଧାରଣ ନାଜାଲ ସ୍ୱାବ୍ ଟେଷ୍ଟ ଦ୍ୱାରା ଅନ୍ୟ ପ୍ରକାର ଏଣ୍ଡୋଟାଇପ୍ ଚିହ୍ନଟ ହୋଇପାରିବ ।

# ଏଚ୍‌ଏମ୍‌ପିଭି ଭୂତାଣୁ

ଶୀତଦିନେ ଭୂତାଣୁ ଜନିତ ପ୍ରଦାହ ଅଧିକ ବ୍ୟାପିଥାଏ । ଏବେ ସାରା ବିଶ୍ୱରେ ଏଚ୍‌ଏମ୍‌ପିଭି ଭୂତାଣୁ ଆତଙ୍କ ସୃଷ୍ଟି କରିଛି । ହ୍ୟୁମାନ ମେଟାନ୍ୟୁମୋ ଭୂତାଣୁ ଏକ ଆର୍‌ଏନ୍‌ଏ ଭୂତାଣୁ । ଚାଇନାରୁ ବ୍ୟାପିଥିବା ଏହି ଭୂତାଣୁ ଏବେ ଭାରତର ପ୍ରମୁଖ ସହର ବେଙ୍ଗାଲୁରୁ, ଅହମ୍ମଦାବାଦ ଓ କୋଲକାତାରେ ଚିହ୍ନଟ ହୋଇଛି । ଏହି ରୋଗର ଲକ୍ଷଣ କରୋନା ଲକ୍ଷଣ ସହ ପ୍ରାୟତଃ ସମାନ । ଯେହେତୁ ଏଚ୍‌ଏମ୍‌ପିଭି ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଟିକା କି ଆଣ୍ଟି ଭାଇରାଲ ଔଷଧ ନାହିଁ, ତେଣୁ ସାବଧାନତା ତଥା ସଚେତନ ହେବା ଜରୁରି ।



୨୦୦୨ ମସିହାରେ ଡଚ୍ ବୈଜ୍ଞାନିକମାନେ ଏଚ୍‌ଏମ୍‌ପିଭିକୁ ପ୍ରଥମେ ଚିହ୍ନଟ କରିଥିଲେ । ଇନ୍‌ଫ୍ଲୁଏଞ୍ଜା ଭଳି ଏହା ଏକ ଡ୍ରପ୍‌ଲେଟ୍ ସଂକ୍ରମଣ । ଆକ୍ରାନ୍ତବ୍ୟକ୍ତିଙ୍କ କାଶ, ଛିଙ୍କ, ଲାଳ ଆଦି ଦ୍ୱାରା ଭୂତାଣୁ ଅନ୍ୟ ଜଣଙ୍କୁ ବ୍ୟାପିଥାଏ । ସଂକ୍ରମିତ ବ୍ୟକ୍ତିଙ୍କୁ ଛୁଇଁଲେ, ତାଙ୍କ ବ୍ୟବହୃତ ସାମଗ୍ରୀକୁ ବ୍ୟବହାର କଲେ କିମ୍ବା ତାଙ୍କ ସଂସ୍ପର୍ଶରେ ଆସିଲେ, ଏହି ରୋଗ ବ୍ୟାପିଥାଏ । ଭୂତାଣୁର ତୀବ୍ରତା ତିନିରୁ ଛଅଦିନ ରହେ ।

**ଲକ୍ଷଣ :** ସାଧାରଣତଃ ଶିଶୁମାନଙ୍କୁ ଏହା ଅଧିକ ଆକ୍ରାନ୍ତ କରିଥାଏ । ଆକ୍ରାନ୍ତ ଶିଶୁ ତଥା ବ୍ୟକ୍ତିଙ୍କଠାରେ ଜ୍ୱର, ଥଣ୍ଡା, ଛିଙ୍କ, ଧଇଁସଇଁ ହେବା, ମୁଣ୍ଡବିନ୍ଧା, ଛାତିବ୍ୟଥା, ଗଳା କୁଣ୍ଡାଇ ହେବା, ଶ୍ୱାସ ସମ୍ବନ୍ଧୀୟ ସମସ୍ୟା, ନିଃଶ୍ୱାସ ନେବାରେ କଷ୍ଟ, କଫ ହେବା ଆଦି ଲକ୍ଷଣ ଦେଖାଯାଏ । ବିଭିନ୍ନ ରୋଗରେ ପୀଡ଼ିତ ତଥା ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଭୂତାଣୁ ସଂକ୍ରମଣ ଗୁରୁତର ହୋଇ ନିମୋନିଆ ହୋଇଥାଏ । ଫୁସ୍‌ଫୁସ୍ ସଂକ୍ରମଣ ହୋଇ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଆଇସିୟୁରେ ଭର୍ତ୍ତି କରିବା ଜରୁରି ହେଉଥିବାରୁ ଏଥିପ୍ରତି ସଚେତନ ରହିବା ଜରୁରି ।

**କେଉଁମାନଙ୍କୁ ଅଧିକ ବିପଦ:** ୬୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦୁଇବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଏହି ଭୂତାଣୁ ସଂକ୍ରମଣର ଭୟ ଅଧିକ ରହିଛି । ଦୁର୍ବଳ ରୋଗପ୍ରତିରୋଧଶକ୍ତି, ଗର୍ଭବତୀ, ସିଓପିଡି, କର୍କଟ, ଆଜ୍‌ମା , ହୃଦ୍‌ରୋଗୀ ତଥା ବିଭିନ୍ନ ରୋଗରେ ପୀଡ଼ିତ ଶୀଘ୍ର ସଂକ୍ରମିତ ହୋଇଥାନ୍ତି । ଏମାନଙ୍କ କ୍ଷେତ୍ରରେ ନିମୋନିଆ ସୃଷ୍ଟି ହୋଇଥାଏ । ଭୂତାଣୁ ସଂକ୍ରମିତ ହେଲେ, ଶ୍ୱାସନଳୀରେ ସମସ୍ୟା ଦେଖାଯାଇଥାଏ । ଯଦିଓ ଭାରତରେ ଏହି ମାମଲା ଦେଖିବାକୁ ମିଳୁଛି, ଏଥିପାଇଁ ଚିନ୍ତିତ ନ ହୋଇ ସାବଧାନତା ଅବଲମ୍ବନ ଜରୁରି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦିଅନ୍ତି ।

**ଚିକିତ୍ସା ପଦ୍ଧତି:** ଏଯାବତ୍ ଏହି ଭୂତାଣୁଜନିତ ରୋଗର ନିରାକରଣ ପାଇଁ କିଛି ଆଣ୍ଟି ଭାଇରାଲ ଔଷଧ ନାହିଁ । ଟିକା ମଧ୍ୟ ତିଆରି ହୋଇନାହିଁ । କେବଳ ନାକ ବନ୍ଦ ନ ହେବା ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଦିଆଯାଉଛି । ଥଣ୍ଡା, କାଶ, କଫ, ଛାତି ଦରଜ, ନିଃଶ୍ୱାସ ନେବାରେ ସମସ୍ୟା ହେଲେ ଏହି ଭୂତାଣୁ ପରୀକ୍ଷା କରାଇ ନେବା ଉଚିତ । ଲକ୍ଷଣ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିପାରିବେ । ଅନ୍ୟମାନଙ୍କ ସହ ମିଳାମିଶା ବନ୍ଦ କରିବା ଜରୁରି । ସେହିପରି ଛୋଟ ଛୁଆଙ୍କୁ ନିଃଶ୍ୱାସ ନେବାରେ ସମସ୍ୟା ହେଲେ, ତୁରନ୍ତ ହସ୍‌ପିଟାଲ ନେବା ଉଚିତ ।

କାଶିବା ବା ଛିଙ୍କିବା ସମୟରେ ମାସ୍କ ପିନ୍ଧିବା ଜରୁରି । ସାବୁନରେ ହାତକୁ ୨୦ ସେକେଣ୍ଡ ଧୋଇବା ଅଭ୍ୟାସ ରଖନ୍ତୁ । ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଥିଲେ, ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସାରେ ରହିବା ଉଚିତ ।

**ସଂକ୍ରମଣ ଦୂର ପାଇଁ ଡାଏଟ୍:** କମଳା, ଅଙ୍ଗୁର, ଟମାଟୋ, ଅଦା, ଭିଟାମିନ୍–ସି ଯୁକ୍ତ ଫଳ, ପାଳଙ୍ଗ, ବ୍ରୋକଲି ଆଦି ଫଳ ଓ ପରିବାରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହାକୁ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ପ୍ରଚୁର ମାତ୍ରାର ପାଣି ପିଇବା ଦ୍ୱାରା ନିଜକୁ ହାଇଡ୍ରେଡ ରଖିପାରିବେ । ଏହା ଫୁସ୍‌ଫୁସ୍ କାର୍ଯ୍ୟକ୍ଷମତାକୁ ସକ୍ରିୟ କରେ ।

# ଯକୃତ୍ ପ୍ରତିରୋପଣ

ଯକୃତ୍ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ । ଶରୀର ପାଇଁ ଉପଯୋଗୀ ପ୍ରୋଟିନ୍ ପ୍ରସ୍ତୁତ କରିଥାଏ । ମନୁଷ୍ୟ ଶରୀରର ବିଷାକ୍ତ ପଦାର୍ଥକୁ ମଧ୍ୟ ବାହାର କରିଥାଏ । ସାଧାରଣତଃ ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ଜଙ୍କଫୁଡ୍, ପ୍ରୋସେସ୍‌ଡ ଫୁଡ୍, ମଦ୍ୟପାନ, ଆନୁବଂଶିକ କାରଣରୁ ଯକୃତ୍ କାର୍ଯ୍ୟକ୍ଷମତା ଧିମା ହୋଇଯାଏ । ସମୟ ପୂର୍ବରୁ ଚିକିତ୍ସା ନ କଲେ, ଲିଭର ହେପାଟାଇଟିସ୍, ଫିବ୍ରୋସିସ୍, ସିରୋସିସ୍, ଯକୃତ୍ ଅଚଳ ଆଦି ସମସ୍ୟା ଦେଖାଯାଏ । ଆଉ ଯେତେବେଳେ ଯକୃତ୍ ଠିକ୍ ଭାବେ କାମ କରିନଥାଏ ବା ସମ୍ପୂର୍ଣ୍ଣ ଖରାପ ହୋଇଯାଇଥାଏ, ସେତେବେଳେ ଶରୀରର ଅନ୍ୟ ଅଙ୍ଗ ପ୍ରଭାବିତ ହୋଇଥାଏ । ଯକୃତ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କ୍ଷମତା ହରାଇଲେ ଲିଭର ଟ୍ରାନ୍ସପ୍ଲାଣ୍ଟ କରାଯାଇ ରୋଗୀକୁ ନୂତନ ଜୀବନ ଦିଆଯାଏ । ଯଦିଓ ଏହା ବ୍ୟୟସାପେକ୍ଷ, କିନ୍ତୁ ଏହା ଜଣେ ବ୍ୟକ୍ତିଙ୍କୁ ନୂତନ ଜୀବନ ଦେବାରେ ସହାୟକ ହୋଇଥାଏ ।

ଯକୃତ୍ ପ୍ରତିରୋପଣ ଏକ ଜଟିଳ ପ୍ରକ୍ରିୟା । ତେଣୁ ଏହାକୁ କରାଇବା ପୂର୍ବରୁ ଯକୃତ୍ ରୋଗର ଜଟିଳତା, ପ୍ରତିରୋପଣ ପୂର୍ବରୁ ଉଭୟ ରୋଗୀ ଓ ଯକୃତ୍ ଦେଉଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ବ୍ଲଡଗ୍ରୁପ୍ ତନଖି କରିବାକୁ ପଡ଼ିଥାଏ । ଏହାବାଦ୍ ଯକୃତ୍ ପ୍ରତିରୋପଣ ପାଇଁ ଏକ ସୁସ୍ଥ ଯକୃତ ଉପଲବ୍ଧତା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ । କାରଣ ଖରାପ ହୋଇଥିବା ଯକୃତ୍ ସ୍ଥାନରେ ଏହାକୁ ଲଗାଯାଇଥାଏ ।

ତେଣୁ ଯକୃତ୍ ପ୍ରତିରୋପଣ ପରେ ବି ଜଣେ ବ୍ୟକ୍ତିଙ୍କୁ ପୂର୍ବାବସ୍ଥାକୁ ଫେରିବାକୁ ସମୟ ଲାଗୁଥିବାରୁ ଏଥିପ୍ରତି ଯତ୍ନଶୀଳ ହେବା ଜରୁରି । ଦୈନିକ ଔଷଧ ସେବନ ସହିତ ଖାଦ୍ୟପେୟ ଓ ଜୀବନଶୈଳୀରେ ପରିବର୍ତ୍ତନ କରିବା ଆବଶ୍ୟକ ଥାଏ । ଏହା ସହିତ ନିୟମିତ ବ୍ୟବଧାନରେ ଡାକ୍ତରୀ ପରୀକ୍ଷା ନିତାନ୍ତ ଆବଶ୍ୟକ । ସଂକ୍ରମଣ ଠାରୁ ଦୂରେଇ ରହିବା, ମାସ୍କ ପିନ୍ଧିବା, ଲୋକଙ୍କ ସହ ମିଳାମିଶା କମ୍ କରିବା, ଧୂଳିରେ ସମୟ ନ ବିତାଇବା, ସନ୍ତୁଳିତ ଭୋଜନ ଆଦିକୁ ଗୁରୁତ୍ୱ ଦେବା ଉଚିତ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯକୃତ୍ ପ୍ରତିରୋପଣ ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁସାରେ ସୁସ୍ଥ ହୋଇଥାନ୍ତି । ତେଣୁ ଡାକ୍ତରଙ୍କ ବିନା ପରାମର୍ଶରେ ଯେକୌଣସି ଔଷଧ ସେବନ ଅନୁଚିତ । ଯକୃତ୍ ପ୍ରତିରୋପଣର ପ୍ରାୟ ୬ ମାସ ଯାଏଁ ସାବଧାନ ହୋଇ ଚଳିବା ଦରକାର । ସେହିପରି ସଠିକ୍ ଔଷଧ, ଡାକ୍ତରୀ ପରୀକ୍ଷା ସହିତ କିଛି ମାସ ମଧ୍ୟରେ ରୋଗୀ ପୂର୍ବଭଳି ଜୀବନ ଅତିବାହିତ କରିଥାନ୍ତି ।



# ମଧୁମେହ ନିୟନ୍ତ୍ରଣରେ 'ଟିର୍‌ଜେପେଟାଇଡ୍'

ଆଜିର ସମୟରେ ମଧୁମେହ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି । ମଧୁମେହରେ ରକ୍ତଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼େ । ଏହି ରୋଗରେ ପୀଡ଼ିତଙ୍କୁ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ପଡ଼େ । ଅଧିକାଂଶ ଲୋକଙ୍କ ପାଇଁ ଦୈନନ୍ଦିନ ଔଷଧ ସେବନ ଜରୁରି ହୋଇଥାଏ । ତେବେ ଭାରତରେ ମଧୁମେହ ମାମଲା ହ୍ରାସ ପାଇଁ ଏକ ଔଷଧ ବରଦାନ ସଦୃଶ ହୋଇପାରେ । ମଧୁମେହରେ ରକ୍ତଶର୍କରା ନିୟନ୍ତ୍ରଣରେ ରଖିବାକୁ ବହୁତ ପ୍ରଭାବୀ କୁହାଯାଉଥିବା ଔଷଧର ନାଁ ହେଉଛି ଟିର୍‌ଜେପେଟାଇଡ୍ । ଏହି ଔଷଧଟି ରକ୍ତ ଶର୍କରା ନିୟନ୍ତ୍ରଣ ସହ ମୋଟାପା ହ୍ରାସ କରିବାରେ ସହାୟକ ହେବ । ଏହା ଟାଇପ୍-୨ ମଧୁମେହ ପୀଡ଼ିତଙ୍କ ପାଇଁ ରାମବାଣ ଭଳି । ମଧୁମେହ ରୋଗୀଙ୍କ କ୍ଷେତ୍ରରେ ମୋଟାପା ଏକ ସାଧାରଣ ସମସ୍ୟା । ଏହି ଔଷଧ ମଧୁମେହ ଲକ୍ଷଣ ସୁଧାରିବା ସହ ମେଟାବଲିଜିମ୍ ବୃଷ୍ଟ କରିବାରେ ସାହାଯ୍ୟ କରିପାରେ । ଏହି ଔଷଧକୁ ଏବେ ମଞ୍ଜୁରୀ ମିଳିଥିବାବେଳେ ଏହା ଖୁବ୍‌ଶୀଘ୍ର ଭାରତରେ ଉପଲବ୍ଧ ହେବ । ତେବେ ଔଷଧର ମୂଲ୍ୟକୁ ନେଇ କୌଣସି ସୂଚନା ନାହିଁ । ଅନ୍ୟପଟେ ଏହି ଔଷଧର ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ରହିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଔଷଧ ସେବନରୁ ବାନ୍ତି, ଝାଡ଼ା, କୋଷ୍ଠକାଠିନ୍ୟ ଆଦି ସମସ୍ୟା ଦେଖାଯାଏ । ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ଶାରୀରିକ ସ୍ଥିତି ଅନୁସାରେ ଏହି ଔଷଧ ସେବନ କରିବା ଉଚିତ ।



# ରୋଗ ବାହକ କଳା ପ୍ଲାଷ୍ଟିକ୍ ଡବା

ସମ୍ପ୍ରତି ବହୁଲୋକ ଅନ୍‌ଲାଇନ୍ ଖାଦ୍ୟ ଅର୍ଡର ଦେଇ ଖାଇବାକୁ ଗୁରୁତ୍ୱ ଦେଉଛନ୍ତି । ବାହାରୁ ମଗାଉଥିବା ଖାଦ୍ୟ ପ୍ରାୟତଃ କଳା ରଙ୍ଗର ପ୍ଲାଷ୍ଟିକ୍ କଣ୍ଟେନର ତଥା ଡବାରେ ପ୍ୟାକ୍ ହୋଇ ଆସିଥାଏ । ଯଦିଓ ଏହାକୁ ଥରେ ବ୍ୟବହାର ପରେ ଫିଙ୍ଗିଦେବା ଉଚିତ, କିନ୍ତୁ ଏମିତି ଅନେକ ଅଛନ୍ତି, ଯେଉଁମାନେ କଳା ପ୍ଲାଷ୍ଟିକ୍ ଡବାକୁ ସାଇତି ବାରମ୍ବାର ଏଥିରେ ଗରମ ଖାଦ୍ୟକୁ ରଖନ୍ତି । ମାଇକ୍ରୋୱେଭ୍‌ରେ ଖାଦ୍ୟ ଗରମ କରିବା ବେଳେ ଏହି କଳା ପ୍ଲାଷ୍ଟିକ୍ ଡବା ବ୍ୟବହାର ଦ୍ୱାରା କର୍କଟ ପରି ଗମ୍ଭୀର ରୋଗ ହେବାର ଆଶଙ୍କା ରହିଛି ।



ଶରୀରର କୋଷଗୁଡ଼ିକର ଅନିୟନ୍ତ୍ରିତ ଅଭିବୃଦ୍ଧିକୁ କ୍ୟାନ୍ସର ବା କର୍କଟ କୁହାଯାଏ । ଧୂମପାନ, ମଦ୍ୟପାନ, ତମାଖୁ ସେବନ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ଅସୁରକ୍ଷିତ ଯୌନ ସମ୍ପର୍କ, ମେଦବହୁଳତା, ବଂଶଗତ ଆଦି କର୍କଟ ରୋଗ ବୃଦ୍ଧିର କାରଣ ହୋଇଥିଲେ ହେଁ ଏବେ କଳା ପ୍ଲାଷ୍ଟିକ୍ ଡବାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା କର୍କଟ ପରି ଗମ୍ଭୀର ରୋଗକୁ ଆମନ୍ତ୍ରିତ କରିପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । କିମୋସ୍ଫିୟର ନାମକ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରେ ୨୦୩ ଟି କଳା ପ୍ଲାଷ୍ଟିକ୍ ଉତ୍ପାଦକୁ ବିଶ୍ଳେଷଣ କରାଯାଇଥିଲା । ଏଥିରୁ ୮୫ ପ୍ରତିଶତ ଉତ୍ପାଦରେ ଟକ୍ସିକ ଫ୍ଲେମ୍ ତଥା ବିଷାକ୍ତ ଧୂଆଁ ମିଳିଥିଲା । ବିଡ଼ିଆର ଫାର୍ମାସ୍ୟୁଟିକାଲ୍ସ ଟେକନିକ୍‌ର ନିର୍ଦ୍ଦେଶକ ଡା. ଅରବିନ୍ଦ ବେଡିଗରଙ୍କ କହିବାନୁସାରେ, କଳା ପ୍ଲାଷ୍ଟିକ୍ ବାସନ ତଥା ଡବାରୁ ବିଷାକ୍ତ ଅଗ୍ନିରୋଧ ପଦାର୍ଥ ଖାଦ୍ୟ ମାଧ୍ୟମରେ ପେଟ ମଧ୍ୟକୁ ଚାଲିଯାଏ । ଏହା ଶରୀର ଉପରେ ବିଷାକ୍ତ ପ୍ରତିକ୍ରିୟା ସୃଷ୍ଟି କରିବା ସହ କର୍କଟ ପରି ରୋଗକୁ ଆମନ୍ତ୍ରିତ କରିପାରେ । ସେତିକି ନୁହେଁ, କଳା ରଙ୍ଗର ପ୍ଲାଷ୍ଟିକକୁ ପ୍ଲାଷ୍ଟିକ୍ ରେଜିନ୍‌ରେ କାର୍ବନ ବ୍ଲାକ୍ ପିଗ୍‌ମେଣ୍ଟକୁ ମିଶାଇ ତିଆରି କରାଯାଏ । ଏହି ପିଗ୍‌ମେଣ୍ଟ କଳା ରଙ୍ଗ ହେବାକୁ ସହାୟକ ହୋଇଥାଏ । ଗବେଷଣା ଅନୁଯାୟୀ କାର୍ବନ ବ୍ଲାକ୍ ପିଗମେଣ୍ଟ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ । ସେହିପରି ଇଣ୍ଟରନ୍ୟାସନାଲ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନସର ଅନୁଯାୟୀ ଏହା କର୍କଟ ବୃଦ୍ଧି ଆଶଙ୍କାକୁ ବଢ଼ାଇପାରେ । କେବଳ ସେତିକି ନୁହେଁ, ଶ୍ୱସନସମ୍ବନ୍ଧୀୟ ସମସ୍ୟାର କାରଣ ମଧ୍ୟ ସାଜିପାରେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କଳା ପ୍ଲାଷ୍ଟିକ୍ ଡବାରେ ଗରମ ଖାଦ୍ୟ ରଖିବା ଦ୍ୱାରା "ଏଣ୍ଡ୍ରୋକ୍ରେନ ଡିଷ୍ଟ୍ରକ୍ଟିଂ" ନାମକ ବିଷାକ୍ତ ସୃଷ୍ଟି ହେଉଥିବାରୁ ଏହା ହର୍ମୋନକୁ ଅସନ୍ତୁଳିତ କରିଥାଏ । ଫଳରେ ହର୍ମୋନ୍ କାମ କରିବା ବନ୍ଦ କରିଥାଏ । ତେଣୁ ଏପରି କଳା ପ୍ଲାଷ୍ଟିକ୍ ଡବା ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ ଜରୁରି ।

# ହୋମିଓପାଥିରେ କମିବ ଟନ୍‌ସିଲ୍

ଅନ୍ୟ ଋତୁ ତୁଳନାରେ ଶୀତଦିନେ ସ୍ୱାସ୍ଥ୍ୟର ଅଧିକ ଯତ୍ନ ନେବାକୁ ହୋଇଥାଏ । କାରଣ ଥଣ୍ଡା ବାୟୁ ଶରୀରରେ ବାଜି ବିଭିନ୍ନ ରୋଗ ସୃଷ୍ଟି କରିଥାଏ । ଜ୍ୱର, କାଶ ସହ ଶୀତଦିନେ ଅଧିକ ଟନ୍‌ସିଲ୍ ସମସ୍ୟା ଦେଖାଯାଏ । ଟନ୍‌ସିଲ୍‌ର ଉପଯୁକ୍ତ ଚିକିତ୍ସା ନ କରିଲେ, ଗଳାଦରଜ, କାନମୂଳ ଦରଜ ଏବଂ ନିଃଶ୍ୱାସ ନେବାରେ କଷ୍ଟ ଆଦି ଅନୁଭୂତ ହୋଇଥାଏ । ଏହାର ହୋମିଓପାଥି ଚିକିତ୍ସା ବିଷୟରେ ଜାଣନ୍ତୁ ।

- ଟନ୍‌ସିଲ ରୋଗାକ୍ରାନ୍ତ ପିଲା କିମ୍ବା ବୟସ୍କମାନେ ଔଷଧ ଖାଇବା ସହିତ ବିଭିନ୍ନ ଉପଚାରକୁ ଆପଣାଇଥାନ୍ତି । ତନ୍ମଧ୍ୟରୁ ଉଷୁମ ଲୁଣ ପାଣିରେ କୁଳି, କୌଣସି ଆଣ୍ଟି ସେପ୍‌ଟିକ୍ କୁଳି କରିବା, ଥଣ୍ଡା ପାନୀୟ କିମ୍ବା ଖାଦ୍ୟ ଠୁ ଦୂରେଇ ରହିବା, ଥଣ୍ଡାପବନରୁ ଶରୀରକୁ ଦୂରେଇ ରଖିବା ଦ୍ୱାରା ଏହି ରୋଗର ଉପଶମ ମିଳିଥାଏ । ବେଳେବେଳେ ଔଷଧ ସେବନ ସହ ଉପଚାର ସତ୍ତ୍ୱେ ଏଥିରୁ ନିସ୍ତାର ନ ମିଳିଲେ ଶଲ୍ୟ ଚିକିତ୍ସାର ଆବଶ୍ୟକତା ପଡ଼େ । କିନ୍ତୁ ଶଲ୍ୟ ଚିକିତ୍ସାଠୁ ଦୂରେଇ ବା ପାଇଁ ହୋମିଓପାଥିକ୍ ଚିକିତ୍ସା କରାଯାଇପାରେ । ଏହାକୁ ଦୀର୍ଘ ଦିନ ସେବନ କଲେ tonsilectomy ଭଳି ଏକ ଜଟିଳ ଅସ୍ତ୍ରୋପଚାରରୁ ଦୂରେଇ ପାରିବା ।
- ଅନେକ ହୋମିଓପାଥିକ୍ ଔଷଧ ଅଛି , ଯାହାକୁ ଚିକିତ୍ସକଙ୍କର ଉଚିତ ପରାମର୍ଶ ରେ ସେବନ କଲେ ନିଶ୍ଚୟ ଫଳପ୍ରଦ ହେବ ।
- ବାରାଇଟା କାର୍ବ , ସୋରିନମ୍, ବେଲାଡୋନା, ହିପର ସଲ୍ଫ , ମାର୍କସଲ , ମାର୍କ ବିନ ଆଓଡ, ଆଗ୍ରାଫିସ, କେଲକେରିଆ କାର୍ବ ଇତ୍ୟାଦି ଔଷଧକୁ ରୋଗୀର ବୟସ , ଓଜନ, ବୟସ ଓ ପରିସ୍ଥିତିକୁ ଦେଖି ଡାକ୍ତର ଔଷଧର ମାତ୍ରା ନିର୍ଦ୍ଧାରଣ କରିଥାନ୍ତି ।



# ଆୟୁର୍ବେଦରେ ଉଚ୍ଚ ରକ୍ତଚାପର ଉପଚାର

**ଅନିୟମିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟପେୟ ଯଥା- ଅତିଭୋଜନ, ହୀନଭୋଜନ ଏବଂ ଅସମୟ ଭୋଜନ ସଙ୍ଗେ ସଙ୍ଗେ ନିମ୍ନମାନର ଅଳ୍ପ ମିଶ୍ରିତ ସାମଗ୍ରୀରୁ ପ୍ରସ୍ତୁତ ଖାଦ୍ୟ, ଅତ୍ୟଧିକ ଲୁଣ ସେବନ, ଦୁଶ୍ଚିନ୍ତା, ମାନସିକ ଚାପ ସମସ୍ୟା ଆଦି କାରଣରୁ ମନ ପ୍ରସନ୍ନ ରହିପାରେ ନାହିଁ । ମନର ପ୍ରଭାବ ଶରୀର ଉପରେ ଯଥେଷ୍ଟ ଥିବାରୁ ବୟସାଧିକ କାରଣରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ମଧୁମେହ, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଦି ସମସ୍ୟା ଦେଖିବାକୁ ମିଳୁଛି । ଏହି ସମସ୍ୟା ଏବେ ବୈଶ୍ୱିକ ସ୍ତରରେ ଚିନ୍ତା ସୃଷ୍ଟି କରିଛି । ତେବେ ଉଚ୍ଚ ରକ୍ତଚାପର ପ୍ରଭାବରୁ ଅଧିକାଂଶ ଲୋକଙ୍କୁ ପକ୍ଷାଘାତ, ମସ୍ତିଷ୍କରେ ରକ୍ତକ୍ଷରଣ ଇତ୍ୟାଦି ଭୟଙ୍କର ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଥାଏ । ତେଣୁ ନିଜର ମଧୁମେହ, ରକ୍ତଚାପ ପରୀକ୍ଷା କରିବା ସହିତ ଚିକିତ୍ସକଙ୍କ ପରାମର୍ଶରେ ଆବଶ୍ୟକୀୟ ଔଷଧପତ୍ର ଖାଇବା ଉଚିତ ।**

- ଉଚ୍ଚରକ୍ତଚାପରେ ପୀଡ଼ିତ ବ୍ୟକ୍ତି ସର୍ପଗନ୍ଧା, ଗୁଡୁଚି ଓ ଭୂଇଁଅଁଳାର ମିଳିତ ୧୦ ଗ୍ରାମ୍ ଲେଖାଏଁ ନେଇ ୨୦୦ ମିଲି ପାଣିରେ ସିଝାଇ ଅବଶେଷ ୫୦ ମିଲି ରଖି କ୍ୱାଥ କରି ୫୦ ମିଲି ପାନ କଲେ, ଉପଶମ ମିଳେ । ସକାଳେ ଖାଲି ପେଟରେ ଉଷୁମପାଣିରେ ଫାଳେ ଲେମ୍ବୁ ଚିପୁଡ଼ି ପାନ କଲେ ରକ୍ତଚାପ ସନ୍ତୁଳିତ କରିଥାଏ ।
- ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ଘନବଟି, ମୁକ୍ତାପିଷ୍ଟି, ଅମୃତାଘନସତ୍ୱ ଆଦି ସେବନ ହିତକର ହୋଇଥାଏ ।
- ରାତିରେ ରସୁଣକୁ ପାଣିରେ ଭିଜାଇ ସକାଳୁ ଦୁଇ/ତିନି କୋଳା ଖାଇବା ଦ୍ୱାରା ଉପକାର ହୁଏ । ସେହିପରି ତ୍ରିଫଳା, ଲେମ୍ବୁପାଣି, ପୁନର୍ନବା ରସ, କାକମାଚି, ଜିରା ଆଦିର ବ୍ୟବହାର ରକ୍ତଚାପକୁ ମଧ୍ୟ ସନ୍ତୁଳିତ କରିବାରେ ସହାୟତା କରେ । ଚିକିତ୍ସକଙ୍କ ପରାମର୍ଶକ୍ରମେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ରୁଦ୍ରାକ୍ଷର ଉପଯୋଗ ମଧ୍ୟ କରାଯାଇପାରେ ।
- ଖାଦ୍ୟରେ ଲବଣ ଜାତୀୟ ଦ୍ରବ୍ୟକୁ କମାଇବା ଆବଶ୍ୟକ । ଅମ୍ଳ, ଲବଣ, କାଟୁରସଯୁକ୍ତ ଖାଦ୍ୟ ସର୍ବଦା କମ୍ ବ୍ୟବହାର କରିବା ଉଚିତ । ମନକୁ ପ୍ରସନ୍ନ ରଖିବା ପାଇଁ ସଙ୍ଗୀତ ଶୁଣିବା, ଯୋଗ ଶିକ୍ଷକଙ୍କ ସହାୟତା ପ୍ରାଣାୟାମ ଆଦି କରିବା, ସ୍ୱାଧ୍ୟାୟ ଆଦି କରିବା କରିବା ଦ୍ୱାରା ମନ ଖୁସି ହୋଇ ରକ୍ତଚାପ ସନ୍ତୁଳିତ ରହିଥାଏ ।



■ ତୃତୀୟ ପ୍ରିୟବ୍ରତ ସ୍ମାରକୀ ସ୍ନୁକର

## ସୁବ୍ରତ- ଆଶୁତୋଷ ଫାଇନାଲ



ଭୁବନେଶ୍ୱର,୧୬।୧ (ସମିସ): ରାଜ୍ୟର ଦୁଇ ବରିଷ୍ଠ ଖେଳାଳି ତଥା ଗୁରୁ-ଶିଷ୍ୟ ଭାବେ ପରିଚିତ ସୁବ୍ରତ ଦାସ ଓ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ତୃତୀୟ ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ୧୦ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଭୁବନେଶ୍ୱର କ୍ଲବ୍‌ରେ ଚାଲିଥିବା ଏହି ଚାମ୍ପିଅନସିପ୍‌ର ଫାଇନାଲ ୯ ଫ୍ରେମ୍ ବିଶିଷ୍ଟ ହେବ ଓ ଏହା ଆସନ୍ତାକାଲି ଶୁକ୍ରବାର ଅପରାହ୍ନ ୪ଟାରେ ଆରମ୍ଭ ହେବ। ଗୁରୁବାର ଖେଳାଯାଇଥିବା ଏହି ଚାମ୍ପିଅନସିପ୍‌ର ପ୍ରଥମ ସେମିଫାଇନାଲରେ ଆଶୁତୋଷ ପାଢ଼ୀ ୪-୨ ଫ୍ରେମ୍‌ରେ ବିପର୍ଯ୍ୟୟ ସୃଷ୍ଟିକାରୀ ଜଗଦୀଶ ମହାନ୍ତିଙ୍କୁ ପରାସ୍ତ କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ଦୁଇ ଭେଟେରାନ ଖେଳାଳି ସୁବ୍ରତ ଦାସ ଓ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଅଭିଜ୍ଞ ସୁବ୍ରତ କଡ଼ା ମୁକାବିଲାର ସମ୍ମୁଖୀନ ହୋଇ ୪-୩ ଫ୍ରେମ୍‌ରେ ଡାକ୍ତର ରାକେଶଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

● ଅଲ୍ ଇଣ୍ଡିଆ ସ୍ପୋର୍ଟ୍ସ କ୍ଲାଇମ୍ବିଂ

## ଶୁଭ୍ରାଂଶୁଙ୍କୁ ଡବଲ ପଦକ



ଭୁବନେଶ୍ୱର,୧୬।୧ (ସମିସ): ଓଡ଼ିଶାର ଶୁଭ୍ରାଂଶୁ ଶେଖର ମହାନ୍ତ କୋଲକାତାରେ ଆଜି ଶେଷ ହୋଇଥିବା ଅଲଇଣ୍ଡିଆ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଚାମ୍ପିଅନସିପ୍‌ରେ ଡବଲ ପଦକ ବିଜୟୀ ହୋଇଛନ୍ତି। ପଶ୍ଚିମବଙ୍ଗ ପର୍ବତାରୋହୀ ଓ ଦୁଃସାହସିକ କ୍ରୀଡ଼ା ସଂଘ ଏବଂ ସରକାରଙ୍କ କ୍ରୀଡ଼ା ଓ ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୩ ଦିନ ଧରି ଆୟୋଜିତ ହୋଇଥିଲା। ଏଥିରେ ଶୁଭ୍ରାଂଶୁ ଓପନ ମେନ କାଟାଗୋରୀରେ ଲିଡ୍ କ୍ଲାଇମ୍ବିଂ ଓ ବୁଲ୍ଡରିଂରେ ଦୁଇଟି କାଂସ୍ୟ ପଦକ ହାସଲ କରିଛନ୍ତି। କୋଚ୍ ସସ୍ମିତା ପ୍ରଧାନଙ୍କ ପ୍ରଶିକ୍ଷଣରେ ଶୁଭ୍ରାଂଶୁ ଏହି ସଫଳତା ପାଇବାରେ ସମର୍ଥ ହୋଇଥିଲେ।

## ଓଡ଼ିଶା ଏଫ୍‌ସିର ପ୍ରଥମ ବିଜୟ

ଭୁବନେଶ୍ୱର, ୧୬।୧ (ସମିସ): ଚଳିତ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ପ୍ରଥମ ବିଜୟ ହାସଲ କରିଛି। ନୂଆଦିଲ୍ଲୀର ଆମ୍ବେଦକର ଷ୍ଟାଡିୟମରେ ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୦ ଗୋଲରେ ଘରୋଇ ଏଚ୍‌ଓପିଏସ୍ ଏଫ୍‌ସିକୁ ପରାସ୍ତ କରିଛି। ଏଥିସହ ଓଡ଼ିଶା ସମ୍ପୂର୍ଣ୍ଣ ୩ ପଏଣ୍ଟ ହାତେଇନେଇଛି। ପୂର୍ବରୁ ପ୍ରଥମ ମ୍ୟାଚରେ ଓଡ଼ିଶା ଏଫ୍‌ସି ୧-୧ ଗୋଲରେ ଗୋକୁଲମ କେରଳ ଏଫ୍‌ସି ସହ ମ୍ୟାଚ୍ ଡ୍ର ରଖିଥିଲା। ଏଥିସହ ୨ ମ୍ୟାଚରୁ ୪ ପଏଣ୍ଟ ପାଇ ଓଏଫ୍‌ସି ଦ୍ୱିତୀୟ ସ୍ଥାନକୁ ଉଠିଛି। ଓଡ଼ିଶା ଜାନୁଆରୀ ୨୧ରେ ପରବର୍ତ୍ତୀ ମ୍ୟାଚରେ ତାମିଲନାଡୁର ସେଥୁ ଏଫ୍‌ସିକୁ ଭେଟିବ। ଏହି ମ୍ୟାଚ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ।

● ବିଜୟ ହଜାରେ ଟ୍ରଫି

## ଫାଇନାଲରେ ବିଦର୍ଭ-କର୍ଣ୍ଣାଟକ

ଭଦୋଦରା,୧୬।୧(ଏଜେନ୍ସି): ବିଦର୍ଭ ଓ ପୂର୍ବ ଚାମ୍ପିଅନ କର୍ଣ୍ଣାଟକ ମଧ୍ୟରେ ବିଜୟ ହଜାରେ ଟ୍ରଫି ଜାତୀୟ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଶନିବାର ଖେଳାଯିବ। କୋଟାମ୍ବି ଷ୍ଟାଡିୟମ୍‌ରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ବିଦର୍ଭ ୬୯ ରନ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ପୂର୍ବରୁ ଡିଫେଣ୍ଡିଂ ଚାମ୍ପିଅନ ହରିୟାଣାକୁ ପରାସ୍ତ କରି କର୍ଣ୍ଣାଟକ ପ୍ରଥମ ଦଳ ଭାବେ ଫାଇନାଲକୁ ଉଠିଥିଲା। କିନ୍ତୁ ବିଦର୍ଭ ପ୍ରଥମଥର ଏହି ଏଲିଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

● ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦

## ସେମିରେ ଓଡ଼ିଶା-ଏମ୍‌ପି ମୁକାବିଲା

ଭୁବନେଶ୍ୱର,୧୬।୧ (ସମିସ): ଓଡ଼ିଶା ଦୃଷ୍ଟିହୀନ ମହିଳା କ୍ରିକେଟ ଦଳ ଜାତୀୟ ଟି-୨୦ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। କେରଳରେ ଗୁରୁବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୮ ୱିକେଟରେ ଦିଲ୍ଲୀକୁ ପରାସ୍ତ କରିଥିଲା। ଚତୁର୍ଥ କ୍ୱାର୍ଟରଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଦଳ ୧୬.୨ ଓଭରରେ ୬୩ରନ୍ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍‌ରେ ଦିଲ୍ଲୀର ୯ ଜଣ ବ୍ୟାଟର ରନ୍‌ଆଉଟ ହୋଇଥିଲେ ଓ ଜଣେ ଖେଳାଳିଙ୍କୁ ଯମୁନାରାଣୀ ଟୁଡୁ ଆଉଟ କରିଥିଲେ। ଜବାବରେ ଓଡ଼ିଶା ଦଳ ୮.୧ ଓଭରରେ ୨ୱିକେଟ ହରାଇ ବିଜୟୀ ହୋଇଥିଲା।

ଖୋ ଖୋ ବିଶ୍ୱକପ୍

# ଆଜି ଭାରତ-ଶ୍ରୀଲଙ୍କା କ୍ୱାର୍ଟର ଲଢ଼େଇ



ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ଚାଲିଥିବା ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଗ୍ରୁପ୍ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଯାଇଛି। ଶୁକ୍ରବାର ନକ୍‌ଆଉଟ୍ ତଥା କ୍ୱାର୍ଟର ଫାଇନାଲ ଖେଳାଯିବ। ଆୟୋଜକ ଭାରତୀୟ ପୁରୁଷ ଖୋ ଖୋ ଦଳ କ୍ୱାର୍ଟରରେ ଶ୍ରୀଲଙ୍କାକୁ ଭେଟିବ। ସେହିଭଳି ଅନ୍ୟ ୩ଟି କ୍ୱାର୍ଟରରେ ଯଥାକ୍ରମେ ଇରାନ-କେନିଆ, ବାଂଲାଦେଶ-ନେପାଳ ଓ ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଖେଳାଯିବ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ଗୁରୁବାର ଏହାର ଶେଷ ଗ୍ରୁପ୍ ମ୍ୟାଚରେ ୭୧-୩୪ ପଏଣ୍ଟରେ ଭୁଟାନକୁ ପରାସ୍ତ କରିଛି। ପୂର୍ବରୁ ନେପାଳ (୪୨-୩୭), ବ୍ରାଜିଲ (୬୪-୩୪) ଓ ପେରୁ (୭୦-୩୮)କୁ ପରାସ୍ତ କରିଥିବା ଭାରତ ଏଥିସହ କ୍ରମାଗତ ୪ର୍ଥ ବିଜୟ ସହ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଭାରତ ୪ ମ୍ୟାଚରୁ ୧୨ ପଏଣ୍ଟ ସହ ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନରେ ରହିଥିଲା। ଏହା ପଛକୁ ନେପାଳ ୯ ପଏଣ୍ଟ ପାଇ ଗ୍ରୁପ୍‌ର ୨ୟ ଦଳ ଭାବେ ନକଆଉଟ୍ ଖେଳିବ।

**ଭାରତୀୟ ମହିଳା ଦଳର ହ୍ୟାଟ୍ରିକ ବିଜୟ:** ଅପରପକ୍ଷରେ ମହିଳା ଖୋ ଖୋ ବିଶ୍ୱକପ୍‌ରେ ଆୟୋଜକ ଭାରତ ମଧ୍ୟ ହ୍ୟାଟ୍ରିକ ବିଜୟ ହାସଲ କରିଛି। ଗୁରୁବାର ଏଠାରେ ଖେଳାଯାଇଥିବା ଗ୍ରୁପ୍-ଏ'ର ଏକ ମ୍ୟାଚରେ ଭାରତ (୧୦୦-୨୦) ୮୦ ପଏଣ୍ଟରେ ମାଲେସିଆକୁ ହରାଇଛି। ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚରେ ରେକର୍ଡ ୧୭୫-୧୮ ପଏଣ୍ଟରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ୨ୟ ମ୍ୟାଚରେ ଭାରତ ୧୦୦-୧୬ରେ ଇରାନକୁ ମାତ୍ ଦେଇଥିଲା। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ଭାରତ ଓ ବାଂଲାଦେଶ ପରସ୍ପରକୁ ଭେଟିବେ। ସେହିଭଳି ଅନ୍ୟ ୩ଟି କ୍ୱାର୍ଟରରେ ଉଗାଣ୍ଡା-ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା-କେନିଆ ଓ ନେପାଳ-ଇରାନ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଶନିବାର ଉଭୟବର୍ଗର ସେମିଫାଇନାଲ ଓ ରବିବାର ଫାଇନାଲ ଅନୁଷ୍ଠିତ ହେବ। ଭାରତୀୟ ମହିଳା ଦଳରେ ଓଡ଼ିଶାର ଦୁଇ ଖେଳାଳି ଶୁଭଶ୍ରୀ ସିଂ ଓ ମଗାଇ ମାଝୀ ପ୍ରଭାବୀ ପ୍ରଦର୍ଶନ କରି ଦଳକୁ କ୍ୱାର୍ଟରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେହିଭଳି ପୁରୁଷ ଦଳରେ ରାଜ୍ୟର ଏକମାତ୍ର ଖେଳାଳି ଭାବେ ପବନୀ ଶବର ରହିଛନ୍ତି।

### ଆଜି କ୍ୱାର୍ଟର ଫାଇନାଲ

| ପୁରୁଷ | ମହିଳା |
|---|---|
| ଅପରାହ୍ନ ୧୧ଟା ୪୫: ଇରାନ-କେନିଆ | ସକାଳ ୧୦ଟା ୩୦: ନ୍ୟୁଜିଲାଣ୍ଡ-ଉଗାଣ୍ଡା |
| ଅପରାହ୍ନ ୩ଟା ୧୫: ଇଂଲଣ୍ଡ-ଦ. ଆଫ୍ରିକା | ଅପରାହ୍ନ ୧ଟା: ଦକ୍ଷିଣ ଆଫ୍ରିକା-କେନିଆ |
| ସନ୍ଧ୍ୟା ୫ଟା ୪୫: ବାଂଲାଦେଶ-ନେପାଳ | ଅପରାହ୍ନ ୪ଟା: ନେପାଳ-ଇରାନ |
| ରାତି ୮ଟା ୧୫: ଭାରତ-ଶ୍ରୀଲଙ୍କା | ରାତି ୭ଟା: ଭାରତ-ବାଂଲାଦେଶ |

ପ୍ରସାରଣ- ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ, ସ୍ଥାନ- ନୂଆଦିଲ୍ଲୀ

# ଗୌତମ ଗମ୍ଭୀରଙ୍କୁ ଦୋଷ ଦେଲେ ହରଭଜନ

ନୂଆଦିଲ୍ଲୀ,୧୬।୧(ଏଜେନ୍ସି): ଅଷ୍ଟ୍ରେଲିଆଠାରୁ ୩-୧ ବ୍ୟବଧାନର ଟେଷ୍ଟ ସିରିଜ୍ ହାରିଯିବା ପରେ ଭାରତୀୟ ଦଳ ଓ ଖେଳାଳିଙ୍କ ମଧ୍ୟରେ ଯେ ଭଲ ସମ୍ପର୍କ ନ ଥିଲା ତାହା ଜଣାପଡ଼ିବାରେ ଲାଗିଛି। ସିରିଜ୍ ହାରିବା ପରେ ଭାରତୀୟ ଦଳର ଜଣେ ଅନ୍ୟଜଣଙ୍କ ଦୋଷ ଦେବାରେ ଲାଗିଛନ୍ତି। ଗତକାଲି ହେଡ୍ କୋଚ୍ ଗୌତମ ଗମ୍ଭୀର ରିଭ୍ୟୁ ମିଟିଂରେ ଯୁବ ଖେଳାଳି ସର୍ଫରାଜ ଖାନ୍ ଗଣମାଧ୍ୟମକୁ ଟିମ୍ ଇଣ୍ଡିଆ ଡ୍ରେସିଂ ରୁମ୍ କଥା ସୂଚନା ଦେଇଥିବା କହିଥିଲେ। ଆଉ ଜଣେ ସହକାରୀ କୋଚ୍ ମଧ୍ୟ ସର୍ଫରାଜଙ୍କ ଭଳି ଗଣମାଧ୍ୟମକୁ ଏ ସମସ୍ତ ସୂଚନା ଦେଉଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲେ ମଧ୍ୟ ସେ ସମ୍ପର୍କରେ କେହି କିଛି କହି ନ ଥିଲେ। କିନ୍ତୁ ଜଣେ ହେଡ୍ କୋଚ୍ ଭାବେ ଗମ୍ଭୀର ନିଜ ଖେଳାଳିଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ବଳିବୋଦା କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ପୂରାତନ ଖେଳାଳିମାନେ କହିଛନ୍ତି। ବିଶେଷ କରି ପୂର୍ବତନ ଖେଳାଳି ହରଭଜନ ସିଂ ଓ ସୁରିନ୍ଦର ଖାନ୍ନା ଗମ୍ଭୀରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏହା କହିବା ଅର୍ଥ ଗମ୍ଭୀରଙ୍କର ଦଳ ଉପରେ ନିୟନ୍ତ୍ରଣ ନ ଥିଲା ଓ ସେ ଏଭଳି ଆଚରଣ କଲେ ଖେଳାଳିଙ୍କଠାରୁ ଆଦୌ ସମର୍ଥନ ପାଇବେ ନାହିଁ ବୋଲି ହରଭଜନ କହିଛନ୍ତି। ଡ୍ରେସିଂ ରୁମ୍ କଥା ବାହାରେ ପ୍ରକାଶ କରିଦେଲେ ଭାରତ ଯେ ପରାଜିତ ହୋଇଯିବ ଏଭଳି ଯୁକ୍ତି ଆଦୌ ଗ୍ରହଣୀୟ ନୁହେଁ ବୋଲି ଉଭୟ ଖେଳାଳି କହିଛନ୍ତି।

## ସୀତାଂଶୁ ଭାରତର ନୂଆ ବ୍ୟାଟିଂ କୋଚ୍



ନୂଆଦିଲ୍ଲୀ,୧୬।୧(ଏଜେନ୍ସି): ଭାରତୀୟ କ୍ରିକେଟ ଦଳ ସହ ଆଉ ଜଣେ ସପୋର୍ଟ ଷ୍ଟାଫ୍ ବା ବ୍ୟାଟିଂ କୋଚ୍ ଭାବେ ସୀତାଂଶୁ କୋଟାକ ନିଯୁକ୍ତି ପାଇଛନ୍ତି। ଇଣ୍ଡିଆ-ଏ' ଦଳର ହେଡ୍ କୋଚ୍ ଥିବା କୋଟାକଙ୍କୁ ଗୁରୁବାର ସିନିୟର ଦଳର ବ୍ୟାଟିଂ କୋଚ୍ କରାଯାଇଛି। ଏହା ଫଳରେ ବିସିସିଆଇ ଗମ୍ଭୀରଙ୍କ ପ୍ରସ୍ତାବ ବା ଦାବିକୁ ମାନିନେଇଛନ୍ତି ଓ ଇଂଲଣ୍ଡ ଦଳର ଭାରତ ଗସ୍ତରେ କୋଟାକ ତାଙ୍କ ନୂଆ ଦାୟିତ୍ୱ ସମ୍ଭାଳିବେ ବୋଲି ଏହି ନିଯୁକ୍ତିନାମାରୁ ଜଣାଯାଇଛି। ୫୨ ବର୍ଷୀୟ ସୀତାଂଶୁ କୋଟାକ ୧୩୦ଟି ପ୍ରଥମଶ୍ରେଣୀ କ୍ରିକେଟ ଖେଳିଥିଲେ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ଅଭିଜ୍ଞତା ନାହିଁ। ତଥାପି ସେ ଭାରତର ବ୍ୟାଟିଂ ଦୁର୍ବଳତାକୁ ସୁଧାରିପାରିବେ ବୋଲି ଗମ୍ଭୀର ଆଶା ପ୍ରକାଶ କରିଛନ୍ତି।

## ବେଡ୍ ରେଷ୍ଟ ଖବର ଶୁଣି ହସିଲେ ବୁମ୍‌ରା

ନୂଆଦିଲ୍ଲୀ,୧୬।୧(ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତର ଶେଷ ଟେଷ୍ଟରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା ଯଶପ୍ରୀତ୍ ବୁମ୍‌ରା ଆହତ ହେବା ପରେ ବୋଲିଂ କରି ପାରି ନ ଥିଲେ। ତାଙ୍କ ପିଠିରେ ଆଘାତ ସମସ୍ୟା ପୁଣି ଥରେ ବାହାରିଥିଲା ବୋଲି ସ୍କାନ୍‌ରୁ ଜଣାପଡ଼ିଥିଲା। ଫଳରେ ତାଙ୍କୁ ବେଡ୍ ରେଷ୍ଟ ନେବାକୁ ପରାମର୍ଶ ଦିଆଯାଇଛି ଓ ସେ ବିଛଣାରୁ ଉଠି ପାରୁ ନାହାନ୍ତି ବୋଲି କେତେକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟଟି ଆଦୌ ଠିକ୍ ନୁହେଁ କିମ୍ବା ସମ୍ବାଦଦାତାଙ୍କ ସୋର୍ସ ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ବୁମ୍‌ରା ଉଲ୍ଲେଖ କରିଛନ୍ତି।

## ମୁମ୍ବାଇ ଟିମ୍‌ରେ ଯୋଗ ଦେବାକୁ ଜୟସ୍ୱାଲଙ୍କୁ ନିର୍ଦ୍ଦେଶ

ମୁମ୍ବାଇ,୧୬।୧(ଏଜେନ୍ସି): ରଣଜୀ ଟ୍ରଫିରେ ଖେଳିବାକୁ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ସମସ୍ତ ଭାରତୀୟ ଖେଳାଳିଙ୍କୁ ଖେଳିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହା ଫଳରେ ମୁମ୍ବାଇ ଦଳରେ ଅଧିନାୟକ ରୋହିତ ଶର୍ମା ଗତ ଦୁଇଦିନ ହେଲା ଅଭ୍ୟାସ କରୁଛନ୍ତି। ଏବେ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ମଧ୍ୟ ଟିମ୍‌ରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଜାବ ପକ୍ଷରୁ ଶୁବମାନ ଗିଲ୍ ଖେଳିବେ ବୋଲି ଜଣାଯାଇଛି। ସେହିପରି ୱିକେଟରକ୍ଷକ ଋଷଭ ପନ୍ତ୍ ଦିଲ୍ଲୀ ଦଳର ନେତୃତ୍ୱ ନେବେ ବୋଲି ସ୍ପଷ୍ଟ ହୋଇଛି। କିନ୍ତୁ ବିରାଟ କୋହଲିଙ୍କ ଖେଳିବା ସମ୍ପର୍କରେ ଏବେ ସୁଦ୍ଧା କିଛି ସ୍ପଷ୍ଟ ହୋଇନାହିଁ। କୋହଲି ଗତ ୧୨ ବର୍ଷ ହେଲା ନିଜ ଟିମ୍ ଦିଲ୍ଲୀ ପକ୍ଷରୁ ରଣଜୀ ଟ୍ରଫି ଖେଳି ନାହାନ୍ତି।

ଅଷ୍ଟ୍ରେଲିଆନ୍ ଓପନ୍

## ହାରିଲେ ମେଦଭେଦେଭ



ମେଲବୋର୍ଣ୍ଣ,୧୬।୧(ଏଜେନ୍ସି): ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଏକକ ପ୍ରତିଯୋଗିତାରେ ଶ୍ରେଷ୍ଠ ସିଡ୍ ଇଟାଲୀର ଜାନିକ ସିନର ୪-୬, ୬-୪, ୬-୧, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଟ୍ରିଷ୍ଟାନ ସ୍କୁଲକେଟ୍‌ଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ରୁଷିଆର ୫ମ ସିଡ୍ ଖେଳାଳି ଡାନିଲ ମେଦଭେଦେଭ ଦ୍ୱିତୀୟ ରାଉଣ୍ଡରେ ୩-୬,୬-୭,୭-୬, ୬-୧, ୬-୭ ମାରାଥନ ସେଟ୍‌ରେ ଆମେରିକାର ୧୯ ବର୍ଷୀୟ ଲିଏରନେର ତିଏନଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ୧୩ତମ ସିଡ୍ ଡେନମାର୍କର ହୋଲଗାର ରୁନ୍ ୭-୬, ୨-୬, ୬-୩, ୭-୬ ସେଟ୍‌ରେ ଇଟାଲୀ ମାଟେଓ ବେରେଟେନିଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଅପରପକ୍ଷରେ ମହିଳା ଏକକ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଷଷ୍ଠ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ୬-୦, ୬-୩ ସିଧାସଳଖ ସେଟ୍‌ରେ ଆମେରିକାର ଇଭା ଜୋଭିକ୍‌ଙ୍କୁ, ଦ୍ୱିତୀୟ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ୬-୦, ୬-୨ ସେଟ୍‌ରେ ସ୍ଲୋଭାକିଆର ରେବେକା ଶ୍ରମକୋଭାଙ୍କୁ, ଚତୁର୍ଥ ସିଡ୍ ଇଟାଲୀର ଜସ୍ମିନ ପାଓଲିନି ୬-୨, ୬-୪ ସେଟ୍‌ରେ ମେକ୍ସିକୋର ରେନେଟା ଜାରାଜୁଆଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ବାଲାଜୀ

ପୁରୁଷ ଯୁଗଳ ପ୍ରତଯୋଗିତାରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ବାଲଜୀ ଓ ତାଙ୍କ ମେକ୍ସିକୋ ସାଥି ମିଗୁଏଲ ଆଞ୍ଜେଲ ପ୍ରଥମ ରାଉଣ୍ଡରେ ରେୟେସ-ଭାରେଲଶ ୬-୪, ୬-୩ ସିଧାସଳଖ ସେଟ୍‌ରେ ଡଚ୍- କାଜାଖସ୍ତାନ ଯୋଡି ରବିନ ହାସ୍ ଓ ଆଲେକଜାଣ୍ଡାର ନେଦୋଭୟେସୋଭଙ୍କୁ ମାତ୍ର ୬୦ ମିନିଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି।

■ ୨୦୩୦ ଫିଫା ବିଶ୍ୱକପ୍

## ୩୦ ଲକ୍ଷ ବୁଲା କୁକୁରଙ୍କୁ ମାରିବ ମରୋକ୍କୋ

ଜୁରିକ୍,୧୬।୧(ଏଜେନ୍ସି): ୨୦୩୦ରେ ଫିଫା ବିଶ୍ୱକପ୍‌ର ୨୪ତମ ସଂସ୍କରଣ ମରୋକ୍କୋ, ପର୍ତ୍ତୁଗାଲ ଓ ସ୍ପେନ୍‌ରେ ଆୟୋଜନ ହେବ। ତେବେ ଏକ ଭିନ୍ନ କାରଣ ପାଇଁ ସହ ଆୟୋଜକ ମରୋକ୍କୋ ଚର୍ଚ୍ଚାକୁ ଆସିଛି। ଏହି ଉତ୍ତର ଆଫ୍ରିକୀୟ ଦେଶ ବିଶ୍ୱକପ୍ ପୂର୍ବରୁ ତା'ର ବିଭିନ୍ନ ସହରକୁ ସଫା କରିବା ପାଇଁ ଯୋଜନା କରିଛି। ଏଥିପାଇଁ ରାସ୍ତାରେ ବୁଲୁଥିବା ୩ ମିଲିଅନ ଅର୍ଥାତ ୩୦ ଲକ୍ଷ ବୁଲା କୁକୁରଙ୍କୁ ମାରିବାକୁ ମରୋକ୍କୋ ଯୋଜନା କରିଛି। ଏହାକୁ ନେଇ ସାରା ବିଶ୍ୱରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ମରୋକ୍କୋର ଏହି ନିଷ୍ପତ୍ତି ବିରୋଧରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯାଉଛି। ଅମାନବୀୟ ଢଙ୍ଗରେ ଏତେ ସଂଖ୍ୟାରେ କୁକୁରଙ୍କୁ ହତ୍ୟା କରାଯିବ ବୋଲି ପଶୁ କଲ୍ୟାଣ କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ଏହି ବିଶ୍ୱକପ୍ ଜୁନ୍ ୮ରୁ ଆରମ୍ଭ ହୋଇ ଜୁଲାଇ ୨୧ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୬ଟି ମହାସଂଘର ମୋଟ ୪୮ଟି ଦେଶ ଏହି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବେ।

## ଫେବୃଆରୀ ୧୪ରୁ ମହିଳା ପ୍ରିମିଅର ଲିଗ୍

ନୂଆଦିଲ୍ଲୀ,୧୬।୧(ଏଜେନ୍ସି): ବିସିସିଆଇ ଗୁରୁବାର ମହିଳା ପ୍ରିମିଅର ଲିଗ୍‌ର ତୃତୀୟ ସଂସ୍କରଣ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛି। ଫେବୃଆରୀ ୧୪ରୁ ଆରମ୍ଭ ହୋଇ ଏହି ଲିଗ୍ ମାର୍ଚ୍ଚ ୧୫ରେ ଶେଷ ହେବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡି ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଗୁଜରାଟ ଜ୍ୟାଣ୍ଟସ ବରୋଧାର କୋଟାମ୍ବି ଷ୍ଟାଡିୟମରେ ପରସ୍ପରକୁ ଭେଟିବେ। ସେହିପରି ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥର ୪ଟି ସହର ଯଥା ବରୋଦା, ବେଙ୍ଗାଲୁରୁ, ଲକ୍ଷ୍ନୌ ଓ ମୁମ୍ବାଇରେ ଲିଗ୍‌ର ମ୍ୟାଚ୍‌ଗୁଡିକ ଖେଳାଯିବ।

ହକି ଇଣ୍ଡିଆ ଲିଗ୍

# କଳିଙ୍ଗ ଲାନ୍ସର୍ସର ତୃତୀୟ ବିଜୟ



ରାଉରକେଲା,୧୬।୧(ଏଜେନ୍ସି): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଷଷ୍ଠ ସଂସ୍କରଣରେ ଡିଫେଣ୍ଡିଂ ତଥା ୨୦୧୭ ସଂସ୍କରଣ ଚାମ୍ପିଅନ କଳିଙ୍ଗ ଲାନ୍ସର୍ସ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ ପାଇପର୍ସକୁ ୫-୧ ଗୋଲରେ ପରାସ୍ତ କରି ତୃତୀୟ ବିଜୟ ହାସଲ କରିଛି। ଫେଜ-୧ରେ ଲାନ୍ସର ତା'ର ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହେବା ସହ ମୋଟ୍ ୭ଟି ମ୍ୟାଚ୍ ଖେଳି ୩ ବିଜୟ ଓ ୪ ପରାଜୟ ସହ ୧୦ ପଏଣ୍ଟ ପାଇ ଅଙ୍କ ତାଲିକାର ତୃତୀୟ ସ୍ଥାନକୁ ଉଠିଛି। ଅନ୍ୟପଟେ ଦିଲ୍ଲୀ ୭ ମ୍ୟାଚ୍ ଖେଳି ବିନା ବିଜୟ ସହ ୪ ପଏଣ୍ଟ ପାଇଁ ତାଲିକର ସର୍ବନିମ୍ନ ଅଷ୍ଟମ ସ୍ଥାନରେ ରହିଛି।

ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମୁକାବିଲାରେ ଲାନ୍ସର୍ସ ତରଫରୁ ୧୧ତମ ମିନିଟ୍‌ରେ ନିକୋଲାସ୍ ବନ୍ଦୁରାକ, ୩୬ତମ ମିନିଟ୍‌ରେ ଆର୍ଥର ଭାନ ଡୋରେନ, ୩୮ ଓ ୪୩ତମ ମିନିଟ୍‌ରେ ଥିଏରୀ ବ୍ରିଙ୍କମ୍ୟାନ ଦୁଇଟି, ୪୫ତମ ମିନିଟ୍‌ରେ ଗୁରସାହିବଜିତ୍ ସିଂହ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ଦିଲ୍ଲୀ ତରଫରୁ ୪୬ତମ ମିନିଟ୍‌ରେ କୋରେ ୱେୟେର ଏକମାତ୍ର ଗୋଲ ଦେଇଥିଲେ। ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ଲାନ୍ସର୍ସ ବଲ ପଜେସନ, ସଟ୍ସ, ସର୍କଲ ଏଣ୍ଟ୍ରିରେ ଯଥେଷ୍ଟ ଆଗରେ ରହିଥିଲା। ଦିଲ୍ଲୀ ୧୧ଟି ଓ କଳିଙ୍ଗ ୬ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ଲାନ୍ସର୍ସ ତରଫରୁ ଆର୍ଥର ହିଁ ପେନାଲ୍ଟି କର୍ଣ୍ଣର ଜରିଆରେ ମ୍ୟାଚ୍‌ର ଏକମାତ୍ର ଗୋଲ ଦେଇଥିଲେ।

## ସୁଟ୍‌ଆଉଟ୍‌ରେ ୱାରିୟର୍ସର ବାଜିମାତ୍

ରାଞ୍ଚି, ୧୬।୧ (ଏଜେନ୍ସି): ସ୍ଥାନୀୟ ଜୟପାଲ୍ ସିଂହ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ଗୁରୁବାର ଏକ ରୋମାଞ୍ଚକ ମ୍ୟାଚରେ ଓଡ଼ିଶା ୱାରିୟର୍ସ ସୁଟ୍‌ଆଉଟ୍‌ରେ ୩-୨ (୧-୧) ଗୋଲରେ ରାରହ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିବାରୁ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ମ୍ୟାଚ୍‌ରେ ଓଡ଼ିଶା ପକ୍ଷରୁ ବଲ୍‌ଜିତ୍ କୌର ଓ ବେଙ୍ଗଲ୍ ପାଇଁ ବିୟୁଟି ଡୁଙ୍ଗ୍‌ଡୁଙ୍ଗ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏଥିସହ ଓଡ଼ିଶା ୱାରିୟର୍ସ ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୫ ପଏଣ୍ଟ ପାଇ ୨ୟ ସ୍ଥାନକୁ ଉଠିଛି। ଓଡ଼ିଶା ୱାରିୟର୍ସ ପରବର୍ତ୍ତୀ ମ୍ୟାଚରେ ରବିବାର ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ସମାନ ବେଙ୍ଗଲ ଟାଇଗର୍ସକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

# ପଙ୍କଜ ପୁଣି ହେବେ ଓସିଏ ସଭାପତି



**ପ୍ରତାପ ହୋଇ ପାରନ୍ତି ଉପସଭାପତି**

କଟକ,୧୬।୧(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ରେ ସମ୍ପ୍ରତି କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଉଥିବା ପଙ୍କଜ ଲୋଚନ ମହାନ୍ତିଙ୍କୁ ସ୍ଥାୟୀ ସଭାପତି କରାଯିବ। ସେ ଉପସଭାପତି ପଦରେ ରହି ଦୁଇଟି ଯାକ ଦାୟିତ୍ୱ ବହନ କରୁଛନ୍ତି। ତେବେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଇସ୍ତଫା ଦେବା ପରେ ସଭାପତି ପଦ ନିମନ୍ତେ ପ୍ରତିଦ୍ୱନ୍ଦିତା ନକରାଯାଇ ପଙ୍କଜଙ୍କୁ ଏହି ପଦରେ ଅବସ୍ଥାପିତ କରିବାକୁ ଓସିଏରେ ଭିତିରିଆ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଆସନ୍ତା ଫେବୃୟାରୀ ୨୩ରେ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଏବଂ ସଭାପତି ନିମନ୍ତେ ନିର୍ବାଚନ ହେବ। ଫେବୃଆରୀ ୧୨ ତାରିଖରେ ନାମାଙ୍କନ ଦିନ ଧାର୍ଯ୍ୟ ହୋଇଛି। ଏଣୁ ପଙ୍କଜ ଏକାକୀ ନାମାଙ୍କନ ଦାଖଲ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ୨୦୧୯ରେ ସଭାପତି ଭାବେ ନିର୍ବାଚିତ ହୋଇ ପଙ୍କଜ ଓଡ଼ିଶା କ୍ରିକେଟ ଆସୋସିଏସନରେ ପ୍ରବେଶ କରିଥିଲେ। ୨୦୨୨ରେ ପଙ୍କଜ ଉପସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। କ୍ରମାଗତ ଦୁଇଥର ତାଙ୍କୁ ଓସିଏର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିଲା। ନିୟମ ଅନୁସାରେ ଆସନ୍ତା ନଭେମ୍ବରରେ ଓସିଏର ପୂର୍ଣ୍ଣ କର୍ମକର୍ତ୍ତା ନିର୍ବାଚନ କରାଯିବ। ଏଣୁ ୧୦ମାସ ପରେ ସମସ୍ତଙ୍କ କାର୍ଯ୍ୟକାଳ ଶେଷ ହେବ। ଏହା ଭିତରେ କୌଣସି ନୂତନ ପ୍ରାର୍ଥୀଙ୍କୁ ସଭାପତି ପଦରେ ନବସାଇ ପଙ୍କଜଙ୍କୁ ପୁର୍ନବାର ସଭାପତି କରିବା ପାଇଁ ରାଜ୍ୟ କ୍ରିକେଟ ସଂଘର ପଦାଧିକାରୀମାନେ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ପଙ୍କଜ ଯଦି ସଭାପତି ହୁଅନ୍ତି, ତାହେଲେ ଓସିଏର ଉପସଭାପତି ପଦ ଫାଙ୍କା ପଡ଼ିବ। ଆଉ ଏକ ନିର୍ବାଚନ ଜରିଆରେ ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଉପସଭାପତି କରାଯାଇ ପାରେ ବୋଲି କୁହାଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS